ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୧/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Tuesday, December 21/2021 | ★★★★★★

୪୮ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ସିନ୍ଧୁ ବିଡବ୍ଲ୍ୟୁଏଫ୍ ଆଥଲେଟ୍ସ କମିଶନ ସଦସ୍ୟ**
ପି.ଭି. ସିନ୍ଧୁ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଆଥଲେଟ୍ସ କମିଶନ୍‌ର ଜଣେ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି।

୦୮

୦୭

**କାଜଲ ମା' ହେବା ଚର୍ଚ୍ଚା**
ଏକ ଫଟୋରେ ବେବି ବମ୍ପ୍ ନଜର ଆସିବା ପରେ ସାଉଥ ସୁନ୍ଦରୀ କାଜଲ ଅଗ୍ରୱାଲ ମା' ହେବାକୁ ଯାଉଥିବା ଚର୍ଚ୍ଚା ହେଉଛି।



# 'ଶାନ୍ତି'ର ମାନହାନି

ପଞ୍ଜାବର ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିରରେ ଉତ୍ତ୍ୟକ୍ତ ଲୋକେ ଜଣଙ୍କୁ ପିଟି ମାରିଦେବାର ୨୪ ଘଣ୍ଟା ନ ପୂରୁଣୁ କପୁରଥାଲା ଜିଲାରେ ଅନ୍ୟ ଜଣେ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ଡିସେମ୍ବର ୧୮ରେ ସ୍ୱର୍ଣ୍ଣମନ୍ଦିରରେ ସନ୍ଧ୍ୟା ପ୍ରାର୍ଥନା ଚାଲିଥିବା ବେଳେ ଜଣେ ଅଣ ଶିଖ୍ ଯୁବକ ସେଠାରେ ପ୍ରବେଶ କରି ଗୁରୁଗ୍ରନ୍ଥ ସାହିବ ନିକଟରେ ଥିବା ଖଣ୍ଡାକୁ ଛୁଇଁବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଧର୍ମଗ୍ରନ୍ଥକୁ ଅସମ୍ମାନ କରିବାକୁ ସେ ଚାହୁଁଥିଲେ ବୋଲି ଧରି ନେଇ ଉପସ୍ଥିତ ଲୋକେ ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମାରିଥିଲେ। ସେହି ମାଡ଼ରେ ତାଙ୍କର ମୃତ୍ୟୁ ଘଟିଲା। ସେହିଭଳି ଅନ୍ୟ ଘଟଣାରେ ପ୍ରାଣ ହରାଇଥିବା ଯୁବକଙ୍କ ବିରୋଧରେ ଅଭିଯୋଗ ହୋଇଛି ଯେ, ସେ ଗୁରୁଦ୍ୱାରାରେ ନିଶାନ ସାହିବ ବା ଶିଖ୍ ପତାକା ଚୋରି କରିଥିଲେ।

ସ୍ୱର୍ଣ୍ଣମନ୍ଦିରର ଗର୍ଭଗୃହକୁ ପ୍ରବେଶକରି ଗୁରୁଗ୍ରନ୍ଥ ସାହିବ ନିକଟରେ ଥିବା ଖଣ୍ଡାକୁ ଛୁଇଁବା ହେଉ ବା କପୁରଥାଲାରେ ନିଶାନ ସାହିବକୁ ଚୋରି କରିବା ଭଳି ଘଟଣା କାହିଁକି ଏହି ସମୟରେ ଘଟିଲା ତାହା ଏବେ ଚିନ୍ତାର ବିଷୟ। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନକୁ ବିରୋଧ କରିବାର ନେତୃତ୍ୱ ଶିଖ୍‌ମାନେ ନେଇ ଆସୁଥିଲେ। ଶେଷରେ ସେମାନଙ୍କ ବିଜୟ ହେଲା। ଏଥିପାଇଁ କେନ୍ଦ୍ର ସରକାର ଚାଷୀଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ ହେଲେ। ନିଜର ଅହଂଭାବରେ ଜର୍ଜରିତ ଏହି ସରକାର କେବେହେଲେ ଭାବି ନ ଥିଲେ ଯେ, ତାଙ୍କ ନିଷ୍ପତ୍ତିକୁ ବିରୋଧ କରି ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରାସ୍ତା ଉପରେ ବିକ୍ଷୋଭ ଲାଗି ରହିବ। କୃଷକଙ୍କ ଧୈର୍ଯ୍ୟ ସମ୍ମୁଖରେ ସରକାର ହାର ମାନିଥାଇପାରନ୍ତି, କିନ୍ତୁ କ୍ରୋଧିତ ହୋଇଥିବାର କୌଣସି ସନ୍ଦେହ ନାହିଁ। ଇତିହାସକୁ ଦେଖିଲେ ଶିଖ୍‌ଧର୍ମ ପଛରେ ମୁସଲମାନ ବିରୋଧୀ କାରଣ ମୁଖ୍ୟ ରହିଛି। ଶିଖ୍ ଓ ହିନ୍ଦୁମାନଙ୍କ ମଧ୍ୟରେ ସାମାଜିକ ବନ୍ଧନ ଅତ୍ୟନ୍ତ ନିବିଡ଼ ଥିବା ହେତୁ ଆଜିର ରାଜନୀତିରେ ତାହା ଅସୁବିଧା ସୃଷ୍ଟି କରୁଥାଇପାରେ। ଭାରତୀୟ ସମାଜକୁ ବିଭାଜିତ କରି ରଖିପାରିଲେ ସବୁ ରାଜନୈତିକ ଦଳ ଲାଭବାନ୍ ହେବେ ବୋଲି ଚିନ୍ତା କରିବା ସ୍ୱାଭାବିକ। ସେହିଭଳି ବିଭାଜନରୁ କେଉଁ ପ୍ରକାର ଲାଭ ମିଳୁଛି ତାହା ସମସ୍ତଙ୍କ ଆଖି ସମ୍ମୁଖରେ ତେଉଁଛି। ଏଭଳି ବାତାବରଣରେ ଶିଖ୍‌ମାନଙ୍କ ରାଜନୈତିକ ଆଭିମୁଖ୍ୟ ଆଜିର ଶକ୍ତିଶାଳୀ ଗୋଷ୍ଠୀଗୁଡ଼ିକୁ ବିବ୍ରତ କରୁଥାଇପାରେ। ପୁନର୍ବାର ଶିଖ୍‌ଙ୍କୁ ହିଂସ୍ର ଏବଂ ଅସହିଷ୍ଣୁ ଭାବେ ଦର୍ଶାଇବା ହୁଏତ ଏକ ଲୁକ୍କାୟିତ ଏଜେଣ୍ଡା ରୂପରେ ଆବିର୍ଭାବ ହୋଇଛି। ଅମୃତସରର ସ୍ୱର୍ଣ୍ଣମନ୍ଦିର ଓ କପୁରଥାଲାର ଗୁରୁଦ୍ୱାରାରେ ଘଟାଯାଇଥିବା ହିଂସା ଶିଖ୍ ସମ୍ପ୍ରଦାୟକୁ ଏକ ବିକୃତ ଢଙ୍ଗରେ ଚିତ୍ରଣ କରୁଥିବା ଭଳି ମନେହେଉଛି। ଅତୀତକୁ ମନେପକାଇଲେ ଦୁଇ ପୋଲିସ କର୍ମଚାରୀଙ୍କ ଦ୍ୱାରା ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଓ ଖଲିସ୍ଥାନ ପ୍ରତିଷ୍ଠା ଲାଗି ଜର୍ନେଲ ସିଂ ଭିନ୍ଦ୍ରନୱାଲାଙ୍କ ଉଦ୍ୟମ ସେତେବେଳେ ଦେଶରେ ଶିଖ୍‌ଙ୍କୁ ଦୋଷୀ ଆସନରେ ବସାଇ ଦେଇଥିଲା। ଅନୁରୂପ ଭାବେ ନିକଟରେ କୃଷକ ଆନ୍ଦୋଳନର ନେତୃତ୍ୱ ଓ ସାମିଲ ହୋଇଥିବା ବ୍ୟକ୍ତିଙ୍କୁ ଖଲିସ୍ଥାନୀ ଓ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଥିବା ବିଷୟ ସମସ୍ତଙ୍କୁ ଜଣା। ତେଣୁ ସବୁ ଦିଗକୁ ନେଇ ତର୍ଜମା କରାଗଲେ ଶିଖ୍‌ଙ୍କ ଧର୍ମପୀଠକୁ ଲକ୍ଷ୍ୟରେ ରଖାଯାଇ ଏବେ ଯେଉଁ ଧରଣର ଘଟଣା ଘଟିଛି, ତାହାକୁ ହାଲୁକା ଭାବେ ନିଆଯିବା ଉଚିତ ନୁହେଁ।

ଉପରୋକ୍ତ ଦୁଇ ଘଟଣାରେ ଶିଖ୍ ଧର୍ମକୁ ଅପମାନିତ କରାଯାଇଛି ବୋଲି ସେହି ସମ୍ପ୍ରଦାୟର ଅନେକ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ସତ୍ୟାସତ୍ୟ ବୁଝିବାର କାରଣ ନାହିଁ, କାରଣ ଆଜିର ପୃଥିବୀରେ ଧର୍ମ ଅତ୍ୟଧିକ ମାତ୍ରାରେ ଗୁରୁତ୍ୱ ଧାରଣ କରିଛି। ଏହାର ଅର୍ଥ ନୁହେଁ ଯେ, ପୃଥିବୀରେ ଧାର୍ମିକ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବାସ୍ତବ ସ୍ଥିତିକୁ ଦେଖିଲେ ଅଧିକାଂଶ ଅଧର୍ମୀ ଏବେ ଧର୍ମର ମୁଖ୍ୟ ସାଜୁଛନ୍ତି। ଏହାର ସର୍ବୋଚ୍ଚ ଉଦାହରଣ ଭାବେ ତାଲିବାନ୍‌କୁ ଦେଖାଯାଇପାରେ। ଅନୁରୂପ ଭାବେ ହିନ୍ଦୁ ଓ ଖ୍ରୀଷ୍ଟିଆନ ଭଳି ଧର୍ମ ମଧ୍ୟରେ ସେହି ପ୍ରକାରର ଲୋକ ଆଗଧାଡ଼ିରେ ଅଛନ୍ତି। ଆଜିର ପୃଥିବୀରେ 'ଶାନ୍ତି' ଶବ୍ଦର ମାନହାନି ଘଟିଥିବା ଭଳି ମନେହେଉଛି।

**ତଥାଗତ ସତପଥୀ**

# ଭୋଟର କାର୍ଡ ସହ ଆଧାର ଲିଙ୍କ୍ ସ୍ୱେଚ୍ଛାକୃତ

## ନିର୍ବାଚନୀ ସଂସ୍କାର ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ, ୨୦।୧୨**

ଲୋକ ସଭାରେ ସୋମବାର ବିରୋଧୀଙ୍କ ପ୍ରତିବାଦ ଓ ହଟ୍ଟଗୋଳ ମଧ୍ୟରେ ନିର୍ବାଚନୀ ସଂସ୍କାର ବିଲ୍ ଗୃହୀତ ହୋଇଯାଇଛି। ଭୋଟର ପରିଚୟପତ୍ରକୁ ଆଧାର ନମ୍ବର ସହ ସଂଯୋଗ କରିବା ଲାଗି ବିଲ୍‌ରେ ପ୍ରସ୍ତାବ ରହିଛି। ତେବେ ଏହାକୁ କଂଗ୍ରେସ, ଡିଏମ୍‌କେ, ଏନ୍‌ସିପି, ତୃଣମୂଳ କଂଗ୍ରେସ, ଶିବସେନା, ବିଏସ୍‌ପି, ବିଜେଡି ପ୍ରମୁଖ ଦଳ ବିଲ୍‌କୁ ବିରୋଧ କରିଥିଲେ। ଏହା ଅଣନାଗରିକଙ୍କୁ ଭୋଟ ଅଧିକାର ପ୍ରଦାନ କରିପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଥିଲେ। କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ନିର୍ବାଚନ ଆଇନ(ସଂଶୋଧନ) ବିଲ୍, ୨୦୨୧ ଲୋକ ସଭାରେ ଉପସ୍ଥାପନ କରିଥିଲେ। ଭୋଟର ପରିଚୟପତ୍ରରେ ଆଧାର ସଂଯୋଗ କରିବା ବାଧ୍ୟତାମୂଳକ ନୁହେଁ, ସ୍ୱେଚ୍ଛାକୃତ ବୋଲି ରିଜିଜୁ ସ୍ପଷ୍ଟ କରିଥିଲେ। ନିର୍ବାଚନ ବ୍ୟବସ୍ଥାରେ ସଂସ୍କାର ଲାଗି ଏହା ଅତି ଗୁରୁତ୍ୱପୂର୍ଣ୍ଣ ବିଲ୍। ପ୍ରଚଳିତ ବ୍ୟବସ୍ଥାରେ ପ୍ରତିବର୍ଷ ଜାନୁୟାରୀ ୨ରେ ପ୍ରକାଶିତ ଭୋଟର ତାଲିକାରେ ଜଣଙ୍କର ନାଁ ନ ଥିଲେ ତାଙ୍କୁ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡୁଥିଲା। ଏଣିକି ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି ବର୍ଷକୁ ୪ଥର ସୁଯୋଗ ମିଳିବ। ଭୋଟର ଆଇଡି ସହ ଆଧାର ସଂଯୋଗ ହେଲେ ପରିଚୟ ଖୋଜିବା ସହଜ ହେବ ଏବଂ ସମାନ ନାମରେ ଏକାଧିକ ସ୍ଥାନରେ ଥିବା ଜାଲ୍ ଭୋଟରଙ୍କୁ ଚିହ୍ନଟ କରାଯାଇପାରିବ। ଏହି ବିଲ୍‌ରେ ଜନପ୍ରତିନିଧି ଆଇନ, ୧୯୫୧ରେ ରହିଥିବା 'ସ୍ତ୍ରୀ' ଶବ୍ଦକୁ ବଦଳାଯାଇ 'ଜୀବନସାଥୀ' ରଖାଯାଇଛି। ଭୋଟ ପରିଚାଳନା ଲାଗି ନିର୍ବାଚନ କର୍ତ୍ତୃପକ୍ଷ ଅଧିକ ସରକାରୀ କାର୍ଯ୍ୟାଳୟ ପରିସରକୁ ବ୍ୟବହାର କରିବାର କ୍ଷମତା ମିଳିବ। ସଂକ୍ଷିପ୍ତ ଆଲୋଚନା ପରେ ଧ୍ୱନିମତରେ ବିଲ୍ ଗୃହୀତ ହୋଇଛି।

ବିଲ୍‌କୁ ସଂସଦୀୟ କମିଟିକୁ ପଠାଇବା ଲାଗି କେତେଜଣ ବିରୋଧୀ ଦଳ ସଦସ୍ୟ ଦାବି କରିଥିଲେ। ଆଇନ ଓ କାର୍ମିକ ଷ୍ଟାଣ୍ଡିଂ କମିଟି ବିଲ୍‌ର ବିଭିନ୍ନ ପ୍ରସ୍ତାବ ପାଇଁ ପ୍ରସ୍ତାବ ଦେବା ସହ ସୁପାରିସ କରିଥିବା ମନ୍ତ୍ରୀ କହିଥିଲେ। ନିର୍ବାଚନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଉକ୍ତ ବିଲ୍‌ର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଥିଲେ। କଂଗ୍ରେସ ଏମ୍‌ପି ଶଶୀ ଥରୁର କହିଥିଲେ, ଆଧାର ଏକ ବାସିନ୍ଦା ପ୍ରମାଣପତ୍ର, ନାଗରିକତ୍ୱର ପ୍ରମାଣ ନୁହେଁ। ଏଭଳି ବିଲ୍ ସମ୍ଭବତଃ ଅଣନାଗରିକଙ୍କୁ ଭୋଟ ଅଧିକାର ପ୍ରଦାନ କରିବ ବୋଲି କଂଗ୍ରେସ ☞ପୃଷ୍ଠା-୪



କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ଲୋକ ସଭାରେ ସୋମବାର ନିର୍ବାଚନ ଆଇନ(ସଂଶୋଧନ) ବିଲ୍ ଉପସ୍ଥାପନ କରୁଛନ୍ତି।

## ବିନା ଆଲୋଚନାରେ ବିଲ୍ ପାରିତକୁ ବିଜେଡିର ବିରୋଧ

**ନୂଆଦିଲ୍ଲୀ, ୨୦।୧୨**

ଲୋକ ସଭାରେ ସୋମବାର ନିର୍ବାଚନ ଆଇନ ସଂଶୋଧନ ବିଲ୍, ୨୦୨୧ ପାରିତ ହୋଇଛି। ତେବେ ଏହା ଗୃହରେ ଆଲୋଚନା ନ ହୋଇ ପାରିତ କରାଯିବାକୁ ବିଜୁ ଜନତା ଦଳ(ବିଜେଡି) ପ୍ରଶ୍ନ ଉଠାଇଛି। ନିମ୍ନ ସଦନରେ ବିଜେଡି ଏମ୍‌ପି ଅନୁଭବ ମହାନ୍ତି କହିଛନ୍ତି ଯେ, ଆଲୋଚନା ଏବଂ ବିତର୍କ ପାଇଁ ସଂସଦ ଉଦ୍ଦିଷ୍ଟ। ତେଣୁ ଗୃହରେ ଆଲୋଚନା କରା ନ ଯାଇ ବିଲ୍‌କୁ ପାରିତ କରିବା ଉଚିତ ହେଉନାହିଁ। କୌଣସି ବିଲ ପାରିତ କରିବାକୁ ହେଲେ ସଂସଦୀୟ ବିଧି ବ୍ୟବସ୍ଥାକୁ ଗ୍ରହଣ କରିବାକୁ ହେବ। ବିଜେଡି ସବୁବେଳେ ଗୃହରେ ଗଠନମୂଳକ ଆଲୋଚନା ଚାହେଁ ବୋଲି କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ କହିଥିଲେ। ସୋମବାର ଗୃହରେ ପ୍ରବଳ ବିରୋଧ ସତ୍ତ୍ୱେ ଭୋଟର ପରିଚୟ ସହିତ ଆଧାର ସଂଯୋଗ କରିବା ନିମନ୍ତେ ନିର୍ବାଚନ ☞ପୃଷ୍ଠା-୪

## ମାର୍ଚ୍ଚରେ ହୋଇପାରେ ଦ୍ୱାଦଶ ବୋର୍ଡ ପରୀକ୍ଷା

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଆସନ୍ତା ମାର୍ଚ୍ଚରେ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ୨୦୨୨ ଜାନୁୟାରୀ ୧୦ ସୁଦ୍ଧା ତୃତୀୟ ତ୍ରୈମାସିକ ପରୀକ୍ଷା ସାରି ପିଲାଙ୍କ ମାର୍କ ଶିକ୍ଷାନୁଷ୍ଠାନ ସ୍ତରରେ ରେକର୍ଡ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି।

ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାର୍ଚ୍ଚରେ ଦ୍ୱାଦଶ ବୋର୍ଡ ପରୀକ୍ଷା କରିବାକୁ ସମ୍ଭବତଃ ସ୍ଥିର ହୋଇଛି। ସମୟ ଆସିଲେ ପରୀକ୍ଷା ସମ୍ବନ୍ଧରେ ସୂଚନା ଦିଆଯିବ। ଗତବର୍ଷ କରୋନା ଦ୍ୱିତୀୟ ଲହର ପାଇଁ ପରୀକ୍ଷା ବାତିଲ ହୋଇଥିଲା। ଚଳିତ ବର୍ଷ ପ୍ରତିକୂଳ ପରିସ୍ଥିତି ଆସିଲେ ତିନୋଟି ତ୍ରୈମାସିକ ପରୀକ୍ଷା ଫଳ ଆଧାରରେ ମୂଲ୍ୟାୟନ କରିବା ଲାଗି ପରିଷଦ ସ୍ଥିର କରିଛି।

## ରାଜ୍ୟରେ ୪ ଡିଗ୍ରୀକୁ ଖସିଲା ପାରଦ

**ଭୁବନେଶ୍ୱର(ବ୍ୟୁରୋ)/ଦାରିଙ୍ଗବାଡ଼ି (ଡି.ଏନ୍.ଏ.)/ଟେନ୍‌ସା(ଡି.ଏନ୍.ଏ.)୨୦।୧୨**

ସମଗ୍ର ରାଜ୍ୟକୁ ହାଡ଼ଭଙ୍ଗା ଶୀତ କବଳିତ କରିଛି। କାଠୁଆ ଜାଡ଼ରେ ଥରୁଛି ଓଡ଼ିଶା। ସଞ୍ଜ ନଇଁବା ମାତ୍ରେ ମାଡ଼ିଆସୁଛି ହାଡ଼ଭଙ୍ଗା ଶୀତ। ଦେହ ହାତ କୋଲା ମାରିଯାଉଛି। ଗାଁଠୁ ସହର ସବୁଠି ଶୀତର ପ୍ରକୋପ ଏତେ ବଢ଼ି ଯାଇଛି ଯେ ସକାଳୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଦିନରେ ମଧ୍ୟ ଶୀତର ପ୍ରକୋପ ସେତେଟା ହ୍ରାସ ପାଉ ନାହିଁ। ସକାଳ ୧୦ଟା ଯାଏ ପଦାରେ ଦେହମୁଣ୍ଡ ଥରାଇ ଦେଉଛି। ଦିନତମାମ କୋହଲା ପାଗ ରହୁଛି। ପ୍ରବଳ ଥଣ୍ଡା ଯୋଗୁ ସନ୍ଧ୍ୟା ☞ପୃଷ୍ଠା-୪

**ଦାରିଙ୍ଗବାଡ଼ି, ଟେନ୍‌ସାରେ ତୁଷାରପାତ**



# 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ଆରମ୍ଭ



ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା'କୁ ଶୁଭାରମ୍ଭ କରୁଛନ୍ତି।

- ୪ ଜିଲାର ଜନସାଧାରଣ ପାଇବେ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା
- ୫ ଡାକ୍ତରୀ ଟିମ୍‌କୁ ନେଇ ମାଲକାନଗିରିକୁ ପ୍ରଥମ ଉଡ଼ାଣ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଓଡ଼ିଶାବାସୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ଏହି ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ଆଦିବାସୀବହୁଳ ୪ ଜିଲା ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡିକୁ ଯୋଡ଼ାଯାଇଛି। ଏସବୁ ଜିଲାର ଜନସାଧାରଣ ଏଣିକି ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପାଇପାରିବେ। ବିଭିନ୍ନ ମେଡିକାଲ କଲେଜ ଏବଂ କର୍ପୋରେଟ୍ ହସ୍ପିଟାଲର ଦକ୍ଷ ଓ ସ୍ୱନାମଧନ୍ୟ ଡାକ୍ତରମାନେ ବିମାନ ଯୋଗେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ସମ୍ପୃକ୍ତ ଜିଲାର ☞ପୃଷ୍ଠା-୪






ହାତଗଣତି କେତୋଟି ଦିନ ପରେ ଶେଷ ହେବ ୨୦୨୧ ମସିହା । ନୂଆ ଆଶା, ଆକାଂକ୍ଷା, ଉନ୍ମାଦନା ଓ ସମ୍ଭାବନାକୁ ନେଇ ଆସିବ ନୂତନ ବର୍ଷ। ୨୦୨୧ ବର୍ଷକୁ ବିଦାୟ ସହ ନବବର୍ଷ ୨୦୨୨କୁ ସ୍ୱାଗତ ପାଇଁ ଆରମ୍ଭ ହୋଇଗଲାଣି ସଜବାଜ। ତେବେ ଗଞ୍ଜାମ –କନ୍ଧମାଳ ଓ ଗଜପତି ପାଇଁ ବିଗତ ବର୍ଷ ଥିଲା ଘଟଣାବହୁଳ। କେତେକ କାର୍ଯ୍ୟକଳାପକୁ ନେଇ ଜିଲା ଚର୍ଚ୍ଚାରେ ରହିଥିଲା। ବ୍ରହ୍ମପୁର ସହରରେ ବୋହୂର ଶାଶୁଘର ଆଗରେ ଧାରଣା, କନ୍ଧମାଳର ତାଡିସରୁ ବାଇଙ୍କୁ ପଦ୍ମଶ୍ରୀ, ରହସ୍ୟ ଘେରରେ ପାରଳାଖେମୁଣ୍ଡିର ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଏବଂ ଅନ୍ୟାନ୍ୟ ଛୋଟବଡ ଖବରକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।

## ପାହାଡ଼ ଉପରେ — ଅନ୍‌ଲାଇନ ପାଠ

କରୋନା ମହାମାରୀରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ ହେଲା । ବିଦ୍ୟାଳୟଗୁଡିକୁ ଏହା ପୂର୍ବରୁ ବନ୍ଦ କରି ଦିଆଗଲା । ପରିସ୍ଥିତି ନ ସୁଧୁରିବାରୁ ସରକାର ପିଲାମାନଙ୍କୁ ଅନ୍‌ଲାଇନ୍‌ରେ ପଢ଼ାଇବାକୁ ନିଷ୍ପତ୍ତି ନେଲେ । ହେଲେ କନ୍ଧମାଳ ଜିଲାରେ ଏହାର କରୁଣ ଚିତ୍ର ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଥିଲା । ଜଙ୍ଗଲ, ପାହାଡ଼ ଘେରା ଅଞ୍ଚଳରେ ତଥା ଅଧିକାଂଶ ଗ୍ରାମରେ ନେଟ୍‌ୱର୍କ ସୁବିଧା ନ ଥିବାରୁ ପିଲାମାନେ ପାହାଡରେ ଚଢ଼ି ନେଟୱର୍କ ଆସୁଥିବା ସ୍ଥାନରେ ରହି ପଢ଼ିବାକୁ ବାଧ ହେଉଥିଲେ ।

## ଚାଲିଗଲେ ପୂର୍ବତନ ଏମ୍‌ପି ସୁଗ୍ରୀବ ସିଂ



କନ୍ଧମାଳ ଜିଲାର ଲୋକପ୍ରିୟ ନେତା ତଥା ବିଜୁ ଜନତା ଦଳର ପୂର୍ବତନ କନ୍ଧମାଳ ଏମ୍‌ପି ସୁଗ୍ରୀବ ସିଂ(୫୮)ଙ୍କୁ କରୋନା ନେଇଗଲା। କରୋନା ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଏପ୍ରିଲ ୨୬ରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ସିଂ ୨୦୦୪ ନିର୍ବାଚନରେ ବିଜୟୀ ହୋଇ ୨୦୦୯ ପର୍ଯ୍ୟନ୍ତ କନ୍ଧମାଳ ଏମ୍‌ପି ଥିଲେ । ଦୈନିକ ଖବରକାଗଜ 'ଧରିତ୍ରୀ'ରେ ସେ ବହୁ ବର୍ଷ ଧରି ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ ।

## ପଦ୍ମଶ୍ରୀ ଗ୍ରହଣ କଲେ ତାଡିସରୁବାଇ



କନ୍ଧମାଳ ଜିଲାର ଲୋକପ୍ରିୟ ଆଧ୍ୟାତ୍ମିକ କବୟିତ୍ରୀ ତଥା ଆଦିବାସୀ ସଂସ୍କାରକ ଭାବେ ଜଣାଶୁଣା ତାଡିସରୁବାଇ ଓରଫ ପୂର୍ଣ୍ଣମାସୀ ଜାନୀଙ୍କୁ ନଭେମ୍ବର,୨୦୨୧ରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ । ଖଜୁରିପଡା ବ୍ଲକ ଚାରିପଡା ଗ୍ରାମର ପୂର୍ଣ୍ଣମାସୀ ଏକ ବିସ୍ମୟ ପ୍ରତିଭା ଭାବେ ଲକ୍ଷାଧିକ ଆଧାତ୍ମିକ ସଂଗୀତ ସୃଷ୍ଟି କରିଛନ୍ତି।

## କନ୍ଧମାଳ ଦଙ୍ଗାରେ ୩୦ ଜଣଙ୍କୁ ଜେଲ

କନ୍ଧମାଳ ଜିଲାରେ ୨୦୦୮ ଦଙ୍ଗା ସାରା ଦେଶ ବିଦେଶରେ ହଇଚଇ ଖେଳାଇ ଦେଇଥିଲା । ଦଙ୍ଗାରେ ବହୁ ଧନ ଜୀବନ ନଷ୍ଟ ହୋଇଥିଲା । ୨୦୦୮ ଅଗଷ୍ଟ ୨୪ ରେ ହୋଇଥିବା ମାରପିଟ ଘଟଣାରେ ୩୦ ଜଣ ସାମିଲ ଥିଲେ । ସେମାନଙ୍କ ନାମରେ କୋଟଗଡ ଥାନାରେ ଏତଲା ହୋଇଥିଲା । କୋଟଗଡ ଜେଏମ୍‌ଏଫ୍‌ସି କୋର୍ଟ ଏହାର ବିଚାର କରି ଜୁଲାଇ ୭ରେ ସମସ୍ତ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଥିଲେ ।



## ଧାରଣାରେ ତପସ୍ୱିନୀ

ନ୍ୟାୟ ପାଇଁ ବୋହୂ ତପସ୍ୱିନୀ ଦାଶ ବ୍ରହ୍ମନଗର ସ୍ଥିତ ଶ୍ୱଶୁରଘର ଆଗରେ ୧୦ ଦିନ ଧାରଣା ଦେଇଥିଲେ। ପରେ କୋର୍ଟ ତପସ୍ୱିନୀ ଓ ସ୍ୱାମୀ ଡାକ୍ତର ସୁମିତ ସାହୁଙ୍କୁ ଆସିକା ଚିନିକଳ ଅତିଥି ଭବନରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଉଭୟେ ଆସିକା ଅଞ୍ଚଳରେ ଏକ ଘର ଭଡ଼ା ନେଇ ଏକାଠି ରହିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଡିସେମ୍ବର ୧୦ ରୁ ସୁମିତ କେଉଁଆଡ଼େ ତାଙ୍କୁ ନ ଜଣାଇ ଚାଲି ଯାଇଥିଲେ ବୋଲି ତପସ୍ୱିନୀ ଆସିକା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଗତ ୧୬ ତାରିଖରେ ସୁମିତ ଏକ ଅଡିଓ ଟେପ୍ ଜାରି କରି ମୁଁ ଫେରାର ହୋଇନାହିଁ ବୋଲି କହିଥିଲେ। କିନ୍ତୁ ୧୭ ତାରିଖର ପରବର୍ତ୍ତୀ ଶୁଣାଣି ପରେ ସେ ଉପର କୋର୍ଟର ଆଶ୍ରୟ ନେଇଥିବା ଜଣାପଡିଛି। ପୁନର୍ବାର ତପସ୍ୱିନୀ ବ୍ରହ୍ମନଗରରେ ଥିବା ସୁମିତଙ୍କ ଘର ଆଗରେ ଧାରଣାରେ ବସିଛନ୍ତି।



## ରହସ୍ୟରେ ଏସିଏଫ୍‌ଙ୍କ ମୃତ୍ୟୁ

ଜୁଲାଇ ୧୨ ରାତିରେ ପାରଳାଖେମୁଣ୍ଡି ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର କୌଣସି କାରଣରୁ ପୋଡ଼ିହୋଇ ଯାଇଥିଲେ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକର ଏକ ଘରୋଇ ହସ୍ପିଟାଲରେ ୧୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସେ କିଭଳି ପୋଡ଼ି ହେଲେ ତା'ର କାରଣ ଅସ୍ପଷ୍ଟ ରହିଛି। ପାରଳାଖେମୁଣ୍ଡି ପୋଲିସ ଏସିଏଫ୍‌ଙ୍କ ଘରୁ ଏକ କିରୋସିନ ବୋତଲ ଜବତ କରିଥିଲା। ଘଟଣା ଦିନ ସ୍ତ୍ରୀଙ୍କ ସହ ସେ ସରକାରୀ ବାସଭବନରେ ଥିଲେ। ରାତି ପ୍ରାୟ ୯ଟାରେ ହଠାତ୍ ସ୍ତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ସୌମ୍ୟରଞ୍ଜନ ଜଳୁଥିବା ଦେଖିଥିଲେ। ଏବେବି ତାଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଛି।



## ସ୍ମାର୍ଟ କ୍ଲାସରେ ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀ

୫–ଟି ଦ୍ୱାରା ରୂପାନ୍ତରଣ ହୋଇଥିବା ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବୃନ୍ଦାବନ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଇଥିଲେ। ସ୍ମାର୍ଟ କ୍ଲାସରୁମ୍‌ରେ ଛାତ୍ରୀଛାତ୍ରଙ୍କ ସହ ବସି ପାଠପଢ଼ା ଅନୁଧ୍ୟାନ କରି ପିଲାଙ୍କ ସହ ରୂପାନ୍ତରଣର ଅନୁଭୂତି ନେଇ ଆଲୋଚନା କରିଥିଲେ। ପିଲାମାନେ କିପରି ନିଜର ଦକ୍ଷତା ପ୍ରତିପାଦନ କରିବେ, ସେ ନେଇ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସହ ବସି ତାଙ୍କ ମନୋବଳ ବଢାଇବା ସହ ବଗିଚା ବୁଲି ଦେଖିଥିଲେ।

## ଏମ୍‌କେସିଜିରେ ଅକ୍ସିଜେନ୍ ପ୍ଲାଣ୍ଟ

ଏମ୍‌କେସିଜି ମେଡିକାଲରେ ବହୁ ପ୍ରତୀକ୍ଷିତ ଲିକ୍ୱିଡ୍ ମେଡିକାଲ ଅକ୍ସିଜେନ୍(ଏଲ୍‌ଏମ୍‌ଓ) ପ୍ଲାଣ୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ପରେ ଦକ୍ଷିଣ ଓଡ଼ିଶାର ରୋଗୀମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି। ରୋଗୀଙ୍କୁ ଅକ୍ସିଜେନ୍ ଦେବା ପାଇଁ ପୂର୍ବଭଳି ଆଉ ସିଲିଣ୍ଡରର ଆବଶ୍ୟକତା ପଡୁନାହିଁ।



## ଆଇଟିଆଇର ପ୍ରଥମ ଗ୍ରାସ୍ ଆର୍ଟ ପାର୍କ

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ପ୍ରଥମ ଗ୍ରାସ୍ ଆର୍ଟ ପାର୍କ ଜୁଲାଇ ୧୫ରେ ଉଦ୍‌ଘାଟିତ ହୋଇଥିଲା। ଏହାକୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ମୁଖ୍ୟ ସୁବ୍ରତୋ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ସେ ବ୍ରହ୍ମପୁର ଆଇଟିଆଇକୁ ମଡ଼େଲ୍ ଆଇଟିଆଇ ବୋଲି କହିଥିଲେ। ଏହି ଗ୍ରାସ୍ ଆର୍ଟ ପାର୍କରେ ଆର୍ଟିଫିସିଆଲ୍ ନିର୍ମିତ ଗ୍ରାସ୍‌ରେ ବିଭିନ୍ନ ପ୍ରାଣୀଙ୍କ ମଡ଼େଲ୍ ନିର୍ମିତ ହୋଇଛି। ଏହା ଦେଶର ପ୍ରଥମ ଗ୍ରାସ୍ ଆର୍ଟ ପାର୍କ ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଥିଲେ।



## ଜମିରୁ ଭାସିଗଲା କଟାଧାନ



ଖଲ୍ଲିକୋଟରେ ୧୫୮ ମି.ମି.ବର୍ଷା

ବାତ୍ୟା 'ଜୱାଦ' ପ୍ରଭାବରୁ ଲଘୁଚାପ ଜନିତ ବର୍ଷାରେ ଖଲ୍ଲିକୋଟ ବ୍ଲକରେ ନଭେମ୍ବରରେ ସର୍ବାଧିକ ବର୍ଷା ହୋଇଛି। ଦୁଇ ଦିନ ଧରି ପ୍ରବଳ ବର୍ଷା ଲାଗି ରହିଥିଲା। ବ୍ଲକରେ ୧୫୮ ମି.ମି.ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା। ଏଥିରେ ଅଞ୍ଚଳରେ ହୋଇଥିବା ଧାନ ଫସଲ ବ୍ୟାପକ କ୍ଷତି ହୋଇ ପାଣି ସ୍ରୋତରେ ଭାସିଯାଇଥିଲା। ଏଥିଯୋଗୁ ଚାଷୀମାନେ ନାନା ହଇରାଣ ହେବା ସହ ବର୍ତ୍ତମାନ ସୁଦ୍ଧା ଜମିରୁ ପାଣି ଶୁଖି ନାହିଁ। ବ୍ଲକର ଦାନପୁର, ବିଏନ୍‌ପୁର, ଶ୍ରୀକୃଷ୍ଣସରଣପୁର, ନାଇକାଣୀପଲ୍ଲୀ, ମଥୁରା ଆଦି ପଞ୍ଚାୟତରବହୁ ଜମି ପାଣିରେ ବୁଡି ରହିଥିଲା।




## କନ୍ଧମାଳରେ ଜଗା

କନ୍ଧମାଳ ଜିଲାର ବହୁଚର୍ଚ୍ଚିତ ଯୋଡ଼ାମୁଣ୍ଡ ଶିଶୁ ଜଗାଙ୍କୁ ଦୀର୍ଘ ୪ ବର୍ଷ ପରେ ମାର୍ଚ୍ଚ ୨୨ ରେ ଫୁଲବାଣୀ ଫେରାଇ ଅଣାଯାଇଥିଲା । ତାଙ୍କୁ ଘରକୁ ପଠା ନ ଯାଇ ମା' ବାପାଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଭାବେ ନିର୍ମିତ ମାତୃ ଶିଶୁ ସ୍ୱାସ୍ଥ୍ୟ ୟୁନିଟ(ଏମ୍‌ସିଏଚ୍)ର ଏକ ସ୍ୱତନ୍ତ୍ର ଗୃହରେ ରହିବା ଲାଗି ବ୍ୟବସ୍ଥା କରାଯାଇଥିଲା। କିଛି ଦିନ ତଳେ ଜଗା ତାଙ୍କ ବାପାଙ୍କ ସହ ଫୁଲବାଣୀ ସହରରେ ବୁଲୁଥିବା ଦେଖିବାକୁ ମିଳିଥିଲା । ଭୂୟାଁ କହଁରଙ୍କ ସ୍ତ୍ରୀ ପୁଷ୍ପାଳି ଏକ ଯୋଡା ମୁଣ୍ଡ ଥିବା ଜଗା, କାଳିଆଙ୍କୁ ଜନ୍ମ ଦେଇଥିଲେ। ସେମାନଙ୍କ ଅସ୍ତ୍ରୋପଚାର ଦିଲ୍ଲୀ ଏମ୍‌ସରେ କରାଯାଇ ପରେ ସେମାନଙ୍କୁ କଟକ ଅଣା ଯାଇଥିଲା । ୨୦୨୦ ନଭେମ୍ବର ୨୫ରେ କଟକ ବଡ଼ ଡାକ୍ତରଖାନାରେ କାଳିଆର ମୃତ୍ୟୁ ଘଟିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୫୨,୮୨,୧୧୫ | ୫୩,୭୩,୩୨୩ | ୨୪,୭୯,୮୯,୮୨୨ |
| ଭାରତ | ୩,୪୭,୪୬,୮୩୮ | ୪,୭୭,୫୫୪ | ୩,୪୧,୮୭,୦୧୭ |
| ଓଡ଼ିଶା | ୧୦,୫୩,୦୨୦ | ୮୪୪୫(+୫୩) | ୧୦,୪୨,୮୭୫ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଭର୍ତ୍ତୃହରି ମହତାବ ଅସୁସ୍ଥ

#### ପୁଅ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ):** କଟକ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ଅସୁସ୍ଥ ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ଅସୁସ୍ଥତା ଖବର ଜାଣିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପୁତ୍ରଙ୍କ ସହ ଫୋନ୍‌ରେ କଥା ହୋଇ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ଭର୍ତ୍ତୃହରିଙ୍କ ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଭର୍ତ୍ତୃହରିଙ୍କ ହୃଦ୍‌ରୋଗ ଜନିତ ସମସ୍ୟା ଦେଖା ଦେଇଥିବାରୁ ତାଙ୍କୁ ନୂଆଦିଲ୍ଲୀସ୍ଥିତ ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଭୁବନେଶ୍ୱର-ଆନନ୍ଦବିହାର ସୁପରଫାଷ୍ଟ ୨ଦିନ ବାତିଲ



**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ଉତ୍ତର କେନ୍ଦ୍ରୀୟ ରେଳପଥ ଅନ୍ତର୍ଗତ ଉତ୍ତର ପ୍ରଦେଶର ନୈନି ଷ୍ଟେଶନଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଭୁବନେଶ୍ୱର-ଆନନ୍ଦବିହାର-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ ଭାୟା ଅନୁଗୋଳ ଓ ଝାରସୁଗୁଡା ଦୁଇଦିନ ପାଇଁ ବାତିଲ ରହିବ। ଭୁବନେଶ୍ୱର-ଆନନ୍ଦବିହାର ସୁପରଫାଷ୍ଟ ଏକ୍ସପ୍ରେସ (୨୨୮୦୫) ଭୁବନେଶ୍ୱରରୁ ଜାନୁୟାରୀ ୧ ଏବଂ ୮ ତାରିଖରେ ବାତିଲ ରହିବ। ଆନନ୍ଦବିହାର-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ (୨୨୮୦୬) ଆନନ୍ଦ ବିହାରରୁ ଜାନୁୟାରୀ ୩ ଓ ୧୦ରେ ବାତିଲ ରହିବ। ସେହିପରି ଆନନ୍ଦ ବିହାର (ଦିଲ୍ଲୀ)-ପୁରୀ ନନ୍ଦନକାନନ ଏକ୍ସପ୍ରେସ ୧୨ ଦିନ ପାଇଁ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ। ଏହି ଟ୍ରେନ୍ (୧୨୮୧୬) ଆନନ୍ଦ ବିହାରରୁ ଡିସେମ୍ବର ୩୦ରୁ ୧୦ ଜାନୁୟାରୀ ପର୍ଯ୍ୟନ୍ତ ମିରାଜପୁର ଷ୍ଟେଶନକୁ ନ ଯାଇ ପ୍ରୟାଗରାଜ-ପ୍ରୟାଗରାଜ ରାମବାଗ-ଦିନ ଦୟାଲ ଉପାଧାୟ ଷ୍ଟେଶନ ମାର୍ଗଦେଇ ପରିବର୍ତ୍ତିତ ମାର୍ଗରେ ଚାଲିବ।

# କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଚାକିରିରୁ ବଞ୍ଚିତ ଦିବ୍ୟାଙ୍ଗ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ରାଜ୍ୟ ସରକାର ଗତ ୧୬ ତାରିଖରେ ରାଜ୍ୟର ୬୧୩୧ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ହେଲେ ନିଯୁକ୍ତି ପ୍ରକ୍ରିୟାରୁ ବଞ୍ଚିତ ଦିବ୍ୟାଙ୍ଗ ଆଶାୟୀଙ୍କ ଅଭିଯୋଗ ପରେ ସରକାରୀ ସ୍ତରରେ ଭିନ୍ନ ଧରଣର ପ୍ରତିକ୍ରିୟା ଶୁଣିବାକୁ ମିଳୁଛି। ଜିଲାସ୍ତରରେ ଦିଆଯାଉଥିବା ଦିବ୍ୟାଙ୍ଗଙ୍କ ସାର୍ଟିଫିକେଟରେ ଭରସା ନାହିଁ। ସେଥିଲାଗି ମେଡିକାଲ ବୋର୍ଡ ବସି ଯେଉଁ ସାର୍ଟିଫିକେଟ ପ୍ରଦାନ କଲା ତାହା ଠିକ୍ ବୋଲି କେତେକ ବରିଷ୍ଠ ଅଧିକାରୀ ଯୁକ୍ତି ରଖିଛନ୍ତି। ମାଧ୍ୟମିକ ଶିକ୍ଷା ବୋର୍ଡ ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ କହିଛନ୍ତି, ଜିଲାସ୍ତରରେ ସେମାନଙ୍କୁ ଯେଉଁ ସାର୍ଟିଫିକେଟ ମିଳିଛି ଚାକିରି କ୍ଷେତ୍ରରେ ତାହା ଗ୍ରହଣ କରାଯିବ ନାହିଁ। ମେଡିକାଲ କଲେଜ ବୋର୍ଡ ହେଉଛି ଆପିଲେଟ(ପ୍ରାଧିକୃତ) ଅଥରିଟି। ସେମାନେ ଯାହା ଦେବେ ତାହା ଚୂଡ଼ାନ୍ତ। ଜିଲାସ୍ତରରେ ଧରପଗଡ଼ କରି ସାର୍ଟିଫିକେଟ ବାହାର କରିବାର ସମ୍ଭାବନା ରହିଥାଏ। ଯେଉଁ ଆଶାୟୀ ବାଦ୍ ପଡ଼ିଛନ୍ତି ସେମାନଙ୍କ ଲାଗି କିଛି କରିହେବ ନାହିଁ। ସେମାନେ ବୋର୍ଡରେ ଆଉ ଥରେ ଦିବ୍ୟାଙ୍ଗ

### ଜିଲା ମେଡିକାଲ ବୋର୍ଡ ଡାକ୍ତରଙ୍କ ଦକ୍ଷତା ନେଇ ଉଠିଲା ପ୍ରଶ୍ନ

ସାର୍ଟିଫିକେଟ ପାଇଁ ଆବେଦନ କରି କୋର୍ଟ ଯାଇପାରିବେ ବୋଲି ସାହୁ କହିଛନ୍ତି। ସେହିପରି ଏସ୍‌ଏସ୍‌ପିଡି ନିର୍ଦ୍ଦେଶକ ବ୍ରତତି ହରିଚନ୍ଦନ ମଧ୍ୟ କିଛି କରିହେବ ନାହିଁ ବୋଲି ଜଣାଇ ଦେଇଛନ୍ତି। ସେ କହିଛନ୍ତି, ଏ ସମ୍ପର୍କରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଯାହା କିଛି କହିପାରିବ। ଅନ୍ୟପଟେ ବାଦ୍ ପଡ଼ିଥିବା ଆଶାୟୀମାନେ ସୋମବାର କୋର୍ଟର ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ଜାଣିଶୁଣି କଟାଯାଇଛି ଏବଂ ଆଉଥରେ ମେଡିକାଲ ଟିମ୍ ତାଙ୍କ ଦିବ୍ୟାଙ୍ଗ କେତେ ପ୍ରତିଶତ ତା'ର ପରୀକ୍ଷା କରନ୍ତୁ ବୋଲି ଦାବି କରିଛନ୍ତି। ସେହିପରି ଯଦି ଜିଲା ମେଡିକାଲ ଟିମ୍ ସେମାନଙ୍କୁ ଦିବ୍ୟାଙ୍ଗ ବୋଲି ସାର୍ଟିଫିକେଟ ଦେଲା ତେବେ ରାଜ୍ୟସ୍ତରରେ କେମିତି ଓ କାହିଁକି କଟାଗଲା ବୋଲି ଆବେଦନରେ ଦର୍ଶାଇଛନ୍ତି।

ଏହି ଘଟଣାରେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନିଜ ନାଁ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଉକ୍ତ ପିଲାଙ୍କ କ୍ଷେତ୍ରରେ ଯେଉଁ ନିଷ୍ପତ୍ତି ମେଡିକାଲ ବୋର୍ଡ ନେଇଛି ତା'ର ପୁନର୍ବିଚାର କରିବାର ଆବଶ୍ୟକତା ରହିଛି। ମୋଟ ୧୪୩ ଜଣ ଦିବ୍ୟାଙ୍ଗ ଆଶାୟୀ ଏକ୍ସାମ୍ସରେ ସଫଳ ହେବାପରେ ନିଯୁକ୍ତିପତ୍ର ମିଳିବାର ଦିନକ ଆଗରୁ କିପରି ସେମାନଙ୍କୁ ଚାକିରି ମିଳିବ ନାହିଁ ବୋଲି କୁହାଗଲା। ମେଡିକାଲ ବୋର୍ଡ ଆଗରୁ କାହିଁକି ସେମାନଙ୍କୁ ଦିବ୍ୟାଙ୍ଗ ସାର୍ଟିଫିକେଟ ପ୍ରଦାନ କଲା ନାହିଁ। ଅନ୍ୟପଟେ ୧୪୩ ଆଶାୟୀଙ୍କ ମଧ୍ୟରୁ ୭୬ ଜଣ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇ ନିଯୁକ୍ତି ପାଇଲେ। ବାଦ୍ ପଡିଥିବା ୬୭ ଆଶାୟୀଙ୍କୁ କ'ଣ ଜିଲା ମେଡିକାଲ ବୋର୍ଡ ଭୁଲ୍ ରିପୋର୍ଟ ଦେଇଛି। ଜିଲା ମେଡିକାଲ ବୋର୍ଡରେ ଥିବା ସମସ୍ତ ଡାକ୍ତରଙ୍କ ଦକ୍ଷତା ଉପରେ ସରକାର ପ୍ରଶ୍ନ ଉଠାଉଥିବା ଏଥିରୁ ସ୍ପଷ୍ଟ ହେଉଛି। ନଚେତ୍ ବାଦ୍ ପଡ଼ିଥିବା ୬୭ ଆଶାୟୀଙ୍କ କ୍ଷେତ୍ରରେ ୟୁଡିଆଇଡି ସାର୍ଟିଫିକେଟ ପ୍ରଦାନରେ ଲାଞ୍ଚ କାରବାର ହୋଇଥିବା ଯଥେଷ୍ଟ ସମ୍ଭାବନା ରହିଥିବା ଜଣାପଡୁଛି। ଏ ନେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରେ ମେଡିକାଲ ବୋର୍ଡ ଯଦି କାଟିଲା ସେଥିରେ ଆମର କିଛି କରିବାର ନାହିଁ ବୋଲି କହିଛନ୍ତି।

# ମ୍ୟୁନିସିପାଲ କ୍ୟାଡର୍‌ରେ ଯୋଗଦେଲେ ୧୨୫ କନିଷ୍ଠ ସହାୟକ

## ଲୋକଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ରଖି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ସରକାରଙ୍କ ବିକାଶମୂଳକ ଯୋଜନାର ଗରିବ ଓ ନିଷ୍ପେଷିତ ଲୋକମାନେ ହେଉଛନ୍ତି ମୁଖ୍ୟ ହିତାଧିକାରୀ। ସମସ୍ତ ନାଗରିକଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ପୋଷଣ କରିବା ସହ ସେମାନଙ୍କ ସହ ଉଚିତ ବ୍ୟବହାର କରିବାକୁ ସମସ୍ତ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ନବ ନିଯୁକ୍ତ କର୍ମଚାରୀଙ୍କୁ ନେଇ ଲୋକସେବା ଭବନରେ ଅନୁଷ୍ଠିତ ଓରିଏଣ୍ଟେଶନ୍ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହା କହିଛନ୍ତି।

ଗୃହ ଓ ନଗର ଉନ୍ନୟନ ବିଭାଗ ୫-ଟି ଅଧୀନରେ ଜାଗା ମିଶନ, ମୁକ୍ତା, ଆହାର, ଉନ୍ନତି, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ସହରାଞ୍ଚଳ ଜଳ ଯୋଗାଣ, ସହରାଞ୍ଚଳ ପରିମଳ ଓ ଗରିମା ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାଦ୍ୱାରା ସହରାଞ୍ଚଳର ଲୋକେ ବେଶ୍ ଉପକୃତ ହୋଇପାରିଛନ୍ତି। ତେବେ ସମସ୍ତ ୧୧୪ଟି ମ୍ୟୁନିସିପାଲିଟିରେ ୧୨୫ କନିଷ୍ଠ ସହାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ଯୋଜନାକୁ କାର୍ଯ୍ୟକାରୀ କରିବାରେ ସେମାନେ ଅଧିକ ସହାୟକ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ସମସ୍ତ ବିଭାଗରେ ଖାଲି ଥିବା ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ଖାଲି ପଦବୀ ପୂରଣ ନେଇ ପଦକ୍ଷେପ ନିଆଯାଉଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଏଥିସହିତ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ନବ ନିଯୁକ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇ କହିଛନ୍ତି, ଆପଣମାନେ ଏକ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ସରକାରୀ ଚାକିରି ପାଇଛନ୍ତି। ଲୋକଙ୍କୁ ସେବା ଯୋଗାଇ ଦେବା ବେଳେ ମଧ୍ୟ ସ୍ୱଚ୍ଛତା ଅବଲମ୍ବନ କରିବା ଆବଶ୍ୟକ। ଗରିବ ଲୋକଙ୍କ କଲ୍ୟାଣ ଦିଗରେ ସମ୍ପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ପୋଲିସ-ଗ୍ରାମବାସୀ ମୁହାଁମୁହିଁ

## ସୀମା ନିର୍ଦ୍ଧାରଣକୁ ନେଇ ଢିଙ୍କିଆରେ ଉତ୍ତେଜନା



ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଢେଲା ଫିଙ୍ଗୁଛନ୍ତି।

**କୁଜଙ୍ଗ,୨୦।୧୨(ଡି.ଏନ୍.ଏ.)**

ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରୁଥିବା ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗ୍ରାମରେ ସୋମବାର ସୀମା ନିର୍ଦ୍ଧାରଣକୁ କେନ୍ଦ୍ର କରି ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ୨ ମାସ ପୂର୍ବେ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ପଡ଼ାଗ୍ରାମ ମାହଲର ସୀମା ନିର୍ଦ୍ଧାରଣ ପାଇଁ ପ୍ରଶାସନିକ ଅଧିକାରୀମାନେ ଆସିଥିଲେ। ପୂର୍ବ ନୋଟିସ ଅନୁଯାୟୀ, ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ, ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀ, ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଓ ଅନ୍ୟାନ୍ୟ ରାଜସ୍ୱ କର୍ମଚାରୀ ମାହାଳ ସୀମାରେ ପହଞ୍ଚି ମାପଚୁପ ଆରମ୍ଭ କରିଥିଲେ।

ଏହି ସମୟରେ ଢିଙ୍କିଆ ଗ୍ରାମର ବହୁ ଲୋକ ଘଟଣାସ୍ଥଳକୁ ମାଡିଆସିଥିଲେ। ଏହାଦେଖି ପ୍ରଶାସନିକ ଅଧିକାରୀମାନେ ସୀମା ନିର୍ଦ୍ଧାରଣ ଛାଡି ସେଠାରୁ ଚାଲିଆସିଥିଲେ। ଗ୍ରାମବାସୀ ଢିଙ୍କିଆରେ ନ ଥିବା ବେଳେ ପ୍ରକଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁଙ୍କ ଦାଦା ଅଯୋଦ୍ଧା ସ୍ୱାଇଁ ଏବଂ ତାଙ୍କ ଝିଅ ମିଲ୍ଲି ସ୍ୱାଇଁଙ୍କୁ ପୋଲିସ ଗିରଫ କରିଥିଲା। ଏ ସମ୍ପର୍କରେ ଜାଣିବା ପରେ ଢିଙ୍କିଆର ଲୋକେ ଉତ୍ତ୍ୟକ୍ତ ହୋଇ ବହୁ ସଂଖ୍ୟାରେ ପଟଣାଠାରେ ଅସ୍ଥାୟୀଭାବେ ଖୋଲିଥିବା ପୋଲିସ କ୍ୟାମ୍ପରେ ଆକ୍ରମଣ କରିବାକୁ ମାଡ଼ିଯାଇଥିଲେ। ସେମାନେ ପୋଲିସ ଆଡ଼କୁ ଢେଲାପଥର ମାଡ଼ କରିଥିଲେ। ପୋଲିସ ପକ୍ଷରୁ ମଧ୍ୟ ଢେଲାପଥର ମାଡ଼ କରାଯାଇଥିଲା। ଏନେଇ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ପୋଲିସ ସତର୍କ ରହିଥିବାବେଳେ ବିରୋଧୀମାନେ ଫୁଲଖାଇ ମନ୍ଦିରରେ ଏକତ୍ର ହୋଇ ଭିଟାମାଟିର ସୁରକ୍ଷା ପାଇଁ ପ୍ରସ୍ତୁତ ରହିବାକୁ ରଣହୁଙ୍କାର ଦେଇଛନ୍ତି। ଗତ ୩ ତାରିଖ ରାତିରେ ପ୍ରକଳ୍ପ ସପକ୍ଷରେ ଥିବା ଢିଙ୍କିଆ ପଞ୍ଚାୟତର ଗୋବିନ୍ଦପୁରର ପ୍ରଭାତ ରାଉତଙ୍କ ଘର ଉପରେ ବୋମା ମାଡ଼ ହୋଇଥିଲା। ୪ ତାରିଖରେ ପୋଲିସ ଏହି ଘଟଣାର ତଦନ୍ତ କରିବାକୁ ଯାଇଥିବାବେଳେ ଅଭୟଚାନ୍ଦପୁର ଥାନା ସବ୍‌ଇନ୍ସପେକ୍ଟର ଆଶୁତୋଷ ହୋତାଙ୍କୁ ଢିଙ୍କିଆର କେତେଜଣ ଲୋକ ଅଟକାଇ ମାଡ଼ମାରିବା ସହ ବନ୍ଧୁକ ଛଡାଇ ନେଇଥିଲେ। ଏହି ଅଭିଯୋଗରେ ଅଯୋଦ୍ଧା ଓ ମିଲ୍ଲିଙ୍କ ସମେତ ଦେବେନ୍ଦ୍ର ସ୍ୱାଇଁ, ନିତ୍ୟାନନ୍ଦ ସ୍ୱାଇଁ, ଶାନ୍ତି ସେଠୀ, କୁନି ମଲ୍ଲିକ ପ୍ରମୁଖଙ୍କ ନାମରେ ପୋଲିସ ମାମଲା(ନଂ. ୧୨୭/୨୧)ରୁଜୁ କରିଥିଲା। ଏହି ମାମଲାରେ ଅଯୋଦ୍ଧା ଓ ତାଙ୍କ ଝିଅକୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ଜେନା ସୂଚନା ଦେଇଛନ୍ତି।

# ୫ରୁ ଦଶମ ସମେଟିଭ୍ ଆସେସ୍‌ମେଣ୍ଟ-୧ ପରୀକ୍ଷା

**କଟକ ଅଫିସ,୨୦।୧୨**

ଆସନ୍ତା ଜାନୁୟାରୀ ୫ ତାରିଖରୁ ଦଶମ ସମେଟିଭ୍ ଆସେସ୍‌ମେଣ୍ଟ-୧ ପରୀକ୍ଷା ଆରମ୍ଭ ହେବ। ଏହି ପରୀକ୍ଷା ପ୍ରତ୍ୟେକ ଦିନ ଦୁଇଟି ସିଟିଂରେ ୮ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସମଗ୍ର ରାଜ୍ୟରେ ୩୦୯୩ କେନ୍ଦ୍ରରେ ଏହି ପରୀକ୍ଷା କରାଯିବ। ପରୀକ୍ଷା ସମ୍ବନ୍ଧିତ ଅଧିକ ସୂଚନା ବୋର୍ଡ ୱେବସାଇଟ୍ www.bseodisha.ac.inରେ ଉପଲବ୍ଧ ରହିଛି। ବିଦ୍ୟାଳୟ ସହ ସଂଲଗ୍ନ ହୋଇଥିବା ପରୀକ୍ଷାକେନ୍ଦ୍ରର ନାମ, ବିଦ୍ୟାଳୟଟି ପରୀକ୍ଷାକେନ୍ଦ୍ର ଓ ନୋଡାଲ୍ କେନ୍ଦ୍ର ଭାବେ ମନୋନୀତ ହୋଇଛି କି ନାହିଁ ଆଦି ସୂଚନା ୱେବ୍‌ସାଇଟ୍‌ରୁ ମିଳିପାରିବ।



**ଆଜିର ମନ୍ତବ୍ୟ**

ମିଛକୁ ଭାଜପା ସତ ଭାବେ ଉପସ୍ଥାପନ କରିବାକୁ ଚାହୁଁଛି। ଏହା କେବଳ ନଦୀ ନୁହେଁ, ବରଂ ଦେଶର ରାଜନୀତିକୁ ମଧ୍ୟ ପ୍ରଦୂଷିତ କରିଛି।
– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ତୁଷାର
ପରିବାରବର୍ଗ


ରାହୁଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘୨୦୨୩ ମାର୍ଚ୍ଚ ସୁଦ୍ଧା ମେଡିକାଲ କଲେଜ କାମ ଶେଷ କର’

## ଯାଜପୁର ଜିଲାର ବିଭିନ୍ନ ପ୍ରକଳ୍ପ କାମ ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୦ା୧୨(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯାଜପୁର ଜିଲା ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ଅଗ୍ରଗତି ସମ୍ପର୍କିତ ନିରୀକ୍ଷଣ କରିଛନ୍ତି। ଏହାସହ ପ୍ରକଳ୍ପଗୁଡ଼ିକର ବିଭିନ୍ନ ପର୍ଯ୍ୟାୟ କାମ ଏବଂ ପୂର୍ଣ୍ଣାଙ୍ଗ ନିମନ୍ତେ ସମୟସୀମା ନିର୍ଦ୍ଧାରଣ ମଧ୍ୟ କରିଛନ୍ତି। ଜିଲାରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମାଣାଧୀନ ସମ୍ପ୍ରସାରଣ ବ୍ଲକର ଅଗ୍ରଗତି କାର୍ଯ୍ୟ ପରିଦର୍ଶନ କରିଥିଲେ। ୨୦୨୨ ଅଗଷ୍ଟ ଶେଷ ସୁଦ୍ଧା କାର୍ଯ୍ୟ ପୂର୍ଣ୍ଣାଙ୍ଗ କରି ରୋଗୀ ସେବାରେ ନିୟୋଜିତ କରିବା ପାଇଁ ନିର୍ମାଣକାରୀ ସଂସ୍ଥା ଏବଂ ଜିଲା ପ୍ରଶାସନଙ୍କୁ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ଏହାସହ ସେ ନିର୍ମାଣାଧୀନ ଯାଜପୁର ମେଡିକାଲ କଲେଜ, ଇନ୍‌ଡୋର ସ୍ପୋର୍ଟସ୍ କମ୍ପ୍ଲେକ୍ସ, ମା’ ବିରଜା ମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ ପ୍ରକଳ୍ପ ଏବଂ ବିରଜା ହାଇସ୍କୁଲ ରୂପାନ୍ତରଣ ପ୍ରକଳ୍ପ ପରିଦର୍ଶନ କରି ସେଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ପ୍ରାୟ ୪୨୬ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଉଥିବା ଏହି ମେଡିକାଲ କଲେଜର କାର୍ଯ୍ୟ ୨୦୨୩ ଜୁନ୍ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରାୟ ୧୪.୪୦ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ନିର୍ମାଣ ହେଉଥିବା ଇନ୍‌ଡୋର ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏବଂ ୬.୫ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ କରାଯାଉଥିବା ମା’ ବିରଜା ମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ କାର୍ଯ୍ୟ ୨୦୨୨ ମାର୍ଚ୍ଚ ସୁଦ୍ଧା ସାରିବାକୁ ସମୟ ସୀମା ନିର୍ଦ୍ଧାରଣ କରିଛନ୍ତି। ଏହି ଗସ୍ତକାଳରେ ମୁଖ୍ୟ ଶାସନ ସଚିବ ବିରଜା ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିଦର୍ଶନ କରି ଏହାର ରୂପାନ୍ତରଣ ପ୍ରକଳ୍ପର ଅଗ୍ରଗତି ନିରୀକ୍ଷଣ କରିଥିଲେ। ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍ ରୁମ୍, ଇ-ଲାଇବ୍ରେରି, ବିଜ୍ଞାନ ପରୀକ୍ଷାଗାର ଆଦି ପରିଦର୍ଶନ କରି ଶିକ୍ଷକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏହିସବୁ ସୁବିଧାର ସର୍ବୋତ୍କୃଷ୍ଟ ବ୍ୟବହାର ପୂର୍ବକ ଛାତ୍ରୀଛାତ୍ରଙ୍କୁ ଦେଶର ଯେକୌଣସି ବିଦ୍ୟାଳୟର ପିଲାଙ୍କ ସମକକ୍ଷ କରି ଗଢ଼ିବାକୁ ସେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଗସ୍ତ ସମୟରେ ଜିଲାପାଳ ଚକ୍ରବର୍ତ୍ତୀସିଂ ରାଠୋରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ, ଯନ୍ତ୍ରୀମାନେ ଆବଶ୍ୟକ ସଦ୍ୟତନ ତଥ୍ୟ ଉପସ୍ଥାପିତ କରିଛନ୍ତି।

## ଉଗଢ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯିଏ ଯେଉଁଠି ଥାଅ,**
**ଟିକେ ପଚାରୁ ଥାଅ।**

ଭଲମନ୍ଦରେ ପଚାରିବା ଦ୍ୱାରା ସମ୍ପର୍କ ଦୃଢ଼ୀଭୂତ ହୋଇଥାଏ। ଯିଏ ଯେତେ ଦୂରରେ ରହୁଥିଲେ ମଧ୍ୟ ମନର ଭାବନା ପରସ୍ପର ମଧ୍ୟରେ ଆଦାନପ୍ରଦାନ କରାଗଲେ ସମ୍ପର୍କର ସ୍ଥାୟିତ୍ୱ ବଜାୟ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯୋଡ଼ା ମାଇପରେ ଯେବଣ ଘର,**
**ବେଦିରେ ବରକୁ ଧଇଲେ ଜର,**
**ଅଣ୍ଡିରା ଚଣ୍ଡୀକୁ ନ ମିଳେ ବର,**
**ଏ ସବୁ ବଡ଼ ହରବର।**

ଦୁଇଟା ସ୍ତ୍ରୀ ଘରେ ଥିଲେ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ଲାଗିଥାଏ, ଫଳରେ ଘର ମଧ୍ୟରେ ଅଯଥାରେ ନାନା ଅଶାନ୍ତି ସୃଷ୍ଟି ହୁଏ। ବାହାବେଦିରେ ବର ରୋଗଗ୍ରସ୍ତ ହେବା ଅମଙ୍ଗଳ ସୂଚକ ହୋଇଥାଏ, ମାଙ୍ଗଳିକ କାର୍ଯ୍ୟରେ ବିଘ୍ନ ଘଟିଥାଏ। ସେହିପରି ଉଗ୍ର ସ୍ୱଭାବର ଝିଅଙ୍କୁ ବାହା ହେବାପାଇଁ ସହଜରେ କେହି ରାଜି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଓଇଆରସି ଅଧ୍ୟକ୍ଷ ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୦ା୧୨(ବ୍ୟୁରୋ)

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ପଦ ପୂରଣ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଓଇଆରସି ଅଧ୍ୟକ୍ଷ ଉପେନ୍ଦ୍ରନାଥ ବେହେରା ଆସନ୍ତା ଜାନୁୟାରୀ ୧୬ତାରିଖରେ ଅବସର ନେବେ। ସେଥିପାଇଁ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଡିସେମ୍ବର ୧୫ତାରିଖରେ ଅଧ୍ୟକ୍ଷ ପଦ ପୂରଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ୩୦ଦିନ ଅର୍ଥାତ ଜାନୁୟାରୀ ୧୫ତାରିଖ ସୁଦ୍ଧା ଆବେଦନ କରିବା ନିମନ୍ତେ କୁହାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଓଇଆରସି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଜାନୁୟାରୀ ୧୬ତାରିଖରେ ଶେଷ ହେଉଥିବାରୁ ପରବର୍ତ୍ତୀ ଓଇଆରସି ଅଧ୍ୟକ୍ଷ ଚୟନ ନିମନ୍ତେ ପ୍ରକ୍ରିୟାର ଆରମ୍ଭ ହୋଇଛି। କମିଶନରେ ଏବେ ଅଧ୍ୟକ୍ଷଙ୍କ ବ୍ୟତୀତ ଜଣେ ସଦସ୍ୟ ଅଛନ୍ତି। ଅନ୍ୟ ଜଣେ ସଦସ୍ୟଙ୍କ ଚୟନ ପାଇଁ ବହୁଦିନ ଧରି ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ ଚୂଡାନ୍ତ ନିଷ୍ପତ୍ତିରେ ପହଞ୍ଚି ପାରିନାହାନ୍ତି। ଚୟନ କମିଟି ୨ଜଣଙ୍କ ନାମ କମିଶନ ସଦସ୍ୟ ପଦବୀ ନିମନ୍ତେ ସୁପାରିସ କରିଛନ୍ତି।

# କମିଶନରେଟ୍ ପୋଲିସରେ ଅଦଳବଦଳ

## ଏସିପି ପ୍ରକାଶ ଚନ୍ଦ୍ର ପାଲ ହେଲେ ଅତିରିକ୍ତ ଡିସିପି

ଭୁବନେଶ୍ୱର,୨୦ା୧୨(ବ୍ୟୁରୋ)

କମିଶନରେଟ୍ ପୋଲିସର ଏସିପି ଓ ଆଇଆଇସି ସ୍ତରରେ ସୋମବାର ନୂଆ ନିଯୁକ୍ତି ସହ ବଦଳି କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଥିବା ଏସିପି ନାଗାର୍ଜୁନ ପ୍ରଧାନଙ୍କୁ ଲାଇସେନ୍ସ ସେଲ୍ ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଛି। ଜୋନ୍-୬ ଏସିପି ପ୍ରକାଶ ଚନ୍ଦ୍ର ପାଲଙ୍କୁ ଭୁବନେଶ୍ୱର ଝୁପିଡିର ଅତିରିକ୍ତ ଡିସିପି ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ ସ୍ଥାନରେ କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଥିବା ରମେଶ ଚନ୍ଦ୍ର ବିଶୋଇଙ୍କୁ ଜୋନ-୬ ଏସିପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଭୁବନେଶ୍ୱର ଝୁପିଡ଼ି ଜୋନ୍-୩ ଏସିପି ଭରତ ଚନ୍ଦ୍ର ସାହୁଙ୍କୁ ଡିସିପି ଅଫିସକୁ ବଦଳି କରାଯାଇଛି। ଜୋନ୍-୪ ଏସିପି ରଜତ କୁମାର ରାୟଙ୍କୁ ବଦଳି କରାଯାଇ ଜୋନ୍-୩ ଏସିପି ଭାବେ ଅବସ୍ଥାପିତ କରାଯାଇଛି। କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଥିବା ପରେଶ କୁମାର ରାଉତଙ୍କୁ ଜୋନ୍-୪ ଏସିପି ଦାୟିତ୍ୱ ମିଳିଛି।

ଅନ୍ୟପକ୍ଷରେ ଧଉଳି ଥାନା ଅଧିକାରୀ ଦୟାନିଧି ନାୟକଙ୍କୁ ଜଟଣୀ ଥାନାକୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ଭୁବନେଶ୍ୱର ଝୁପିଡିରେ ଥିବା ଇନ୍ସପେକ୍ଟର ଚିତ୍ତରଞ୍ଜନ ରାଉତଙ୍କୁ ଅବସ୍ଥାପିତ କରାଯାଇଛି। ଜଟଣୀ ଥାନାଧିକାରୀ ଭାବେ କାର୍ଯ୍ୟରତ ବିଶ୍ୱରଞ୍ଜନ ସାହୁଙ୍କୁ ଭରତପୁର ଥାନାଧିକାରୀ ଭାବେ ବଦଳି କରାଯାଇଥିବାବେଳେ ସେଠାରେ ଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତିଙ୍କୁ ଡିସିପି ଅଫିସକୁ ବଦଳି ହୋଇଛି। ମହିଳା ଥାନାଧିକାରୀ ବନିତା ମହାରଣାଙ୍କୁ ଡିସିପି ଅଫିସକୁ ବଦଳି କରାଯାଇଥିବାବେଳେ ଭୁବନେଶ୍ୱର ଝୁପିଡିରେ ଥିବା ଇନ୍ସପେକ୍ଟର ସନ୍ତୋଷିନୀ ବେହେରାଙ୍କୁ ମହିଳା ଥାନାର ଥାନାଧିକାରିଣୀ ଭାବେ ନିଯୁକ୍ତ କରାଯାଇଛି।

# ପୋଲିସରେ ନିଯୁକ୍ତି ପାଇବେ ୧୮୫ ଡ୍ରାଇଭର

**କଟକ ଅଫିସ,୨୦ା୧୨:** ପୋଲିସ ମୋଟର ଟ୍ରାନ୍ସପୋର୍ଟ ବିଭାଗରେ ୧୮୫ ଜଣ ଡ୍ରାଇଭର ନିଯୁକ୍ତି ପାଇବେ। ଏହି ନିଯୁକ୍ତିକୁ ପୋଲିସ ମହାନିର୍ଦ୍ଦେଶକ ଅଭୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଉକ୍ତ ନିଯୁକ୍ତି ପ୍ରକ୍ରିୟା ସିଲେକ୍ସନ ବୋର୍ଡ ଦ୍ୱାରା ପରିଚାଳନା କରାଯାଇଛି। ଆଇଜିପି (ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲଙ୍କ ଅଧ୍ୟକ୍ଷତାରେ ଚୟନ ପ୍ରକ୍ରିୟା ସମାପ୍ତ ହୋଇଯାଇଛି। ଗତ ୧ରୁ ୧୦ ତାରିଖ ମଧ୍ୟରେ ଶାରୀରିକ ଓ ଡ୍ରାଇଭିଂ ପରୀକ୍ଷା ଏବଂ ୧୨ ତାରିଖରେ ଲିଖିତ ପରୀକ୍ଷା ହୋଇଥିଲା। ସମସ୍ତ ସଫଳ ପ୍ରାର୍ଥୀଙ୍କ ତାଲିକା odisha police. gov.in ୱେବ୍‌ସାଇଟରେ ଉପଲବ୍ଧ ଥିବା ଓଡ଼ିଶା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।


# classifieds Everyday
0674-2580101, 2549302




**SALE**

Plot sale near Infocity-2 and AIIMS Hospital, Bhubaneswar. 9439206202, 9777433701. D-71753

**Duplex house for sale at Gadakana, Bhubaneswar. Contact owner: 9348695941.** D-22585

**2BHK flat for sale at Keshari Enclave, Nayapalli, Bhabaneswar. 8114860043.** D-70253

**Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434.** D-71754

ଭୁବନେଶ୍ୱରର ସୁନ୍ଦରପଦା OEC ନିକଟରେ 10000 ବର୍ଗଫୁଟ ପ୍ଲଟ୍ 40,00,000/- ରେ ବିକ୍ରି ହେବ । 9439493164. D-71752

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

**Gharabari plots available with boundarywall, 30’ road, Electricity at Gudiapokhari near Sai Mandir. 9438463129, 7205988009.** D-71750

ଘରବାଡ଼ି ପ୍ଲଟ୍ **30’road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner- 9090963952.** D-71746




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757




4000sft for warehouse, Lewis Road, Bhubaneswar. Contact 7606895169. D-70986

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Monalisa massage Club: All types Body massage with hiprofile smart lady rooms service available. 9708545108. D-22601

Newly open full body massage ladies and gents. 8327740003, 8455985899. D-71831

Newly open Spa offer price @599/-, positively health benefits - 8455987557. D-71455

@999 refreshing your mind, body with the best therapy - 7873794731. D-71921

Refreshing your mind, body with tha best therapy at Lotus SPA. 8018891951. D-71832

Newly Open Saikrupa Panchakarma Spa positively health benefits with Expert. 8984068077. D-22470

Newly open spa New Year Dhamaka @699/-, Smart therapist. 7846814019. D-71456

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




୨ ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ଗୁରୁ ରହେମତ ଅଲ୍ଲି ବଶୀକରଣ ସ୍ପେଶାଲିଷ୍ଟ ବେପାରବୃଦ୍ଧି, ଗୃହ ସମସ୍ୟା, ପ୍ରେମ ବିବାହ, ସଉତୁଣୀ, ଶତ୍ରୁଦମନ। 8114984446. D-71452

**LOST**

I Men Bai Agrawal, W/o. Ram Kumar Agrawal, R/o. Railway Station Road, P.O./ Dist. Balangir declare that I am the holder of 2520 Nos. of Share Certificates of Hindustan Unilever Ltd. Bearing No.5245399, Distinctive Nos. 1137148661 to 1137151180, Folio No. HLL2909645. The said Share Certificates has been lost somewhere on Dt.18.12.2021 and in spite of my thorough search I could not find the same. D-22613

**AFFIDAVIT**

ମୁଁ ଅନ୍ନପୂର୍ଣ୍ଣା ଗିରି, ସ୍ୱାମୀ- ରବୀନ୍ଦ୍ର ଗିରି, ପିତା- ଶଙ୍କର ରଣା, ଗ୍ରାମ- ଧରମଦୁଆର, ଥାନା- ଜଳେଶ୍ୱର, ଜିଲ୍ଲା- ବାଲେଶ୍ୱର ଅଟେ। ଭୁଲ୍‌ବଶତଃ ମୋର ଜନ୍ମ ତାରିଖ ୨୪।୦୪।୧୯୮୭ ବିଭିନ୍ନ କାଗଜପତ୍ରରେ ହୋଇଯାଇଛି। ମୋର ପ୍ରକୃତ ଜନ୍ମ ତାରିଖ ୨୫।୦୪।୧୯୮୭ ମସିହା ଅଟେ। ଏହା ସତ୍ୟ ବୋଲି ସତ୍ୟପାଠ କରି ସର୍ବସାଧାରଣରେ ପ୍ରକାଶ କଲି। ଧ- ୨୨୬୧୦

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**ପ୍ରଥମ ପୃଷ୍ଠାରୁ...**

## ଭୋଟର କାର୍ଡ ସହ...

ଏମ୍‌ପି କହିଥିଲେ। ସରକାର ଏଭଳି ବିଲ୍ ଆଣି ନିର୍ବାଚନ କମିଶନଙ୍କ ସ୍ୱାଧୀନତାକୁ ସଂକୁଚିତ କରୁଛନ୍ତି ବୋଲି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଥିଲେ। ଉକ୍ତ ବିଲ୍ ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରୁଛି। ବିଧେୟକ ପ୍ରସ୍ତୁତ କରିବାର ଦକ୍ଷତା, ଜ୍ଞାନ, ସାମର୍ଥ୍ୟ ଓ ଯୋଗ୍ୟତା ସରକାରଙ୍କ ନାହିଁ। ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗ ହେଲେ ଏହା ନାଗରିକଙ୍କ ଗୋପନୀୟତା ମୌଳିକ ଅଧିକାରର ଉଲ୍ଲଂଘନ କରିବ ବୋଲି ଓୱାଇସି ଗଣମାଧ୍ୟମକୁ କହିଛନ୍ତି।

## ବିନା ଆଲୋଚନାରେ...

ଆଇନ (ସଂଶୋଧନ) ବିଲ୍, ୨୦୨୧ ପାରିତ ହୋଇଛି। ଏଥିରେ ଜଣେ ଭୋଟରଙ୍କ ପରିଚୟକୁ ସୁଦୃଢ଼ କରିବା ଲାଗି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଆବେଦନକାରୀଙ୍କୁ ଆଧାର କାର୍ଡ ଲିଙ୍କ୍ କରିବାକୁ କହିବେ। ଏପରି କି ଯେଉଁମାନେ ପୂର୍ବରୁ ଭୋଟର ତାଲିକାରେ ସ୍ଥାନିତ ହୋଇଥିବେ ସେମାନଙ୍କୁ ଆଧାର ନମ୍ବର ଲିଙ୍କ୍ କରିବାକୁ ନିର୍ବାଚନ ପଞ୍ଜୀକରଣ ଅଧିକାରୀ କହିବେ। ଏହାଦ୍ୱାରା ଜଣେ ବ୍ୟକ୍ତିଙ୍କ ଏକାଧିକ ନିର୍ବାଚନମଣ୍ଡଳୀରେ ଥିବା ନାମକୁ ଧରିବାରେ ସହାୟକ ହୋଇପାରିବ। ତେବେ ଏହା ବାଧ୍ୟତାମୂଳକ ନୁହେଁ ବରଂ ସ୍ୱେଚ୍ଛାକୃତ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି।

## ରାଜ୍ୟରେ ୪ଡିଗ୍ରୀକୁ...

ହେଲେ ଲୋକମାନେ ନିଆଁ ଜାଳି ବସୁଥିବା ଦେଖିବାକୁମିଳୁଛି। ସେପଟେ ସୋମବାର ରାଜ୍ୟର ୧୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ୪ଡିଗ୍ରୀ ସହ ଦାରିଙ୍ଗବାଡ଼ି ସବୁଠାରୁ ଥଣ୍ଡା ସହର ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୬.୫, ଝାରସୁଗୁଡ଼ା ୫.୬, ବାରିପଦା ୯.୫, କେନ୍ଦୁଝର ୭.୪, ସମ୍ବଲପୁର ୯, ସୁନ୍ଦରଗଡ଼ ୮, ହୀରାକୁଦ ୯, ତାଳଚେର ୯, ଭବାନୀପାଟଣା ୮.୯, ବଲାଙ୍ଗୀର ୮.୯, ଟିଟିଲାଗଡ଼ ୯.୩ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୬.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ପାଣିପାଗ ବିଭାଗ ଆକଳନ ଅନୁଯାୟୀ ଆସନ୍ତା ୩ ଦିନ ଯାଏ ଶୀତ ଥରେଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, କନ୍ଧମାଳ ଜିଲାରେ ପ୍ରବଳ ଶୀତ ଲହରି ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ଦେବଗଡ଼ ଆଦି ଜିଲାରେ ମଧ୍ୟ ଶୀତ ଲହରି ଜାରି ରହିବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି।

ଅପରପକ୍ଷେ ଦାରିଙ୍ଗବାଡ଼ି ଏବଂ ସୁନ୍ଦରଗଡ଼ ଜିଲାର ଟେନ୍‌ସାଠାରେ ପାରଦ ତଳମୁହାଁ ହେବା ସହିତ ସର୍ବନିମ୍ନ ତୁଷାରପାତ ହୋଇଛି। ସର୍ବନିମ୍ନ ତାପମାତ୍ରା ତଳକୁ ଖସିବା ଯୋଗୁ ଦାରିଙ୍ଗବାଡ଼ି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳ ସହ କଫି ବଗିଚା, କିଲାବାଡ଼ି, ସିମନବାଡ଼ି, ଶ୍ରାନିକେତା, କିରିକୁଟି, ସିଆଙ୍ଗବାଲି ଓ ଅନ୍ୟ କେତେକ ଦୁର୍ଗମ ଗ୍ରାମରେ ତୁଷାରପାତ ହୋଇଛି। ସେହିପରି ଟେନ୍‌ସା ନିକଟ ଜିରୋ ପଏଣ୍ଟ ସହ କୋଇଡ଼ାର କେତେକ ସ୍ଥାନରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି।

## ‘ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ...

ଚିକିତ୍ସାଳୟକୁ ଯାଇ ସୁପର ସ୍ପେଶାଲିଟି ସେବା ଆବଶ୍ୟକ କରୁଥିବା ହୃଦ୍‌ରୋଗୀ, ସ୍ନାୟୁରୋଗୀ, କିଡ୍‌ନୀ ଓ ମୂତ୍ରାଶୟ ରୋଗୀଙ୍କ ପରୀକ୍ଷାନିରୀକ୍ଷା ସହ ଚିକିତ୍ସା କରିବେ। ଏଥିପାଇଁ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ତେବେ ଯୋଜନାର ପ୍ରଥମ ଦିନରେ ଏକ ଡାକ୍ତରୀ ଦଳକୁ ନେଇ ପ୍ରଥମ ବିମାନ ମାଲକାନଗିରିକୁ ଉଡ଼ାଣ କରିଛି। ଏହି ସେବାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହିତ ଏହାଦ୍ୱାରା ଗରିବ ଜନସାଧାରଣ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଆଶାପ୍ରକଟ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

‘ବାୟୁ ସ୍ୱାସ୍ଥ୍ୟ ସେବା’ ସମ୍ପର୍କରେ ଡିଏମ୍‌ଇଟି ରମାରମଣ ମହାନ୍ତି କହିଛନ୍ତି, କଟକ ଏସ୍‌ସିବିର ସୁପରସ୍ପେଶାଲିଟି ବିଭାଗର ୫ ଜଣିଆ ଡାକ୍ତରୀ ଦଳ ମାଲକାନଗିରି ଯାଇଛନ୍ତି। ଘର ପାଖରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଭିତ୍ତିଭୂମି ସଜାଡ଼ିବା ପାଇଁ ପୂର୍ବରୁ ଡାକ୍ତରୀ ଟିମ୍ ସେଠାକୁ ଯାଇ ରୋଗୀ ଚିହ୍ନଟ ଓ ଚେକ୍ ଅପ୍ କରିଥିଲେ। ଏଠାରୁ ବିଶେଷଜ୍ଞ ଗଲେ ଅପରେଶନ କରିବେ। ଏହାପରେ ରୋଗୀଙ୍କୁ ଗୋଟିଏ ଦିନ ଅବଜରଭେଶନରେ ରଖିବେ। ତା’ପରେ ପୂର୍ବରୁ ଯାଇଥିବା ଟିମ୍ ରୋଗୀ ଭଲହେବା ପର୍ଯ୍ୟନ୍ତ ନିରୀକ୍ଷଣରେ ରହିବେ। ବର୍ତ୍ତମାନ ୪ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଏହି ସୁବିଧା ମିଳିବ। ଏହା ହେଉଛି ସୁପରସ୍ପେଶାଲିଟି ସେବା। କେସ୍‌ର ଗୁରୁତ୍ୱ ଦେଖି ଜିଲା ଚିକିତ୍ସାଧିକାରୀମାନେ ଜଣାଇବା ପରେ ଡାକ୍ତରୀ ଦଳକୁ ପଠାଯିବ ବୋଲି ଡିଏମ୍‌ଇଟି ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣ ଘର ଅପେକ୍ଷା ବାହାର ଲୋକଙ୍କ ସକାଶେ ବିଶେଷ ସମୟ ନେବେ। କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବା ବଦଳରେ ହଠାତ୍ ଅଟକି ରହିଯାଇପାରେ। ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ ଓ ଲାଭବାନ୍ ହେବେ। ପରିବାରର ନିର୍ଦ୍ଦେଶକ୍ରମେ ଗୃହକୁ ଧାତୁ, ଅଳଙ୍କାରାଦି ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ ଆଣିପାରନ୍ତି।

**ବୃଷ**
ଆପଣ ନିଜ ପିଲାମାନଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। କର୍ମ କ୍ଷେତ୍ର, ଯାନ ବାହନ, ଦୋକାନବାଡ଼ି, ସଭାସମିତିରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷଭାବେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ, ମାଲିମକଦ୍ଦମାରେ ସଫଳତା ହାସଲ କରିବେ।

**ମିଥୁନ**
ସକାଳୁ ସକାଳୁ ହଠାତ୍ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ବାଧ୍ୟ ବାଧ୍ୟକତାରେ ଯାତ୍ରା କରିବାକୁ ପଡ଼ିପାରେ। ଅଫିସ୍ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିବ। ପାରିବାରିକ ସମସ୍ୟାର ସମାଧାନ ଜଣେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମ୍ଭବ ହେବ।

**କର୍କଟ**
କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥାକହି ଜଟିଳ ପରିସ୍ଥିତିକୁ ସୁଧାରି ନେଇପାରିବେ। ଟଙ୍କା ପଇସା, ନେବା ଆଣିବା, କ୍ଷେତ୍ରରେ ସତର୍କ ରହନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ । ପାରିବାରିକ କ୍ଷେତ୍ର, ଯାନ ବାହନ ଚଳାଚଳ, ଦୋକାନବାଡି ପ୍ରଭୃତିରେ କିଛିଟା ସମସ୍ୟା ଦେଖାଦେବ। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ**
ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବ କିନ୍ତୁ ବିଭିନ୍ନ ସମସ୍ୟା ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମ ତ୍ୱରାନ୍ୱିତ କରିବେ। ପରିବାର ସକାଶେ ଆକସ୍ମିକ ଆଗନ୍ତୁକ ଦୁଶ୍ଚିନ୍ତାର କାରଣ ହୋଇପାରନ୍ତି। ପରିବହନ, ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶାନୁଯାୟୀ ଫଳ ପାଇବେ।

**କନ୍ୟା**
ଆଜିର ସବୁ କାମଗୁଡ଼ିକ ବହୁତ ବିଳମ୍ବରେ ସମ୍ପନ୍ନ ହେବ, ସେହି କାରଣରୁ ମନ ମଧ୍ୟ ସେତେଟା ଭଲ ରହିବ ନାହିଁ। ଦୀର୍ଘଦିନ ହେଲା ଲାଗି ରହିଥିବା ରୋଗପୀଡ଼ା ଉପଶମ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ସାଂଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
କର୍ମକ୍ଷେତ୍ରରେ କୃତିତ୍ୱ ପ୍ରଦର୍ଶନ କରି ଚର୍ଚ୍ଚିତ ହେବେ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ସାକ୍ଷାତ୍କାର, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବେ। ସାହିତ୍ୟସଭା, ଆନୁଷ୍ଠାନିକ କାମ, ରାଜନୈତିକ ସଂଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପ୍ରଶାସନ, ଗବେଷଣା, କୃଷି, ବାଣିଜ୍ୟରେ ମଧ୍ୟ ଚେଷ୍ଟା ସଫଳ ହେବ।

**ବିଛା**
କାମ ସବୁ ଗଡ଼୍‌ବଡ଼୍ ହୋଇଯାଉଥିବାରୁ ସବୁ କଥାରେ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ କଡ଼ା କଥା କହିବା କାରଣରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ମାଲପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନ ଉତ୍ତମ ବୁଝାମଣା ଜନିତ ସୁଖସନ୍ତୋଷ ପାଇପାରିବେ।

**ଧନୁ**
ଆଜି ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ। ପ୍ରିୟ ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଗଲେ ପରେ ପସ୍ତେଇବେ। କର୍ମ କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମକର**
ଦିନଟି ବହୁମାତ୍ରାରେ ଅବ୍ୟବସ୍ଥା ଭିତରେ କଟିବ ବିଶେଷତଃ ଅର୍ଥାଭାବ ସମସ୍ୟାର ମୂଳ କାରଣ ହୋଇପାରେ। ନିଜଠାରୁ ସାନମାନଙ୍କ ମତକୁ ସମ୍ମାନ ଦେଲେ ସମାଲୋଚନାରୁ ରିହାତି ମିଳିବ। ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ**
କର୍ମକ୍ଷେତ୍ରର ବିଦ୍ୟମାନ ସ୍ଥିତି କତେକାଂଶରେ ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତା ହୋଇପାରେ। ସକାଳୁ ସକାଳୁ ମାଙ୍ଗଳିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡି ବୁଲିବେ। ଘରୋଇ ଆବଶ୍ୟକତା ପୂରଣ କ୍ଷେତ୍ରରେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ।

**ମୀନ**
ଆଜି ଆପଣଙ୍କର ମନ ଭୁଲାଣିଆ କଥାରେ ଶତ୍ରୁମାନେ ମିତ୍ର ପାଲଟିଯିବେ। କିନ୍ତୁ ଭାବପ୍ରବଣତାବଶତଃ ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନ ହାନି ଘଟିପାରେ। ପରିବାରରେ, ପରିବହନ, ଗୃହ ନିର୍ମାଣରେ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରି ଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

# ଅପବିତ୍ରକାରୀଙ୍କୁ ସର୍ବସମ୍ମୁଖରେ ଫାଶୀ ଦିଅ: ସିଦ୍ଧୁ

**ଚଣ୍ଡିଗଡ଼, ୨୦।୧୨(ପି.ଟି.)**

ପଞ୍ଜାବରେ ଗୁରୁଦ୍ୱାର ଅପବିତ୍ରକରଣ ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ୨ ଜଣଙ୍କୁ ପିଟି ମାରିଦେବା ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ରାଜ୍ୟର ରାଜନେତାମାନେ ଭିଡ଼ହିଂସା ଘଟଣାରେ ମାପିଚୁପି ମନ୍ତବ୍ୟ ରଖୁଥିବାବେଳେ ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁ ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ଧର୍ମସ୍ଥାନ ଓ ପବିତ୍ର ଗ୍ରନ୍ଥକୁ ଅସମ୍ମାନ କରୁଥିବା ଅଭିଯୁକ୍ତମାନଙ୍କୁ ସମସ୍ତଙ୍କ ସମ୍ମୁଖରେ ଫାଶୀ ଦେବା ଲାଗି ସିଦ୍ଧୁ ଦାବି କରିଛନ୍ତି। ରବିବାର ମାଲେରକୋଟ୍‌ଲାଠାରେ ଏକ ଜନସଭାକୁ ସମ୍ବୋଧିତ କରି ସିଦ୍ଧୁ କହିଥିଲେ, ଅପବିତ୍ରକରଣ ଘଟଣାର ଲୋକଙ୍କ ଭାବାବେଗକୁ ଆଘାତ ଦେଇଛି। ତେଣୁ ଉକ୍ତ ମାମଲା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସମସ୍ତଙ୍କ ଆଗରେ ଫାଶୀ ଦିଆଯାଉ। ଏହି କାଣ୍ଡ ପଛରେ ଗୋଟିଏ ସମ୍ପ୍ରଦାୟର ହାତ ରହିଛି। ପଞ୍ଜାବରେ ଶାନ୍ତି ଭଙ୍ଗ କରିବାକୁ ରୂଢ଼ିବାଦୀ ଶକ୍ତି ଉଦ୍ୟମ କରୁଥିବା ସେ ଅଭିଯୋଗ କରିଛନ୍ତି। ଗୁରୁଦ୍ୱାର ଅପବିତ୍ରକରଣ ଘଟଣାକୁ ଅଧିକାଂଶ ରାଜନେତା ନିନ୍ଦା କରିବା ସହ ଏହା ପଛରେ ଷଡ଼ଯନ୍ତ୍ର ରହିଥିବା ଅଭିଯୋଗ କରିଛନ୍ତି। ତେବେ ଆକ୍ରମଣକାରୀଙ୍କ ସମ୍ପର୍କରେ ସେମାନେ କୌଣସି ମନ୍ତବ୍ୟ



ଦେଇନାହାନ୍ତି। ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ସ୍ୱର୍ଣ୍ଣମନ୍ଦିର ଗସ୍ତ କରି ଘଟଣାର ନିନ୍ଦା କରିଥିଲେ ଏବଂ ଜନସାଧାରଣଙ୍କୁ ଶାନ୍ତି ରକ୍ଷା କରିବା ଲାଗି ଆହ୍ୱାନ ଦେଇଥିଲେ। ଅପବିତ୍ରକରଣ ଘଟଣା ପଛରେ କେଉଁମାନଙ୍କ ହାତ ରହିଛି, ତାହା ଜାଣିବା ପାଇଁ ତଦନ୍ତ କରାଯାଉଥିବା ସେ କହିଥିଲେ। ସୂଚନାଯୋଗ୍ୟ, ଶନିବାର ସନ୍ଧ୍ୟାରେ ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିରରେ ଜଣେ ଯୁବକ ପଶି ଗୁରୁଗ୍ରନ୍ଥ ସାହିବ ସମ୍ମୁଖରେ ଥିବା ଖଣ୍ଡାକୁ ଛୁଇଁବା ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ପିଟି ମାରି ଦେଇଥିଲେ। ଏହାର କିଛି ଘଣ୍ଟା ପରେ କପୁରଥାଲାରେ ଅନ୍ୟ ଏକ ଘଟଣାରେ ଜଣେ ଯୁବକ ଲୋକଙ୍କ ସମୂହ ଆକ୍ରମଣରେ ପ୍ରାଣ ହରାଇଥିଲେ। ଉଭୟ ଘଟଣାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଗୁରୁଦ୍ୱାରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।

# ଦଳୀୟ କର୍ମକର୍ତ୍ତାଙ୍କୁ ନବୀନଙ୍କ ଚିଠି

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

**୨୬ରେ ବିଜେଡି ପ୍ରତିଷ୍ଠା ଦିବସ**

**ଦଳୀୟ ଶୃଙ୍ଖଳା, ନିଷ୍ଠାର ସହ ଜନସେବା କରିବାକୁ ଆହ୍ୱାନ**

ଡିସେମ୍ବର ୨୬ରେ ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳନ ହେବ। ଏଥିପାଇଁ ଦଳୀୟ ସଦସ୍ୟମାନଙ୍କୁ ବିଜେଡି ସଭାପତି ଅଭିନନ୍ଦନ ଜଣାଇବା ସହିତ ବାର୍ତ୍ତା ମଧ୍ୟ ଦେଇଛନ୍ତି । ଏହା ପୂର୍ବରୁ ଦଳୀୟ କର୍ମୀ, ନେତା ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ୨୪ ବର୍ଷ ଧରି ଉତ୍ସର୍ଗୀକୃତ ସେବା ମନୋଭାବ ନେଇ କାମ କରିଆସୁଥିବା ଏକ ଆଞ୍ଚଳିକ ରାଜନୈତିକ ଦଳ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଜେଡି ଉପରେ ରାଜ୍ୟବାସୀଙ୍କର ଥିବା ଆସ୍ଥାକୁ ବଜାୟ ରଖିବା ସହ ଜନସେବାକୁ ରାଜନୀତିର ମୂଳମନ୍ତ୍ର ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତିଷ୍ଠା ଦିବସରୁ ହିଁ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଓ ଲୋକସେବା ମାଧ୍ୟମରେ ଦଳ ରାଜ୍ୟବାସୀଙ୍କ ପାଖକୁ ଯିବ । ଲୋକଙ୍କ ଅଧିକ ନିକଟତର ହେବା, ଦଳୀୟ ଏକତା ଓ ଶୃଙ୍ଖଳା ବଜାୟ ରଖି ତ୍ୟାଗ ଏବଂ ନିଷ୍ଠାର ସହ ଜନସେବାରେ ପୂର୍ଣ୍ଣପ୍ରାଣରେ ସମର୍ପିତ ହେବା ନେଇ ଦଳର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ବିଜେଡିର ପ୍ରତିଷ୍ଠା ଦିବସ ରାଜ୍ୟସ୍ତର, ବ୍ଲକ ଏବଂ ସହରାଞ୍ଚଳରେ ପାଳନ ହେବ । ଦଳର ସମସ୍ତ ନିର୍ବାଚିତ ପ୍ରତିନିଧି, ଯୁବ, ଛାତ୍ର, ମହିଳା, ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହିବେ । କୋଭିଡ୍ ନିୟମରେ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଭୁବନେଶ୍ୱରରୁ ଅପରାହ୍ଣ ୪ଟା ୩୦ରେ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିବେ । ଜନସେବା ଦ୍ୱାରା ଲୋକଙ୍କ ନିକଟତର ହେବା ବିଜେଡି ପ୍ରତିଷ୍ଠା ଦିବସର ଲକ୍ଷ୍ୟ ।

# ପଦବୀ ହରାଇଲେ ୨ ସେବାଦଳ ଜିଲ୍ଲା ସଙ୍ଗଠକ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ବିଶୃଙ୍ଖଳିତ ଆଚରଣ ପାଇଁ ରାଜ୍ୟ କଂଗ୍ରେସ ସେବାଦଳର ଦୁଇ ଜିଲ୍ଲା ସଙ୍ଗଠକଙ୍କୁ ପଦରୁ ହଟାଇ ଦିଆଯାଇଛି। ସେମାନେ ହେଲେ ରାଉରକେଲା ଜିଲ୍ଲା ସଙ୍ଗଠକ ବିନୋଦ କୁମାର ରାଉତ ଓ କେନ୍ଦ୍ରାପଡ଼ା ଜିଲ୍ଲା ସଙ୍ଗଠକ ଜୟଦେବ ପରିଡ଼ା। ଏନେଇ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୋମବାର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି. ବିନୋଦ ରାଉତ ଓ ଜୟଦେବ ପରିଡ଼ା ଏବେ ଆଉ କଂଗ୍ରେସ ସେବାଦଳର କୌଣସି ପଦ ପଦବୀରେ ନାହାନ୍ତି। ଆଗାମୀ ୨୬ରେ ସେବାଦଳର ରାଜ୍ୟସ୍ତରୀୟ ସଦଭାବନା ରାଲିରୁ ଏହି ଦୁହିଁଙ୍କୁ ଦୂରେଇ ରଖାଯାଇଛି।

# କଂଗ୍ରେସ, ଭାଜପା କର୍ମକର୍ତ୍ତାଙ୍କୁ ଉଠାଇ ନେଲା ପୋଲିସ

## ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଗାଡିକୁ ଭାଜପାର ଅଣ୍ଡାମାଡ



ବାଙ୍କିଠାରେ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର(ବ୍ୟୁରୋ)/ବାଙ୍କୀ(ସ୍ୱ.ପ୍ର.)/ନରସିଂହପୁର(ସ୍ୱ.ପ୍ର.)୨୦।୧୨**

ବୈଦ୍ୟେଶ୍ୱର ଗୋପୀନାଥପୁରଠାରେ ମହାନଦୀ ଉପରେ ନବ ନିର୍ମିତ ଟି-ସେତୁକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର ୪ଘଣ୍ଟା ପୂର୍ବରୁ କଂଗ୍ରେସ ଓ ଭାଜପା ସଦସ୍ୟମାନେ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବା ଦାବିରେ ବାଙ୍କୀଠାରେ କଳାପତାକା ଦେଖାଇବାକୁ ଯୋଜନା କରିଥିବାରୁ ପୋଲିସ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ସମେତ କଂଗ୍ରେସ ଓ ଭାଜପାର ୧୦୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଅଟକ ରଖିଥିଲା। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀ ଏବଂ ଅନ୍ୟମାନଙ୍କୁ ଭାଜପା କାର୍ଯ୍ୟାଳୟରୁ ପୋଲିସ ନିଜ ହେପାଜତକୁ ନେଇଥିଲା। ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଡମପଡା ବ୍ଲକ କଂଗ୍ରେସ ସଭାପତି ଅସିତ ବରଣ ପଟ୍ଟନାୟକ, ନଗର କଂଗ୍ରେସ ଉପଦେଷ୍ଟା କ୍ଷେତ୍ରବାସୀ ଦାଶ, ନଗର କଂଗ୍ରେସ ସଭାପତି କାଶୀନାଥ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ବିଶ୍ୱରଞ୍ଜନ ପଣ୍ଡା, ଅମିୟ ନାୟକ, ରମାକାନ୍ତ ସେଠୀ, ରବୀନ୍ଦ୍ର ବେହେରା, ରାକେଶ ବେହେରା, ନୀଳମଣି ମହାପାତ୍ର, ନକୁଳ ପ୍ରଧାନଙ୍କ ସମେତ କଂଗ୍ରେସ କର୍ମୀଙ୍କୁ ଥାନା ପରିସରରେ ଅଟକ ରଖାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଶେଷ ହେବା ପରେ କଂଗ୍ରେସ କର୍ମୀଙ୍କୁ ପୋଲିସ ଛାଡି ଦେଇଥିଲା । ସେହିପରି ବାଙ୍କୀର ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଆଦିମାତା ଛକଠାରୁ ଏକ ଶୋଭାଯାତ୍ରା ବାହାରି ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ବାଙ୍କୀ ପୋଲିସ ସେମାନଙ୍କୁ ଅଟକ ରଖିଥିଲା ।

ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସେତୁ ଉଦ୍‌ଘାଟନ କାର୍ଯ୍ୟରେ ଯୋଗ ଦେଇ ଭୁବନେଶ୍ୱର ଫେରୁଥିବା ବେଳେ ବାଙ୍କୀ କଲେଜ ରୋଡ ରେଣୁକା ପାଖରେ ତାଙ୍କ ଗାଡି ଉପରକୁ ଭାଜପା ଯୁବ ମୋର୍ଚ୍ଚାର କେତେଜଣ କର୍ମୀ ଅଣ୍ଡା ମାଡ଼ କରିଥିଲେ। ମମିତା ମେହେର ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଓ ମାହାଙ୍ଗା ଡବଲମର୍ଡର ଘଟଣାରେ ସମ୍ପୃକ୍ତ ମନ୍ତ୍ରୀ ପ୍ରତାପ ଜେନାଙ୍କ ଇସ୍ତଫା ଦାବିରେ ଭାଜପା ରାଜ୍ୟବ୍ୟାପୀ ବିକ୍ଷୋଭ କରିଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ମମିତାଙ୍କୁ ନ୍ୟାୟ ପାଇଁ ଏହି ସରକାରଙ୍କ ମନ୍ତ୍ରୀଙ୍କୁ ଅଣ୍ଡା ମାଡ଼ କରାଯାଉଛି। ଆଗାମୀ ଦିନରେ ଜାରି ରହିବ ବୋଲି ଭାଜପା ଯୁବ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

# ଢିଙ୍କିଆରେ ଲାଠିଚାର୍ଜ: ସମାଜବାଦୀ ପାର୍ଟିର ନିନ୍ଦା

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଜଗତ୍‌ସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଢିଙ୍କିଆ ଗ୍ରାମ ପଞ୍ଚାୟତରେ ଜେଏସ୍‌ଡବ୍ଲ୍ୟୁ (ଜିନ୍ଦଲ ସାଉଥ୍ ୱେଷ୍ଟ ଲିମିଟେଡ୍) ପକ୍ଷରୁ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠାକୁ କେନ୍ଦ୍ର କରି ସୋମବାର ପୋଲିସ ଓ ସ୍ଥାନୀୟ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି। ସ୍ଥିତି ଉତ୍ତେଜନା ପୂର୍ଣ୍ଣ ହେବା ଫଳରେ ଅପରାହ୍ଣରେ ଲାଠିଚାର୍ଜ କରାଯାଇଥିଲା। ଏହି ଘଟଣାକୁ ନେଇ ସମାଜବାଦୀ ପାର୍ଟି ତୀବ୍ର ନିନ୍ଦା କରିଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା କହିଛନ୍ତି, ପୋଲିସ ଅତର୍କିତ ଭାବରେ ଢିଙ୍କିଆ ଗ୍ରାମରେ ପଶି ଜିନ୍ଦଲ ଇସ୍ପାତ ପ୍ରକଳ୍ପକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ଲାଠିମାଡ଼ କରିଛି। ଏଥିରେ ୧୦ରୁ ୧୫ଜଣ ଆହତ ହୋଇଛନ୍ତି। ପୋଲିସ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଜବରଦସ୍ତ ଗ୍ରାମରୁ ଉଠାଇ ନେଇଛି। ଏହା ସାଧାରଣ ନାଗରିକଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି। ଗିରଫ ହୋଇଥିବା ଦେବେନ୍ଦ୍ର ସ୍ୱାଇଁଙ୍କ ସମେତ ତାଙ୍କ ଦାଦା ଓ ଭଉଣୀଙ୍କୁ ତୁରନ୍ତ ଖଲାସ କରିବା, ପୋସ୍କୋ ଆନ୍ଦୋଳନ ସମୟରେ ଆନ୍ଦୋଳନକାରୀଙ୍କ ବିରୋଧରେ ହୋଇଥିବା ସମସ୍ତ ମକଦ୍ଦମା ପ୍ରତ୍ୟାହାର କରିବା ଓ ଷ୍ଟିଲ ପ୍ଲାଣ୍ଟ ପାଇଁ ବିକଳ୍ପ ସ୍ଥାନ ନିରୂପଣ କରିବା ପାଇଁ ବେହେରା ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଲୋକଙ୍କ ଆନ୍ଦୋଳନ ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

# ପୁଣି କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ଏମ୍‌ପି

## ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନେଇ ଦାବି ଜଣାଇଲେ



ନୂଆଦିଲ୍ଲୀଠାରେ ମନ୍ତ୍ରୀ ଗିରିରାଜ ସିଂଙ୍କୁ ଭେଟୁଛନ୍ତି ବିଜେଡି ଏମ୍‌ପି।

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ବିଜେଡି ଏମ୍‌ପିମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ସମ୍ପର୍କରେ କେନ୍ଦ୍ର ଗ୍ରାମ୍ୟଉନ୍ନୟନମନ୍ତ୍ରୀ ଗିରିରାଜସିଂହଙ୍କୁ ସାକ୍ଷାତ୍‌କରିଛନ୍ତି। ସୋମବାର ନୂଆଦିଲ୍ଲୀ ସ୍ଥିତ କୃଷି ଭବନରେ ବିଜୁ ଜନତା ଦଳର ଉଭୟ ଲୋକ ସଭା ଓ ରାଜ୍ୟ ସଭା ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଦୀର୍ଘ ୧ ଘଣ୍ଟା ଧରି ଚାଲିଥିବା ଏହି ଆଲୋଚନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଓଡ଼ିଶାର ଦାବି ସମ୍ପର୍କରେ ଜଣାଇଛନ୍ତି। ପୂର୍ବରୁ ଗତ ୧୪ ତାରିଖରେ ମଧ୍ୟ ବିଜେଡି ସଂସଦୀୟ ଦଳ ସମାନ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଗିରିରାଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ବାସହରାଙ୍କୁ ଖୁବ୍‌ଶୀଘ୍ର ଘର ଦେବାକୁ ଦାବି କରିଥିଲେ । ଫନୀ ବାତ୍ୟାରେ ୧ ଲକ୍ଷ ୮୪ ହଜାର ପରିବାର ଘର ହରାଇଥିଲେ । ୨୦୧୯ରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ଫନୀ ପ୍ରଭାବିତ ୫ ଲକ୍ଷ ଲୋକଙ୍କୁ ପିଏମ୍‌ଏୱାଇରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏବେ ସୁଦ୍ଧା ୧. ୮୪ ଲକ୍ଷ ପରିବାରକୁ ଯୋଜନାରେ ସାମିଲ କରାଯାଇ ନାହିଁ । ଆବାସ ଯୋଜନାରେ ଗରିବଙ୍କୁ ଘର ଦେବାକୁ ଡିସେମ୍ବର ୧୧ରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଥିଲେ। ତେବେ ଏହି ପ୍ରସଙ୍ଗରେ ପୁଣି ଥରେ ଆଲୋଚନା କରିବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।


## Auction Notice

Interested parties may inspect the stores (**Antenna 1.8M- 06 Nos., Industrial PC & Printer- 06 Nos., 2 Watt RF Out-door unit- 06 Nos., Base band and indoor unit PES-500 series- 06 Nos., UPS 1KVA-06 Nos., Generator 2 KVA- 06 Nos. etc**) to be disposed off during office hours from 1000 hrs to 1300 hrs & 1500 hrs to 1800 hrs on any working day before 04.01.2022 and submit the sealed quotations by 1700 hrs on 05.01.2022 along with demand draft of EMD Rs.5000/- in favor of DDO, SIB Bhubaneswar **(not A/C payee)**. Quotations will be opened in presence of supervising officers and parties present at 1130 hrs on 07.01.2022. Quotations of the highest bidder will be accepted as a whole to the best advantage of govt. and decision of the supervising officers will be final.

The highest bidder has to deposit 25% of the bid value at the spot and remaining 75% along with 5% GST of total amount will be deposited within 10 days before lifting of articles, failing which the offer will be rejected and amount deposited is to be seized. GST amount 5% is to be deposited in government account and the receipt is to be submitted before lifting of the articles. The Prospective bidder has to deal with the hazardous waste/ scrap batteries/e-waste as per NGT guidelines with their responsibility. The Head of office reseves the right to cancel any bid without assigning any reason thereof.

**Office address: SIB Office (MHA), Govt. of India**
**Bidyut Marg, Unit-V, Bhubaneswar,**
**Phone No.0674-2395680**

**Sd./- Assistant Director**

## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/21-22/ E-Tender/86,ତା.16.12.2021ରିଖ

**(1) ଟେଣ୍ଡର ସଂ.e-Tender-Bridge-KUR-229-2021,ତା.15.12.2021ରିଖ**

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ପୋଲ),କଟକ-I ପରିସୀମା ଅଧୀନସ୍ଥ ଭଦ୍ରକ-ପଲାସା ସେକ୍ସନରେ ପୋଲ ନଂ.539DN ରେ ସାଇଡ୍ ପାଥ୍‌ୱେ (Pathway) ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 93.04 ଲକ୍ଷ ।**

**(2) ଟେଣ୍ଡର ସଂ.e-Tender-Bridge-KUR-230-2021,ତା.15.12.2021ରିଖ**

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ପୋଲ),ଦକ୍ଷିଣ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନରେ ପୋଲ ନଂ.63DN ଏବଂ 66UP ତଥା ଭଦ୍ରକ-ପଲାସା ସେକ୍ସନରେ ପୋଲ ନଂ.950DN ଏବଂ 951DN ରେ ସାଇଡ୍ ପାଥ୍‌ୱେ (Pathway) ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 132.04 ଲକ୍ଷ ।**

**(3) ଟେଣ୍ଡର ସଂ.e-Tender-Bridge-KUR-231-2021,ତା.15.12.2021ରିଖ**

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ପୋଲ)/କଟକ-I ପରିସୀମା ଅଧୀନସ୍ଥ ଜଖପୁରା-ଜେନାପୁର ସେକ୍ସନ ମଧ୍ୟରେ ପୋଲ ନଂ.449 DN ର ଯାଞ୍ଚ ସିଡ଼ି, ଟପ୍ ରେଲିଙ୍ଗ୍ (Top railing)ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 100.81 ଲକ୍ଷ ।**

**(4) ଟେଣ୍ଡର ସଂ.e-Tender-Bridge-KUR-232-2021,ତା.15.12.2021ରିଖ**

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍ ଠାରୁ ରାଜଆଠଗଡ଼ ସେକ୍ସନ ମଧ୍ୟରେ ବିଭିନ୍ନ ଗର୍ଡ଼ର ପୋଲଗୁଡ଼ିକରେ ସାଇଡ୍ ପାଥ୍‌ୱେ (Pathway) ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 271.45 ଲକ୍ଷ ।**

ଶେଷ ହେବା ଅବଧି : 12(ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.01.2022 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।**

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍)/ ଖୋର୍ଦ୍ଧା ରୋଡ୍

PR-649/M/21-22

## ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର – ୭୬୪୦୫୯

ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)

**DISTRICT PROJECT OFFICE, SAMAGRA SHIKSHA, NABARANGPUR - 764059**
**ODISHA SCHOOL EDUCATION PROGRAMME AUTHORITY (OSEPA)**
Phone: (06858) 222568 (Off), E-mail: dpcnawrangssa.opepa@nic.in

No. 3403/Vehicle **TENDER CALL NOTICE** Dated: 18.12.2021

Sealed tenders are invited from interested reputed Travel Agencies/Tour Operators or Private Individuals for providing 02 (Two) Nos. of Non-AC/Ac Diesel/Petrol driven vehicles (with/without driver) of the following type to be engaged in the District Project Office, Samagra Shiksha, Nabaragnpur on monthly rent basis for a period of one year. The envelope must be superscribed as **Tender for Hiring of Vehicles for District Project Office, Samagra Shiksha, Nabarangpur**. Vehicle type one Mahindra Bolero (Neo)/Mahindra TUV 300 (Diesel) and one Maruti Swift Dzire (Diesel/Petrol).
The detailed information for hiring of vehicle on monthly basis has been given in the Tender document which can be downloaded from the website **www.osepa.odisha.gov.in** or **www.nabarangpur.nic.in**. The last date and time for submission of tender document is 20.01.2022 by 3.00 P.M. The application may be sent through Speed Post/Registered Post as in the above address. The undersigned reserves the right to cancel any or all the proposals without assigning any reason thereof.
Corrigendum, if required will be uploaded in the above websites.

**Sd./- Collector-cum-Chairperson, Samagra Shiksha, Nabarangpur**

No. B-836

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**

File No-B-IV-H-(H&D)-26/2020 Lr. No.- 48575 Dt.18th Dec. 2021

**Invitation for Bids**

**Bid Identification No. C.E. (B) – 31 / 2021-22**

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for the work “Construction of Library-cum-Canteen of VIMSAR at Burla for the year 2021-22” amounting to Rs.13,75,00,000/- (Approximate) as detailed below. | | |
| 2. | Nature of Work | :- | **Building Work** |
| 3. | No. of work | :- | **01 No.** |
| 4. | Bid Cost | :- | **₹ 10,000/-** |
| 5. | Class of Contractor | :- | **Special / Super Class** |
| 6. | Availability of Bid Documents in the website | :- | **From dt. 28.12.2021 to 17.00 hours of dt.17.01.2022** |
| 7. | Date of opening of Bid | :- | **Dt. 18.01.2022 at 11:30 AM.** |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/ corrigendum/cancellation of tender can also be seen in the said website only. | | |

**Sd./- Chief Engineer (Buildings), Odisha, Bhubaneswar**
OIPR-34117/11/0090/2122

GOVERNMENT OF ODISHA No. O-1409

## OFFICE OF THE SUPERINTENDING ENGINEER KALAHANDI RWS&S DIVISION, BHAWANIPATNA

e-mail: eerwsskld@gmail.com, eerwss_kld@nic.in, Phone No. 06670-230784

**INVITATION OF BID THROUGH e-TENDERING**

**Bid Identification No. 96/EE/RWSS/2021-22/Bpt Dated: 17.12.2021**

01. Name of the Work : As per ANNEXURE - A

| Procurement Officer | Bid Identification No. | Availability of Tender online for Bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 96/SE/RWSS/2021-22/ Bpt Dated: 17.12.2021 | 23.12.2021 10.00 A.M. | 06.01.2022 05.30 P.M. | 07.01.2022 10.00 A.M. Onwards |

**Cost of tender paper to be made online payment system.**
**Further details can be seen from the e-procurement portal http://tenderodisha.gov.in.**
**The original documents should be scanned and uploaded.**

OIPR-25005/11/0029/2122 **Sd./- Superintending Engineer, Kalahandi RWS&S Division, Bhawanipatna**

No. O-1408

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RWS&S DIVISION, RAYAGADA

E-mail- eerwssrgd@gmail.com, Phone- 8280408061

**NATIONAL COMPETITIVE BIDDING THROUGH E-Procurement**
**Tender Identification No. 09/RWSS/RGD/2021-22**

**1) Name of Works:-** Supplying & Laying of rising main and distribution system pipeline of UPVC/DI/GI, construction of Compound wall RCC OGR/ ESR, SV/NRV Chamber, Air Valve Pillar stand post etc for different PWS projects & Spring Based Water Supply Projects in Rayagada District.
**2) Total Noumber of Works:-** 2 Nos. (Detailed list available in the website). **3) Estimated Cost:-** From Rs.12.37 Lakhs to 20.71 Lakhs. **4) Class of Contractor:-** D, C & B. **5) Period of completion:-** 11 months respectively.

| Procurement Officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Water Supply & Sanitation Division, Rayagada | Online Tender/09/RWSS/RGD/2021-22 | 23.12.2021 at 12.00 Hours | 01.01.2022 upto 17.00 Hours |

NB:- Further details can be seen from the website **www.tendersodisha.gov.in**

OIPR-25007/11/0014/2122 **Sd./- Superintending Engineer, RWS&S Division, Rayagada**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI

E-mail-ruralworksdivisioniimalkangiri@yahoo.in

**INVITATION FOR BIDS | NATIONAL COMPETITIVE BIDDING**
**Bid Identification No.: RWDEE_MKG_II_ONLINE_10/2021-22**

**No. O-1405:-** The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of “e” Procurement system in online mode for the works detailed in the table below on turnkey basis.

1. Name of the work : Road Works
2. No. of Works : **01 No.**
3. Estimated Cost : Rs. 23.36 lakhs
4. Tender Paper Cost : Rs.6,000/-
5. Class of Contractor :

| Estimated cost up to ₹20.00 lakhs | Estimated cost more than ₹20.00 lakhs & within ₹40.00 lakhs | Estimated cost more than ₹40.00 lakhs & within ₹300.00 lakhs |
|---|---|---|
| ‘D’ & ‘C’ | ‘C’ | ‘B’ & ‘A’ |

6. Period of Completion : 03 (Three) calendar months
7. **Critical Dates** :

| Procurement Officer | Bid Identification No. | Availability of Tender Online for Bidding | | Last Date of seeking Tender Clarification | Date of opening of Technical Bid |
|---|---|---|---|---|---|
| | | From | To | | |
| **Superintending Engineer, Rural Works Division-II, Malkangiri** | **RWDEE_MKG_II_ONLINE_10 of 2021-22** | **22.12.2021 at 11.00AM** | **28.12.2021 up to 05.30PM** | **27.12.2021** | **29.12.2021 at 11.00AM** |

❖ Further details can be seen in the bidding documents, which is available in the e-procurement portal **https://www.tendersorissa.gov.in**. ❖ Subsequent corrigendum if required shall be appeared in the website. ❖ Authority reserves the right to reject any or all tenders without assigning any reason thereof.

**OIPR-25079/11/0006/2122** **Sd./- Superintending Engineer, Rural Works Division-II, Malkangiri**

## NAC OFFICE, CHAMPUA

Ph.No.06767-240050, E Mail- champuanac@gmail.com

**“e” PROCUREMENT NOTICE**

**No.3021 Date: 18.12.2021**

**BID IDENTIFICATION NO. EO CHAMPUANAC NO.36/2021-22**

No. C-1635:- Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.

1. Nature of the work : Civil
2. No. of works : 03 Nos.
3. Estimated cost : As per DTCN
4. Period of completion : As per DTCN
5. Date & time of availability of the bid documents in the portal : 20.12.21 at 11.00 A.M. to 24.12.21 upto 5.00 P.M.
6. Last date / time for receipt of bids in the portal : 24.12.21 upto 5.00 P.M.
7. Last date and time of submission of hard copies of the documents original by Speed Post / Registered Post : 29.12.21 utp 5.00 P.M.
8. Bids received online shall be opened on : 30.12.21 at 11.00 A.M.
9. Name & address of the officer inviting bid : Executive Officer, Champua NAC

Further details can be seen from the procurement portal: www.tendersodisha.gov.in

**Sd./- Executive Officer, N.A.C., Champua**
OIPR-13157/11/0011/2122

## ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା

**ଇସ୍ତାହାର**

ସଂଖ୍ୟା ୬୦୩୩ / ତାରିଖ ୧୮.୧୨.୨୦୨୧

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା.୩୧.୦୮.୧୯୯୮ ରିଖ ପରିଶିଷ୍ଟ - VI ନିୟମ -2 (C) ଅନୁସାରେ ଉପଯୁକ୍ତ କ୍ଷମତା ପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ ପ୍ଲଟ ଗୁଡ଼ିକ ରୂପାନ୍ତରିକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟ୍ ଗୁଡ଼ିକୁ ରୟତି କମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି । ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ୍ ପ୍ଲଟ୍‌ର ବିବରଣୀ ନିମ୍ନରେ ପ୍ରଦତ୍ତ ପୂର୍ବକ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl. No. | Conversion Case No | Name of the applicant | Khata No. | Mouza | Revenue Plot No | House No. / Lay out Plot No | Area (in Ac.) | Location of Housing Project |
|---|---|---|---|---|---|---|---|---|
| 1. | 29/2021 | ବିଜୟ କୁମାର ପରିଡ଼ା | 109 | R.T.U. No- 41 | 240 /891/p | MM - 12 | 0.085 | ସିଭିଲ ଟାଉନସିପ୍ |

ସ୍ୱା/ - ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ- ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। -ଶ୍ରୀମା



# ରାଜନୀତି ପଶାପାଲିରେ ପାଇକ ବିଦ୍ରୋହ



ଡ. ପ୍ରଫୁଲ୍ଲ କୁମାର ସାହୁ

ଓଡ଼ିଆ ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ ପାଇକ ବିଦ୍ରୋହ। ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସର ଏକ ଗୌରବମୟ ଅଧ୍ୟାୟ। ଏହି ସୁସଂଗଠିତ ଓ ସୁଦୂରପ୍ରସାରୀ ବିଦ୍ରୋହର ଅଗ୍ନିବର୍ଷୀ ପ୍ରେରଣା ଯୋଗୁ ତ୍ୱରାନ୍ୱିତ ହୋଇଥିଲା ମୁକ୍ତି ସଂଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟ। ତେଣୁ ଜାତୀୟ ସ୍ତରରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସିଛି ଓଡ଼ିଶା। ମାତ୍ର ବିଡ଼ମ୍ବନାର ବିଷୟ ଓଡ଼ିଶାର ଏ ଦାବିକୁ ଏବେ ମାନିବାକୁ ପ୍ରସ୍ତୁତ ନୁହନ୍ତି କେନ୍ଦ୍ର ସରକାର।

ରାଜ୍ୟ ସଭାରେ ସାଂସଦ ପ୍ରଶାନ୍ତ ନନ୍ଦଙ୍କ ଏକ ପ୍ରଶ୍ନର ଉତ୍ତର ରଖି (୨।୧୨।୨୦୨୧) ପାଇକ ବିଦ୍ରୋହକୁ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦିଆଯାଇପାରିବନି ବୋଲି ସ୍ପଷ୍ଟ ଭାଷାରେ କହିଛନ୍ତି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀ। ମନ୍ତ୍ରୀଙ୍କର ଏହି ଦୁର୍ଭାଗ୍ୟଜନକ ମନ୍ତବ୍ୟ ଓଡ଼ିଆଙ୍କ ଭାବାବେଗ ଉପରେ ଆଣିଛି ଶକ୍ତ ଆଘାତ ; ଯାହାକୁ ନେଇ ଏବେ ଜୋର ଧରିଛି ରାଜନୀତି। ମନ୍ତ୍ରୀଙ୍କ ବକ୍ତବ୍ୟ ଅନୁସାରେ ରାଜନୈତିକ ଦୃଷ୍ଟିକୋଣରୁ ନୁହେଁ, ସରକାର ଏ ନିଷ୍ପତ୍ତି ନେଇଛନ୍ତି ଭାରତୀୟ ଇତିହାସ ଗବେଷଣା ପରିଷଦର ତଥ୍ୟ ଆଧାରରେ। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠୁଛି ଗବେଷଣା ପରିଷଦ ତଥ୍ୟ ଆଳରେ ସରକାର ଯେଉଁ ନିଷ୍ପତ୍ତି ନେଲେ, ତା' ବାସ୍ତବ ଆଧାରିତ ନା ସ୍ୱାର୍ଥ ପ୍ରଣୋଦିତ!

ସାଧାରଣତଃ ଅତୀତର ଅନ୍ଧକାର ମଧ୍ୟରୁ ମନୁଷ୍ୟର କୃତିତ୍ୱ, ମହତ୍ତ୍ୱ, ସଫଳତା ଓ ଦୁର୍ବଳତାକୁ ଆବିଷ୍କାର କରିବା ଇତିହାସର ଲକ୍ଷ୍ୟ। ସେଥିପାଇଁ କୁହାଯାଏ ଇତିହାସ ହେଉଛି ସତ୍ୟର ଭଣ୍ଡାର। ମାତ୍ର ସତ୍ୟ ପ୍ରତି ଯେଉଁଠି ନିଷ୍ଠାର ଅଭାବ, ସେଠାରେ ତଥ୍ୟ ଓ ବାସ୍ତବତା ମଧ୍ୟରେ ସୃଷ୍ଟି ହୁଏ ଦୂରତ୍ୱ। ଅର୍ଥାତ୍ ଅତୀତକୁ ଗଢ଼ିବା ବେଳେ ଇତିହାସର ଭାଷ୍ୟକାର ଯଦି ପକ୍ଷପାତିତାର ବଶବର୍ତ୍ତୀ ହୁଏ, ତେବେ ଉଦ୍‌ଘାଟିତ ହୋଇପାରେନି ଅନେକ ମୌଳିକ ସତ୍ୟ। ଏହି ଦୃଷ୍ଟିରୁ ବିଚାର କଲେ ଭାରତର ଇତିହାସ ଲେଖାଯାଇଛି ଇଂରେଜମାନଙ୍କ ଦଲିଲ, ଦସ୍ତାବିଜ ଓ ଦର୍ଜମାରୁ ମିଳିଥିବା ତଥ୍ୟ ଆଧାରରେ। ଅର୍ଥାତ୍ ଯେଉଁମାନଙ୍କ ବିରୋଧରେ ଆମର ସଂଘର୍ଷ, ସେମାନେ ନିର୍ମାଣ କରିଥିବା ତଥ୍ୟ ଆଧାରରେ ଯଦି ନିଷ୍କର୍ଷ ଖୋଜାଯାଏ, ତେବେ ସତ୍ୟତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହି ଦୃଷ୍ଟିକୋଣରୁ ଏକ ନିରପେକ୍ଷ ମୂଲ୍ୟାୟନ ପୂର୍ବକ ସରକାର ଏହାର ପୁନର୍ବିଚାର କରିବା ଉଚିତ।

ପାଇକ ବିଦ୍ରୋହର ଗୌରବମୟ ଅତୀତକୁ ସ୍ମରଣ କରିବା ମାତ୍ରେ ଆଖି ଆଗକୁ ଆସିଯାଏ ରକ୍ତତୀର୍ଥ ଖୋର୍ଦ୍ଧା। ଐତିହ୍ୟ, ସଂସ୍କୃତି, ତ୍ୟାଗ ବଳିଦାନର ମାଟି। ୧୮୫୭ ସିପାହି ବିଦ୍ରୋହର ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଏହି ଲାଲ ମାଟିର ବୀର ପାଇକମାନେ ବଜାଇ ସାରିଥିଲେ ବ୍ରିଟିଶ ବିରୋଧୀ ବିଦ୍ରୋହର ବିଗୁଲ। ବାସ୍ତବ ଅର୍ଥରେ ଏହା କେବଳ ଏକ ବିଦ୍ରୋହ ନ ଥିଲା, ବରଂ ଥିଲା ସ୍ୱାଧୀନତା ଚାହୁଁଥିବା ଗୋଟେ ବୀର ଜାତିର ମୁକ୍ତି ସଂଗ୍ରାମ। ସେ ସଂଗ୍ରାମର ପ୍ରଥମ ସ୍ଫୁଲିଙ୍ଗ ଥିଲେ ଜୟୀ ରାଜଗୁରୁ। ତତ୍କାଳୀନ ଖୋର୍ଦ୍ଧା ରାଜାଙ୍କ ବେବର୍ତ୍ତା। ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗର ସୁରକ୍ଷା ପାଇଁ ତାଙ୍କ ନେତୃତ୍ୱରେ ପାଇକମାନେ ଲଢ଼ିଥିଲେ ଦୁର୍ବାର ଲଢ଼େଇ। ରାଜଗୁରୁଙ୍କ ସାଂଗଠନିକ ଶକ୍ତି ଓ ପାଇକମାନଙ୍କ ଗେରିଲା ଯୁଦ୍ଧ ଇଂରେଜଙ୍କ ଆଖିରୁ ହଜେଇ ଦେଇଥିଲା ନିଦ। ମାତ୍ର ସମଗ୍ର ଭାରତକୁ କବ୍‌ଜା କରିସାରିଥିବା ଇଂରେଜମାନଙ୍କୁ ବେଶି ସମୟ ପର୍ଯ୍ୟନ୍ତ ଅଟକାଇ ପାରି ନ ଥିଲେ ଜୟୀ ରାଜଗୁରୁ। ସେମାନେ ଭେଦନୀତି ପ୍ରୟୋଗକରି ଖୋର୍ଦ୍ଧା ଦଖଲ କରି ନେଲେ (୧୮୦୩ ଡିସେମ୍ବର ୩) ମହାନ୍ ଯୋଦ୍ଧା ଓ ଦେଶଭକ୍ତ ଜୟୀ ରାଜଗୁରୁଙ୍କୁ ବନ୍ଦୀ କରିନେଇ ଫାଶୀ ଦଣ୍ଡରେ ଦଣ୍ଡିତ କଲେ ରାଜଦ୍ରୋହ ଅପରାଧରେ। ମେଦିନାପୁର ଜେଲ ସଂଲଗ୍ନ ବାଘିତୋଟାର ବରଡାଳରେ ବାନ୍ଧି(୧୮୦୬ ଡିସେମ୍ବର ୬ ତାରିଖ ସକାଳେ)ତାଙ୍କୁ ଏଭଳି ବର୍ବରୋଚିତ ଭାବରେ ହତ୍ୟା କରାଗଲା ଯେ ଦୁଇ ଫାଳ ହୋଇ ଚିରି ହୋଇଗଲା ତାଙ୍କ ଶରୀର। ମାନବିକତାର ଇତିହାସରେ ଯୋଡ଼ି ହୋଇଗଲା ଆଉ ଏକ କଳଙ୍କିତ ଅଧ୍ୟାୟ। ମାତ୍ର ବ୍ୟର୍ଥ ଗଲାନି ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ବଳିଦାନ। ତାଙ୍କ ଦେଶପ୍ରେମ ଓ ଆତ୍ମତ୍ୟାଗରୁ ପ୍ରେରଣା ନେଇ ଦାନା ବାନ୍ଧିଲା ଆଉ ଏକ ଭୟଙ୍କର ସଶସ୍ତ୍ର ବିଦ୍ରୋହ। ସେ ବିଦ୍ରୋହର ନେତୃତ୍ୱ ନେବାକୁ ଆଗେଇ ଆସିଲେ ରୋଡଙ୍ଗ ରାଜବଂଶର ଦାୟାଦ ତଥା ଓଡ଼ିଆ ଶୌର୍ଯ୍ୟର ପ୍ରତୀକ ବକ୍ସି ଜଗବନ୍ଧୁ।( ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ)।

ଖୋର୍ଦ୍ଧା ଇଂରେଜମାନଙ୍କ ଅଧିକାରଭୁକ୍ତ ହେଲାପରେ ଲୁଣର ଏକଚାଟିଆ ଅଧିକାର ରହିଲା ସେମାନଙ୍କ ହାତରେ। ସ୍ଥାନୀୟ ଲୁଣ ଶିଳ୍ପକୁ ଧ୍ୱଂସ କରିବା ଲକ୍ଷ୍ୟରେ ନିଷିଦ୍ଧ ହେଲା ଘରୋଇ ଲୁଣ ଉତ୍ପାଦନ। ଏହାଦ୍ୱାରା ଜୀବିକା ହରେଇ ବସିଲେ ବହୁ ସଂଖ୍ୟକ ମଳାଙ୍ଗୀ, ଶଗଡ଼ିଆ ଓ ଲୁଣ ବ୍ୟବସାୟୀ। ସେମାନଙ୍କ ଭିତରେ କୁହୁଳିଲା ଅସନ୍ତୋଷର ନିଆଁ। ସେଥିରେ ଘିଅ ଢାଳିଲା (୧୮୧୧) କଉଡ଼ିର ବିମୁଦ୍ରୀକରଣ ଓ ରୁପା ଟଙ୍କାର ପ୍ରଚଳନ। ସରକାର ଧାର୍ଯ୍ୟ କରିଥିଲେ ଟଙ୍କାକୁ ଚାରି କାହାଣ କଉଡ଼ି। ମାତ୍ର ଛଅ କାହାଣ କଉଡ଼ି ବଦଳରେ ବି ମିଳିଲାନି ଟଙ୍କା। ଫଳରେ କିଣାବିକାରେ ଅଚଳାବସ୍ଥା ସୃଷ୍ଟି ହେଲା । ଖଜଣା ପୈଠ ନ ହୋଇ ପାରିବାରୁ ନିଲାମ ହେଲା ଜମିଦାରି। ଦଶ ବର୍ଷ ମଧ୍ୟରେ (୧୮୦୬ରୁ ୧୮୧୬) କେବଳ ତିନୋଟି ଜିଲା(କଟକ, ପୁରୀ ଓ ବାଲେଶ୍ୱର)ରୁ ନିଲାମ ହେଲା ୧୦୧୧ଟି ଜମିଦାରି। ସେଥିରୁ ୩୫୦ଟି ଜମିଦାରି ଯାଇଥିଲା ବଙ୍ଗୀୟ ହାକିମ ଓ ଦଲାଲଙ୍କ ପାଖକୁ।

ଏଭଳି ଦୁର୍ଦ୍ଦିନ ବେଳେ ପାଇକମାନଙ୍କୁ ଦୁର୍ବଳ କରିଦେବା ଲକ୍ଷ୍ୟରେ ଉଚ୍ଛେଦ ହେଲା ସେମାନଙ୍କ ଜାଗିର। ଲୋପ କରିଦିଆଗଲା ଦଳେଇ ଓ ଦଳବେହେରା ଆଦି ପଦବୀ। ଛଡ଼ାଇ ନିଆଗଲା ଦେୱାନମାନେ ପୁରୁଷାନୁକ୍ରମେ ଭୋଗ କରୁଥିବା ଦେୱାନବାଡ଼। ଜାଗିର ହରେଇ ବସିଲେ ପ୍ରାୟ କୋଡ଼ିଏ ହଜାର ପାଇକ। ସେମାନଙ୍କୁ ଏକାଠି କରି ବିଦ୍ରୋହ ଘୋଷଣା କଲେ ଜମିଦାରି ହରାଇ ପ୍ରତିଶୋଧ ଅପେକ୍ଷାରେ ଥିବା ବକ୍ସି ଜଗବନ୍ଧୁ। ବିଦ୍ରୋହରେ ସାମିଲ ହେଲେ ଅରଡଙ୍ଗର ଦଳବେହେରା କୃତିବାସ ପାଟ୍ଟଶାଣୀ, ତାପଙ୍ଗ ଦଳବେହେରା ସାମନ୍ତ ମାଧବ ଚନ୍ଦ୍ର ରାଉତରାଏ, ମୁକ୍ତି ସଂଗ୍ରାମର ମହାରଥୀ ପିଣ୍ଡିକ ବାହୁବଳେନ୍ଦ୍ର ପ୍ରମୁଖ ଅନେକ ପାଇକ ନେତା। କ୍ଷୁବ୍ଧ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ ନେଇ ସଶସ୍ତ୍ର ସଂଗ୍ରାମ ଜାରିରହିଲା ୧୮୧୭ରୁ ୧୮୨୫ ପର୍ଯ୍ୟନ୍ତ। ଆଧୁନିକ ଅସ୍ତ୍ରଶସ୍ତ୍ର ସହାୟତାରେ ଇଂରେଜମାନେ ଏହି ବିଦ୍ରୋହକୁ ଦମନ କରିବାରେ ସଫଳ ହେଲେ ସତ, କିନ୍ତୁ ଏ ଗଣ ବିଦ୍ରୋହର ତୀବ୍ରତା ଏତେ ଭୟଙ୍କର ଥିଲା ଯେ ସେଥିରେ ଦୋହଲି ଯାଇଥିଲା ଇଂରେଜ ରାଜଶକ୍ତି। ବ୍ରିଟିଶ ଐତିହାସିକ ଟାୟନବି ସାହେବଙ୍କ ମତରେ – "୧୮୧୭ ସଂଗ୍ରାମ ଥିଲା ଏକ ପ୍ରଚଣ୍ଡ ଝଡ଼। ଯା'ର ବିପ୍ରାତ ସମଗ୍ର ଦେଶରୁ ନ ହେଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ବ୍ରିଟିଶ ଶାସନର ଅବସାନ ଥିଲା ଅବଶ୍ୟମ୍ଭାବୀ।" ଅଥଚ ବିଡ଼ମ୍ବନାର ବିଷୟ ଆଜି ଭାରତୀୟ ଇତିହାସ ଗବେଷଣା ପରିଷଦ ଉପସ୍ଥାପନାରେ ପାଇକ ବିଦ୍ରୋହକୁ ମିଳୁନି ସ୍ୱାଧୀନତା ସଂଗ୍ରାମର ସ୍ୱୀକୃତି। ଯେଉଁମାନେ ଇତିହାସର ଏ ପକ୍ଷପାତିତାକୁ ସମର୍ଥନ କରି ପାଇକ ବିଦ୍ରୋହକୁ ଜାତୀୟ ଭାବାବେଗର ଦ୍ୟୋତନା ନୁହେଁ ବୋଲି କହୁଛନ୍ତି, ସେମାନେ ଜାଣି ରଖିବା ଉଚିତ ଯେ ପ୍ରବଳ ଜନ ଅସନ୍ତୋଷରୁ ଜନ୍ମ ନେଇଥିବା ପାଇକ ବିଦ୍ରୋହର ଲକ୍ଷ୍ୟ ଥିଲା ଓଡ଼ିଆ ସାମ୍ରାଜ୍ୟର ସାର୍ବଭୌମତ୍ୱ ସୁରକ୍ଷା। ସେଥିପାଇଁ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଏକାଠି ହୋଇ ଇଂରେଜ ବିରୋଧରେ ଲଢ଼େଇ କରୁଥିଲେ ଓଡ଼ିଶାର ଶହଶହ ଜମିଦାର, ଦୁର୍ଗପତି, ଦଳେଇ ଓ ଦଳବେହେରା। ସାମିଲ ହୋଇଥିଲେ ଚାଷୀ, ମୂଲିଆ, ଆଦିବାସୀ ଓ ସବୁ ବର୍ଗର ଲୋକ। ଏ ବିଦ୍ରୋହ କେବଳ ଖୋର୍ଦ୍ଧା ଭିତରେ ସୀମିତ ନ ଥିଲା, ବରଂ ବ୍ୟାପି ଯାଇଥିଲା ବାଣପୁର, ପିପିଲି, ପୁରୀ, କୁଜଙ୍ଗ, ପଟ୍ଟାମୁଣ୍ଡାଇ ଓ ଘୁମୁସର ପର୍ଯ୍ୟନ୍ତ। କଟକର ତତ୍କାଳୀନ କଲେକ୍ଟର ଉଇଲିୟମ ଟ୍ରାୱର ବୋର୍ଡ ଅଫ ରେଭିନ୍ୟୁକୁ ପଠାଇ ଥିବା ଏକ ଚିଠି ଅନୁଯାୟୀ ଏ ସଂଗ୍ରାମରେ ସାମିଲ ହୋଇଥିଲେ ଘୁମୁସରଠାରୁ ମୟୂରଭଞ୍ଜ ଯାଏ ବହୁ ଅଞ୍ଚଳର ରାଜା। ଏଥିରେ ସକ୍ରିୟ ଭାବରେ ଲଢ଼େଇ କରି ଫାଶୀ ଖୁଣ୍ଟରେ ଚଢ଼ିଲେ ସଚ୍ଚିଦାନନ୍ଦ ପଟ୍ଟନାୟକ, ଗୋପାଳ ଛୋଟରାୟ, ରାମ ସିଂହ ଓ ନାଥ ପ୍ରଧାନ ପ୍ରମୁଖ ଅନେକ ମୁକ୍ତି ଯୋଦ୍ଧା। ପିଣ୍ଡିକ ବାହୁବଳେନ୍ଦ୍ରଙ୍କୁ ହତ୍ୟାକଲେ ପଛପଟୁ ଗୁଳିକରି। ପଚିଶ ଜଣ ବିଦ୍ରୋହୀ ପାଇକ ନେତାଙ୍କୁ ଖୋର୍ଦ୍ଧା ରାଜ୍ୟରୁ ବହିଷ୍କାର କରିବା ସହିତ ୧୪୦ ଜଣଙ୍କୁ ପଠାଇ ଦିଆଗଲା କଳାପାଣି। ଏହି ଦେଶଭକ୍ତମାନଙ୍କ ବୀରତ୍ୱ ଓ ବଳିଦାନ ହିଁ ପ୍ରମାଣ କରେ ପାଇକ ଥିଲା ମୌଳିକ ଭାବରେ ସ୍ୱାଧୀନତା ସଂଗ୍ରାମ।

ଲିଖିତ ଇତିହାସର ଆଢୁଆଳରେ ଥିବା ସତ୍ୟ ସହିତ ଯୋଡ଼ି ହୋଇ ରହିଥାଏ ଦେଶ ଓ ଜାତିର ଭାବଗତ ସମ୍ପର୍କ। ସେଥିପାଇଁ ପାଇକମାନଙ୍କ ପ୍ରତିସ୍ପର୍ଦ୍ଧୀ ବୀରତ୍ୱ ଓ ରକ୍ତାକ୍ତ ସଂଘର୍ଷର ଗୌରବମୟ କାହାଣୀକୁ ନେଇ ଗର୍ବ ଅନୁଭବ କରୁଛି ଓଡ଼ିଆ ଜାତି। କେବଳ ଓଡ଼ିଶା ନୁହେଁ, ପାଇକ ବିଦ୍ରୋହର ଅଗ୍ନିବର୍ଷୀ ପ୍ରେରଣାରେ ଉଦ୍‌ବୋଧିତ ହୋଇଛି ସମଗ୍ର ଦେଶ। ଏହାକୁ ଉଜ୍ଜୀବିତ କରି ରଖିବା ପାଇଁ ଖୋର୍ଦ୍ଧାର ବରୁଣେଇ ପାହାଡ଼ ତଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ପାଇକ ବିଦ୍ରୋହର ସ୍ମାରକୀ ଭିତ୍ତି ପ୍ରସ୍ତର ସ୍ଥାପନ ହେବା ସହିତ(୨୦୧୯ ଡିସେମ୍ବର ୮ ତାରିଖ) ଉନ୍ମୋଚିତ ହୋଇଛି ପାଇକ ବିଦ୍ରୋହର ସ୍ମାରକୀ ଡାକ ଟିକଟ ଓ ମୁଦ୍ରା। ଜାତୀୟ ଶିକ୍ଷା ଗବେଷଣା ତାଲିମ ପରିଷଦ ମଧ୍ୟ ପାଇକ ବିଦ୍ରୋହର ମହାନତାକୁ ମାନ୍ୟତା ଦେଇ ତାକୁ ସଂଲଗ୍ନ କରିଛି ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମରେ।

ଏହି ପରିପ୍ରେକ୍ଷୀରେ ବେଶ୍ ପ୍ରାସଙ୍ଗିକ ମନେହୁଏ ପାଇକ ବିଦ୍ରୋହର ଦ୍ୱିଶତକ ପୂର୍ତ୍ତି ଅବସରରେ ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଉତ୍ସବରେ(୨୦୧୭ ଜୁଲାଇ ୨୦)ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବୁଦ୍ଧିଦୀପ୍ତ ବକ୍ତବ୍ୟ। ପାଇକ ବିଦ୍ରୋହର ସମୃଦ୍ଧ ଇତିହାସକୁ ସ୍ୱୀକାର କରି ସେ କହିଥିଲେ 'ଔପନିବେଶ କାଳର ଇତିହାସ ଏ ଯାବତ୍ ଇଂରେଜମାନଙ୍କ ଦଲିଲ, ଦସ୍ତାବିଜ, ବ୍ୟାଖ୍ୟାନ ଓ ଟିପଣୀ ମଧ୍ୟରେ ସୀମିତ। ମାତ୍ର ଶିଳାଲେଖ, ସନନ୍ଦ, ଦଲିଲ ବା ଦସ୍ତାବିଜ ବ୍ୟତୀତ ଲୋକକଥା, କିମ୍ବଦନ୍ତୀ, ଲୋକ ଚଳଣି ଓ ଲୋକ ବ୍ୟବହାର ଭିତରେ ବି ଲୁଚି ରହିଛି ଐତିହାସିକ ପ୍ରମାଣ।' ଏହି ଦୃଷ୍ଟିରୁ ପାଇକ ବିଦ୍ରୋହକୁ ମୌଳିକ ଭାବରେ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ଲୋକକଥା, ଲୋକଗାଥା, ମାଦଳା ପାଞ୍ଜି ଓ ପାଇକ ଖେଦାରେ ଥିବା ଇତିହାସର ସୁପ୍ତ ପ୍ରାଣ ପ୍ରାଚୁର୍ଯ୍ୟ ଆଧାରରେ ତା'ର ପୁନର୍ବ୍ୟାଖ୍ୟାନ ଏକ ଜାତୀୟ ଆବଶ୍ୟକତା।

**ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,**
**ପଡିଆବେଡ଼ା,ମୟୂରଭଞ୍ଜ**
**ମୋ: ୬୩୭୧୬୪୨୪୬୪**

# ଚାଲ ପୁରୀକୁ ଖୋଜିବା



ପ୍ରସନ୍ନ କୁମାର ମିଶ୍ର

ଶ୍ରୀମନ୍ଦିରକୁ ଘେରି ରହିଥିଲା ଧର୍ମ, ସଂସ୍କୃତି ଓ ଶିକ୍ଷା ପ୍ରସାରଣର ଅନେକ ପବିତ୍ର ଅନୁଷ୍ଠାନ– ଶହ ଶହ ମଠ ଓ ମନ୍ଦିର। ପ୍ରତିଦିନ ପ୍ରତ୍ୟୁଷରୁ ବିବିଧ ଘଣ୍ଟଘଣ୍ଟା ଓ ଭଜନ କୀର୍ତ୍ତନର ଦିବ୍ୟ ଧ୍ୱନି ଭିତରେ ଆରମ୍ଭ ହେଉଥିଲା ଶ୍ରୀକ୍ଷେତ୍ରର ଜୀବନଯାତ୍ରା କାହିଁ କେତେ କାଳରୁ। ଆଜି ବଡ଼ଦେଉଳ ଚାରି ପାଖରେ ବୁଲି ଆସିଲେ ଆଉ ସେ ପୁରୁଣା ପୁରୀର ଚିହ୍ନସବୁ ଖୋଜିଲେ ମିଳିବ ନାହିଁ। ସାତଦିନିଆ ଝୁଲଣ ଯାତ୍ରାର ମଉଜ, ମନ୍ଦିର ଓ ମଠଗୁଡ଼ିକରେ ହେଉଥିବା ନାଚ ଗୀତ ଓ ସଙ୍ଗୀତର ଆସର, ବେକରେ ଟଙ୍କିଆ ନୋଟର ମାଳ ପକେଇଥିବା ଆଖଡ଼ାପିଲାର ଘାଇଁ ଘାଇଁ ବୁଲା ନାଚ, ଓଡ଼ିଶୀ, ଚମ୍ପୂ, ଛାନ୍ଦର ପ୍ରତିଯୋଗିତା, ଆଖିଝଲସା ଆଲୋକ ଓ ସୋଲ ଜରି–କାରିଗରିର ଚମତ୍କାର ସାଜ ଏବେ କେବଳ ସ୍ୱପ୍ନ। ସବୁ ମଠବାଡ଼ି ଭାଙ୍ଗିଦିଆଯାଇଛି। ଝୁଲଣ ମଉଜ କଥା ପଚାରେ କିଏ ? ଚନ୍ଦନ ଯାତରେ ବିଜେ ହୋଇ ଦିଅଁମାନେ ବାହାରିଲେ ସେମାନଙ୍କୁ ଚାରିଦିଗରୁ ଘେରି ଚନ୍ଦନ ଗୀତ ଗାଇ ଗାଇ ସିଂହଦ୍ୱାରଠାରୁ ବିରାଟ ଶୋଭାଯାତ୍ରାରେ ବାହାରୁଥିଲେ ପଲେ ଦେଉଳିଆ ଓ ସାହିଭାଇଙ୍କ ମେଳରେ ଖେଦେ କୀର୍ତ୍ତନିଆ ଆଉ ଝାଞ୍ଜ ଦଳ। ଜାଗାମେଳ ବାହାରିଲେ ଆଗରେ ବନାଟି ବୁଲେ। ପଛେ ପଛେ ଆସନ୍ତି ନାଗା, ବିବିଧ ମେଢ଼, ବାଘ, ଘୋଡ଼ା, ଠାକୁରାଣୀ, ବାଙ୍କଛଡ଼ି ଖେଳ ସହିତ ଆଖିଝଲସିଆ ପୋଷାକରେ ଭଳି ଭଳି ଭେଣ୍ଡିଆମାନଙ୍କର ଖଣ୍ଡା ଓ ବାଡ଼ିଖେଳ। ରଜାଘର ହାତୀ ଝୁଲି ଝୁଲି ଆସୁଥିଲା ବେଳେ ସାହି ଭାଇମାନେ ଚିକ୍କଣ ଚାକଣ ହୋଇ କାନ୍ଧରେ ପାକଲା ଗାମୁଛା ପକେଇ, ଅତର ଛିଞ୍ଚି ବେକରେ ମଲ୍ଲୀ କି ବଉଳ ମାଳ ଝୁଲେଇ ଚାଲୁଥିଲେ। ନରେନ୍ଦ୍ର ଚକଡ଼ାରେ ମେଞ୍ଚେ ଲେଖାଏ ବାସ୍ନା ତେଲ ଦେହରେ ମାଖି ପୁଳାଏ ଲେଖା ସୋଲବିଡ଼ା ସାଙ୍ଗରେ ପେଟ୍ରୋମାକ୍ସକୁ ମଝିରେ ଧରି ମହାପ୍ରଭୁଙ୍କ ଚାପ ଚାରିପଟେ ପାଣିକୁ ଭାଗ ଭାଗ କରି ପହଁରୁଥିଲେ ପାଣିଛେଦିଆ ମାଙ୍କଡ଼ ମାର୍ଗେ ସେମାନେ। ତୁଣ୍ଡରେ ଚନ୍ଦନ ଗୀତ... ଆଗୋ ସଖୀ ଦେଖ ଗୋ। ମେଳାରୁ ଫେରିଲେ ଅଧରାତିରେ ଜେଗାରେ ଭୋଜି। ଏବେ ସେ ସବୁ ନାହିଁ। ଚନ୍ଦନ ମଉଜ ବନ୍ଦ।

ଶ୍ରୀରାମ ଜନ୍ମଦିନଠାରୁ ୧୧ ଦିନ ପର୍ଯ୍ୟନ୍ତ ସହରଗୋଟାକୁ କମ୍ପାଇ/ଥରାଇ ଛାତି ଦୁଲୁକେଇ ଦେଉଥିବା ଆମ ସଂସ୍କୃତିର ପ୍ରତୀକ– ବିଶ୍ୱବିଖ୍ୟାତ ସାହିଯାତ ଏବେ ଆଉ ଜମୁନି। ସେ ଦିନରେ ଧୋବ ଫର ଫର ଧୋତି, ଫିନ୍ ଫିନ୍ ଗିଲକରା ପଞ୍ଜାବି, ହାତରେ ଦାମିକା ସୁନାମୁଦି, ବେକରେ ମଲ୍ଲିମାଳ ଓ ସୁନା ଚେନ୍ ପକେଇ ମଉଜୀମାନେ ଘରୁ ବାହାରୁଥିଲେ ସଞ୍ଜବେଳା। କେତେକେ ସାଇକେଲରେ ବାହାରି ପଡୁଥିଲେ ଚନ୍ଦନପୁର ଭାର୍ଗବୀ ନଈକୂଳ ପୋଲାଙ୍ଗ ତୋଟା ଜଙ୍ଗଲ ଭିତରକୁ। ଫେଣାଏ ଲେଖେଁ ପାକଲା ପାଟକପୁରା କଦଳୀ ଗାମୁଛାରେ ବାନ୍ଧି ଘରକୁ ଫେରିଲା ବେଳକୁ ରାତି ନଅଟା। ସେ ମଉଜ ନାହିଁ।

ପୁରିଆଙ୍କ ପରିଚୟ କାନ୍ଧରେ ପାକଲା ଗାମୁଛା ପାରା, ବଣି, ଶୁଆ, ନେଉଳ, ମାଙ୍କଡ଼ ସଉକ। ମେଣ୍ଢା ଓ ଗୋବରା ଚଢ଼େଇ ଲଢ଼େଇ ଏବେ ନାହିଁ। ରଥଯାତ୍ରାରେ ଗୁଣ୍ଡିଚା ଘର ପଛପାଖର ନଡ଼ିଆ ଲଢ଼େଇ ଏବେ ଆଉ ଜମୁନି। ସଉକିଆଙ୍କ ଦିନର ରୋଜଗାର ସେଇଆଡ଼େ। ରାତିଅଧରେ ଘରକୁ ଫେରିଲା ବେଳକୁ ପକେଟରେ ଅଧଲାଟାଏ ନ ଥିବ। ସେଥିରେ ପୁଣି ମନଫୁଲାଣିଆ ଗୀତ! ତୁଣ୍ଡରେ ଛାନ୍ଦ, ଚମ୍ପୂ, ଚଉତିଶା କି ଓଡ଼ିଶୀ। ହାତରେ ଥିବ ସିଂହଦ୍ୱାର ଛେନାବାଲାର ପତରଗୁଡ଼ିଆ ପାଣିଛେନା ପୁଡ଼ିଆଟାଏ। ଛେନା କିଣି ଚାଲି ଚାଲି ଘରେ ପହଞ୍ଚିଲା ବେଳକୁ ପାଣି ନିଗିଡ଼ି ଅଧା। ପୁରୀ ଛାଡ଼ିଲେ ଏ ସବୁ ମିଳିବ କାହିଁ?

ପୁରୀ ରାଜାଙ୍କ କଚେରି ଘର ସାମ୍ନା ରଥଖଳାରେ ସବୁଦିନ ଉପରବେଳା ହେଉଥିଲା ହାତୀ ମେଳନ। ଧାଡ଼ିରେ ଠିଆ ହେଉଥିଲେ ଜଗନ୍ନାଥଙ୍କ ୫ଟିଯାକ ହାତୀ। ସେ ବେଳାରେ ନିରାପଦ ଦୂରତ୍ୱରେ ରହି ମନଖୁସିରେ ହାତୀ ଝୁଲୁଥିବାର ଅପୂର୍ବ ଦୃଶ୍ୟ ଦେଖୁଥିଲେ ଶହ ଶହ ପର୍ଯ୍ୟଟକ ଓ ତୀର୍ଥ ଯାତ୍ରୀ। ସେ ହାତୀ ଆଉ ମାହୁନ୍ତ ମରିଗଲେଣି। କିଛିବର୍ଷ ତଳେ ରାଜା ଘର ହାତୀର ସ୍ମୃତି ସ୍ୱରୂପ ଶେଷ ମାହୁନ୍ତଟି ଶ୍ରୀମନ୍ଦିର ତରଫରୁ ପେନ୍‌ସନ ପାଉଥିଲା। ସେ ଏବେ ଅଛି ନାହିଁ କେଜାଣି ? ଶ୍ରୀମନ୍ଦିର ଇତିହାସରେ ସେ ହିଁ ଥିଲା ମହାପ୍ରଭୁଙ୍କ ଏକମାତ୍ର ମୁସଲମାନ ସେବକ।

ରଥଖଳା ପାଖରେ ଥିଲା ପାଠପଢ଼ା ପିଲା, ସେବାୟତ ଏବଂ ଗରିବ ପିଲାମାନଙ୍କର ଏକାନ୍ତ ନିଜର ବହି ଦୋକାନ। ପୁରୀବାସୀ ଭୁଲି ନାହାନ୍ତି ସେ ଦୋକାନ ଆଉ ଦୋକାନ ମାଲିକଙ୍କୁ ଆଜିଯାଏ। ସେ ଦୋକାନ ଭାଙ୍ଗି ଦିଆଗଲାଣି। ଏବେ ଶ୍ରୀମନ୍ଦିର ବାବାରେ ଆଲୁଅରେ ଝଟକୁଛି। ସେଦିନର ପୁରୀବାସ୍ନା କିନ୍ତୁ ଆଜି ନାହିଁ!

**୩୮, ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨**
**ମୋ: ୮୦୧୮୮୭୫୩୩୫**

## ଏଇ ଭାରତରେ

ବୟସର ଅପରାହ୍ନରେ ଥିବା ବହୁ ଜୀବନ ପାରିବାରିକ ଅବହେଳାରୁ ଛଟପଟ ହେଉଛନ୍ତି। ପାଳିପୋଷି ବଡ଼ କରିଥିବା ପିଲାମାନେ ପ୍ରତିପୋଷଣର ବୋଝ ବୋହିବା ଲାଗି ଅମଙ୍ଗ ହେବା ଯୋଗୁ ଅନେକ ବୟସ୍କ ମାତାପିତା ରାସ୍ତାରେ ଜୀବନ କାଟିବାକୁ ବାଧ୍ୟ ହେଉଛନ୍ତି। ଏଭଳି ପୀଡ଼ିତମାନେ ସାହାରା ଖୋଜୁଥିବା ବେଳେ ଉଡ୍ଡୁପି(କର୍ନାଟକ)ର ଡ. ରବୀନ୍ଦ୍ରନାଥ ଶାନ୍‌ଭୋଗେ ସେମାନଙ୍କ ପାଇଁ ଦେବଦୂତ ପାଲଟିଛନ୍ତି। ପୀଡ଼ିତମାନଙ୍କ ଯତ୍ନ ନେବା ସହ ସେମାନଙ୍କ ହକ୍ ପାଇଁ ଲଢ଼େଇ କରୁଛନ୍ତି। ଏବେ ସୁଦ୍ଧା ପାରିବାରିକ ଅବହେଳାରୁ ଘର ଛାଡ଼ିଥିବା ୧,୦୦୦ ବୟସ୍କଙ୍କୁ ଆଇନଗତ ଲଢ଼େଇରେ ସାହାଯ୍ୟ କରିସାରିଛନ୍ତି। ସେ ଉଡ୍ଡୁପିରେ ହ୍ୟୁମ୍ୟାନ ରାଇଟ୍ସ ପ୍ରୋଟେକ୍‌ଶନ ଫାଉଣ୍ଡେଶନ (ଏଚ୍‌ଆରପିଏଫ୍) ଗଠନ କରି ତା' ମଧ୍ୟରେ ଏହା ଜାରି ରଖିଛନ୍ତି। ଏ ବାବଦ ସବୁ ଖର୍ଚ୍ଚ ବ୍ୟକ୍ତି, ଅନୁଷ୍ଠାନ କିମ୍ବା ସରକାରଙ୍କ ଠାରୁ ଗ୍ରହଣ ନ କରି ସେ ନିଜେ ବହନ କରୁଛନ୍ତି। ଡ.ଶାନ୍‌ଭୋଗେ ଲିଗାଲ୍ ଆୱାର୍‌ନେସ୍ କ୍ୟାମ୍ପ ଓ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଭାରତରେ ଜରୁରିକାଳୀନ ପରିସ୍ଥିତିରେ ଗିରଫ ହୋଇ ଜେଲରେ ରହିବା ସମୟରେ ଶାନ୍‌ଭୋଗେଙ୍କ ଜୀବନ ଗତିପଥ ସେବାମନସ୍କ ହୋଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଡିସେମ୍ବର ୧୯୯୬

- ଇଟାଲୀୟ ଚିତ୍ର ତାରକା ମାର୍ସେଲୋ ମାଷ୍ଟ୍ରୋଇଆନିଙ୍କ ୭୨ ବର୍ଷ ବୟସରେ ପରଲୋକ।
- ପୂର୍ବ ଶ୍ରୀଲଙ୍କାର ୱେଲିଓଠାରେ ଶ୍ରୀଲଙ୍କାନ୍ ସୈନ୍ୟ ପାଟ୍ରୋଲିଂ କରୁଥିବା ବେଳେ ଏଲ୍‌ଟିଟିଇ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୧୨ ସୈନ୍ୟ ନିହତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 9 | 2 | 4 | 1 | 5 | 7 | 8 | 3 |
| 8 | 1 | 5 | 3 | 6 | 7 | 9 | 4 | 2 |
| 4 | 7 | 3 | 9 | 2 | 8 | 1 | 6 | 5 |
| 1 | 8 | 6 | 2 | 3 | 4 | 5 | 9 | 7 |
| 3 | 2 | 4 | 7 | 5 | 9 | 8 | 1 | 6 |
| 7 | 5 | 9 | 6 | 8 | 1 | 2 | 3 | 4 |
| 9 | 6 | 1 | 5 | 4 | 2 | 3 | 7 | 8 |
| 2 | 4 | 8 | 1 | 7 | 3 | 6 | 5 | 9 |
| 5 | 3 | 7 | 8 | 9 | 6 | 4 | 2 | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | 2 |
| | | 7 | 9 | 2 | | 8 | 3 | |
| | | | | | | | 5 | |
| | 4 | | 7 | | | | | 1 |
| | | | | | | | | |
| 8 | | 6 | | | 4 | 2 | | |
| | | | | | 1 | 4 | | 5 |
| 5 | 8 | | 3 | | | | 7 | |
| | | | | | | | | 6 |

ଗତକାଲିର ଉତ୍ତର

# ଆପଣା ହସ୍ତେ ଜିହ୍ୱା ଛେଦି



ଇବ୍ରାର ଖାଁ

ଉପର ଆପ୍ତବାକ୍ୟଟି କାହିଁ କେଉଁକାଳୁ ଆମ ସମାଜରେ ପ୍ରଚଳିତ ହୋଇଆସୁଛି। ଆଜିର ସାମାଜିକ ସ୍ଥିତାବସ୍ଥାକୁ ଅନୁଶୀଳନ କଲେ ଏହି ଉକ୍ତିର ପ୍ରାସଙ୍ଗିକତା ରହିଥିବାର ହୃଦ୍‌ବୋଧ ହୁଏ। ନିଜକୁ ସଭ୍ୟ, ଶିକ୍ଷିତ ବୋଲାଉଥିବା ଆଜିର ମଣିଷ ସ୍ୱାର୍ଥ ସିଦ୍ଧି ପାଇଁ ଜଳ, ସ୍ଥଳ, ଆକାଶଠାରୁ ଆରମ୍ଭ କରି ମାଟି, ପାଣି, ପବନ ଏବଂ ପାହାଡ଼ ପର୍ଯ୍ୟନ୍ତ ଯେତେସବୁ ସ୍ରଷ୍ଟାଙ୍କ ସୃଷ୍ଟିରେ ପ୍ରାକୃତିକ ସମ୍ପଦ ରହିଛି ; ସବୁ କିଛି ଉପରେ ଯେପରି ଅହରହ ଅତ୍ୟାଚାର କରିଚାଲିଛି ତା'ର ଭୟାବହ ପରିଣତି ସେହି ମଣିଷ ଭୋଗିବନି ତ ଆଉ କିଏ ଭୋଗିବ ? କାରଣ ସବୁ କ୍ରିୟାର ପ୍ରତିକ୍ରିୟା ଅଛି। ଏହା ହିଁ ସୃଷ୍ଟିର ନିୟମ। ଏହାକୁ କେବେହେଲେ ଅବଜ୍ଞା କରାଯାଇ ନ ପାରେ।

ଜନସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଥିବାବେଳେ ସମସ୍ତଙ୍କ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହର ଆବଶ୍ୟକତା ରହିଛି। ଏହି ସବୁର ପୂର୍ତ୍ତି ପାଇଁ ବୈଜ୍ଞାନିକ ପଦ୍ଧତିରେ ହେଉ ଅଥବା ମେଶିନ ସାହାଯ୍ୟରେ ପ୍ରକୃତି ଉପରେ ମଣିଷ ଯେପରି ଦିନରାତି ବଳ ପ୍ରୟୋଗ କରିଚାଲିଛି, ତାହା ଦିନେନା ଦିନେ ନିଶ୍ଚୟ ଘାତକ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ। ଖାଦ୍ୟ ସମସ୍ୟାକୁ ଦୂର କରିବା ସକାଶେ ଅଧିକ ଅମଳକ୍ଷମ ଫସଲ ଉତ୍ପାଦନ ପାଇଁ ଆମେ ଚାଷଜମିରେ ରାସାୟନିକ ସାର ସହ କୀଟନାଶକ ପ୍ରୟୋଗ କରିଚାଲିଛୁ। ସେଥିରେ ମାଟିର ଉତ୍ପାଦିକା ଶକ୍ତି କ୍ଷୁଣ୍ଣ ହେବା ସହିତ ଖାଦ୍ୟଶସ୍ୟରେ ରାସାୟନିକ ସାରର ବିଷାକ୍ତ ଗୁଣବତ୍ତା ରହୁଛି। ଯେଉଁ ଆହାର ଆମେ ପ୍ରତିଦିନ ଗ୍ରହଣ କରୁଛୁ, ତାହା ଶୁଦ୍ଧ ଖାଦ୍ୟ ନ ହୋଇ ବିଷଯୁକ୍ତ ହେଉଥିବାରୁ ସମୟକ୍ରମେ ବହୁ ଦୁରାରୋଗ୍ୟର ଶିକାର ହେଉଛୁ।

ଅଧିକ ପରିମାଣର ଜଙ୍ଗଲ ସମ୍ପଦକୁ ଧ୍ୱଂସ କରାଯାଉଛି। ଫଳରେ ବାୟୁମଣ୍ଡଳରେ ଅମ୍ଳଜାନ ମାତ୍ରା କମିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନର କାରଣ ପାଲଟୁଛି। କଳକାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ସହ ଗାଡ଼ି ମୋଟରରୁ ବାହାରୁଥିବା ଅଙ୍ଗାରକାମ୍ଳଯୁକ୍ତ ଧୂଆଁ ମିଶି ବାୟୁମଣ୍ଡଳକୁ ପ୍ରଦୂଷିତ କରିଦେଉଥିବାରୁ ଏବେ ସହରାଞ୍ଚଳରେ ବିଶୁଦ୍ଧ ବାୟୁ ଟିକିଏ ପାଇବା କଷ୍ଟକର ହେଲାଣି। ଖାଲି ଯେ ଜଙ୍ଗଲ ସମ୍ପଦକୁ ନଷ୍ଟ କରାଯାଉଛି ତା' ନୁହେଁ, ବରଂ ରାସ୍ତାଘାଟ ଏବଂ ଗଢ଼ି ଉଠୁଥିବା କୋଠାବାଡ଼ି ନିର୍ମାଣ ପାଇଁ ପାହାଡ଼ ପର୍ବତ ସବୁକୁ କାଟି ନିୟୁତ ନିୟୁତ ଟନ୍ କଂକ୍ରିଟ୍ ବ୍ୟବହାର କରି ଯେଉଁଭଳି କଂକ୍ରିଟ୍ ଜଙ୍ଗଲମାନ ସୃଷ୍ଟି କରାଯାଉଛି, ସେଥିଯୋଗୁ ବିଶ୍ୱତାପନ ଏବେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ମରୁଡ଼ି ପରିସ୍ଥିତି ଉପୁଜୁଛି। ବେଳେବେଳେ ଝଡ଼ ତୋଫାନ ସହ ପ୍ରବଳ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ବିଶ୍ୱତାପନ ବୃଦ୍ଧି ପାଉଥିବାରୁ ଗ୍ଲାସିୟର ସବୁ ତରଳି ସମୁଦ୍ର ଜଳସ୍ତରକୁ ଯେଉଁଭଳି ଭାବରେ ବୃଦ୍ଧି କରିବାରେ ଲାଗିଛି, ଆଉ କିଛି ବର୍ଷ ପରେ ପୃଥିବୀର କିଛି ଅଂଶ ଜଳମଗ୍ନ ହେବାର ସମ୍ଭାବନା ରହିଛି। ଗ୍ଲୋବାଲ୍ ୱାର୍ମିଂକୁ ନେଇ ବୈଜ୍ଞାନିକମାନେ ଯେପରି ଚିନ୍ତା ପ୍ରକଟ କଲେଣି, ସେଥିରେ ସଚେତନ ହୋଇ ବେଳହୁଁ ପଦକ୍ଷେପ ଗ୍ରହଣ ନ କଲେ ଏ ସୁନ୍ଦର ପୃଥିବୀ ଧ୍ୱଂସ ହୋଇଯିବ। ବର୍ଜ୍ୟବସ୍ତୁ ସହ କଳକାରଖାନାରୁ ନିର୍ଗତ ରାସାୟନିକ ଦ୍ରବ୍ୟସବୁ ନଦୀମାନଙ୍କରେ ମିଶୁଥିବାରୁ ଦେଶର ଅଧିକାଂଶ ନଦୀଜଳ ଜହର ପାଲଟିଗଲାଣି। ଜଳ ସମ୍ପଦର ବ୍ୟାପକ ଦୁରୁପଯୋଗ ଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ସମଗ୍ର ଦେଶରେ ପାନୀୟ ଜଳ ଏବେ ବଡ଼ ସମସ୍ୟା ରୂପେ ଉଭା ହେଲାଣି।

ଆଧୁନିକତା ନାଁରେ ଅପସଂସ୍କୃତିକୁ ଆଜିର ଯୁବପିଢ଼ି ଆପଣେଇ ନେଉଥିବାରୁ ଆଚରଣ, ଉଚ୍ଚାରଣ, ଚାଲିଚଳଣ, ଆଚର ବିଚାର, ଖାଇବା, ପିନ୍ଧିବା ଏପରିକି ଜୀବନଶୈଳୀରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ତା'ର ଶେଷ ପରିଣତି ଯେ କ'ଣ ହେବ ତାହା ଏବେଠାରୁ କଳନା କରିବା ନିରର୍ଥକ ମାତ୍ର। ଘରୋଇ ଖାଦ୍ୟ ବଦଳରେ ଜିହ୍ୱାତୃପ୍ତି ପାଇଁ ସୁପ୍, ଚିକେନ, ମଟନ, ବିରିୟାନୀ ଇତ୍ୟାଦି ତାମସିକ ଖାଦ୍ୟ ସାଙ୍ଗକୁ ମଦ୍ୟପାନ, ଯୁବ ମନରେ ଦୁର୍ଗୁଣ ବୃଦ୍ଧି କରୁଛି। ଫଳରେ ସମାଜରେ ଅଘଟଣ ସବୁ ସଂଘଟିତ ହେବାରେ ଲାଗିଛି। ନିଶା ସେବନକାରୀଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବାରୁ ପାରିବାରିକ ଜୀବନ କଳହ ସର୍ବସ୍ୱ ହୋଇ ତଳିତଳାନ୍ତ ହେଉଛି। ମଦ୍ୟପାନ କରି ଦୁରାରୋଗ୍ୟରେ ପୀଡ଼ିତ ଅନେକଙ୍କ ଜୀବନଦୀପ ଅକାଳରେ ଲିଭି ଯାଉଥିଲେ ମଧ୍ୟ ନିଶା ନିବାରଣ ଦିଗରେ ସରକାର କିମ୍ବା ସମାଜ କେହି ବି ତତ୍ପର ଥିବାପରି ମନେହେଉନି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ସହ ଚୋରି ଡକାୟତିଠାରୁ ଆରମ୍ଭ କରି ଜଘନ୍ୟ ଅପରାଧ ବୃଦ୍ଧି ପାଉଥିବାରୁ ଶାନ୍ତି ସହାବସ୍ଥାନ ଅତିମାତ୍ରାରେ ବ୍ୟାହତ ହେଲାଣି।

ଭୌତିକ ସୁଖ ପଛରେ ଧାଉଁଥିବା ମଣିଷ ଆଧ୍ୟାତ୍ମିକ ଚିନ୍ତାରୁ କ୍ରମେ ଦୂରେଇ ଯାଉଥିବାରୁ ନ୍ୟାୟ ଅନ୍ୟାୟର ବିଚାର ନ କରି ଯେଉଁ କାର୍ଯ୍ୟମାନ ସମ୍ପାଦନ କରୁଛି, ତାହା ସୁସ୍ଥ ସମାଜ ପାଇଁ ଶୁଭଙ୍କର ନୁହେଁ। ବୃଥା ଅହମିକାରେ ଭ୍ରମିତ ମଣିଷ ରାତାରାତି ବଡ଼ଲୋକ ହେବାର ଦୁର୍ବାର ଲାଳସାକୁ ଚରିତାର୍ଥ କରିବା ପାଇଁ ନକଲି ଖାଦ୍ୟପ୍ରସ୍ତୁତିର କାରଖାନା ବସାଇ ଅପମିଶ୍ରିତ ବିଷାକ୍ତ ଉତ୍ପାଦ ସବୁକୁ ଅସଲି କହି ଯେପରି ବଜାରରେ ପ୍ରଚଳନ କରୁଛି, ତାହା ଯେତିକି ନିନ୍ଦନୀୟ ସେତିକି ଅକ୍ଷମଣୀୟ। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ବିପୁଳ ଅର୍ଥ ବ୍ୟୟରେ ଧାର୍ମିକ ଅନୁଷ୍ଠାନ ସବୁ ଗଢ଼ି ଉଠୁଥିଲେ ମଧ୍ୟ ପରମାତ୍ମାଙ୍କ ଆଶିଷ ପାଇଁ ଯେଉଁ ଶୁଦ୍ଧଚିତ୍ତ ଆଉ ଭକ୍ତିଭାବ ଆବଶ୍ୟକ, ତାହା ଆଜି ମଣିଷ ପାଖରେ ନ ଥିବାରୁ ହିତାହିତଜ୍ଞାନ ଥାଇ ମଧ୍ୟ ମଣିଷ ଆଜି ଅମଣିଷ ପାଲଟିଯାଉଛି। ଏହି କାରଣରୁ ସମାଜରେ ଅପରାଧ ପ୍ରବଣତା ଅତିମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି।

ମଣିଷର ଏହି ଆସୁରିକ ପ୍ରବୃତ୍ତି ଦୁନିଆରେ ପାପଭାରକୁ ବଢ଼ାଇ ଚାଲିଥିବାରୁ ନିଜ ଅଲକ୍ଷ୍ୟରେ ମଣିଷ ବିନାଶର ଦ୍ୱାରଦେଶରେ ପହଞ୍ଚି ଗଲାଣି। ଧରାପୃଷ୍ଠରେ ପାପ ଭାର ବୃଦ୍ଧି ହେଲେ ସର୍ବଶକ୍ତିମାନ୍ ସ୍ରଷ୍ଟା ନିଶ୍ଚୟ ଦଣ୍ଡିବ, ଏହା ସବୁ ଧର୍ମର ଧର୍ମଗ୍ରନ୍ଥମାନଙ୍କରେ ସୂଚେଇ ଦିଆଯାଇଛି। ଦୁଷ୍ଟ ବୁଦ୍ଧି ସମ୍ପନ୍ନ ଦୁରାଚାରୀମାନଙ୍କୁ ବିନାଶ କରି ଏହି ଧରାଧାମରେ ଶାନ୍ତି ସହାବସ୍ଥାନ ପ୍ରତିଷ୍ଠା କରିବାର ଅନେକ ପ୍ରମାଣ ଆମ ପୁରାଣମାନଙ୍କରେ ଦେଖିବାକୁ ମିଳେ। ସମଗ୍ର ଜୀବଜଗତର ମଙ୍ଗଳ ପାଇଁ ପ୍ରାକୃତିକ ସମ୍ପଦକୁ ଧ୍ୱଂସ ନ କରି ସେଗୁଡ଼ିକର ସ୍ଥିତାବସ୍ଥାକୁ ସୁରକ୍ଷିତ ରଖାଯାଇପାରିଲେ ବିଶ୍ୱରେ ଘଟୁଥିବା ଅନେକ ବିଲକ୍ଷଣକୁ ପ୍ରତିହତ କରାଯାଇପାରିବ। ସମାଜର ପ୍ରତ୍ୟେକ ମଣିଷ ଆତ୍ମଚିନ୍ତନ କରି ନିଜ ଚାରିତ୍ରିକ ଦୋଷତ୍ରୁଟିକୁ ସୁଧାରି ନେବାର ଆବଶ୍ୟକତା ରହିଛି। ନିଜ କଳାକର୍ମର ପ୍ରାୟଶ୍ଚିତ୍ତ ପାଇଁ ଅନୁତପ୍ତ ହୋଇ ସେହି ସର୍ବଶକ୍ତିମାନ୍ ସ୍ରଷ୍ଟାଙ୍କ ପାଖରେ କ୍ଷମା ପ୍ରାର୍ଥନା କରି, ନିଜ ଆତ୍ମାର ଶୁଦ୍ଧୀକରଣ କରିବା ଆବଶ୍ୟକ। ତା' ନ ହେଲେ 'ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ' ନ୍ୟାୟରେ ଆମେ ନିଜେ ନିଜ ଧ୍ୱଂସର କାରଣ ହେବା।

**ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଚ, ଖୋର୍ଦ୍ଧା**
**ମୋ:୯୩୩୭୬୦୧୭୦୫**

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀଶଯ୍ୟା ସଫା କରାଯାଉ

ମହାଶୟ,

ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକର ଶଯ୍ୟା କାଳକ୍ରମେ ପୋତି ହୋଇଗଲାଣି। ପ୍ରବଳ ବର୍ଷା ହେଲେ ବନ୍ୟା ହୋଇ କ୍ଷତି ଘଟାଉଛି। ବର୍ଷର ୮ ମାସ ନଦୀଗୁଡ଼ିକ ଶୁଷ୍କ ହୋଇପଡୁଛି। ନଦୀଗୁଡ଼ିକରେ ବଡ଼ ବଡ଼ କୁଦ ଓ ପଠା ହୋଇ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ନଦୀକୂଳବାସୀ ଗୋପାଳନ ଓ ସ୍ନାନ କରିବାକୁ ଅସୁବିଧାରେ ପଡୁଛନ୍ତି। ଜଳାଭାବରୁ ଚାଷୀମାନେ ପନିପରିବା ଫସଲ କରିପାରୁ ନାହାନ୍ତି। ନଦୀ ଶଯ୍ୟାରେ ଥିବା କୁଦ ଓ ପଠାଗୁଡ଼ିକ ଖନନ କରାଯାଇ ନଦୀକୁ ସୁନାବ୍ୟା କରାଗଲେ ଜନସାଧାରଣ ଉପକୃତ ହୋଇପାରନ୍ତେ। ନଦୀଶଯ୍ୟା ପଟୁମାଟି ବାଲି କୁଦ ସୃଷ୍ଟି କରିବାରୁ ବନ୍ୟାଜଳ କୂଳ ଲଙ୍ଘନ କରୁଛି। ଅନ୍ୟପଟେ ଖରା ମାସରେ ଉତ୍କଟ ଜଳାଭାବ ଦେଖାଯାଉଛି। ଗୋରୁ ଓ ମନୁଷ୍ୟ ସ୍ନାନ କରିବାକୁ ହଇରାଣ ହେଉଛନ୍ତି। ନଦୀ ସଂଯୋଗୀକରଣ କରାଯାଇ ନଦୀ ଶଯ୍ୟାରୁ ପଠାଗୁଡ଼ିକ ନଷ୍ଟ କରାଯାଉ।

**– ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଦେଶ କାହୁଁ ଚିହ୍ନିଲ ତୁମେ
ସଦା ଯେ ତୁମେ ନିଜକୁ ଭୁଲି ?
କହ ଗୋ କାହୁଁ ଆସିଲ ଏଥି
ଚରଣ ତଳେ ଫୁଟାଇ ଫୁଲ।
-(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ପିସିବିଗୁଡ଼ିକ ୫.୪୯ ଲକ୍ଷ କୋଟି ରିକଭରି କରିଛନ୍ତି**

ଦେଶର ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ବିଗତ ୭ ବର୍ଷ ମଧ୍ୟରେ୫.୪୯ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପରିମାଣର ଅର୍ଥ ରିକଭରି କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ସୋମବାର ବିସ୍ତୃତ ତଥ୍ୟ ସଂସଦରେ ଉପସ୍ଥାପନ କରିଛନ୍ତି। ସରକାରଙ୍କ ନୂତନ ବ୍ୟାଙ୍କ ନୀତି ଓ ଏନପିଏ ଜରିଆରେ ଏହି ଅର୍ଥ ବ୍ୟାଙ୍କ ଗୁଡ଼ିକ ବିଭିନ୍ନ ଋଣଖିଲାପକାରୀ ଓ ସଂସ୍ଥାଗୁଡ଼ିକରୁ ସଂଗ୍ରହ କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଶିଳ୍ପ ସଂଘ ପକ୍ଷରୁ କଞ୍ଚାମାଲ ଦରବୃଦ୍ଧିକୁ ବିରୋଧ

**ଭୁବନେଶ୍ୱର,୨୦।୧୨:** ଅଲ ଇଣ୍ଡିଆ କାଉନସିଲ ଅଫ ଆସୋସିଏସନ ଅଫ ଏମ୍‌ଏସ୍‌ଏମ୍‌ଇ (ଏଆଇସିଏ) ସହିତ ଅନୁବନ୍ଧିତ ୧୭୦ ଟି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ସଂଘ ପକ୍ଷରୁ ଲୌହ ଜାତୀୟ କଞ୍ଚାମାଲର ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାଦରେ ୨୦ ଡିସେମ୍ବର ୨୦୨୧ ତାରିଖ ଦିନ ସମସ୍ତ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ବନ୍ଦ ରଖି ସମସ୍ତ ଜିଲ୍ଲା କଲେକ୍ଟର ଅଫିସ ସମ୍ମୁଖରେ ୧ ଘଣ୍ଟାପାଇଁ ଶାନ୍ତିପୂର୍ଣ୍ଣ ହରତାଳ କରିବାକୁ ନିଷ୍ପତି ନେଇଛି। ଉକ୍ତ ବନ୍ଦକୁ ସମର୍ଥନ ଜଣାଇ ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ, ଓଡ଼ିଶା ଯୁବ ଶିଳ୍ପାଦ୍ୟୋଗୀ ସଂଘ ଓ କଟକ ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ମିଳିତ ଭାବରେ ଜିଲ୍ଲା ଶିଳ୍ପ କେନ୍ଦ୍ର, କଟକ ଅଫିସ ସମ୍ମୁଖରେ ଏକ ଘଣ୍ଟାର ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରିଥିଲା। ଗତବର୍ଷ ମାର୍ଚ୍ଚ ୨୨ ତାରିଖରୁ ଆଜି ପର୍ଯ୍ୟନ୍ତ କ୍ରମାଗତ ଦର ବୃଦ୍ଧି ଯୋଗୁ କେବଳ ଯେ ଶିଳ୍ପାନୁଷ୍ଠାନ ଗୁଡ଼ିକୁ କ୍ଷତି ପାହାଞ୍ଚାଇଛି ତାହା ନୁହେଁ ବରଂ ଶିଳ୍ପାଦ୍ୟୋଗୀଙ୍କର ଆର୍ଥିକ ମେରୁଦଣ୍ଡକୁ ମଧ ଦୋହଲାଇଦେଇଛି।

### ୨୦୨୨ରେ ବଢ଼ି ପାରେ ଗାଡ଼ି କାରବାର

**ନୂଆଦିଲ୍ଲୀ,୨୦।୧୨:** ଭାରତରେ କୋଭିଡ ସଂକ୍ରମଣ ଯୋଗୁ ଅଟୋଶିଳ୍ପ ବିଶେଷ ଭାବେ ପ୍ରଭାବିତ ହୋଇଛି। ଉପଭୋକ୍ତାଙ୍କ ମନରେ ରହିଥିବା ସଂକ୍ରମଣର ଭୟ ପାଇଁ ଗାଡ଼ି ବଜାର ମାନ୍ଦାବସ୍ଥା ଦେଇ ଗତି କରୁଛି। ମହାମାରୀ ଫଳରେ ଚଳିତ ବର୍ଷ ଆଶାନୁରୂପ ଗାଡ଼ି ବେପାର ହୋଇପାରିନାହିଁ। ଏଭଳି ପରିସ୍ଥିତିରେ ଏକ ଜାତୀୟସ୍ତରର ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ ୨୦୨୨ରେ ଅଟୋଶିଳ୍ପର କାରବାର ଉତ୍ସାହ ରହିବ। ବିଶେଷ କରି ନୂଆ ଗାଡ଼ି ଠାରୁ ପୁରୁଣା (ବ୍ୟବହୃତ) ଗାଡ଼ିର ଚାହିଦା ଅଧିକ ରହିବ। ଯେ ହେତୁ ସଂକ୍ରମଣ କାରଣରୁ ସବୁ ବର୍ଗର ଗ୍ରାହକଙ୍କ ନିକଟରେ ସେହି ପରିମାଣର ପୁଞ୍ଜିର ଅଭାବ ରହିଛି। ସର୍ଭେରେ ଭାଗ ନେଇଥିବା ୮୩% ଗ୍ରାହକ ବର୍ଷକ ମଧ୍ୟରେ ଗାଡ଼ି କିଣିବାକୁ ଚାହୁଁଥିବା ବେଳେ ୧୩% ସମୟକୁ ଅପେକ୍ଷା କରିଛନ୍ତି। ସେହିଭଳି ମାତ୍ର ୪ ପ୍ରତିଶତ କହିଛନ୍ତି ଗାଡ଼ି କିଣିବାର କୌଣସି ଯୋଜନା ନାହିଁ।

# ୧୧୯୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ,୨୦।୧୨



ସାରା ବିଶ୍ୱ ଏପରିକି ଭାରତରେ ମଧ କୋଭିଡ୍ ସଂକ୍ରମଣର ନୂତନ ଭାରିଆଣ୍ଟ ଓମିକ୍ରନ୍‌ର ଭୟ ଲାଗି ରହିଛି। ଫଳରେ ସଂକ୍ରମଣର ପ୍ରଭାବ ଶେୟାର ବଜାର ଉପରେ ପଡୁଛି ବୋଲି ବାଣିଜ୍ୟିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଡିସେମ୍ବର ୨୦ର ଶେୟାର ବଜାର ଆରମ୍ଭରୁ ନାଲିରଙ୍ଗ ସହ ନୀଳରେ ଶେଷ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସୂଚନା ଅନୁସାରେ ସୋମବାର ୧୧୯୦ ପଏଣ୍ଟ ହ୍ରାସ ଘଟି ୫୫,୮୨୨ ଅଙ୍କରେ କାରବାର ବନ୍ଦ ହୋଇଛି। ସେହିଭଳି ନିଫ୍ଟିର ଇଣ୍ଡେକ୍ସ ମଧ ୩୭୧ ଅଙ୍କ ହ୍ରାସ ଘଟି ୧୬,୬୧୪ ପଏଣ୍ଟରେ ଶେଷ ହୋଇଛି। ଦଲାଲ ବଜାରର ଗୋଟିଏ ଦିନରେ ନିବେଶକ ୭

### ଦିନକରେ ହରାଇଲେ ୭ ଲକ୍ଷ କୋଟି

ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ବିଗତ ଦୁଇ ଦିନରେ ନିବେଶକ ପ୍ରାୟ ୧୧ ଲକ୍ଷ କୋଟି ହରାଇଛନ୍ତି। ସୋମବାର ବଜାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୧୧୮୯.୦୧ ଅଙ୍କ ଅର୍ଥାତ୍ ୨.୦୯% ହ୍ରାସ ପାଇ ୫୫୮୨୨ .୦୧ ପଏଣ୍ଟରେ ପହଞ୍ଚିଛି। ସେହିପରି ନିଫ୍ଟି ୩୭୧ ଅଙ୍କ ଖସିଛି, ଅର୍ଥାତ୍ ୨.୧୮% କମି୧୬,୬୧୪.୨୦ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସର ଶ୍ରେଷ୍ଠ ବଜାର ୩୦ଟି ଶେୟାର ମଧ୍ୟରୁ ସମସ୍ତ ଷ୍ଟକ୍ କାରବାରରେ ବ୍ୟାପକ ହ୍ରାସ ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚନା ଅନୁସାରେ ଟାଟା ଷ୍ଟିଲ୍ ସର୍ବାଧିକ ୫% କ୍ଷତି ସହିଥିବା ବେଳେ ଅନ୍ୟ ନିବେଶକମାନେ ମଧ ୩ରୁ ୪% ହ୍ରାସ କରିଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଟାଇଟନ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ ଏବଂ ବଜାଜ ଫାଇନାନ୍ସର ଶେୟାର ମୂଲ୍ୟ ମଧ ହ୍ରାସ ପାଇଛି।

# ମହିନ୍ଦ୍ରାର ଫ୍ୟୁରିଓ-୭ ଟ୍ରକ୍



ଭୁବନେଶ୍ୱର,୨୦।୧୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ବାଲେଶ୍ୱରର ନୋସି ବିଜ୍‌ନେସ ପାର୍କରେ କମ୍ପାନୀର ନୂଆ ଫ୍ୟୁରିଓ-୭ ଟ୍ରକ୍‌ର ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହିନ୍ଦ୍ରାର ବସ୍ ଓ ଟ୍ରକ୍ ଡିଭିଜନର ମୁଖ୍ୟ (ପୂର୍ବ) ଅନୁରାମ ଚତୁର୍ବେଦୀ ଯୋଗ ଦେଇ ଓଡ଼ିଶା ବଜାରରେ କମ୍ପାନୀର ଉକ୍ତ ଯାନକୁ ବଜାର ପ୍ରବେଶ କରାଇବା ସହ ବର୍ତ୍ତମାନ କେନ୍ଦୁଝର ଜିଲାର ତାରିଣୀ ମୋଟର୍ସ ଠାରେ ଏହି ଗାଡ଼ି ଗ୍ରାହକମାନଙ୍କ ଲାଗି ଉପଲବ୍ଧ ହେଉଛି ବୋଲି ଚତୁର୍ବେଦୀ କହିଛନ୍ତି। ଏହି ଗାଡ଼ି ଅନ୍ୟ ଗାଡ଼ିଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମହିନ୍ଦ୍ରା ଫ୍ୟୁରିଓ-୭ରେ ଅତ୍ୟାଧୁନିକ ଟେଲିମାଟିକ୍ସ ଟେକ୍ନୋଲୋଜି ସଂଯୋଗ କରାଯାଇଛି। ଅଧିକ ମାଇଲେଜ୍ ପାଅ, ଟ୍ରକ୍ ଫେରାଅ କିମ୍ବା ୫ବର୍ଷ ପରେ ଗ୍ୟାରେଣ୍ଟିଯୁକ୍ତ ପୁନଃ ବିକ୍ରି ମୂଲ୍ୟ ପାଇବା ଭଳି ଅସାଧାରଣ ଗ୍ରାହକ ମୂଲ୍ୟ ପ୍ରସ୍ତାବ ଦେଉଥିବା ନୂଆ ଫ୍ୟୁରିଓ-୭ ରେଞ୍ଜର ଟ୍ରକ୍‌ଗୁଡ଼ିକ କମ୍ପାନୀ ପାଇଁ ଏକ ମାଇଲଖୁଣ୍ଟ। ଫଳରେ ଦୂର ବାଟକୁ ଯାତ୍ରା କଲେ ମଧ ଥକ୍କାପଣ ଲାଗିବ ନାହିଁ। ଉନ୍ନତ ପ୍ରଯୁକ୍ତିର ଲାଇଟ୍ ଲାଗିଥିବାରୁ ରାତିରେ ଗାଡ଼ି ଚଳାଇବାରେ ଅସୁବିଧା ହେବ ନାହିଁ। ଏହି ଅବସରରେ ମହିନ୍ଦ୍ରାର ଏରିଆ ସର୍ଭିସ ମ୍ୟାନେଜର ବସନ୍ତ କୁମାର ପ୍ରଧାନ, ସେଲ୍‌ସ ମ୍ୟାନେଜର ଚଞ୍ଚଳ ନାଥ, କେନ୍ଦୁଝର ତାରିଣୀ ମୋଟର୍ସର ମୁଖ୍ୟ ଡିଲର ବିଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପତଞ୍ଜଳିର 'ନବ ହରିତ କ୍ରାନ୍ତି-ଏନ ଆଗ୍ରୋ ଭିଜନ'




ହରିଦ୍ୱାରା,୨୦।୧୨

ବର୍ତ୍ତମାନ ଦେଶରେ ଦେଖା ଦେଇଥିବା କୃଷି ଓ କୃଷକର ସମସ୍ୟାର ସମାଧାନ ସମ୍ପର୍କୀତ ଏକ କର୍ମଶାଳା ନିକଟରେ ପତଞ୍ଜଳି ସଂସ୍ଥାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୃଷିର ବିକାଶ ସାଙ୍ଗକୁ କୃଷକର ଅଭିବୃଦ୍ଧି କିପରି ହୋଇପାରିବ ସେ ସମ୍ପର୍କରେ ପତଞ୍ଜଳି ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ବିଶେଷ କରି ପୂଜ୍ୟ ସ୍ୱାମୀ ରାମଦେବଙ୍କ ତତ୍ତ୍ୱାବଧାନ ସାଙ୍ଗକୁ ଆଚାର୍ଯ୍ୟ ବାଳକୃଷ୍ଣନ ମହାରାଜଙ୍କ ପୌରହିତରେ ପତଞ୍ଜଳିର ଗବେଷଣା କେନ୍ଦ୍ରର ପ୍ରାୟ ୧୫୦ ବରିଷ୍ଠ ବୈଜ୍ଞାନିକଙ୍କ ଅଭିଜ୍ଞତା ଓ ପରିଶ୍ରମରେ ପ୍ରସ୍ତୁତ କୃଷି ସମ୍ପର୍କୀତ ଏକ ପୁସ୍ତକ 'ନଭି ହରିତ କ୍ରାନ୍ତି-ଏନ ଆଗ୍ରୋ ଭିଜନ'ର ଉନ୍ମୋଚନ କରାଯାଇଛି। ଉକ୍ତ ପୁସ୍ତକରେ ଦେଶର ସମସ୍ତ କୃଷି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ୱାମୀ ରାମଦେବ କହିଥିଲେ ଯେ ଦେଶର କୃଷିର ବିକାଶ ପାଇଁ ପତଞ୍ଜଳି ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିବାକୁ ଯାଉଛି। ଦେଶର ବିଭିନ୍ନ ସ୍ଥାନରେ କୃଷି ଜରିଆରେ ଅଭିବୃଦ୍ଧି କରିବାର କଳାକୌଶଳ ସାଙ୍ଗକୁ ଜୈବିକ କୃଷିର ପ୍ରଚାର ପ୍ରାସର ସାଙ୍ଗକୁ କିଭଳି ଜୈବିକ ସାରାରେ କୃଷି କାର୍ଯ୍ୟ କରିହେବ। ସେ ବିଷୟରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସେହିଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରି କିପରି କୃଷକ ଅଧିକରୁ ଅଧିକ କୃଷି ଉତ୍ପାଦନ କରିପାରିବ ବୋଲି ରାମଦେବ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆଚାର୍ଯ୍ୟ ବାଳକୃଷ୍ଣ କହିଥିଲେ ଯେ ପତଞ୍ଜଳି ଦେଶର କୃଷକ ଓ ସରକାର ଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କୃଷିର ବିକାଶ ଉପରେ କାର୍ଯ୍ୟ କରିବ। ସେହିପରି ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କୃଷି ଯୋଜନା କିଭଳି ପ୍ରକୃତ କୃଷକଙ୍କ ନିକଟରେ ପହଞ୍ଚିବ ସେ ନେଇ ମଧ ଆବଶ୍ୟକ କାର୍ଯ୍ୟ ପତଞ୍ଜଳି ପକ୍ଷରୁ କରାଯିବ। ଯାହାଫଳରେ ଦେଶର ଚାଷୀ ବେଶ ଉପକୃତ ହୋଇପାରିବେ ବୋଲି ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ଉକ୍ତ କର୍ମଶାଳାରେ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉଭୟ ଅନଲାଇନ ଓ ଅଫଲାଇନରେ ଯୋଡ଼ି ହୋଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

# ଟିଏସ୍‌ଏଫ୍ ପକ୍ଷରୁ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୦।୧୨

ମହାମାରୀ ସମୟରେ ଅଙ୍ଗନବାଡ଼ି ଶିକ୍ଷକ, ଆଶା ଓ ଏଏନ୍‌ଏମ୍ କର୍ମୀଙ୍କ ଅବଦାନକୁ ମାନ୍ୟତା ପ୍ରଦାନ କରିବା ଲାଗି କେନ୍ଦୁଝରର ଗୁଆଲି ଠାରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ( ଟିଏସଏଫ) ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଯେଉଁଥିରେ ୨୫ କୋଭିଡ୍ ଯୋଦ୍ଧାଙ୍କୁ ଉପହାର ଓ ସାର୍ଟିଫିକେଟ୍ ସହିତ ସମ୍ବର୍ଦ୍ଧିତ କରାଯାଇଛି। ମହାମାରୀ ସମୟରେ ପ୍ରତିଟି ଘରେ ପହଞ୍ଚି ଷ୍ଟାଫ୍ ଯୋଗାଡ଼ କରି ସଚେତନତା ସୃଷ୍ଟି କରିବା ଲାଗି ଗୋଷ୍ଠୀ ନିକଟରେ ପହଞ୍ଚିବା ଲାଗି କୋଭିଡ୍ ଯୋଦ୍ଧାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ଲାଗି ମୁଖ୍ୟତଃ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲା। ଯୋଡ଼ା ବ୍ଲକ୍‌ର ଚିଫ୍ ମେଡିକାଲ୍ ଅଫିସର ଇନଚାର୍ଜ ଡକ୍ଟର ଲକ୍ଷ୍ମୀକାନ୍ତ ସିଂହ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ କୋଭିଡ୍ ଯୋଦ୍ଧାମାନେ ସାମନା କରିଥିବା ସଂଘର୍ଷକୁ ବର୍ଣ୍ଣନା କରିବା ସହ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ସେମାନଙ୍କ ଉଦ୍ୟମ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବ୍ଲକ୍ ପ୍ରୋଗ୍ରାମ୍ ମ୍ୟାନେଜର ଦେବାଶିଷ ମହାନ୍ତୋ, ଗୁଆଲିର ନୀଳାଚଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ମହାନ୍ତି, ଗୁଆଲିର ପିଏଚ୍‌ସି ଡାକ୍ତର ଡକ୍ଟର ଜାସ୍‌ମିନ୍ ମହନ୍ତୋ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ)ର ଡାକ୍ତର ପ୍ରଦୀପ ମହାନ୍ତୋ ଓ ଟିଏସ୍‌ଏଫ୍ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ

ଭୁବନେଶ୍ୱର,୨୦।୧୨

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ସୋମବାର କୋଭିଡ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ୍ ମୁଖ୍ୟ ଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗଦାନ ଦେଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସ୍ୱାଗତିକା ଦାଶ (ଏମବିଏ), ପଲ୍ଲବୀ ଦୁବେ (ବିବିଏ) ଏବଂ ମାନସ ରଂଜନ ସାହୁ (ବିକମ୍) ଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ସେହିଭଳି ଶ୍ରେଷ୍ଠ ସ୍ନାତକ ସ୍ୱସ୍ତିକ ରାଉତ (ଏମବିଏ) ଙ୍କୁ ଅନୁଷ୍ଠାନର କୁଳାଧିକ୍ଷ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଏମବିଏ (୨୦୧୯-୨୧), ବିବିଏ ଓ ବିକମ୍ (୨୦୧୮-୨୧) ଛାତ୍ରଛାତ୍ରୀ ମାନଙ୍କୁ କୁଳାଧିକ୍ଷ ପ୍ରଫେସର (ଡ଼ଃ) ବିଶ୍ୱଜିତ ପଟ୍ଟନାୟକ ନାୟକ ଉପାଧି ପତ୍ର ପ୍ରଦାନ କରିଥିଲେ। ସେ ତାଙ୍କର ଅଧକ୍ଷୀୟ ଅଭିଭାଷଣ କ୍ରମରେ ପରିବର୍ତ୍ତନ ଆବଶ୍ୟକତା ଓ ସୁପରିଚାଳନା ଉପରେ ଗୁରୁତ୍ୱ ଆରୋପ କରିବା ସହ ତଦନୁସାର ଜୀବନ ନିର୍ମାଣ ଲାଗି ଛାତ୍ରଛାତ୍ରୀଙ୍କୁ ଉପଦେଶ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଳପତି ପ୍ରଫେସର (ଡ଼ଃ) କଲ୍ୟାଣ ଶଙ୍କର ରାୟ, ସହ-କୁଳପତି ପ୍ରଫେସର ଫଲ୍‌ଗୁ ନିରଞ୍ଜନା ସଦ୍ୟ ଉପାଧି ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ସମାଜ କଲ୍ୟାଣ ଉଦ୍ଦେଶରେ ଶପଥ ପାଠ କରାଇଥିଲେ।

## ଫୁର୍‌ସତ୍

# ୫ ବର୍ଷ ଗର୍ଭଧାରଣ କରେ 'କୋଏଲାକାନ୍ଥ'



**କେପ୍‌ଟାଉନ୍:** ଦୁନିଆରେ ଅନେକ ରହସ୍ୟମୟ ଜୀବ ଅଛନ୍ତି। ଏଥିମଧ୍ୟରୁ ଏକ ମାଛ ରହିଛି, ଯାହାକୁ ଜୀବନ୍ତ ଜୀବାଶ୍ମ ମଧ କୁହାଯାଏ। ଏହି ମାଛର ନାମ ହେଉଛି 'କୋଏଲାକାନ୍ଥ'। ଯାହା ଡାଇନୋସର ସମୟରୁ ପୃଥିବୀରେ ରହିଛି। କୁହାଯାଏ, ଏହି ମାଛର ବୟସ ୧୦୦ ବର୍ଷ ପର୍ଯ୍ୟନ୍ତ ହୋଇପାରେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ମାଛ ୫ ବର୍ଷର ଗର୍ଭଧାରଣ ପରେ ପ୍ରସବ କରିଥାଏ। ୧୯୩୦ ମସିହା ପୂର୍ବରୁ ଏହି ମାଛକୁ ବିଲୁପ୍ତ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ପରେ ଏହି ରହସ୍ୟମୟ ମାଛ ଦକ୍ଷିଣ ଆଫ୍ରିକା ଉପକୂଳରେ ଦେଖାଗଲା। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ରାତିରେ ଯାତ୍ରା କରିବା ସମୟରେ ମାଛ ମଣିଷ ଆକାରର ହୋଇପାରେ। ଏହା ବହୁତ ଧୀରେ ଧୀରେ ବଢ଼ିଥାଏ। ୫୦ ବର୍ଷ ବୟସ ପରେ ଗର୍ଭଧାରଣ କରିଥାଏ। ଏହି ମାଛ ଦୁଇ ପ୍ରକାରର। ଗୋଟିଏ ପ୍ରକାରର ମାଛ ଆଫ୍ରିକାର ପୂର୍ବ ଉପକୂଳର କୋମୋରୋସ ଦ୍ୱୀପପୁଞ୍ଜରେ ବାସ କରେ ଏବଂ ଅନ୍ୟ ପ୍ରଜାତି ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପପୁଞ୍ଜ ଜଳରେ ବାସ କରେ। ମାଛଟି ୨୩୦୦ ଫୁଟ ଗଭୀର ପାଣିରେ ରହିଥାଏ।

# ୧୦୦ କୋଟିରେ 'ସ୍ପାଇଡର ମ୍ୟାନ୍'

ମୁମ୍ବାଇ

ଡିସେମ୍ବର ୧୬ରେ ମୁକ୍ତିଲାଭ କରିଥିବା ହାଇ ବଜେଟ୍ ହଲିଉଡ୍ ଚଳଚ୍ଚିତ୍ର 'ସ୍ପାଇଡର ମ୍ୟାନ: ନୋ ୱେ ହୋମ୍' ଦମଦାର ପ୍ରଦର୍ଶନ ଜାରି ରଖିଛି। 'ସ୍ପାଇଡରମ୍ୟାନ୍' ସିନେମାକୁ ନେଇ ଦୀର୍ଘ ଦିନରୁ ଲୋକଙ୍କ ମଧ୍ୟରେ କ୍ରେଜ୍ ରହିଥିବାବେଳେ ଏହା ଉପରୋକ୍ତ ସମସ୍ତ ସିରିଜ୍‌କୁ ଟପିଯିବା ସମ୍ଭାବନା ସୃଷ୍ଟି କରିଛି। ସପ୍ତାହେ ନ ପୂରୁଣୁ ଏହି ସିନେମା ୧୦୦ କୋଟି କ୍ଲବରେ ପହଞ୍ଚି ସାରିଥିବା ଚଳଚ୍ଚିତ୍ର ବିଶ୍ଳେଷକ ତାରନ୍ ଆଦର୍ଶ ଟୁଇଟ୍ କରି ସୂଚନା ଦେଇଛନ୍ତି। ଖ୍ୟାତନାମା ନିର୍ଦ୍ଦେଶକ ଜନ୍ ୱାଟ୍‌ଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ପୂର୍ବ ସିରିଜ୍‌ର ଅଧିକାଂଶ କଳାକାର ରହିଛନ୍ତି।



# ମା' ହେବେ କାଜଲ

**ମୁମ୍ବାଇ:** ସାଉଥ ସୁନ୍ଦରୀ କାଜଲ ଅଗ୍ରୱାଲ ମା' ହେବା ଖବର କିଛିଦିନ ହେଲା ଚର୍ଚ୍ଚାରେ ରହୁଛି। ହେଲେ ଏହା କେତେ ସତ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏବେ କାଜଲ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିବା ପରେ ଆଲୋଚନା ପୁଣିଥରେ ଦ୍ୱିଗୁଣା ହୋଇଛି। ଉକ୍ତ ଫଟୋରେ କାଜଲଙ୍କ ବେବି ବମ୍ପ୍ ଦେଖିବାକୁ ମିଳୁଛି। ତେଣୁ ପ୍ରଶଂସକମାନେ ଅନୁମାନ ଲଗାଉଛନ୍ତି କି କାଜଲ ଖୁବଶୀଘ୍ର ମା' ହେବାକୁ ଯାଉଛନ୍ତି । ହେଲେ ଏ ସମ୍ପର୍କରେ କାଜଲ କୌଣସି ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଯେତେବେଳେ ଏହି କଥା ଆଲୋଚନା ହୋଇଥିଲା ସେତେବେଳେ କାଜଲ କହିଥିଲେ ସମୟ ଆସିଲେ ସେ ନିଜେ ଏହାର ଘୋଷଣା କରିବେ । ଅର୍ଥାତ ନା ସେ ତାଙ୍କ ପ୍ରେଗନାନ୍ସି ଖବରକୁ ଗ୍ରହଣ କରିଥିଲେ ନା ଖଣ୍ଡନ କରିଥିଲେ । ଏବେ କିନ୍ତୁ ତାଙ୍କ ସୋସିଆଲ ମିଡିଆ ଫଟୋଟି ଭାଇରାଲ ହୋଇଥିଲେ ସୁଦ୍ଧା କାଜଲ ଏ ସମ୍ପର୍କରେ କିଛି କହି ନାହାନ୍ତି ।

# ଟପୁଙ୍କ ଶୋ ଛାଡ଼ିବା ଗୁଜବ



**ମୁମ୍ବାଇ:** 'ତାରକ ମେହେତା କା ଉଲ୍‌ଟା ଚଷମା'ରେ ଟପୁ ଭୂମିକାରେ ଅଭିନୟ କରୁଥିବା ରାଜ୍ ଅନଦକତ ଶୋ ଛାଡ଼ିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଲୋକପ୍ରିୟ ଧାରାବାହିକରେ ବବିତା ଭୂମିକାରେ ଅଭିନୟ କରୁଥିବା ମୁନ୍‌ମୁନ୍ ଦତ୍ତାଙ୍କ ସହିତ ରାଜ୍ ଡେଟିଂ କରୁଥିବା ଗୁଜବ ପ୍ରଚାରିତ ହେବାପରେ ଏହାର ପ୍ରଭାବ ସିରିଏଲ୍ ଉପରେ ପଡ଼ିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ନିର୍ମାତା। ତେଣୁ ଟପୁଙ୍କୁ ବିଦା କରି ତାଙ୍କ ସ୍ଥାନ ଅନ୍ୟ କାହାରିକୁ ଦେବାକୁ ସଜବାଜ ଚାଲିଥିବା ଆଲୋଚନା ଜୋର୍ ଧରିଛି। ତେବେ ଏସବୁ କଳ୍ପନାଜଳ୍ପନାକୁ ରାଜ ଖଣ୍ଡନ କରିଛନ୍ତି। ଏଥିପୂର୍ବରୁ ମୁନ୍‌ମୁନ୍ ଶୋ ଛାଡ଼ିବେ ବୋଲି ଗୁଜବ ପ୍ରଚାରିତ ହୋଇଥିଲା।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସଞ୍ଜୀବ ସାହୁ**
(ନରୋତ୍ତମ)
ବିଦ୍ୟାନଗରୀ ସାହି, ବୋଲଗଡ଼, ଖୋର୍ଦ୍ଧା
ଆବିର୍ଭାବ: ୧୮।୦୪।୧୯୭୦
ତିରୋଧାନ: ୦୧।୦୧।୨୦୨୧
ଠାକୁର ନିଗମାନନ୍ଦଙ୍କ ପାଦପଦ୍ମରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୭୧୩୨୯

**୩୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ମଦନ ମୋହନ ସେନାପତି**
ଆବିର୍ଭାବ: ୨୮।୦୩।୧୯୩୪ (ବୁଧବାର)
ତିରୋଧାନ: ୨୨।୧୨।୧୯୯୧ (ରବିବାର)
(ପୌଷ କୃଷ୍ଣପକ୍ଷ ଦ୍ୱିତୀୟା ତିଥି)
ଆଜିର ଏହି ଶ୍ରାଦ୍ଧ ଦିବସରେ ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରୁ। ଆପଣଙ୍କ ସ୍ନେହ, ସେବାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କର ସ୍ନେହାଭିଳାଷୀ: ସ୍ତ୍ରୀ, ପୁତ୍ର-ବଧୂ, ଝିଅ-ଜ୍ୱାଇଁ, ନାତି ଓ ନାତୁଣୀ, କର୍ମଚାରୀବୃନ୍ଦ: ରବୀନ୍ଦ୍ର ମେଡିକାଲ୍ ହଲ୍ (A Unit of ରବୀନ୍ଦ୍ର ଲାଇଫ୍ ଲାଇନ୍ ପ୍ରା.ଲିଃ), ରବୀନ୍ଦ୍ର ହେଲ୍‌ଥ୍ କେୟାର୍ ପ୍ରା.ଲିଃ., ରବୀନ୍ଦ୍ର ଏଜେନ୍ସି, ରବୀନ୍ଦ୍ର ସର୍ଜିକାଲ୍ ଏଣ୍ଡ୍ ବିତରକ ପ୍ରା.ଲିଃ., ମଦନ ମୋହନ ଆସୋସିଏଟ୍‌ସ ଆଶ୍ରିତ ଉଦ୍ୟମୀ।
ଧ-୫୯୧୧୯

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ଗୀତାରାଣୀ ଦାଶ**
ସ୍ୱାମି- ✓ ଡ଼ାକ୍ତର ପନ୍ନଗ ଭୁଷଣ ଦାଶ
'ଗୀତା ଭବନ' ପ୍ଲଟ୍ ନଂ-୧୬୧୯, ପୁନମାଗେଟ, ଓଲ୍ଡ ଟାଉନ, ଭୁବନେଶ୍ୱର
Phone : 9937028979
ଆବିର୍ଭାବ : ୨୯.୦୩.୧୯୫୨
ତିରୋଧାନ : ୧୨.୧୨.୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୭୧୯୨୨

**CLASSIFIED DISPLAY**
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd Navi Mumbai
www.dksfl.in
7684939383

**କେମିତି ମଦ ଛାଡ଼ିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଜ, ବସ୍‌ଷ୍ଟାଣ୍ଡ ନିକଟ. ଝାରସୁଗୁଡ଼ା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ଼, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଇଣ୍ଡିଆନ ସୁପରଲିଗ୍‌ରେ ସୋମବାର ଜାମସେଦପୁର ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଅଷ୍ଟ୍ରେଲିଆ ୨୭୫ରନରେ ଜିତିଲା

**ଆଡିଲେଡ୍, ୨୦।୧୨ (ଏପି)**

ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଖେଳାଯାଇଥିବା ଦ୍ୱିତୀୟ ଆଶେସ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ୨୭୫ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଏଥିସହିତ ଦଳ ୫ ମ୍ୟାଚବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀଲାଭ କରିଛି। ଏହି ଦିବାରାତ୍ର ଟେଷ୍ଟରେ ୪୬୮ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିବା ପରେ ଇଂଲଣ୍ଡର ଦ୍ୱିତୀୟ ଇନିଂସକୁ ୧୯୨ ରନରେ ସୀମିତ କରି ଦେଇଥିଲା ଅଷ୍ଟ୍ରେଲିଆ। ସେତେବେଳକୁ ୫ମ ଦିବସ ଖେଳ ଆହୁରି ୨୧ ଓଭର ବାକି ଥିଲା। ଉଇକେଟକିପର ବ୍ୟାଟର ଜୋସ୍ ବଟଲର ୨୦୭ ବଲ ସାମ୍ନା କରି ମାତ୍ର ୨୬ରନ

**ଦ୍ୱିତୀୟ ଆଶେସ ଟେଷ୍ଟ**

କରିଥିଲେ। ସେ ଝେ ରିଚାର୍ଡସନଙ୍କ ବୋଲିଂ ଦୁର୍ଭାଗ୍ୟଜନକ ଭାବେ ହିଟ୍ ଉଇକେଟ ହୋଇ ୯ମ ଖେଳାଳିଭାବେ ଆଉଟ ହୋଇଯାଇଥିଲେ। ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ସ୍ମିଥ୍ କହିଛନ୍ତି, ଭ୍ରମଣକାରୀ ଦଳ ପରାଜିତ ହୋଇଥିଲେ ହେଁ ଅନ୍ତିମ ଦିବସରେ ମ୍ୟାଚ ବଞ୍ଚାଇବା ପାଇଁ ଲଢୁଆ ଖେଳ ପ୍ରଦର୍ଶନ କରିଥିଲା। ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ କହିଛନ୍ତି, ଆମକୁ ଆହୁରି ଧୈର୍ଯ୍ୟ ଓ ସତର୍କତାର ସହ ବ୍ୟାଟିଂ କରିବାର ଥିଲା। ବର୍ତ୍ତମାନ ଅଷ୍ଟ୍ରେଲିଆ ନିକଟରେ ଆଶେସ ରହିଥିବାରୁ ପରବର୍ତ୍ତୀ ମ୍ୟାଚକୁ ଅତିକମ୍‌ରେ ଡ୍ର' ରଖିପାରିଲେ ଚଳିତ ଆଶେସ ସିରିଜ ଜିତିପାରିବ। ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆର ସବୁଠାରୁ ସଫଳ ବୋଲର ଭାବେ ଝେ ରିଚାର୍ଡସନ ୪୨ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ବ୍ରିସ୍‌ବେନରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ମଧ ସେ ୯ ଉଇକେଟ ସଫଳତା ପାଇଥିଲେ। ଅଷ୍ଟ୍ରେଲିଆର ଏହା ହେଉଛ କ୍ରମାଗତ ୯ମ ଦିବାରାତ୍ର ମ୍ୟାଚ ବିଜୟ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଅବଶିଷ୍ଟ ୩ ଆଶେସ ଟେଷ୍ଟ ପାଇଁ ଏହାର ୧୫ ଜଣିଆ ଦଳ ଅପରିବର୍ତ୍ତିତ ରଖିଛି। ପାର୍ଶ୍ୱ ଯନ୍ତ୍ରଣା ପାଇଁ ଜୋସ୍ ହାଜେଲଉଡ୍ ଆଡିଲେଡ୍ ଟେଷ୍ଟ ଖେଳିପାରି ନ ଥିଲେ। ଶେଷ ମୁହୂର୍ତ୍ତରେ ଜଣେ କୋଭିଡ୍ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାରୁ ଫାଷ୍ଟ ବୋଲର ତଥା ଅଧିନାୟକ ପ୍ୟାଟ୍ କୁମିନ୍ସ ମଧ୍ୟ ଦ୍ୱିତୀୟ ଟେଷ୍ଟ ଖେଳି ପାରି ନ ଥିଲେ। ଉଭୟେ ଗୁରୁବାର ଦଳରେ ଯୋଗଦାନ କରିବେ। ହାଜେଲଉଡ୍‌ଙ୍କୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ନେଟ୍ସ ବେଳେ ଫିଟ୍‌ନେସ ପ୍ରମାଣ ଦେବାକୁ ପଡ଼ିବ। ବକ୍ସିଂ ଡେ' ଟେଷ୍ଟ ଡିସେମ୍ବର ୨୬ରୁ ଖେଳାଯିବ। ଜାନୁୟାରୀରେ ୪ର୍ଥ ଓ ୫ମ ଟେଷ୍ଟ ଯଥାକ୍ରମେ ସିଡ୍‌ନୀ ଓ ହୋବାର୍ଟରେ ଖେଳାଯିବ। ୧୨ଟି ଟେଷ୍ଟ ମ୍ୟାଚରେ ୨୨.୧୯ ଆଭରେଜ ରଖିଥିବା ମାର୍କସ ହାରିସ ଆଡିଲେଡ୍‌ରେ ୩ ଓ ୨୩ ରନ କରିଥିଲେ ସୁଦ୍ଧା ଟପ୍ ଅର୍ଡରରେ ସ୍ଥାନ ବଜାୟ ରଖିବେ ବୋଲି ଆଶା କରାଯାଉଛି।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୭୩

**ଇଂଲଣ୍ଡ ପ୍ରଥମ ଇନିଂସ:** ୨୩୬

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୩୦/୯, ଘୋଷଣା।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୧୯୨/ଅଲଆଉଟ (କ୍ରିସ୍ ଓକ୍ସ-୪୪, ରୋରି ବର୍ନ୍ସ-୩୪, ଜୋସ୍ ବଟଲର-୨୬, ଜୋ ରୁଟ୍-୨୪; ଝେ ରିଚାର୍ଡସନ-୫/୪୨, ମିଚେଲ ଷ୍ଟାର୍କ-୨/୪୩, ନାଥାନ ଲିୟନ-୨/୫୫)।



ଷ୍ଟୁଆର୍ଟ ବ୍ରଡ୍‌ଙ୍କ ବିରୋଧରେ ଅଷ୍ଟ୍ରେଲିଆ ଖେଳାଳିମାନେ ଏଲବିଡବ୍ଲ୍ୟୁ ଆବେଦନ କରୁଛନ୍ତି।

## ଆଇଏସ୍ଏଲ: ଦ୍ୱିତୀୟକୁ ଉଠିଲା ଜାମସେଦପୁର

**ବାମ୍ବୋଲିମ୍, ୨୦।୧୨**

ଇଣ୍ଡିଆନ ସୁପରଲିଗ୍‌ରେ ସୋମବାର ଅନୁଷ୍ଠିତ ଜାମସେଦପୁର-ବେଙ୍ଗାଲୁରୁ ଏଫ୍‌ସି ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ନିର୍ଦ୍ଧାରିତ ୯୦ ମିନିଟ ଏବଂ ଅତିରିକ୍ତ ୫ ମିନିଟର ଇଞ୍ଜୁରି ଟାଇମ୍‌ରେ ଉଭୟ ଦଳ ଗୋଲ ଦେବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇ ନ ଥିଲେ। ଏହି ବିଜୟ ସହ ଜାମସେଦପୁର ଏଫ୍‌ସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ଦଳ ୭ ମ୍ୟାଚ ଖେଳି ୩ ବିଜୟ, ୩ ଡ୍ର ଓ ୧ ପରାଜୟ ସହ ୧୨ ପଏଣ୍ଟରେ ପହଞ୍ଚିଛି। ମୁମ୍ବାଇ ସିଟି ଏଫ୍‌ସି ୭ ମ୍ୟାଚରୁ ୧୫ ପଏଣ୍ଟ ସହିତ ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫ୍‌ସି ୮ ମ୍ୟାଚରୁ ୧ ବିଜୟ, ୩ ଡ୍ର ଓ ୪ ପରାଜୟ ସହିତ ୬ ପଏଣ୍ଟ ପାଇ ୧୦ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।

## ଫିଜିକାଲ ଏଜୁକେଶନ କଲେଜ ଚାମ୍ପିୟନ

**ନିମାପଡ଼ା, ୨୦।୧୨ (ଡି.ଏନ୍.ଏ.)**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ କଲେଜର ଖେଳପଡ଼ିଆରେ ଆନ୍ତଃ କଲେଜ ଭଲିବଲ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ଫିଜିକାଲ ଏଜୁକେଶନ କଲେଜ ଚାମ୍ପିୟନ ହୋଇଥିବାବେଳେ ଅଡ଼ଶପୁରର ଉଦୟନାଥ ଅଟୋନୋମସ କଲେଜ ରନର୍ସଅପ ହୋଇଛି। ଏହି ପ୍ରତିଯୋଗିତାରେ ଜିସିପିଇ କଲେଜ(ଭୁବନେଶ୍ୱର), ମଦନପୁର କଲେଜ(ଖୋର୍ଦ୍ଧା), ସାକ୍ଷୀଗୋପାଳ କଲେଜ, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମୁଗୁପାଳ କଲେଜ(ଯାଜପୁର), ବଳଙ୍ଗା କଲେଜ, ହିନ୍ଦୋଳ କଲେଜ, ଉଦୟନାଥ(ୟୁ.ଏନ୍.) କଲେଜ(ଅଡ଼ଶପୁର) ଆଦି ୮ଟି କଲେଜ ଅଂଶଗ୍ରହଣ କରିଥିଲେ।

**ଆନ୍ତଃ କଲେଜ ଭଲିବଲ**

ରେଫରି ଭାବେ ଶ୍ରୀକାନ୍ତ ନାୟକ, ଅଶୋକ ବରାଳ, ପ୍ରିୟରଞ୍ଜନ ସାହୁ, ବଳରାମ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବୁତ, ଅଧ୍ୟକ୍ଷ ରମାକାନ୍ତ ଦାଶ, ପ୍ରଫେସର ବାଉରୀବନ୍ଧୁ ପଣ୍ଡା, ଅଧ୍ୟାପକ ସୁବ୍ରତ ମହାନ୍ତି, ସୁଶୀଳା ମିଶ୍ର, ଖେଳ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଣବ ସ୍ୱାଇଁ ପ୍ରମୁଖ ଯୋଗଦେଇ ଫିଜିକାଲ ଏଜୁକେଶନ କଲେଜକୁ ଚାମ୍ପିୟନ ଟ୍ରଫି ଓ ଉଦୟନାଥ କଲେଜକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ କୃତୀ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ସ୍ଥାନୀୟ ବହୁ କ୍ରୀଡ଼ାବିତ, ଭଲିବଲ ଖେଳାଳି ଯୋଗଦେଇଥିଲେ।

## ଆବୁଧାବିରୁ ଫେରିବା ପରେ ନାଡାଲ ପଜିଟିଭ୍

**ମାଡ୍ରିଡ୍, ୨୦।୧୨ (ଏପି):** ସ୍ପାନିଶ ଟେନିସ ଷ୍ଟାର ରାଫାଲ ନାଡାଲ କରୋନା ସଂକ୍ରମିତ ହୋଇଛନ୍ତି। ଆବୁଧାବିରେ ଏକ ପ୍ରଦର୍ଶନୀ ଟୁର୍ନାମେଣ୍ଟ ଖେଳି ସ୍ପେନ୍‌ରେ ପହଞ୍ଚିବା ପରେ ତାଙ୍କର ପିସିଆର୍ ଟେଷ୍ଟ ହୋଇଥିଲା। ଫଳାଫଳ ପଜିଟିଭ ଆସିଥିଲା। ବର୍ତ୍ତମାନ ସେ ଆଇସୋଲେଶନରେ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନଙ୍କୁ ଏବିଷୟରେ ଅବଗତ କରାଇଛନ୍ତି। ସ୍ପେନ୍‌ର ପୂର୍ବତନ ସମ୍ରାଟ ଜୁଆନ କାର୍ଲୋସଙ୍କ ସଂସ୍ପର୍ଶରେ ଆସିଥିବାରୁ ସେ କରୋନା ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି। ଗତବର୍ଷ ଆର୍ଥିକ ଦୁର୍ନୀତି ଅଭିଯୋଗ ସ୍ପେନ ରାଜପରିବାରକୁ ଲଜ୍ଜିତ କରିଥିଲା। ଫଳତଃ କାର୍ଲୋସ ବର୍ତ୍ତମାନ ସଂଯୁକ୍ତ ଆରବ ଏମିରେଟ୍ସରେ ଆସି ବାସ କରୁଛନ୍ତି।

## ଗୋଆର ଜର୍ଜ ଓରିଜ୍ ୨ ମ୍ୟାଚରୁ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୦।୧୨ (ପି.ଟି.):** ଆଇଏସ୍ଏଲର ଏକ ମ୍ୟାଚ ବେଳେ ବିଶୃଙ୍ଖଳା ପାଇଁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)ର ଶୃଙ୍ଖଳା କମିଟି ଏଫ୍‌ସି ଗୋଆ ଖେଳାଳି ଜର୍ଜ ଓରିଜ୍‌ଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ ସହ ୫୦,୦୦୦ ଟଙ୍କା ଜରିମାନା କରିଛି। ଡିସେମ୍ବର ୧୧ରେ ବାମ୍ବୋଲିମ୍‌ରେ ଏଫ୍‌ସି ଗୋଆର ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ମ୍ୟାଚ ବେଳେ ହିଂସାତ୍ମକ ଆଚରଣ ପାଇଁ ଏହି ଦଣ୍ଡବିଧାନ କରାଯାଇଛି।

## ସେମିରେ ଖଡ଼ଗପୁର ସେରସା

**ସୋର, ୨୦।୧୨ (ଡି.ଏନ.ଏ.)**

**ସର୍ବଭାରତୀୟ ମହାବୀର କ୍ରିକେଟ୍ ଟୁର୍ନାମେଣ୍ଟ**

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡ଼ିଆଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୩ତମ ସର୍ବଭାରତୀୟ ମହାବୀର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ସେରସା ଖଡ଼ଗପୁର ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ୨୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ ସେରସା ଖଡ଼ଗପୁର ୧୪.୫ ଓଭରରେ ୩ଟି ଉଇକେଟ ହରାଇ ୧୨୯ ରନ୍ କରି ବିଜୟୀ ହୋଇଥିଲା। ଓସିଏ ଲେଭୁଲ୍-୧ ଅମ୍ପାୟାର ଶରତ ଜେନା ଏବଂ ରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବାସୁଦେବ ଜେନା ଓ ଯଦୁନାଥ ଜେନା ଦାୟିତ୍ୱ ତୁଲାଇଥିବା ବେଳେ ସ୍କୋରର ଥିଲେ ମାନସ କୁମାର ଜେନା ଏବଂ ଅକ୍ଷୟ କୁମାର ଜେନା। ସମାଜସେବୀ ସୁଦର୍ଶନ ବେହେରା ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ସେରସା ଦଳର ସୁମନ ରାଓଙ୍କୁ ପୁରସ୍କୃତ କରିଥିଲେ। ସନାତନ ସେଠୀ, ମହେନ୍ଦ୍ର ଦେ, ବାଇଧର ସିଂ, ଗୌତମ ଜେନା, ଶକ୍ତି ସ୍ୱରୂପ ଦାସ, ବାପି ତ୍ରିପାଠୀ, ବାପୁଜୀ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ୟୁ ଆଣ୍ଡ ମି ବାଲେଶ୍ୱର ଏବଂ ସେର୍‌ସା ଖଡ଼ଗପୁର ମଧ୍ୟରେ ଅନୁଷ୍ଠିତ ହେବ।

## ସିନ୍ଧୁ ବିଡବ୍ଲ୍ୟୁଏଫ୍ ଆଥଲେଟ୍ସ କମିଶନ ସଦସ୍ୟ

**ନୂଆଦିଲ୍ଲୀ, ୨୦।୧୨ (ପି.ଟି.):** ଭାରତର ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ସୋମବାର ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଆଥଲେଟ୍ସ କମିଶନ୍‌ର ଜଣେ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ଏହି ୨୬ବର୍ଷୀୟା ପୂର୍ବତନ ଚାମ୍ପିୟନଙ୍କ ବ୍ୟତୀତ ଅନ୍ୟ ୫ଜଣଙ୍କୁ ମଧ୍ୟ ସମାନ ନିଯୁକ୍ତି ମିଳିଛି। ସମସ୍ତଙ୍କ କାର୍ଯ୍ୟକାଳ ୨୦୨୫ ପର୍ଯ୍ୟନ୍ତ ରହିବ। ସେମାନେ ହେଲେ ଇରିଶ ୱାଙ୍ଗ୍ (ୟୁଏସ୍ଏ), ରବିନ ଟାବେଲିଂ (ନେଦରଲାଣ୍ଡ୍ସ), ଗ୍ରେସିଆ ପୋଲି (ଇଣ୍ଡୋନେସିଆ), କିମ୍ ସୋୟଙ୍ଗ୍ (କୋରିଆ), ଝେଙ୍ଗ୍ ସି ୱି (ଚାଇନା)। ଏହି ୬ ସଦସ୍ୟ ଖୁବ୍‌ଶୀଘ୍ର ଚେୟାରମ୍ୟାନ ଓ ଭାଇସ୍‌ଚେୟାରମ୍ୟାନ ବାଛିବେ। ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ସିନ୍ଧୁ ଚଳିତ ବର୍ଷ ପ୍ରଥମ ଭାଗରେ ଟୋକିଓ ଗେମ୍ସରେ ବ୍ରୋଞ୍ଜ ପଦକ ପାଇ ଇତିହାସ ସୃଷ୍ଟି କରିଥିଲେ। ମର୍ଯ୍ୟାଦାପୂର୍ଣ୍ଣ ବିଶ୍ୱ ଚାମ୍ପିୟନଶିପ୍‌ରେ ସିନ୍ଧୁ ୨ ରୌପ୍ୟ ଓ ୨ ବ୍ରୋଞ୍ଜ ବ୍ୟତୀତ ୨୦୧୯ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।



ପି.ଭି. ସିନ୍ଧୁ

# ରାଜ୍ୟସ୍ତରୀୟ ଚେସ୍ ଉଦ୍‌ଯାପିତ

**ଅନୁଗୋଳ ଅଫିସ, ୨୦।୧୨**

ଅନୁଗୋଳ ସରସ୍ୱତୀ ଶିଶୁ ମନ୍ଦିର ଅଡିଟୋରିୟମ୍‌ରେ ୨ ଦିନିଆ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମୋଟ ୪୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୮ ଜଣଙ୍କୁ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ସେମାନେ ହେଲେ ବାଳିକା ବର୍ଗରେ ଖୋର୍ଦ୍ଧାର ଅନନ୍ୟା ଅନାମିକା, କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ, ସମ୍ବଲପୁରର ପ୍ରଜ୍ଞାଶ୍ରୀ ଦେହୁରୀ ଓ ଖୋର୍ଦ୍ଧାର ଅନ୍ତନ୍ତୋୟା ଚାଟାର୍ଜୀ,

**ଜାତୀୟସ୍ତରକୁ ଯିବେ ୮ ଖେଳାଳି**

ବାଳକ ବର୍ଗରେ ପୁରୀର ଜଗଦୀଶ ବାରିକ, ଖୋର୍ଦ୍ଧାର ସମ୍ବିତ ପଣ୍ଡା, ଢେଙ୍କାନାଳର ଇନ୍ଦ୍ରଜିତ ସୂର୍ଯ୍ୟପ୍ରାଞ୍ଜଳ ଓ ସୁନ୍ଦରଗଡ଼ର ସୁମିତ ରଞ୍ଜନ ପଣ୍ଡା। ସେହିପରି ୧୨ ବର୍ଷରୁ କମ୍ ବିଭାଗରେ ପୁରୀର ଶାନ୍ତନୁ ବରାଳ, ୧୦ ବର୍ଷରୁ କମ୍ ବିଭାଗରେ କଟକର ବିନାୟକ କୁମାର ସାମଲ, ୮ ବର୍ଷରୁ କମ୍‌ରେ ଖୋର୍ଦ୍ଧାର ମନୀଷ ମିଶ୍ର ବିଜୟୀ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ରାଜ୍ୟ ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, କୋଷାଧ୍ୟକ୍ଷ ଶଙ୍କର ମିଶ୍ର, ଖୋର୍ଦ୍ଧା ଚେସ୍ ସଂଘ ସଭାପତି ଶୁଭାଶିଷ ପଟ୍ଟନାୟକ, ଅନୁଗୋଳ ଚେସ ସଂଘ ସଭାପତି ଶାନ୍ତନୁ ସର, ସମ୍ପାଦକ ବସନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ତାପସ କୁମାର ମହାନ୍ତି ଓ ସନ୍ତୋଷ ମହାପାତ୍ର ଖେଳ ପରିଚାଳନା କରିଥିଲେ।



ଅନୁଗୋଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପର ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ସହ କୃତୀ ଖେଳାଳିମାନେ।

## ରାଡୁକାନୁ ବିବିସି ସ୍ପୋର୍ଟ୍ସ ପର୍ସନାଲିଟି ଅଫ୍ ଦି ଇୟର

**ଲଣ୍ଡନ, ୨୦।୧୨ (ଏପି):** ୟୁଏସ୍ ଓପନ ଟେନିସ ଚାମ୍ପିୟନ ଏମା ରାଡୁକାନୁ ବିବିସିର ସ୍ପୋର୍ଟ୍ସ ପର୍ସନାଲିଟି ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ୨୦୨୧ରେ ତାଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ୧୯ ବର୍ଷୀୟ ରାଡୁକାନୁ ଗତ ସେପ୍ଟେମ୍ବରରେ ନ୍ୟୁୟର୍କରେ ପ୍ରଥମ କ୍ୱାଲିଫାୟର ଭାବେ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ୧୯୭୭ରେ ଭର୍ଜିନିଆ ୱେଡ୍‌ଙ୍କ ପରେ ସେ ପ୍ରଥମ ବ୍ରିଟିଶ ମହିଳା ଭାବେ ଏକ ପ୍ରମୁଖ ଟୁର୍ନାମେଣ୍ଟ ଜିତିପାରିଛନ୍ତି। ପୁରସ୍କାର ଦୌଡ଼ରେ ସେ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଡ୍ରାଇଭର ଟମ୍ ଡାଲେ ଓ ସନ୍ତରଣକାରୀ ଆଡାମ ପିଟିଙ୍କୁ ପଛରେ ପକାଇ ଦେଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୧/୨୦୨୧ (୮+୮=୧୬ ପୃଷ୍ଠା) Bhubaneswar, Tuesday, December 21/2021



**ଜ୍ୟାକ୍‌ଲିନଙ୍କୁ ଫିଲ୍ମ ଲୋଭ ଦେଖାଇଥିଲେ ସୁକେଶ**
ମନି ଲଣ୍ଡରିଂ ମାମଲାର ମୁଖ୍ୟ ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖର ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍‌ଙ୍କୁ ୫୦୦ କୋଟି ବଜେଟର ଫିଲ୍ମରେ କାମ ଦେବାକୁ ଲୋଭ ଦେଖାଇଥିଲେ।
୦୨

୦୮
**ଜୟନ୍ତୀଙ୍କୁ ୩ ସ୍ୱର୍ଣ୍ଣ**
ବେଙ୍ଗାଲୁରୁରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୩ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି ଓଡ଼ିଶା ପାରା ଆଥଲେଟ୍ ଜୟନ୍ତୀ ବେହେରା।



# ପାନାମା ପେପର୍ସ: ଐଶ୍ୱର୍ଯ୍ୟାଙ୍କୁ ଜେରା



## ତଦନ୍ତ ପରିସରଭୁକ୍ତ ହେବେ ଅମିତାଭ

ନୂଆଦିଲ୍ଲୀ, ୨୦।୧୨

ବହୁ ଚର୍ଚ୍ଚିତ ପାନାମା ପେପର୍ସ ଲିକ୍ ମାମଲା ବଚ୍ଚନ ପରିବାର ପାଇଁ ଅଡୁଆ ବଢ଼ାଇଛି। ବିଶ୍ୱ ସୁନ୍ଦରୀ ତଥା ବଚ୍ଚନ ପରିବାରର ବୋହୂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ସୋମବାର ଦିଲ୍ଲୀସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅଫିସ୍‌ରେ ହାଜର ହୋଇଛନ୍ତି। ଇଡି ଅଧିକାରୀମାନେ ଏହି ବଲିଉଡ୍ ଅଭିନେତ୍ରୀଙ୍କୁ ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ (ଏଫ୍‌ଇଏମ୍‌ଏ) ଅଧୀନରେ ୫ ଘଣ୍ଟା ଧରି ପଚରାଉଚରା ସହ ତାଙ୍କ ବୟାନ ରେକର୍ଡ କରିଛନ୍ତି। ଏହା ପୂର୍ବରୁ ୪୮ ବର୍ଷୀୟା ଐଶ୍ୱର୍ଯ୍ୟାଙ୍କୁ ଜେରା ପାଇଁ ଇଡି ସମନ କରିଥିଲେ ହେଁ ୨ ଥରଯାକ ସେ ହାଜର ନିମନ୍ତେ ଅଧିକ ସମୟ ମାଗିଥିଲେ। ବ୍ରିଟିଶ ଭର୍ଜିନ ଆଇଲାଣ୍ଡସ୍ ସ୍ଥିତ କମ୍ପାନୀରେ ସେ ତାଙ୍କ ଟଙ୍କା ରଖିଥିଲେ ବୋଲି ଅଭିଯୋଗ ରହିଛି।

ପାନାମା ପେପର୍ସ ଲିକ୍ ମାମଲାରେ ୩ ଶହରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ନାମ ରହିଥିଲା। ସେମାନଙ୍କ ମଧ୍ୟରେ ଅଧିକାଂଶ ନେତା, ମନ୍ତ୍ରୀ, ଅଭିନେତା, କ୍ରୀଡ଼ାବିତ୍, ବଡ଼ ବ୍ୟବସାୟୀ ଆଦି ଶ୍ରେଣୀର ଲୋକଙ୍କ ନାଁ ସାମ୍ନା ଆସିଥିଲା। ବିଭିନ୍ନ ଅଫ୍‌ଶୋର କମ୍ପାନୀ ଖୋଲି ଟିକସ ଫାଙ୍କିବା, ମନି ଲଣ୍ଡରିଂ, ବ୍ୟବସାୟରେ ଅନ୍ତର୍ଜାତୀୟ କଟକଣା ଉଲ୍ଲଂଘନ କରିବା ଆଦି ଅଭିଯୋଗ ରହିଥିଲା। ୨୦୧୬ରେ ପାନାମା ଲ' ଫାର୍ମ ମୋସାକ ଫୋନ୍‌ସିକାର ୧.୧୫ କୋଟି ଡକ୍ୟୁମେଣ୍ଟ ଲିକ୍ ହେବା ପରେ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଥିଲା। ଜର୍ମାନ ନ୍ୟୁଜ୍ ପେପର 'ସୁଦେଡ୍‌ଶ ଜିଟଙ୍ଗ'ରେ ଏହି ଲିକ୍ ଡକ୍ୟୁମେଣ୍ଟ ପ୍ରକାଶ ପାଇଥିଲା। ଏଥିରେ ବିଶ୍ୱର ପ୍ରମୁଖ ବ୍ୟକ୍ତିତ୍ୱ ତଥା ବଡ଼ ବ୍ୟବସାୟୀ, ସେଲିବ୍ରିଟିଙ୍କ ନାଁ ରହିଥିଲା। ବିଗ୍ ବି ଅମିତାଭ ବଚ୍ଚନ ମଧ୍ୟ ତାଲିକାରେ ରହିଛନ୍ତି। ରିପୋର୍ଟ ଅନୁସାରେ, ଅମିତାଭଙ୍କୁ ୪ କମ୍ପାନୀର ନିର୍ଦ୍ଦେଶକ କରାଯାଇଥିଲା। ସେଥିରୁ ୪ଟି ବାହାମସ୍‌ରେ ଏବଂ ଗୋଟିଏ ଭର୍ଜିନ ଆଇଲାଣ୍ଡସରେ ଥିଲା। ୧୯୯୩ରେ ସେଗୁଡ଼ିକ ଖୋଲିଥିଲା। କମ୍ପାନୀଗୁଡ଼ିକର କ୍ୟାପିଟାଲ ୫ ହଜାରରୁ ୫୦ ହଜାର ଡଲାର ଥିବାବେଳେ ସେଗୁଡ଼ିକ କିନ୍ତୁ କୋଟି କୋଟି ଟଙ୍କା ମୂଲ୍ୟର ଜାହାଜ କାରବାର କରୁଥିଲେ। ଐଶ୍ୱର୍ଯ୍ୟା ୨୦୦୫ରେ ପ୍ରତିଷ୍ଠା ହୋଇଥିବା ଏମିକ୍ ପାର୍ଟନର୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀର ☞ପୃଷ୍ଠା-୬





ଗୋପୀନାଥପୁର-ସିଂହନାଥ ପୀଠ-ବୈଦ୍ୟେଶ୍ୱର ଟି-ସେତୁକୁ ସୋମବାର ଲୋକାର୍ପଣ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତୁ ଉପରେ ବୁଲି ମହାନଦୀର ମନୋରମ ଦୃଶ୍ୟ ଉପଭୋଗ କରୁଛନ୍ତି। ଲୋକାର୍ପିତ ଟି-ସେତୁ।

# ଓଡ଼ିଶାର ଦୀର୍ଘତମ ସେତୁ ଲୋକାର୍ପିତ

■ ବଡ଼ମ୍ବା ଗୋପୀନାଥପୁରରୁ ବାଙ୍କୀ ବୈଦ୍ୟେଶ୍ୱର ଏବଂ ମହାନଦୀରେ ସିଂହନାଥ ମନ୍ଦିରକୁ ସଂଯୋଗ କରୁଛି

■ ୩.୪ କି.ମି. ଟି-ଆକାରର ସେତୁ ପାଇଁ ଖର୍ଚ୍ଚ ୧୧୧ କୋଟି

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ମହାନଦୀ ଉପରେ ଓଡ଼ିଶାର ଦୀର୍ଘତମ ସେତୁକୁ ଲୋକାର୍ପିତ କରିଛନ୍ତି। ସେତୁର ଲମ୍ବ ୩.୪ କିଲୋମିଟର। ରାଜ୍ୟର ଏହି ଦୀର୍ଘ ସେତୁର ଆକାର ଇଂଲିଶ୍ ଅକ୍ଷର 'ଟି' ସଦୃଶ ହୋଇଛି। ଏଥିରେ ୧୧୧କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ହାଇଲେଭଲ ସେତୁ କଟକ ଜିଲା ବଡ଼ମ୍ବା ନରସିଂହପୁରର ଗୋପୀନାଥପୁର-ସିଂହନାଥ ପୀଠ ଓ ବୈଦ୍ୟେଶ୍ୱରକୁ ସଂଯୋଗ କରିଛି। ଏହି ସେତୁ ନିର୍ମାଣ ହେବା ଦ୍ୱାରା କଟକ ଓ ଖୋର୍ଦ୍ଧାରେ ରହୁଥିବା ଲୋକଙ୍କ ପାଇଁ ୪୫ କିଲୋମିଟର ଦୂରତା କମିଛି। ଏହାଦ୍ୱାରା ପ୍ରାୟ ୫ ଲକ୍ଷ ଲୋକ ଉପକୃତ ହେବେ।

କୃଷି, ପର୍ଯ୍ୟଟନ, ବାଣିଜ୍ୟ କ୍ଷେତ୍ରରେ ଟି-ସେତୁ ଏକ ମାଇଲଖୁଣ୍ଟ ସାଜିବ। ମୁଖ୍ୟମନ୍ତ୍ରୀ ୨୦୧୪ରେ ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନୂଆ ସେତୁକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆଗ୍ରହ ବଢ଼ିବାରେ ଲାଗିଛି। ବହୁ ଦିନର ଦାବି ପୂରଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଲୋକେ କୃତଜ୍ଞତା ଜଣାଇଛନ୍ତି। ସେତୁ ଉଦ୍‌ଘାଟନ ସମାରୋହରେ ମୁଖ୍ୟମନ୍ତ୍ରୀ ବହୁତ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ସ୍ଥାନୀୟ ଲୋକଙ୍କୁ ଆପଣମାନେ ଖୁସିତ ବୋଲି ପଚାରିଥିଲେ। ଲୋକମାନେ ଆନନ୍ଦ ପ୍ରକାଶ ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ଲୋକାର୍ପଣ ପରେ ମୁଖ୍ୟମନ୍ତ୍ରୀ ସେତୁ ବୁଲି ଦେଖିଥିଲେ। ସେତୁରୁ ମହାନଦୀର ମନୋରମ ଦୃଶ୍ୟ ଉପଭୋଗ କରିଥିଲେ। ନିଜର ପ୍ରିୟ ନେତା ଅଞ୍ଚଳକୁ ଆସିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଥରେ ଦେଖିବାକୁ ଲୋକଙ୍କ ମଧ୍ୟରେ ସତେ ☞ପୃଷ୍ଠା-୬

# ୩ ସନ୍ଦିଗ୍ଧଙ୍କ ହେଲା ଲାଏ ଡିଟେକ୍ସନ ଟେଷ୍ଟ

## ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ପିଏ ଚିତ୍ତରଞ୍ଜନ ହତ୍ୟା ମାମଲା

ପୁରୀ ଅଫିସ/ ଭୁବନେଶ୍ୱର(ବ୍ୟୁରୋ), ୨୦।୧୨

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଚିତ୍ତରଞ୍ଜନ ପଲେଇ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତକୁ ୬ଦିନ ପୂରିଥିଲେ ବି ଘଟଣା ଉପରୁ ପରଦା ହଟିପାରି ନାହିଁ। ପ୍ରକୃତରେ ଚିତ୍ତଙ୍କର କିପରି ମୃତ୍ୟୁ ଘଟିଛି ତାହା ଏବେ ବି ସନ୍ଦେହ ଘେରରେ ରହିଛି। ତେବେ ଏହି ହତ୍ୟା ମାମଲାରେ ପୋଲିସ ସ୍କାନର୍‌ରେ ଥିବା ତିନିଜଣ ସନ୍ଦିଗ୍ଧଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଛି। ସୋମବାର ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫରେନ୍‌ସିକ ଲାବ୍‌ରେ ଜଣେ ମହିଳାଙ୍କ ସମେତ ଦୁଇଜଣ ଯୁବକଙ୍କ ଏହି ଟେଷ୍ଟ କରାଯାଇଛି। ପୂର୍ବାହ୍ନ ୧୧ଟାରେ ସନ୍ଦିଗ୍ଧମାନଙ୍କୁ ଫରେନ୍‌ସିକ ଲାବ୍‌କୁ ଅଣାଯାଇ ପୃଥକ ଭାବେ ସମସ୍ତଙ୍କର ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଥିଲା। ସେଦିନ ରାତିରେ କିଏ କିଏ ଭୋଜି କରୁଥିଲେ, ସମ୍ପୃକ୍ତ ମହିଳାଙ୍କ ଘରକୁ କାହିଁକି ଯାଇଥିଲେ, ମୃତ୍ୟୁ ପୂର୍ବରୁ ଝଗଡ଼ା



ହୋଇଥିଲା କି ପ୍ରଭୃତି ଅନେକ ଦିଗକୁ ନେଇ ୧୦୦ରୁ ଅଧିକ ପ୍ରଶ୍ନ ସେମାନଙ୍କୁ ପଚରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ମୃତ୍ୟୁ ପୂର୍ବରୁ ଚିତ୍ତରଞ୍ଜନଙ୍କ ସଂସ୍ପର୍ଶରେ ଏମାନେ ଆସିଥିଲେ। ତେଣୁ ଚିତ୍ତରଞ୍ଜନଙ୍କ ମୃତ୍ୟୁ ପଛରେ ଏମାନଙ୍କ ସମ୍ପୃକ୍ତି ଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରିଛି। ସନ୍ଦିଗ୍ଧମାନେ ପୂର୍ବରୁ ପୋଲିସକୁ ଦେଇଥିବା ବୟାନ ଓ ଅନ୍ୟ କିଛି ପ୍ରଶ୍ନକୁ ନେଇ କ୍ରାଇମବ୍ରାଞ୍ଚ ପ୍ରଶ୍ନାବଳୀ ପ୍ରସ୍ତୁତ କରିଥିଲା। ସେହି ଆଧାରରେ ସେମାନଙ୍କୁ ପ୍ରଶ୍ନ ପଚରାଯାଇଛି। ଲାଏ ଡିଟେକ୍ସନ ରିପୋର୍ଟ ଆସିବା ପରେ ସନ୍ଦିଗ୍ଧମାନେ କେତେ ସତ ଓ କେତେ ମିଛ କହିଛନ୍ତି, ତାହା ସ୍ପଷ୍ଟ ହୋଇଯିବ।

ଚିତ୍ତରଞ୍ଜନ ହତ୍ୟା ମାମଲାରେ ବ୍ୟବଚ୍ଛେଦ ରିପୋର୍ଟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି। ଏନେଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା. ପ୍ରଣବ ଶଙ୍କର ଦାଶ କହିଛନ୍ତି, ପୋଷ୍ଟମର୍ଟମ ରିପୋର୍ଟ ଦାଖଲ ହୋଇଛି। ଭିସେରା ରିପୋର୍ଟ ପାଇଁ ତଥ୍ୟ ଭୁବନେଶ୍ୱର ଫରେନ୍ସିକ୍ ଲାବ୍‌କୁ ପଠାଯାଇଛି। ଏହି ରିପୋର୍ଟ ଓ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଯାହା କିଛି କୁହାଯାଇପାରିବ।

ଅନ୍ୟପକ୍ଷରେ ଦୁର୍ଘଟଣା ଯୋଗୁ ଚିତ୍ତରଞ୍ଜନଙ୍କ ଶରୀରରେ ଅନେକ କ୍ଷତସ୍ଥାନ ରହିଥିବା ଡା. ଦାଶ କହିଛନ୍ତି। ସେହିଭଳି ସମ୍ପୂର୍ଣ୍ଣ ଭିଡିଓଗ୍ରାଫି ମଧ୍ୟ କରାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ତଦନ୍ତ ପ୍ରକ୍ରିୟାକୁ ସହାୟକ ହେବ ବୋଲି ସେ କହିଛନ୍ତି। ☞ପୃଷ୍ଠା-୬

# ପାକିସ୍ତାନୀ ବୋଟ୍‌ରୁ ୪୦୦ କୋଟିର ହେରୋଇନ ଜବତ

ଗାନ୍ଧୀନଗର, ୨୦।୧୨(ଆଇଏଏନ୍‌ଏସ୍)

ଗୁଜରାଟ ଉପକୂଳରେ ଏକ ପାକିସ୍ତାନୀ ମାଛଧରା ବୋଟ୍‌ରୁ ସୋମବାର ୭୭ କିଲୋଗ୍ରାମ ହେରୋଇନ ଜବତ ହୋଇଛି। ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଜବତ କରିଥିବା ଏହି ମାଦକ ଦ୍ରବ୍ୟର ମୂଲ୍ୟ ପ୍ରାୟ ୪୦୦ କୋଟି ଟଙ୍କା। ତଟରକ୍ଷୀ ବାହିନୀ ଏବଂ ରାଜ୍ୟ ଏଟିଏସ୍ ମିଳିତ ଭାବେ ଚଢ଼ାଉ କରି ଭାରତୀୟ ଜଳରାଶିରେ ପ୍ରବେଶ କରିଥିବା ପାକିସ୍ତାନୀ ବୋଟ୍ 'ଅଲ୍ ହୁସେଇନ୍'କୁ ଜବତ କରିବା ସହ ସେଥିରେ ଥିବା ୬ ଜଣ ନାବିକଙ୍କୁ ଗିରଫ କରିଛି। ଅଧିକ ତଦନ୍ତ ଲାଗି ବୋଟ୍‌କୁ ଜଖାଉ ଅଣାଯାଇଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲରେ କଚ୍ଛ ଉପକୂଳ ନିକଟ ଭାରତୀୟ ଜଳରାଶିରେ ପ୍ରବେଶ କରିଥିବା ଏକ ବୋଟରୁ ୮ ପାକିସ୍ତାନୀଙ୍କୁ ଗିରଫ କରାଯିବା ସହ ୩୦ କିଲୋଗ୍ରାମ ହେରୋଇନ ଜବତ ହୋଇଥିଲା। ଏହାର ମୂଲ୍ୟ ପ୍ରାୟ ୧୫୦ କୋଟି ଟଙ୍କା। ସେହିପରି ମୋର୍ବି ଜିଲାରୁ ଗୁଜରାଟ ଏଟିଏସ୍ ☞ପୃଷ୍ଠା-୬

# ଗ୍ରୀଲ୍ ଭାଙ୍ଗିଲେ ମହିଳା, ଘରେ ପଶିଲେ ତପସ୍ୱିନୀ

## ତପସ୍ୱିନୀଙ୍କୁ ଭଡ଼ାଘରେ ରଖିବେ ସୁମିତ: ଏସ୍‌ଡିଜେଏମ୍

ବ୍ରହ୍ମପୁର ଅଫିସ, ୨୦।୧୨

ନ୍ୟାୟ ଦାବିରେ ବ୍ରହ୍ମପୁର ବ୍ରହ୍ମାନଗରସ୍ଥିତ ଶାଶୁ ଘର ସମ୍ମୁଖରେ ଧାରଣା ଦେଇଥିବା ତପସ୍ୱିନୀ ଦାଶଙ୍କ ମୂଳ ପିଟିଶନର ଶୁଣାଣି ସୋମବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହୋଇଛି। ଗତ ୯ ତାରିଖରେ ଏହି ପିଟିଶନର ଶୁଣାଣି କରିବା ପରେ ଏସ୍‌ଡିଜେଏମ୍ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାକୁ କାଏମ୍ ରଖିଛନ୍ତି। ଡା. ସୁମିତ ସାହୁ ଏକ ଭଡାଘର ନେଇ ତପସ୍ୱିନୀଙ୍କୁ ରଖିବେ, ତାଙ୍କର ଖାଇବା ଏବଂ ଔଷଧ ଖର୍ଚ୍ଚ ବୁଝିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଥିବା ତପସ୍ୱିନୀଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି। ତପସ୍ୱିନୀ ସୁମିତଙ୍କ ଘରେ ରହିବାକୁ କୋର୍ଟରେ ପିଟିଶନ ଦାଖଲ କରିଥିଲେ। କିନ୍ତୁ କୋର୍ଟ ଭଡାଘରେ ସୁମିତଙ୍କ ସହ ରହିବାକୁ ରାୟରେ ଦର୍ଶାଇଛନ୍ତି। ତପସ୍ୱିନୀଙ୍କ ସପକ୍ଷରେ ରାୟ ଆସି ନ ଥିବାରୁ ସ୍ଥାନୀୟ



ସ୍ଥାନୀୟ ମହିଳାଙ୍କ ସହ ଗ୍ରୀଲ୍ ଭାଙ୍ଗି ଘରେ ପଶିଲେ ତପସ୍ୱିନୀ।

କେତେଜଣ ମହିଳା ଉତ୍ତ୍ୟକ୍ତ ହୋଇ ସୋମବାର ରାତିରେ ସୁମିତଙ୍କ ଘର ଗ୍ରୀଲ୍ ଭାଙ୍ଗି ଭିତରକୁ ତପସ୍ୱିନୀଙ୍କୁ ନେଇ ଧସେଇ ପଶିଥିଲେ। ଫଳରେ ସେଠାରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଯେ, ବ୍ରହ୍ମପୁର ବ୍ରହ୍ମାନଗରର ସୁମିତ ଓ ତପସ୍ୱିନୀଙ୍କ ମଧ୍ୟରେ ବିବାହକୁ ନେଇ ବିବାଦ ଲାଗି ରହିଛି। ଫଳରେ ତପସ୍ୱିନୀଙ୍କୁ ସୁମିତ ଘରକୁ ନେଉନାହାନ୍ତି। ଏ ନେଇ ଆଇନଗତ ବିବାହ କରିଥିବା ତପସ୍ୱିନୀ ଗତ ୨୨ ତାରିଖରେ ଶାଶୁଘର ସମ୍ମୁଖରେ ଧାରଣା ଦେଇଥିଲେ। ଶାଶୁ ଘରେ ରହିବାକୁ ଅନୁମତି ଦିଆଯାଉ ବୋଲି ସେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଏହାର ଶୁଣାଣି କରି ଏସ୍‌ଡିଜେଏମ୍ ଗତ ୨ ତାରିଖରେ ରାୟ ପ୍ରକାଶ କରିବା ସହ ସୁମିତ ଓ ତପସ୍ୱିନୀଙ୍କୁ ଆସିକା ଚିନିଶିଳ୍ପ ଅତିଥି ଭବନରେ ୭ ଦିନ ଏକାଠି ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗତ ୯ ତାରିଖରେ ଏସ୍‌ଡିଜେଏମ୍ ☞ପୃଷ୍ଠା-୬




# ମା' ଗର୍ଭ ହିଁ ସୁରକ୍ଷିତ ସ୍ଥାନ

## ସୁଇସାଇଡ୍ ନୋଟ୍‌ରେ ଯୌନଶୋଷଣର ଶିକାର ନାବାଳିକାଙ୍କ ଆବେଗଭରା ବାର୍ତ୍ତା

ଚେନ୍ନାଇ, ୨୦।୧୨(ପିଟି)

'ମା' ଗର୍ଭ ଏବଂ ମଶାଣି ହିଁ ଜଣେ ଝିଅ ପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ'। ଏହା କୌଣସି ନାଟକର ସଂଳାପ ନୁହେଁ, ବରଂ ଏକ ସୁଇସାଇଡ୍ ନୋଟ୍‌ର କିୟଦଂଶ। ବାରମ୍ବାର ଯୌନଶୋଷଣର ଶିକାର ହେବା ପରେ ଏଭଳି ଆବେଗଭରା ବାର୍ତ୍ତା ଲେଖି ଜୀବନ ହାରିଛନ୍ତି ଜଣେ ନାବାଳିକା। ଶନିବାର ତାମିଲନାଡୁର ରାଜଧାନୀ ଚେନ୍ନାଇରେ ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି। ତେବେ ସୁଇସାଇଡ୍ ନୋଟ୍‌ରୁ ନାବାଳିକା ଜଣକ କିଭଳି ଯୌନ ଉତ୍ପୀଡ଼ନର ଅକଥନୀୟ ନିର୍ଯାତନା ଭୋଗିଥିଲେ,



ତାହା ସ୍ପଷ୍ଟ ହୋଇଛି। ପୋଲିସ ଜଣେ ୨୧ ବର୍ଷୀୟ କଲେଜ ଛାତ୍ରଙ୍କୁ ଗିରଫ କରିବା ସହ ତଦନ୍ତ ଆରମ୍ଭ କରିଛି।

ନାବାଳିକାଙ୍କ ମା' ବଜାର ଯାଇ ଫେରିବା ବେଳକୁ ଝିଅ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ହଠାତ୍ ଝିଅର ଏଭଳି ପଦକ୍ଷେପ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ପୋଲିସ ପହଞ୍ଚି ତଦନ୍ତ କରିବା ବେଳେ ସୁଇସାଇଡ୍ ନୋଟ୍ ମିଳିଥିଲା, ଯେଉଁଥିରେ ମୃତ ନାବାଳିକା ନିଜ ସହ ଘଟିଥିବା ଜଘନ୍ୟ ଯୌନ ଉତ୍ପୀଡ଼ନର କରୁଣ କାହାଣୀ ବର୍ଣ୍ଣନା କରିଥିଲେ, ଯାହାକି ପୂର୍ବରୁ ପରିବାର ଲୋକଙ୍କ ଅଗୋଚରରେ ଥିଲା।

ପୋଲିସ ସୂଚନା ଅନୁଯାୟୀ, ୩ବର୍ଷ ତଳେ ନାବାଳିକା ଜଣକ ୮ମ ଶ୍ରେଣୀରେ ଏବଂ ଅଭିଯୁକ୍ତ ଏକାଦଶ ଶ୍ରେଣୀରେ ଗୋଟିଏ ସ୍କୁଲରେ ପଢୁଥିଲେ। ଏହାପରେ ନାବାଳିକା ଜଣକ ଏକ ବାଳିକା ବିଦ୍ୟାଳୟରେ ନାମ ଲେଖାଇ ଚାଲିଯାଇଥିଲେ। ☞ପୃଷ୍ଠା-୬

### ଜୀବନ ହାରନି, ଆଇନଗତ ଲଢ଼େଇ କର: ଷ୍ଟାଲିନ୍

ତାମିଲନାଡୁରେ ଗତ କିଛି ସପ୍ତାହ ମଧ୍ୟରେ ଏଭଳି ୪ ଘଟଣା ଘଟିଲାଣି। ତନ୍ମଧ୍ୟରୁ ୨ଟିରେ ଶିକ୍ଷକଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଛି। ଯୌନଶୋଷଣର ଶିକାର ହୋଇ ପୀଡ଼ିତା ଆତ୍ମହତ୍ୟା କରିବା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଚିନ୍ତାବ୍ୟକ୍ତ କରିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି, ଏଭଳି ସମ୍ବେଦନଶୀଳ ଘଟଣା ତାଙ୍କୁ ବ୍ୟତିବ୍ୟସ୍ତ କରିପକାଉଛି। ଯୌନଶୋଷଣର ଶିକାର ହେଲେ ଜୀବନ ହାରିବା ବଦଳରେ ସାହସିକତା ପ୍ରଦର୍ଶନ କରିବା ଉଚିତ। ଆଇନର ସହାୟତା ନେଇ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଯାଏ ଲଢ଼େଇ କରିବାକୁ ସେ ପରାମର୍ଶ ଦେଇଛନ୍ତି।

**ଘରୁ ମିଳିଲା ୫ ମୃତଦେହ**

ହରିୟାଣାର ହିସାର ଜିଲାରେ ଏକ ଘରୁ ପରିବାରର ୫ ଜଣଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତକମାନେ ହେଲେ ରମେଶ କୁମାର(୪୩), ତାଙ୍କ ସ୍ତ୍ରୀ ସବିତା(୩୫), ଦୁଇ ଝିଅ ଅନୁଷ୍କା(୧୪), ଦୀପିକା(୧୨) ଏବଂ ପୁଅ କେଶବ(୧୦)। ରମେଶ ପ୍ରଥମେ ସ୍ତ୍ରୀ ଓ ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସକାଳେ ରମେଶଙ୍କ ମୃତଦେହ ଦେଖିବା ପରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।



# ଜମ୍ମୁ-କଶ୍ମୀରରେ ବଢ଼ିବ ବିଧାନସଭା ଆସନ

ନୂଆଦିଲ୍ଲୀ, ୨୦।୧୨(ପି.ଟି.)

ଜମ୍ମୁ-କଶ୍ମୀର ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କମିଶନ ଜମ୍ମୁ ଅଞ୍ଚଳ ପାଇଁ ଅତିରିକ୍ତ ୬ ଏବଂ କଶ୍ମୀର ପାଇଁ ଗୋଟିଏ ନିର୍ବାଚନ ମଣ୍ଡଳୀ ଗଠନ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୧୬ଟି ଆସନ ସଂରକ୍ଷିତ ରଖିଛନ୍ତି କମିଶନ। ଏହି ପ୍ରସ୍ତାବକୁ ଜମ୍ମୁ-କଶ୍ମୀରର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। କମିଶନ ଭାଜପାର ରାଜନୈତିକ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରୁଥିବା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଭିଯୋଗ କରିଛି। ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି), ଜମ୍ମୁ-କଶ୍ମୀର ଅପ୍‌ନି ପାର୍ଟି ଏବଂ ପିପୁଲ୍ସ କନ୍‌ଫରେନ୍ସ ମଧ୍ୟ କମିଶନଙ୍କ ଚିଠା ସୁପାରିସକୁ ଦୃଢ଼ ବିରୋଧ କରିଛନ୍ତି। ବର୍ତ୍ତମାନ କଶ୍ମୀର ଡିଭିଜନରେ ୪୬ ଓ ଜମ୍ମୁରେ ୩୭ ଆସନ ରହିଛି।

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନ ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନଙ୍କ ଦ୍ୱିତୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜମ୍ମୁ-କଶ୍ମୀରର ୫ ଲୋକ ସଭା ସଦସ୍ୟ ସହଯୋଗୀ ସଦସ୍ୟ ଥିବାବେଳେ ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ଏକ୍ସ-ଅଫିସିଓ ସଦସ୍ୟ ରହିଛନ୍ତି। ନିର୍ବାଚନମଣ୍ଡଳୀ ବୃଦ୍ଧି ପ୍ରସ୍ତାବ ଉପରେ ଡିସେମ୍ବର ୩୧ ସୁଦ୍ଧା ମତାମତ ଦେବାକୁ ଦଳଗୁଡ଼ିକୁ କୁହାଯାଇଛି। କମିଶନଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଦଳୀୟ ସହକର୍ମୀ ଏବଂ ଗୁପକାର ମେଣ୍ଟକୁ ଜଣାଇବେ ବୋଲି ଏହାର ଅଧ୍ୟକ୍ଷ ଫାରୁକ୍ କହିଛନ୍ତି। କମିଶନଙ୍କ ମାଧ୍ୟମରେ ଭାଜପା ଏହାର ରାଜନୈତିକ କାର୍ଯ୍ୟସୂଚୀ ଲଦିଦେବାକୁ ଯୋଜନା କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଟୁଇଟ୍ କରିଛନ୍ତି। କମିଶନଙ୍କ ଚିଠା ସୁପାରିସ ଗ୍ରହଣୀୟ ନୁହେଁ। ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ଜମ୍ମୁରେ ୬ ଏବଂ କଶ୍ମୀରରେ ଗୋଟିଏ ଅତିରିକ୍ତ ଆସନ ପ୍ରସ୍ତାବ ଯଥାର୍ଥ ନୁହେଁ ବୋଲି ଓମାର କହିଛନ୍ତି। ସୀମା ନିର୍ଦ୍ଧାରଣ କମିଶନଙ୍କ ପ୍ରସ୍ତାବକୁ କଶ୍ମୀର ଅପ୍‌ନୀ ଦଳ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି। ଭାଜପାର ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ କମିଶନ ଗଠନ କରାଯାଇଛି ବୋଲି ପିଡିପି ଅଧ୍ୟକ୍ଷା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଅଭିଯୋଗ କରିଛନ୍ତି। ଧର୍ମ ଓ ଆଞ୍ଚଳିକତା ଆଧାରରେ ଭାଜପା ଲୋକମାନଙ୍କୁ ଭାଗ ଭାଗ କରିବାକୁ ଚାହୁଁଛି। କେନ୍ଦ୍ର ସରକାରଙ୍କ ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ଏହି ବେଆଇନ ତଥା ଅସାମ୍ବିଧାନିକ ନିଷ୍ପତ୍ତିକୁ ଆଇନସମ୍ମତ କରିବା ଭଳି ସରକାର ଭାଜପା ଜମ୍ମୁ-କଶ୍ମୀରରେ ଚାହୁଁଛି ବୋଲି ମେହବୁବା କହିଛନ୍ତି।





କମିଶନଙ୍କ ପ୍ରସ୍ତାବ ଗ୍ରହଣୀୟ ନୁହେଁ। ଭାଜପା ଏହାର ରାଜନୈତିକ କାର୍ଯ୍ୟସୂଚୀ ଲଦିଦେବାକୁ ଯୋଜନା କରୁଛି।
– ଓମାର ଅବଦୁଲ୍ଲା, ଏନ୍‌ସି ନେତା

ଧର୍ମ ଓ ଆଞ୍ଚଳିକତା ଆଧାରରେ ଭାଜପା ଲୋକମାନଙ୍କ ଭାଗ ଭାଗ କରିବାକୁ ଚାହୁଁଛି।
– ମେହବୁବା ମୁଫ୍‌ତି, ପିଡ଼ିପି ଅଧ୍ୟକ୍ଷା

### ସୀମା ପୁନଃ ନିର୍ଦ୍ଧାରଣ କମିଶନଙ୍କ ପ୍ରସ୍ତାବକୁ ବିରୋଧ

## ସଂକ୍ଷେପରେ

### ତେଲଙ୍ଗାନାରେ ପ୍ରଥମ ସମଲିଙ୍ଗୀ ବିବାହ



**ହାଇଦ୍ରାବାଦ, ୨୦।୧୨:** ହାଇଦ୍ରାବାଦର ଦୁଇ ସମଲିଙ୍ଗୀ ଯୁବକ ଶନିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ତେଲଙ୍ଗାନାରେ ଏହା ପ୍ରଥମ ସମଲିଙ୍ଗୀ ବିବାହ। ଅଭୟ ଡାଙ୍ଗେ(୩୪) ଏବଂ ସୁପ୍ରିୟୋ ଚକ୍ରବର୍ତ୍ତୀ (୩୧) ୮ ବର୍ଷ ହେଲା ଡେଟିଂ କରୁଥିଲେ। ଶେଷରେ ପରିବାର ସଦସ୍ୟ ଓ ବନ୍ଧୁ ସମ୍ପର୍କୀୟଙ୍କ ଉପସ୍ଥିତିରେ ସେମାନେ ବିବାହ କରିଛନ୍ତି। ୨୦୧୮ରେ ସୁପ୍ରିମକୋର୍ଟ ସମଲିଙ୍ଗୀ ସମ୍ପର୍କକୁ ଅପରାଧ ମୁକ୍ତ କରିଥିଲେ ମଧ ଦେଶରେ ସମଲିଙ୍ଗୀ ବିବାହ ପଞ୍ଜୀକରଣକୁ ଏପର୍ଯ୍ୟନ୍ତ ଅନୁମତି ମିଳିନାହିଁ। ୧୮ ତାରିଖରେ ହାଇଦ୍ରାବାଦ ଉପକଣ୍ଠରେ ସୁପ୍ରିୟୋ ଏବଂ ଅଭୟ ବୈବାହିକ ଜୀବନ ବିତାଇବା ଲାଗି ଶପଥ ନେବା ସହ ପରସ୍ପରକୁ ମୁଦି ପିନ୍ଧାଇଥିଲେ। ପଞ୍ଜାବୀ ଓ ବେଙ୍ଗଲୀ ରୀତିନୀତି ଅନୁଯାୟୀ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ବିବାହ ପୂର୍ବରୁ ସେମାନଙ୍କ ମେହେନ୍ଦୀ ଓ ହଳଦୀ ଉତ୍ସବ ଏବଂ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଥିଲା।

### ଉପଯୋଗୀ ହୋଇଛି 'ସୁଗମ୍ୟ ଭାରତ'

**ନୂଆଦିଲ୍ଲୀ, ୨୦।୧୨ (ନ୍ୟୁ ଇଣ୍ଡିଆ ସମାଚାର):** ଦିବ୍ୟାଙ୍ଗମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ କେନ୍ଦ୍ର ସରକାରଙ୍କ 'ସୁଗମ୍ୟ ଭରତ' ଯୋଜନା ବେଶ୍ ଉପଯୋଗୀ ହୋଇଛି। ଘର, ସଡ଼କ, ରେଳ, ବିମାନବନ୍ଦର, ସରକାରୀ ୱେବସାଇଟ୍ ଇତ୍ୟାଦି କ୍ଷେତ୍ରରେ ଭିନ୍ନକ୍ଷମମାନଙ୍କୁ ଉନ୍ନତ ସୁବିଧା ଯୋଗାଇବା ହେଉଛି ସୁଗମ୍ୟ ଭାରତ ଅଭିଯାନର ଉଦ୍ଦେଶ୍ୟ। ଏହି ଅଭିଯାନକୁ ଆଇନଗତ ଶକ୍ତି ଏବଂ ଅଧିକାର ପ୍ରଦାନ କରିବାକୁ, କେନ୍ଦ୍ର ସରକାର ଭିନ୍ନକ୍ଷମଙ୍କ ଅଧିକାର ଆଇନ ୨୦୧୬ ପ୍ରଣୟନ କରିଛନ୍ତି। ର୍‍ୟାମ୍ପ, ଲିଫ୍ଟ, ପାର୍କିଂ, ଶୌଚାଳୟ ପରି ସୁବିଧା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ୧୫୨୪ ସରକାରୀ ଘରେ ଉପଲବ୍ଧ ହୋଇପାରିଛି। ଏଥିରେ କେନ୍ଦ୍ର ସରକାରଙ୍କ ୧୦୩୦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୪୯୪ଟି କୋଠା ରହିଛି। ଉପଲବ୍ଧତା ପାଇଁ ଚିହ୍ନିତ ୧୬୬୨ କୋଠାର ଅଡିଟ୍ ସମାପ୍ତ ହୋଇଛି। ଏଥିସହ ସମସ୍ତ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଭିନ୍ନକ୍ଷମଙ୍କ ନିମନ୍ତେ ଏ-୧, ଏ ଏବଂ ବି- ବର୍ଗର ରେଳ ଷ୍ଟେଶନ ନିର୍ମାଣ ଏବଂ ଅନ୍ୟ ଷ୍ଟେସନଗୁଡ଼ିକୁ ୫୦% ସଂରକ୍ଷିତ ରଖିବାକୁ ଲକ୍ଷ୍ୟ ରହିଛି। ୩୫ ଅନ୍ତର୍ଜାତୀୟ ଏବଂ ୬୯ଟି ଘରୋଇ ବିମାନବନ୍ଦର ମଧ୍ୟରୁ ୫୫ ଟିରେ ସୁଗମ୍ୟତା ଉପଲବ୍ଧ ହୋଇଛି। ୧୩୯୧ ରେଳ ଷ୍ଟେଶନରେ ଦିବ୍ୟାଙ୍ଗଙ୍କ ନିମନ୍ତେ ସୁବିଧା ରହିଛି। ୬୨ଟି ରାଜ୍ୟ ପରିବହନ ମାଲିକାନାରେ ଥିବା ୧,୪୭,୩୬୮ ବସ୍ ମଧ୍ୟରୁ ୪୨,୦୦୦ ରୁ ଅଧିକ ବସ୍ ଆଂଶିକ ଏବଂ ୧୦,୦୦୦ ରୁ ଅଧିକ ବସ୍ ସମ୍ପୂର୍ଣ୍ଣ ଭାବେ ସୁଗମ୍ୟ କରାଯାଇଛି। ବିଭିନ୍ନ ପାଠ୍ୟକ୍ରମ ମାଧ୍ୟମରେ ପ୍ରାୟ ୧୫୦୦ ସାଙ୍କେତିକ ଭାଷା ଅନୁବାଦକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି।

## ଗାବ୍ରିଏଲ୍ ଚିଲି ରାଷ୍ଟ୍ରପତି ନିର୍ବାଚିତ



**ସାଣ୍ଟିଆଗୋ, ୨୦।୧୨:** ପୂର୍ବତନ ଛାତ୍ର ଆନ୍ଦୋଳନ ନେତା ଗାବ୍ରିଏଲ୍ ବୋରିକ୍ ରବିବାର ଚିଲି ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ୩୫ ବର୍ଷୀୟ ଗାବ୍ରିଏଲ୍ ଦେଶର ସର୍ବକନିଷ୍ଠ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ଅସମାନତା ଓ ଦୁର୍ନୀତି ବିରୋଧରେ ଚିଲିରେ ଦୀର୍ଘଦିନ ହେଲା ଗଣବିକ୍ଷୋଭ ଜାରି ରହିବା ଫଳରେ ବିକାଶ ପ୍ରକ୍ରିୟା ଅଟକି ରହିଥିଲା। ଦେଶରେ ମହତ୍ତ୍ୱାକାଂକ୍ଷୀ ପରିବର୍ତ୍ତନ ଆଣିବା ଲାଗି ଗାବ୍ରିଏଲ୍ ପ୍ରତିଶ୍ରୁତି ଦେଇଥିଲେ। ଏହି ବାମପନ୍ଥୀ ନେତା ଚିଲିରେ ସରକାର ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ କେନ୍ଦ୍ରର ଫଳାଫଳ ଅନୁଯାୟୀ ଗାବ୍ରିଏଲ୍ ୫୬ ପ୍ରତିଶତ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜୋସ୍ ଆଣ୍ଟୋନିଓ କାଷ୍ଟଙ୍କୁ ୪୪ ପ୍ରତିଶତ ଭୋଟ ମିଳିଛି। ଗାବ୍ରିଏଲଙ୍କ ବିଜୟ ପାଇଁ କାଷ୍ଟ ତାଙ୍କୁ ଟୁଇଟ୍ କରି ଅଭିନନ୍ଦନ ଜଣାଇଛନ୍ତି।

## ଏନ୍‌ଡିପିଏସ୍ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ, ୨୦।୧୨(ପି.ଟି.)

ନିଶାଦ୍ରବ୍ୟ ଆଇନ ସଂଶୋଧନ ବିଲ୍ ସୋମବାର ପାର୍ଲାମେଣ୍ଟରରେ ଗୃହୀତ ହୋଇଛି। ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍ସ (ସଂଶୋଧନ) ବିଲ୍, ୨୦୨୧ ଗତ ୧୩ ତାରିଖରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ସୋମବାର ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରାଜ୍ୟ ସଭାରେ ଏହି ବିଲ୍ ଆଗତ କରିଥିଲେ। ଗତ ସେପ୍ଟେମ୍ବରରେ ଲାଗୁ ହୋଇଥିବା ଅଧ୍ୟାଦେଶ ସ୍ଥାନରେ ଉକ୍ତ ଆଇନ କାର୍ଯ୍ୟକାରୀ ହେବ ବୋଲି ସୀତାରାମନ୍ କହିଥିଲେ। ଧ୍ୱନି ମତରେ ବିଲ୍ ଗୃହୀତ ହୋଇଥିଲା। ତେବେ ବିଲ୍ ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସୁଯୋଗ ଦିଆ ନ ଯିବାରୁ ଏହାର ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

### ଭାଜପାକୁ ଅଭିଶାପ ଦେଲେ ଜୟା



ଜୟା ବଚ୍ଚନ

ବ୍ୟକ୍ତିଗତ ମନ୍ତବ୍ୟକୁ ନେଇ କ୍ଷୁବ୍ଧ ସମାଜବାଦୀ ପାର୍ଟି ସଦସ୍ୟା ଜୟା ବଚ୍ଚନ ସୋମବାର ରାଜ୍ୟ ସଭାରେ ଶାସକ ଦଳ ଭାଜପା ଉପରେ ବର୍ଷିଛନ୍ତି। ଏହି ଦଳ ପାଇଁ ଆଗକୁ ଖରାପ ଦିନ ଆସିବ ବୋଲି ସେ ଅଭିଶାପ ଦେଇଥିଲେ। ବିରୋଧୀଙ୍କ ମୁହଁ ବନ୍ଦ କରିବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରି ଗୃହର ଅଧ୍ୟକ୍ଷ ନିରପେକ୍ଷ ହେବା ଲାଗି ଜୟା କହିଥିଲେ। ଏନ୍‌ଡିପିଏସ୍ (ସଂଶୋଧନ) ବିଲ୍ ଆଲୋଚନାବେଳେ ଜୟା ନିଲମ୍ବିତ ୧୨ ସଦସ୍ୟଙ୍କ ପ୍ରସଙ୍ଗ ଉଠାଇଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ଭୁବନେଶ୍ୱର କାଲିତା ନିଜେ ମଧ୍ୟ ଗୃହ ମଧ୍ୟଭାଗରେ ପ୍ରତିବାଦ କରିଥାନ୍ତି ବୋଲି ସେ ଆକ୍ଷେପ କରି କହିଥିଲେ। ଗୃହର ଅଧ୍ୟକ୍ଷଙ୍କୁ ଅକ୍ଷେପ କରାଯାଉଥିବାରୁ ଭାଜପା ଏମ୍‌ପି ରାକେଶ ସିହ୍ନା ଏହାର ପ୍ରତିବାଦ କରିଥିଲେ। ଗୃହରେ ତାଙ୍କ ବିରୋଧରେ ବ୍ୟକ୍ତିଗତ ମନ୍ତବ୍ୟ ଦିଆଯାଉଛି। ଭାଜପା ପାଇଁ ଖରାପ ଦିନ ଆସିବ ବୋଲି ଜୟା କ୍ରୋଧାନ୍ୱିତ ହୋଇ କହିଥିଲେ।

## ଜ୍ୟାକଲିନଙ୍କୁ ସୁପରହିରୋ ଫିଲ୍ମ ଦେବାକୁ କହିଥିଲେ ସୁକେଶ

ମୁମ୍ବାଇ, ୨୦।୧୨



୨୦୦ କୋଟି ଟଙ୍କା ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖର ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କୁ ପ୍ରଭାବିତ କରିବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ସୁକେଶ ଅନେକ ବିଳାସପୂର୍ଣ୍ଣ ଘର, ଘୋଡ଼ା, ଗାଡ଼ି ଏବଂ ଦାମୀ ଉପହାର ଦେଇଥିବାବେଳେ ଏବେ ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଜ୍ୟାକ୍‌ଲିନ୍‌ଙ୍କୁ ନେଇ ସୁକେଶ ୫୦୦ କୋଟି ଟଙ୍କା ବଜେଟର ୩ ପାର୍ଟ ବିଶିଷ୍ଟ ଏକ ସିରିଜ କରିବେ ବୋଲି କହିଥଲେ। ଏଥିରେ ଜ୍ୟାକ୍‌ଲିନ ସୁପରଓମେନ୍ ଭୂମିକାରେ ରହିବେ। ବଲିଉଡ୍‌ରେ ଜ୍ୟାକ୍‌ଲିନ୍ କାମ ଖୋଜୁଥିବା ଜାଣି ସୁକେଶ ଫାଇଦା ଉଠାଇ ଥିଲେ। ସେ ଭାରତର ପ୍ରଥମ ଓମ୍ୟାନ୍ ସୁପରହିରୋ ଫିଲ୍ମ ନିର୍ମାଣ କରିବେ ଏବଂ ଏଥିରେ ହଲିଉଡ୍ ଭିଏଫ୍‌ଏକ୍ସ କଳାକାର ମଧ୍ୟ କାମ କରିବେ ବୋଲି ସୁକେଶ ତାଙ୍କୁ କହିଥିଲେ। ଜ୍ୟାକ୍‌ଲିନ ବି କିଛି ମାତ୍ରାରେ ସୁକେଶଙ୍କ କଥା ବିଶ୍ୱାସକୁ ନେଇଥିଲେ। ଅଭିଯୋଗ ଅନୁଯାୟୀ, ସୁକେଶ ତିହାର ଜେଲରେ ଥିବାବେଳେ ଜଣେ ବ୍ୟବସାୟୀଙ୍କ ସ୍ତ୍ରୀଙ୍କଠାରୁ ୨୦୦ କୋଟି ଟଙ୍କା ଠକେଇ କରିଥିଲେ। ୨୦୨୧ ଫେବୃୟାରୀଠାରୁ ସୁକେଶ କ୍ରମାଗତ ଭାବେ ଜ୍ୟାକ୍‌ଲିନ୍‌ଙ୍କ ସହ ସମ୍ପର୍କରେ ଥିଲେ।

### କେବେ ଅଶ୍ଳୀଳ ଫିଲ୍ମ କରିନି: କୁନ୍ଦ୍ରା

ନୂଆଦିଲ୍ଲୀ, ୨୦।୧୨

ଜୀବନରେ କେବେ ବି କୌଣସି ଅଶ୍ଳୀଳ ଫିଲ୍ମ ନିର୍ମାଣ କିମ୍ବା ଏହାର ପ୍ରସାର କରି ନ ଥିବା କହିଛନ୍ତି ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା। ସୋମବାର ଏକ ବିବୃତିରେ କୁନ୍ଦ୍ରା କହିଛନ୍ତି, ତାଙ୍କ ନୀରବତାକୁ ଦୁର୍ବଳତା ବୋଲି ଭାବିବା ଠିକ୍ ନୁହେଁ। ସେ ଏପରି କାମ କେବେ କରିନାହାନ୍ତି। ତାଙ୍କୁ ଫସାଇବା ପାଇଁ ଚକ୍ରାନ୍ତ ହୋଇଛି। ମାମଲା ଏବେ ବିଚାରାଧୀନ ରହିଥିବାରୁ ଏ ବିଷୟରେ ବିସ୍ତୃତ ତଥ୍ୟ ରଖିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

## ୪୭ ଜଣଙ୍କୁ ହତ୍ୟା କଲେଣି ବନ୍ଧୁକଧାରୀ



**ଲାଗୋସ୍, ୨୦।୧୨:** ନାଇଜେରିଆର ଅଶାନ୍ତ ଉତ୍ତର-ପୂର୍ବ ଅଞ୍ଚଳରେ ବନ୍ଧୁକଧାରୀଙ୍କ ବର୍ବରତା ସୀମା ଟପିବାରେ ଲାଗିଛି। ମାତ୍ର ୩ ଦିନ ମଧ୍ୟରେ ଆତତାୟୀମାନେ ୪୭ ଜଣଙ୍କୁ ଗୁଳି କରି ହତ୍ୟା କଲେଣି। କେବଳ ରବିବାର ୩୮ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଶୁକ୍ରବାର ୯ ଜଣଙ୍କୁ ଗୁଳି କରିଦିଆଯାଇଛି। ବହୁ ସଂଖ୍ୟାରେ ଗାଡ଼ି, ଫସଲ ସହ ଘରେ ନିଆଁ ଲଗାଇଦିଆଯାଇଛି। ତେବେ ଏଥିପାଇଁ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି। ଡକାୟତି ଗ୍ୟାଙ୍ଗ୍ ଏପରି କରୁଥିବା କୁହାଯାଉଛି। ୟୁଏସ୍ କାଉନସିଲ ଅନ୍ ଫରେନ ରିଲେଶନ ରିପୋର୍ଟ ଅନୁସାରେ, ଉତ୍ତର-ପୂର୍ବ ସମେତ ଦେଶର ମଧ୍ୟଭାଗରେ ୨୦୨୧ ବର୍ଷରେ ବନ୍ଧୁକଧାରୀମାନେ ଏପର୍ଯ୍ୟନ୍ତ ପ୍ରାୟ ୨,୫୦୦ ଲୋକଙ୍କୁ ହତ୍ୟା କରିଲେଣି। ଗତ ୩ ମାସରେ ଏହି ସଂଖ୍ୟା ଅଧିକ ମାତ୍ରାରେ ବଢ଼ିଛି। ଏହି ସଶସ୍ତ୍ର ଗୋଷ୍ଠୀଗୁଡ଼ିକରେ ଫୁଲାନି ଜାତିର ଯୁବକମାନେ ସାମିଲ ଅଛନ୍ତି। ଜଳ ଏବଂ ଚାରଣ ଭୂମିକୁ ନେଇ ହାଉସା କୃଷକ ସମ୍ପ୍ରଦାୟ ସହ ସେମାନଙ୍କ ବିବାଦ ରହିଆସିଛି। ଘଟଣାସ୍ଥଳରେ ସୁରକ୍ଷାକର୍ମୀ ନିୟୋଜିତ ହୋଇଥିଲେ ହେଁ କାହାରିକୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଦଶନ୍ଧି ଧରି ନାଇଜେରିଆ ସୈନ୍ୟ ଉତ୍ତର-ପୂର୍ବ ଅଞ୍ଚଳରେ ମୁସଲମାନ କଠୋରପନ୍ଥୀ ଗୋଷ୍ଠୀଙ୍କ ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ବୋକୋ ହାରାମ, ଇସ୍‌ଲାମିକ୍ ଷ୍ଟେଟ୍ ଭଳି ଆତଙ୍କବାଦୀ ସଙ୍ଗଠନ ନିଜ ପ୍ରଭାବ ବିସ୍ତାର କରିବାକୁ ଡକାୟତ ଗୋଷ୍ଠୀକୁ ଅସ୍ତ୍ରଶସ୍ତ୍ର ଯୋଗାଉଛନ୍ତି।

## ବ୍ରିଟେନ: ଦିନକରେ ୧୨ ହଜାର ଓମିକ୍ରନ୍ ମାମଲା

ଲଣ୍ଡନ, ୨୦।୧୨(ପି.ଟି.)

### ହୋଇପାରେ ଲକ୍‌ଡାଉନ୍

ବ୍ରିଟେନରେ ଓମିକ୍ରନ୍ ସଂକ୍ରମଣ ଦ୍ରୁତ ବେଗରେ ମାଡ଼ିଚାଲିଛି। ସେଠାରେ ଦୈନିକ ସଂକ୍ରମଣ ୧୨,୧୩୩ରେ ପହଞ୍ଚିଛି। ତେଣୁ କଠୋର ଲକ୍‌ଡାଉନ୍ ଲଗାଇବା ନେଇ ସୋମବାର ବ୍ରିଟିଶ କ୍ୟାବିନେଟରେ ଆଲୋଚନା ହୋଇଛି। ଦେଶରେ ମୋଟ ଓମିକ୍ରନ୍ ମାମଲା ୩୭,୧୦୧ରେ ପହଞ୍ଚିଛି। ରବିବାର ସେଠାରେ ୮୨,୮୮୬ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଓ ୪୫ ଜଣଙ୍କ ମୃତ୍ୟୁ ଘଟିଛି। ବ୍ରିଟେନରେ ଓମିକ୍ରନ୍ ଭାରିଆଣ୍ଟ ଜନିତ ମୃତ୍ୟୁସଂଖ୍ୟା ୧୨ରେ ପହଞ୍ଚିଛି। କଠୋର ଲକ୍‌ଡାଉନ ସପକ୍ଷରେ ନ ଥିବା ବ୍ରିଟିଶ ଉପପ୍ରଧାନମନ୍ତ୍ରୀ ଡୋମିନିକ୍ ରାବ୍ କହିଛନ୍ତି। ଟିକାକରଣ ବଢ଼ିଥିବା ସହ ଅଧିକାଂଶ ଲୋକଙ୍କୁ ବୁଷ୍ଟର ଡୋଜ୍ ଦିଆଗଲାଣି। ଚଳିତ ବର୍ଷ ପୂର୍ବବର୍ଷ ଅପେକ୍ଷା ଖ୍ରୀଷ୍ଟମାସ ଉତ୍ସବ ଭଲ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ତେବେ ଲୋକମାନେ ଯତ୍ନଶୀଳ ହେବା ସହ ସତର୍କ ରହିବା ଜରୁରୀ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ କୋଭିଡ୍ କଟକଣା ବଢ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ସରକାରଙ୍କୁ ୩ଟି ବିକଳ୍ପ ପ୍ରସ୍ତାବ ଦିଆଯାଇଛି। ଅତ୍ୟଧିକ ସଂକ୍ରମଣ ପାଇଁ କଠୋର ଗାଇଡ୍‌ଲାଇନ, ଦୋକାନ ଓ ରେଷ୍ଟୁରାଣ୍ଟଗୁଡ଼ିକୁ ଶୀଘ୍ର ବନ୍ଦ କରିବା ଏବଂ ଜନ ସମାଗମ କମ୍ କରିବା ଲାଗି ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି। ପୂର୍ବରୁ ଲକ୍‌ଡାଉନ ଯୋଗୁ ବ୍ୟବସାୟ ଗୁରୁତର ପ୍ରଭାବିତ ହୋଇଛି। ତେଣୁ କଠୋର ଲକ୍‌ଡାଉନ ବ୍ୟବସ୍ଥାକୁ ବ୍ରିଟିଶ ଚାନ୍‌ସେଲର ରିଷି ସୁନକଙ୍କ ସମେତ ଅନେକ ବିରୋଧ କରୁଛନ୍ତି। ତେବେ ସରକାରଙ୍କ ବୈଜ୍ଞାନିକ ପରାମର୍ଶଦାତା କଟକଣା କଡ଼ାକଡି କରିବା ସପକ୍ଷରେ ମତ ଦେଇଛନ୍ତି।



ସୂଚନାଯୋଗ୍ୟ, ନେଦରଲାଣ୍ଡସ୍‌ରେ ଓମିକ୍ରନ୍ ସଂକ୍ରମଣ ବଢୁଥିବାରୁ ସେଠାରେ ଜାନୁୟାରୀ ମଧ୍ୟଭାଗ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଜାନୁୟାରୀ ୧୪ ପର୍ଯ୍ୟନ୍ତ ନେଦରଲାଣ୍ଡସ୍‌ରେ ସମସ୍ତ ଅଣଅତ୍ୟାବଶ୍ୟକ ସାମଗ୍ରୀ ବ୍ୟବସାୟ ପ୍ରତିଷ୍ଠାନ, ବାର୍, ରେଷ୍ଟୁରାଣ୍ଟ ବନ୍ଦ ରହିବା ସହ ୯ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଫ୍ରାନ୍ସ, ସାଇପ୍ରସ୍, ଅଷ୍ଟ୍ରିଆ ଆଦି ଦେଶ ଯାତାୟାତରେ କଟକଣା ଲଗାଇଛନ୍ତି। ଡେନ୍‌ମାର୍କରେ ଥିଏଟର, କନସର୍ଟ ହଲ୍, ପ୍ରମୋଦ ଉଦ୍ୟାନ ଓ ମ୍ୟୁଜିୟମକୁ ବନ୍ଦ କରିଦିଆଯାଇଛି।

### ଦିଲ୍ଲୀରେ ସବୁ ପଜିଟିଭ୍ ମାମଲାର ହେବ ଜିନୋମ ସିକ୍ୱେନ୍ସିଂ

ନୂଆଦିଲ୍ଲୀ ୨୦।୧୨

ଭାରତରେ ଓମିକ୍ରନ୍ ସଂକ୍ରମଣ ବଢ଼ିଚାଲିଥିବାବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରତିକାର ପଦକ୍ଷେପ ଗ୍ରହଣ କରାଯାଉଛି। ଦିଲ୍ଲୀରେ ସମସ୍ତ କରୋନା ପଜିଟିଭ୍ ମାମଲାକୁ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର କହିଛନ୍ତି। ସ୍ୱାସ୍ଥ୍ୟସେବା କର୍ମଚାରୀ ଓ ଅନ୍ୟମାନଙ୍କ ନିମନ୍ତେ ବୁଷ୍ଟର ଡୋଜ୍ ପାଇଁ ଅନୁମତି ଦେବାକୁ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଓମିକ୍ରନ୍ ଆସିବା ପରେ ଦିଲ୍ଲୀରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି। ରବିବାର ସେଠାରେ ସଂକ୍ରମଣ ୧୦୦ ଟପିଥିଲା। ଏହା ଓମିକ୍ରନ୍ ଭାରିଆଣ୍ଟ କି ସାଧାରଣ କୋଭିଡ୍ ମାମଲା ଜଣାପଡୁ ନ ଥିବାରୁ ସମସ୍ତଙ୍କର ଜିନୋମ ସିକ୍ୱେନ୍ସିଂ ଆବଶ୍ୟକ ବୋଲି କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।







## ସଂକ୍ଷେପରେ

### ପୂର୍ବତନ ଏମ୍‌ପି ଉପେନ୍ଦ୍ର ନାୟକଙ୍କ ପରଲୋକ

**କେନ୍ଦୁଝର/ଢେଙ୍କିକୋଟ, ୨୦।୧୨ (ସ୍ୱ.ପ୍ର./ଡି.ଏନ.ଏ.):** ପୂର୍ବତନ କେନ୍ଦୁଝର ଏମ୍‌ପି ଉପେନ୍ଦ୍ର ନାୟକ(୭୩)ଙ୍କର ସୋମବାର ଅପରାହ୍ଣରେ ତାଙ୍କ ବାସସ୍ଥାନ ଘଟଗାଁ ବ୍ଲକ ଡଳଙ୍ଗପାଣି ଗ୍ରାମରେ ପରଲୋକ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା



ବେଳେ ବହୁ ଶୁଭେଚ୍ଛୁ, ଦଳୀୟ ନେତା ତଥା ଆତ୍ମୀୟ ସ୍ୱଜନ ପହଞ୍ଚି ଶେଷ ଦର୍ଶନ କରିଥିଲେ। ୧୯୭୫ରେ ସେ ଭୋଳବେଢ଼ା ଏମ୍‌ଇ ସ୍କୁଲରୁ ଶିକ୍ଷକତା ଛାଡ଼ି ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୯୮ରେ ଭାଜପା ଦଳରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ହୃଦ୍ ଓ କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ କିଛି ମାସ ହେଲା ଅସୁସ୍ଥ ହୋଇ ପଡ଼ିଥିଲେ। ପାଲା ସଂସ୍କୃତି ଉପରେ ତାଙ୍କର ପ୍ରଗାଢ଼ ଜ୍ଞାନ ଥିଲା। ସେ ଜଣେ ସରଳ, ଅମାୟିକ ଓ ସମାଜସେବକ ଭାବରେ ପରିଚିତ ଥିଲେ। ଗୋଣ୍ଡ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ତଥା ଭୋଳବେଢ଼ା ପଲ୍ଲୀ ସଂଗଠନରେ ସାମିଲ ହୋଇ ଦୀର୍ଘ ୩୦ ବର୍ଷ ହେଲା ଜନସେବା କରିଆସୁଥିଲେ।

### ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

**ବାରିପଦା ଅଫିସ,୨୦।୧୨:** ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବା ସହ ୧୦ହଜାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବିଜାତଲା ଗ୍ରାମର ଜିତେନ୍ଦ୍ର ନାଥ କାଲାପାତ୍ର(୨୫)। ୨୦୧୬ ନଭେମ୍ବର ୧୬ରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ୧୨ଜଣ ସାକ୍ଷୀଙ୍କ ବୟାନ ସହ ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି।

# ଦୁର୍ନୀତି ପ୍ରତିବାଦରେ ଆତ୍ମାହୁତି ଉଦ୍ୟମ

**ବରଗଡ଼ ଅଫିସ୍,୨୦।୧୨**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜଗଲପାଟ ପଞ୍ଚାୟତରେ ୨୦୨୦-୨୧ ଆର୍ଥିକ ବର୍ଷରେ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ଲିଖିତ ଅଭିଯୋଗ କରିବାର ମାସାଧିକକାଳ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ଣ ପ୍ରାୟ ୧୦ଟାରେ ଜଗଲପାଟ ଗ୍ରାମର ଛବିଳ ବାରିକ, ଦିଲୀପ ସାହୁ, ଗୁଲଠୁ ସାହୁ, ଗୋବର୍ଦ୍ଧନ ସାହୁ ପ୍ରମୁଖ କିରୋସିନ, ଦିଆସିଲ ଧରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ଧାରଣା ଦେବାର କିଛି ସମୟ ପରେ ଛବିଳ ନିଜ ଶରୀରରେ କିରୋସିନ ଢାଳି ଦିଆସିଲି ମାରିବାକୁ ଉଦ୍ୟମ କରିବା ବେଳେ ଉପସ୍ଥିତ ପୋଲିସ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ କହିଛନ୍ତି, ସେମାନଙ୍କ ଅଭିଯୋଗ ଉପରେ ତଦନ୍ତ କରିବାକୁ ଡିଆରଡିଏ ପିଡି ଏବଂ ଗାଇସିଲେଟ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ନିଶ୍ଚିତ ପଦକ୍ଷେପ ନିଆଯିବ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରୁଛନ୍ତି ଯୁବକ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କେତେକ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଥିବା ସତ୍ତ୍ୱେ ସମୁଦାୟ ବିଲ୍ ଉଠାଯାଇଛି। ସେହିପରି ଗୃହ ନିର୍ମାଣ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଗୋଟିଏ ଘରର ଫଟୋ ଦେଇ ଜଣେ ଲୋକ ୨ଟି ଗୃହ ନିର୍ମାଣର ବିଲ୍ ଉଠାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ନଭେମ୍ବର ୬ ଓ ୨୪ରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। କିନ୍ତୁ ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି।

## ତହସିଲ ଅଫିସରେ ଆତ୍ମାହୁତି ଉଦ୍ୟମ କଲେ ମହିଳା

**ଧର୍ମଶାଳା,୨୦।୧୨(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅଫିସକୁ କାମ ପାଇଁ ବାରମ୍ବାର ଆସି ବିଫଳ ହେବାରୁ ଜଣେ ମହିଳା ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ହେଲେ ସେ ଦେହରେ ନିଆଁ ଲଗାଇବା ପୂର୍ବରୁ ସେଠାରେ ଉପସ୍ଥିତ ଲୋକମାନେ ତାଙ୍କୁ କାବୁ କରି ନେଇଥିଲେ। ଧର୍ମଶାଳା ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲା। ଘଟଣା ସମ୍ପର୍କରେ ତହସିଲଦାର ସ୍ୱାଗତ ଦାସ ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ମହିଳା ଜଣକ ହେଲେ ନେଉଳପୁର ଗ୍ରାମର ଅକ୍ଷୟ ରାଉତଙ୍କ ସ୍ତ୍ରୀ ଅନିମା। ସେ ଗତ ୩ ମାସ ତଳେ ନିଜର ଏକ ଚକଭୁକ୍ତ ଜମିକୁ ଅନ୍ୟତ୍ର ବିକ୍ରି କରିବା ପାଇଁ ତହସିଲଦାରଙ୍କଠାରୁ ଅନୁମତି ପାଇଁ ଆବେଦନ କରିଥିଲେ। ଚକଭୁକ୍ତ ଜମି ବିକ୍ରି ପାଇଁ ଉପଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳଙ୍କ ଅନୁମତି ଆବଶ୍ୟକ ବୋଲି ତହସିଲଦାର ତାଙ୍କୁ କହିଥିଲେ। ପରେ ମହିଳା ଜଣକ ଯାଜପୁର ଟାଉନ

### ଚକଭୁକ୍ତ ଜମି ବିକ୍ରି ପାଇଁ ଅନୁମତି ମିଳିଲା ନାହିଁ



ଅନିମା ରାଉତ

ଯାଇ ସେଠାରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଏସମ୍ପର୍କରେ ଅବଗତ କରିଥିଲେ ହେଁ କୌଣସି ସୁଫଳ ପାଇ ନ ଥିଲେ। ସୋମବାର ସେ ପୁଣି ତହସିଲଦାରଙ୍କୁ ନିବେଦନ କରିଥିଲେ। କିନ୍ତୁ ଏଠାରୁ ବାହାର ବୋଲି ତହସିଲଦାର କ୍ରୋଧରେ କହିଥିଲେ ବୋଲି ଅନିମା ଅଭିଯୋଗ କରିଛନ୍ତି। ପରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଓଡ଼ିଶାରେ ସର୍ବାଧିକ ହାତୀଙ୍କ ମୃତ୍ୟୁ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ବିଦ୍ୟୁତ୍ ଆଘାତରେ ଓଡିଶାରେ ସର୍ବାଧିକ ହାତୀଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୨୦୦୯ରୁ ୨୦୧୯ ମଧ୍ୟରେ ବିଦ୍ୟୁତ୍ ଆଘାତ ଯୋଗୁ ଭାରତରେ ୬୦୦ ହାତୀଙ୍କ ଜୀବନ ଯାଇଥିବାବେଳେ ଏଥିମଧ୍ୟରୁ ଓଡ଼ିଶାର ୧୧୭ ହାତୀ ରହିଛନ୍ତି। ୧୧୬ ହାତୀ ମୃତ୍ୟୁ ସହ କର୍ଣ୍ଣାଟକ ଓଡ଼ିଶା ତଳକୁ ରହିଥିବାବେଳେ ତୃତୀୟ ସ୍ଥାନରେ ଥିବା ଆସାମରେ ୧୦୫ ହାତୀର ମୃତ୍ୟୁ ଘଟିଛି। ତେବେ ଏହି ୧୦ ବର୍ଷ ମଧ୍ୟରେ ତିନୋଟି ରାଜ୍ୟରେ ଆଦୌ ବିଦ୍ୟୁତ୍‌ଜନିତ ହାତୀ ମୃତ୍ୟୁ ହୋଇନାହିଁ। ସେହି ରାଜ୍ୟଗୁଡ଼ିକ ହେଲା ମହାରାଷ୍ଟ୍ର, ଅରୁଣାଚଳ ପ୍ରଦେଶ ଓ ତ୍ରିପୁରା। ଏ ନେଇ ପୂର୍ବତନ ପିସିସିଏଫ୍ ବି. କେ. ସିଂ କହିଛନ୍ତି, ଏହି ହାତୀ ମୃତ୍ୟୁ ମଧ୍ୟରୁ ୭୫% ଘଟଣାରେ ଦାୟୀ ବ୍ୟକ୍ତିଙ୍କୁ ଗିରଫ କରାଯାଇ ନାହିଁ। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ରାଜ୍ୟସଭାକୁ ସୂଚନା ଦେଇ କହିଛନ୍ତି, ହାତୀ ସୁରକ୍ଷା ପାଇଁ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ହାତୀ ରହୁଥିବା ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳକୁ ଆର୍ଥିକ ତଥା ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ତେବେ ହାତୀ ମୃତ୍ୟୁ କ୍ଷେତ୍ରରେ ଓଡ଼ିଶାର ଏପରି ସ୍ଥିତିକୁ ନେଇ ବିଶେଷଜ୍ଞ, ହାତୀ ସୁରକ୍ଷା ପାଇଁ କାମ କରୁଥିବା ସଙ୍ଗଠନ ଓ ସାମାଜିକ କର୍ମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଗଞ୍ଜେଇ ବେପାରୀଙ୍କ ଘରେ ରାଜସ୍ଥାନ ଏଟିଏସ୍‌ର ଲଟ୍‌କା ଜାରି

### ୧୫ ଦିନ ମଧ୍ୟରେ ହାଜର ନିର୍ଦ୍ଦେଶ

**ଛେଣ୍ଡିପଦା,୨୦।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ସାପୋଇନାଳୀ ଗ୍ରାମର ଗଞ୍ଜେଇ ବେପାରୀ ଚିତ୍ତରଞ୍ଜନ ସାହୁ (ପିଣ୍ଟୁ)ଙ୍କ ଘରେ ସୋମବାର ରାଜସ୍ଥାନର ଜୟପୁର ଏଟିଏସ୍ (ଆଣ୍ଟି ଟେରୋରିଜମ ସ୍କ୍ୱାଡ୍) ଲଟ୍‌କା ଜାରି କରିଛି। ଏଟିଏସ୍ ଡିଏସ୍‌ପି ଶିବ କୁମାର ଭରଦ୍ୱାଜଙ୍କ ନେତୃତ୍ୱରେ ଆସିଥିବା ଏକ ଟିମ୍ ଛେଣ୍ଡିପଦା ପୋଲିସ ସହାୟତାରେ ସାପୋଇନାଳୀରେ ପହଞ୍ଚି ପିଣ୍ଟୁଙ୍କ ଘର କାନ୍ଥରେ ଲଟ୍‌କା ଲଗାଇବା ସହ ୧୫ ଦିନ ମଧ୍ୟରେ ଜୟପୁରର ଏଟିଏସ୍ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛି। ନୋଟିସର ଏକ କପି ପିଣ୍ଟୁଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

ଏଟିଏସ୍ ଡିଏସ୍‌ପି ଭରଦ୍ୱାଜ କହିଛନ୍ତି, ୨୦୨୦ରେ ଜୟପୁର ପୋଲିସ ଏକ କଣ୍ଟେନରରୁ ୪ କୁଇଣ୍ଟାଲ ୪୦ କେଜି ଗଞ୍ଜେଇ ଜବତ କରିଥିଲା। କଣ୍ଟେନର ଚାଳକ ଓ ପାଇଲଟିଂ କରି ନେଉଥିବା ଏକ ମାରୁତି କାର୍‌ରେ ଥିବା ୩ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାର ତଦନ୍ତ କରୁଥିବା ଏଟିଏସ୍ ଗିରଫ ଅଭିଯୁକ୍ତମାନଙ୍କ ବୟାନ



ଅଭିଯୁକ୍ତ ପିଣ୍ଟୁଙ୍କ ଘରେ ଜୟପୁର ଏଟିଏସ୍ ଲଟ୍‌କା ଜାରି କରୁଛି।

ଆଧାରରେ ପିଣ୍ଟୁଙ୍କ ନାମରେ ୫୦/୨୦ରେ ଏକ ମାମଲା ରୁଜୁ କରିଥିଲା। ମାମଲାରେ ସହଯୋଗ କରିବା ପାଇଁ ବାରମ୍ବାର ନୋଟିସ କରାଯାଇଥିଲେ ମଧ୍ୟ ଅଭିଯୁକ୍ତ ପିଣ୍ଟୁ ଏହାକୁ ଗ୍ରହଣ କରି ନ ଥିଲେ। ଫଳରେ ଜୟପୁର ଏଟିଏସ୍ ଛେଣ୍ଡିପଦା ଆସି ସାକ୍ଷୀମାନଙ୍କ ଉପସ୍ଥିତରେ ଲଟ୍‌କା ଜାରି କରିଛି। ଏହି ମାମଲାରେ ଛେଣ୍ଡିପଦାର ୩ ଜଣଙ୍କୁ ପଚରାଉଚରା କରାଯାଇଛି। ଲଟ୍‌କା ଜାରି ବେଳେ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସ ଉପସ୍ଥିତି ଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତ ପିଣ୍ଟୁ ଦୀର୍ଘଦିନ ହେଲା ଫେରାର ଥିବାବେଳେ ଛେଣ୍ଡିପଦା ପୋଲିସ ଗତମାସରେ ତାଙ୍କ ଘରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରିଥିଲା।

# କାର୍ଯ୍ୟାଳୟରେ ମହିଳା ଆର୍‌ଆଇଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

**ଆନନ୍ଦପୁର,୨୦।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ମହିଳା ରାଜସ୍ୱ ନିରୀକ୍ଷକ ସୀମା ସିମନ୍ତିନୀ ସାହୁ ସୋମବାର ସକାଳେ କାର୍ଯ୍ୟାଳୟରେ ଥିବାବେଳେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଆନନ୍ଦପୁର ଥାନା ବାଙ୍କିଡି ଗ୍ରାମର ଗୋବିନ୍ଦ ଜେନା(୫୫) କାତି ସାହାଯ୍ୟରେ ଆର୍‌ଆଇଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ପୋଲିସ ଏକ ମାମଲା (ନଂ. ୨୮୦/୨୧) ରୁଜୁ



ଗୁରୁତର ଆର୍‌ଆଇ ସୀମା ସିମନ୍ତିନୀ ସାହୁଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

କରି ଗୋବିନ୍ଦଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ଅପରପକ୍ଷରେ ଆନନ୍ଦପୁର ଉପଜିଲାପାଳ ଗୋପୀନାଥ କୁଅଁର ଏହି ଘଟଣାକୁ ଦୃଢ଼ ଭାବେ ନିନ୍ଦା କରିବାସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅଭିଯୁକ୍ତ ଗୋବିନ୍ଦଙ୍କ କହିବା ଅନୁସାରେ ତାଙ୍କ ଦଖଲରେ ଥିବା ଜମିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ନାଁରେ ଆର୍‌ଆଇ ସାହୁ ପଟ୍ଟା କରାଇ ଦେଇଛନ୍ତି। ସେ ଏହାକୁ ବିରୋଧ କରି ବାରମ୍ବାର ଅଫିସ୍‌କୁ ଦୌଡ଼ୁଥିଲେ। କିନ୍ତୁ ତାଙ୍କ କଥାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ଏହାକୁ ନେଇ ସେ ଆକ୍ରମଣ କରିଥିବା କହିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତ ଚାଲିଛି। ଏଯାଏ କାରଣ ସ୍ପଷ୍ଟ ହୋଇନାହିଁ ବୋଲି ଥାନାଧିକାରୀ ପ୍ରଧାନ କହିଛନ୍ତି।

# ‘ଚାଷୀଙ୍କ ସୁବିଧା ଲାଗି ଅଧିକ ସଂସ୍ଥାକୁ ନିୟୋଜିତ କର’

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

### ଧାନକିଣା ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ରାଜ୍ୟର ବିଭିନ୍ନ ଜିଲାରେ ଚାଷୀଙ୍କ ସୁବିଧା ନିମନ୍ତେ ଆହୁରି ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆର୍‌ଏମ୍‌ସି ଏବଂ କୃଷି ବିପଣୀ ସଂସ୍ଥାଗୁଡ଼ିକୁ ନିୟୋଜିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଏବଂ ସମବାୟ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଭିଡିଓ କନ୍‌ଫରେନ୍ସରେ ଜିଲାଗୁଡ଼ିକରେ ଧାନକିଣା ସ୍ଥିତି ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଧାନବିକ୍ରି ପାଇଁ ଚାଷୀ ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଏ ଏହା ଉପରେ ଦୃଷ୍ଟି ଦେବା ପାଇଁ ମଧ୍ୟ ଜିଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରୁ ଓସ୍ୱାନ ପ୍ଲାଟ୍‌ଫର୍ମରେ ଅନୁଷ୍ଠିତ ଏହି ଭିଡିଓ କନ୍‌ଫରେନ୍ସରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ ବିଭିନ୍ନ ଜିଲାରେ ଧାନ ସଂଗ୍ରହ ସମ୍ବନ୍ଧିତ ବୈଷୟିକ ଏବଂ ପ୍ରଶାସନିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଥିଲେ। ଏନେଇ କରାଯାଇଥିବା ସମୀକ୍ଷାରୁ ଜଣାପଡ଼ିଛି, ସାଧାରଣତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ଜିଲାଗୁଡ଼ିକରେ ନଭେମ୍ବର-ଡିସେମ୍ବରରୁ ଜାନୁୟାରୀ-ଫେବୃୟାରୀ ପର୍ଯ୍ୟନ୍ତ ଏବଂ ଉପକୂଳ ଜିଲାଗୁଡ଼ିକରେ ଡିସେମ୍ବର-ଜାନୁୟାରୀରୁ ମାର୍ଚ୍ଚ-ଏପ୍ରିଲ ପର୍ଯ୍ୟନ୍ତ ଧାନକିଣା ହୋଇଥାଏ। ସେହି ଅନୁସାରେ ବର୍ତ୍ତମାନ ବରଗଡ଼, ସମ୍ବଲପୁର, କଳାହାଣ୍ଡି, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ନୂଆପଡ଼ା, ବଲାଙ୍ଗୀର, ରାୟଗଡ଼ା ଆଦି ଜିଲାରେ ଧାନକିଣା ଅବ୍ୟାହତ ରହିଛି। ଅନ୍ୟାନ୍ୟ ଜିଲାରେ ଧାନକିଣା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କୋରାପୁଟ, ମାଲକାନଗିରି, ବାଲେଶ୍ୱର, ବୌଦ୍ଧ ଆଦି ଜିଲାରେ ମଧ୍ୟ ବିଭିନ୍ନ ମଣ୍ଡିରେ ଧାନକିଣା ଚାଲିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୮ ହଜାର ଚାଷୀଙ୍କ ଠାରୁ ୫.୧୩ ଲକ୍ଷ ମାଟ୍ରିକ୍ ଟନ୍ ଧାନ ସଂଗ୍ରହ ସରିଛି। ବିଭିନ୍ନ ମଣ୍ଡିରେ ଅଧିକ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆର୍‌ଏମ୍‌ସି କର୍ମଚାରୀ, ଯୋଗାଣ ସହାୟକ, କୃଷି ବିଭାଗ ଅଧିକାରୀ, ସମବାୟ ବିଭାଗ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗରୁ ଡାଟା ଏଣ୍ଟ୍ରିଅପରେଟର ଆଦିଙ୍କୁ ମୁତୟନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୀରବିକ୍ରମ ଯାଦବ କହିଛନ୍ତି, ଧାନକିଣା ପି-ପାସ୍ ନାମକ ଅନ୍‌ଲାଇନ ବ୍ୟବସ୍ଥା ମାଧ୍ୟମରେ କରାଯାଇଛି। ଏହା ଏକ ସ୍ୱୟଂକ୍ରିୟ ଓ ସରଳ ବ୍ୟବସ୍ଥା। ଏଥିରେ ଦୈନିକ ଧାନକିଣା ତଥ୍ୟ ଅପ୍‌ଲୋଡ୍ ହୋଇଥାଏ। ସେହି ତଥ୍ୟ ଭିତ୍ତିରେ ଚାଷୀଙ୍କୁ ଧାନର ମୂଲ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସିଧାସଳଖ ପଠାଇ ଦିଆଯାଏ। ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରକ୍ରିୟା ବିଷୟରେ ତୁରନ୍ତ ଅନ୍‌ଲାଇନ ତାଲିମ ଦିଆଯିବ। ଜିଲାସ୍ତରରେ ଥିବା ସମବାୟ ବିଭାଗ ଏବଂ ଯୋଗାଣ ବିଭାଗ ଅଧିକାରୀମାନେ ମଧ୍ୟ ଏଥିରେ ସକ୍ରିୟଭାବେ ସାମିଲ ହେବେ ବୋଲି ସେ କହିଛନ୍ତି।

DSPL - 339



ଶୀତ ପ୍ରବାହ ପାଇଁ ସତର୍କତା

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ କରନ୍ତୁ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

OIPR-24003/13/0013/2122

ସଚେତନତା ଓ ସତର୍କତା ହିଁ ସୁରକ୍ଷା
OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

## ରେଳ ଧାରଣାରୁ ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.):ଏୟାରଫିଲ୍ଡ ଥାନା ଅଧୀନ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ନିକଟ ରେଳ ଧାରଣାରୁ ସୋମବାର ଏକ ଅଚିହ୍ନା ମୃତଦେହ ଜିଆରପି ପୋଲିସ ଜବତ କରିଛି। ମୃତକଙ୍କ ବୟସ ପାଖାପାଖି ୫୦ବର୍ଷ ହେବ। ଉକ୍ତ ଅଞ୍ଚଳରେ ସେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ମୃତଦେହ ଉଦ୍ଧାର କରାଯାଇ ପୋଲିସ ଜିମା ଦିଆଯାଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସାପ୍ତାହିକ ଖବରକାଗଜ ଅଭିନନ୍ଦନର ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ।
- ଅଲ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ରାଜ୍ୟ ପରିଷଦ ବୈଠକ, ଭଗବତୀ ଭବନ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**

- ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ମାଗଣା ଫିଜିଓଥେରାପି ଶିବିର, ଲକ୍ଷ୍ମୀନାରାୟଣ ମନ୍ଦିର ଜିଜିପି କଲୋନୀ ନିକଟ, ରସୁଲଗଡ଼, ସକାଳ ୮ଟା।

# ଭୁବନେଶ୍ୱରରେ ବର୍ଷକରେ ୩୨ ହତ୍ୟା

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସର ବିଭିନ୍ନ ଥାନା ଅଞ୍ଚଳରେ ବର୍ଷକରେ ୩୨ଟି ହତ୍ୟାକାଣ୍ଡ ଘଟିଛି। କିନ୍ତୁ ପୂର୍ବବର୍ଷଗୁଡ଼ିକ ତୁଳନାରେ ହତ୍ୟା ମାମଲା ସଂଖ୍ୟା କମିଥିବା କମିଶନରେଟ ପୋଲିସ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁସାରେ, ୨୦୧୯ରେ ୩୯ ଓ ୨୦୨୦ରେ ୪୯ ହତ୍ୟାକାଣ୍ଡ ଘଟିଥିଲା। ତେବେ ଚଳିତ ବର୍ଷ ଜଟଣୀ ଥାନା ଅଞ୍ଚଳରେ ୪ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଭରତପୁର, ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଥାନା ଅଞ୍ଚଳରେ ୩ଟି ଲେଖାଏ ହତ୍ୟାକାଣ୍ଡ ଘଟିଛି। ସେହିପରି ଏୟାରଫିଲ୍ଡ, ତମାଣ୍ଡୋ, ବାଲିପାଟଣା, ଶହୀଦନଗର ଓ ଚନ୍ଦକା ଥାନାରେ ୨ଟି ଲେଖାଏ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ କ୍ୟାପିଟାଲ, ଖାରବେଳନଗର, ଧଉଳି, ଖଣ୍ଡଗିରି, ଲକ୍ଷ୍ମୀସାଗର, ନୟାପଲ୍ଲୀ ଥାନାଞ୍ଚଳରେ ଗୋଟିଏ ଲେଖାଏ ହତ୍ୟାକାଣ୍ଡ ଘଟିଛି।

### ୨୦୦୬ରୁ ଗଡୁଛି ୬ ମାମଲା

ଏନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି, ମଞ୍ଚେଶ୍ୱର ଥାନା କୁଆଖାଇ ନଦୀପଠାରୁ ଯୁବକଙ୍କ ମୃତଦେହ ମିଳିବା ଘଟଣାରେ ମୃତକଙ୍କ ପରିଚୟ ମଧ୍ୟ ମିଳିପାରି ନାହିଁ। ଉକ୍ତ ମାମଲାକୁ ଛାଡି ଅନ୍ୟ ସବୁଥିରେ ମୃତକ ଓ ଅଭିଯୁକ୍ତଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। କେତେକ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରଚେଷ୍ଟା ଜାରି ରଖିଛି। ତେବେ ୨୦୦୫ରୁ ୬ଟି ମାମଲାର ତଦନ୍ତ ଅଧାରେ ଅଟକିଛି। ଉକ୍ତ ମାମଲା ଉପରେ ନଜର ରଖାଯାଇଛି, ତଥ୍ୟ ମିଳିଲେ ତଦନ୍ତ ଆଗେଇବ ବୋଲି ସେ କହିଛନ୍ତି।

## ୭୨ ମାମଲା, ୧୪୮ ଗିରଫ

ରାଜଧାନୀରେ ନିଶାଦ୍ରବ୍ୟ କାରବାରକୁ ନେଇ ଭୁବନେଶ୍ୱର ସହାରାଞ୍ଚଳ ପୋଲିସ ୭୨ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରିଛି। ଗତ ଜାନୁଆରୀ ୧ରୁ ୧୫ ଡିସେମ୍ବର ମଧ୍ୟରେ ରୁଜୁ ହୋଇଥିବା ସମସ୍ତ ମାମଲାରେ ୧୪୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୪୪ଟି ବ୍ରାଉନସୁଗରଜନିତ ମାମଲାରେ ୯୮ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠୁ ୭ କେଜି ୨୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ୨୭ଟି ଗଞ୍ଜେଇ ମାମଲାରେ ୪୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଥିବାବେଳେ ୮୦୧ କେଜି ୪୭୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏକ କଫ୍

### ନିଶା କାରବାର

ସିରପ୍ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ଏସବୁ ମାମଲାରେ ୮ଟି ଗାଡି, ୧୩ଟି ବାଇକ, ୬୭ଟି ମୋବାଇଲ ଫୋନ୍, ଗୋଟିଏ ପିସ୍ତଲ ଓ ୫ଟି ଗୁଳି ସହ ନଗଦ ୪୫ ଲକ୍ଷ ୬୪ ହଜାର ୯୪୨ ଟଙ୍କା ଜବତ କରାଯାଇଛି। ତେବେ ଅଗଷ୍ଟ ମାସରୁ ଆରମ୍ଭ କରାଯାଇଥିବା 'ହ୍ୱାଇଟ୍ ସ୍ୱାଇଡର୍' ଅଭିଯାନ ମାଧ୍ୟମରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ଅପରାଧୀଙ୍କ ଉପରେ ନଜର ରଖାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

# ମୁଖ୍ୟ ଅଭିଯୁକ୍ତ ଦିଲ୍ଲୀରୁ ଗିରଫ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

**ଠିକା କାମ ଦେବା ଆଳରେ ୧.୧୭ କୋଟି ଠକେଇ ମାମଲା**

ସରକାରୀ ଠିକା କାମ ଦେବାକୁ କହି ଜଣେ ବ୍ୟବସାୟୀଙ୍କଠାରୁ ୧ କୋଟି ୧୭ ଲକ୍ଷ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମୁଖ୍ୟ ଅଭିଯୁକ୍ତ ତଥା ନକଲି ର' ଅଫିସରଙ୍କୁ ଦିଲ୍ଲୀରୁ ଗିରଫ କରିଛି। ସେ ହେଲେ ଦିଲ୍ଲୀ ଦ୍ୱାରିକା ଥାନା ସେକ୍ଟର-୨୩ରେ ରହୁଥିବା ରାଜେଶ ଗେହେଲଟ। ଗିରଫ ପରେ ଇଓଡବ୍ଲ୍ୟୁ ତାଙ୍କୁ ଦ୍ୱାରିକା କୋର୍ଟରେ ହାଜର କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡିଶା ଆଣୁଛି। ୨୪ ତାରିଖ ସୁଦ୍ଧା ଇଓଡବ୍ଲ୍ୟୁ ରାଜେଶଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିବ। ତେବେ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ସୂର୍ଯ୍ୟମଣି ତ୍ରିପାଠୀ ଓ ଅମିତ କୁମାରଙ୍କୁ ଗତ ଅକ୍ଟୋବର ୩୦ରେ ଇଓଡବ୍ଲ୍ୟୁ ଗିରଫ କରିଥିଲା। ସୂର୍ଯ୍ୟମଣି ନିଜକୁ ଆଇଏଏସ୍ ଅଫିସର ଏବଂ ଅମିତ ପୂର୍ତ୍ତବିଭାଗ(ପିଡବ୍ଲ୍ୟୁଡି) ଇଞ୍ଜିନିୟର ଭାବେ ପରିଚୟ ଦେଇ ଠକେଇ କରିଥିଲେ। ଏହି ର୍‍ୟାକେଟର ଥିବା ଜଣେ ମହିଳା ଫେରାର ଥିବାବେଳେ ତାଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଉଦ୍ୟମ ଚଳାଇଥିବା ସୂଚନା ମିଳିଛି।

ନୂଆଦିଲ୍ଲୀର ରାଷ୍ଟ୍ରୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ କମ୍ପାନୀର ମାଲିକ ମୁକେଶ ଜୈନଙ୍କର ଭୁବନେଶ୍ୱର କଳିଙ୍ଗନଗରରେ ଏକ ଶାଖା ରହିଥିବା ବେଳେ ତାଙ୍କ ପୁଅ ଅକ୍ଷୟ ଜୈନ ଏହାକୁ ପରିଚାଳନା କରନ୍ତି। ୨୦୧୭ରେ ଦିଲ୍ଲୀର ଓଡ଼ିଶା ଭବନରେ ମୁକେଶ ଓ ତାଙ୍କ ପୁଅଙ୍କ ସହ ଅଭିଯୁକ୍ତ ରାଜେଶ ଗେହେଲଟଙ୍କର ଦେଖା ସାକ୍ଷାତ୍ ହୋଇଥିଲା। ରାଜେଶ ନିଜକୁ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ(ର') ଅଧିକାରୀ ବୋଲି ପରିଚୟ ଦେଇ ଓଡ଼ିଶାର ବହୁ ଅଫିସରଙ୍କ ସହ ସମ୍ପର୍କ ଥିବା କହିଥିଲେ। ପରେ ତାଙ୍କ ସହ ଥିବା ସୂର୍ଯ୍ୟମଣିଙ୍କୁ ପରିଚିତ କରାଇ ସେ ଓଡ଼ିଶା ସରକାରୀଙ୍କ ପୂର୍ତ୍ତ ବିଭାଗର ଜଣେ ଅତିରିକ୍ତ ସଚିବ ଥିବା ଜଣାଇଥିଲେ। ସେମାନେ ମୁକେଶ ଓ ତାଙ୍କ ପୁଅ ଅକ୍ଷୟଙ୍କୁ ପ୍ରଧାନମନ୍ତ୍ରୀ ଯୋଜନା କାର୍ଯ୍ୟ ସହ ରାଜ୍ୟରେ ବଡ଼ ବଡ଼ ପ୍ରକଳ୍ପ କାମର କଣ୍ଟ୍ରାକ୍ଟ ୱାର୍କ ଅର୍ଡର ଦେବାକୁ କହି ୨୦୧୮ରେ ନିର୍ମାଣ ସୌଧକୁ ଡାକିଥିଲେ। ସେଠାରେ ଅନ୍ୟତମ ଅଭିଯୁକ୍ତ ଅମିତଙ୍କୁ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ବୋଲି ପରିଚୟ କରାଇଥିଲେ। ପ୍ରଥମେ ଏକ ଫାର୍ମ ପଞ୍ଜୀକୃତ କରିବା ପାଇଁ ୨୫ ଲକ୍ଷ ଟଙ୍କା ଟ୍ରେଜେରିରେ ଜମା କରିବାକୁ କହିଥିଲେ। ଏଥିପାଇଁ ଜଣେ ମହିଳାଙ୍କୁ ଟ୍ରେଜେରି ଅଧିକାରୀ ବୋଲି ପରିଚୟ ଦେଇ ତାଙ୍କ ମାଧ୍ୟମରେ ଟଙ୍କା ପାଇଥିଲେ। ପରେ ଉଭୟ ବାପପୁଅଙ୍କୁ ଅଭିଯୁକ୍ତମାନେ ଓଡ଼ିଶାର ୩୦ଟି ଜିଲାର ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ଜାଲ୍ ୱାର୍କଅର୍ଡର ଧରାଇ ବାକି ଟଙ୍କା ହାତେଇ ଧରାଛୁଆଁ ଦେଇ ନ ଥିଲେ। ଆର୍‌ଟିଆଇ ତଥ୍ୟରୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ମୁକେଶ ଓ ତାଙ୍କ ପୁଅ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତି-ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ):** ସୃଜନୀ ପରିବାର ଚେନ୍ନାଇ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ 'ସ୍ମୃତି-ଶ୍ରଦ୍ଧାଞ୍ଜଳି' କାର୍ଯ୍ୟକ୍ରମ ରବିବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୁରୁକଲ୍ୟାଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡ. ରବିନାରାୟଣ ସେନାପତି, ଗୀତିକାର ତଥା ପ୍ରାଧ୍ୟାପକ ରଣଜିତ ପରିଡା, ପ୍ରାଧ୍ୟାପିକା ଡ. ବାସନ୍ତୀ ମହାନ୍ତି ପ୍ରମୁଖ ଯୋଗଦେଇ କାନ୍ତକବିଙ୍କ ଜୀବନୀ, ସାହିତ୍ୟ କୃତି ତଥା ସ୍ୱାଧୀନତା ସଂଗ୍ରାମ ପୃଷ୍ଠଭୂମି ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଡ. ବାସନ୍ତୀ ମହାନ୍ତି ପୌରୋହିତ୍ୟ କରିଥିବାବେଳେ ପରିବାର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଆଇଏଫ୍ଏସ୍ ଅଫିସର ଆଶୁତୋଷ ସାମନ୍ତସିଂହାର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ କୁମାର ସାମନ୍ତ ଅତିଥି ପରିଚୟ ଦେଇଥିବାବେଳେ କବି ରମେଶ ଚନ୍ଦ୍ର ପଶାୟତ ଓ କବି ସୁମତି ମୁଣ୍ଡ ସଞ୍ଚାଳନ କରିଥିଲେ। ଆକାଶବାଣୀ ତଥା ଦୂରଦର୍ଶନର କଣ୍ଠଶିଳ୍ପୀ ବିଦ୍ୟୁତପ୍ରଭା ପଟ୍ଟନାୟକ, ଶିଶୁ କବି ତଥା କଣ୍ଠଶିଳ୍ପୀ ରୁଦ୍ରରୂପା ବ୍ରହ୍ମା, ଆକାଶବାଣୀର କଣ୍ଠଶିଳ୍ପୀ ସୁରେଶ ମିଶ୍ର, ମହାଶ୍ୱେତା ପଟ୍ଟନାୟକ, ଶିଶୁ କଣ୍ଠଶିଳ୍ପୀ ଦିବ୍ୟାଂଶା ମୁଣ୍ଡ, ହର୍ଷିତା ପଟ୍ଟନାୟକ ସଙ୍ଗୀତ ଗାନ କରିଥିଲେ। କବି ସୁମତି ମୁଣ୍ଡ ଧନ୍ୟବାଦ ଦେଇଥିଲେ।

### ମଦ ଦୋକାନରେ ଗଣ୍ଡଗୋଳ

**ପୁରୁଣା ଭୁବନେଶ୍ୱର,୨୦।୧୨(ଡି.ଏନ୍.ଏ.):** ରାଜଧାନୀ ଉପଣ୍ଡ ଉତ୍ତରା ଫାଣ୍ଡି ଅଧୀନ ବିଲିପଡ଼ା ଛକରେ ସୋମବାର ସନ୍ଧ୍ୟାରେ ଚୋରା ମଦ ଦୋକାନରେ ମଦ କିଣିବାକୁ ନେଇ ଗଣ୍ଡଗୋଳ ହୋଇଛି। ସୂଚନା ମୁତାବକ, ସ୍ଥାନୀୟ ମଧୁପୁର ଅଞ୍ଚଳର ଦୁଇ ଜଣ ଯୁବକ ଉକ୍ତ ଛକରେ ଥିବା ଚୋରା ମଦ ଦୋକାନୀଙ୍କ ନିକଟରେ ପହଞ୍ଚିଥିଲେ। ପରେ ମଦ କିଣାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ଓ ମାରପିଟ୍ ହୋଇଥିଲା। ଦେଉଳିର ଦୁଇ ଜଣ ଯୁବକ ଗଣ୍ଡଗୋଳ କରୁଥିବା ଯୁବକଙ୍କ ସପକ୍ଷରେ ହୋହାଲ୍ଲା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିଲିପଡ଼ା ଛକ ବାସିନ୍ଦା ଉକ୍ତ ଦୁଇ ଯୁବକଙ୍କୁ ବାନ୍ଧି ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।




ଉଇନିଙ୍ଗ୍ ସ୍ପୋର୍ଟିଂ ଆନୁକୂଲ୍ୟରେ ସୋମବାର ପୁରୀ ବେଳାଭୂମିରେ ଆୟୋଜିତ ୧୯ତମ ଓଡ଼ିଆ ଚଳଚ୍ଚିତ୍ର ଏବଂ ଦୂରଦର୍ଶନ ସମ୍ମାନ 'ଶୋ ଟାଇମ୍' ଉତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ୧ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୨୦।୧୨(ଡି.ଏନ୍.ଏ.)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ସୋମବାର ପ୍ରାୟ ୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା କରାଯାଇଛି। ପ୍ରଥମେ ପୁରୁଣା ଭୁବନେଶ୍ୱରସ୍ଥିତ କାଳିଗାଡିଆ ଶ୍ମଶାନ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି କାର୍ଯ୍ୟ ପାଇଁ ବିଏମ୍‌ସି ପକ୍ଷରୁ ୫୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏଥିରେ ଶ୍ମଶାନ ଚତୁଃପାର୍ଶ୍ୱରେ ପାଦଚଲା ରାସ୍ତା, ଚାରା ରୋପଣ, ଶୌଚାଳୟ, ମୁଖ୍ୟ ଦ୍ୱାର, ଆଲୋକୀକରଣ, ଶବଦାହ ଚୁଲା, ପାର୍କିଂସ୍ଥଳ ଓ ବିଶ୍ରାମାଗାର ହେବ। ପରେ ନାରାୟଣୀ କ୍ଲବର ଉପରମହଲା ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ସହ ୱାର୍ଡ ନଂ. ୬୧ ଓ ୬୭ ରେ ନାରାୟଣୀ କ୍ଲବ, ଭଗବତୀ ବସ୍ତି, ଏନ ୧ ଠାରୁ ଶିବଶିବା ମହିଳା ସମିତି, ଲେନ ୬ ଠାରୁ କଳିଙ୍ଗ ବସ୍ତି ରାସ୍ତା, କପିଳପ୍ରସାଦ ବିଡିଏ କଲୋନୀ, ଅଭିରାମ ବସ୍ତିର ଡ୍ରେନ ଓ ରାସ୍ତା ନିର୍ମାଣର ଶିଳାନ୍ୟାସ କରିଥିଲେ। ଅଭିରାମ ବସ୍ତିରେ ତାରିଣୀ ମଣ୍ଡପ, ୱାର୍ଡ ନଂ.୫୩ ଏରୋଡମ ଏରିଆରେ ମା'ବୈଷ୍ଣବୀ ମହିଳା ମହାସଂଘ ଦ୍ୱାରା ଧୂପକାଠି, ବଳିତା, ଖଲି, ଦନା ପ୍ରସ୍ତୁତି ଯନ୍ତ୍ର ଆଦିକୁ ମନ୍ତ୍ରୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ମହାମାୟା ସ୍ୱାଇଁ, ହୃଦୟ ବଲ୍ଲଭ ସାମନ୍ତରାୟ, ଅନିତାରାଣୀ ମହାନ୍ତି, ଦାଶରଥି ଗରାବଡୁ, ଶିବ ନାରାୟଣ ରାୟ, ସୁରେଶ ବାରିକ, ସନତ ମିଶ୍ର, ପ୍ରଶାନ୍ତ ସମର୍ଥା, ମନୋଜ ବେହେରା, ମଞ୍ଜୁ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ ୧୫୦ରୁ ଊର୍ଦ୍ଧ୍ୱ ମହିଳା କର୍ମୀ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଭୁବନେଶ୍ୱର ସାଂଗଠନିକ ଜିଲା ସଭାପତି ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ବାସଭବନରେ ଉତ୍ତର ଭୁବନେଶ୍ୱର ଭାଜପାର ୧୫୦ରୁ ଊର୍ଦ୍ଧ୍ୱ ମହିଳା କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା ପାଇଁ ଶପଥ ନେଇଥିବା ସେମାନେ କହିଥିଲେ। କୃଷ୍ଣପ୍ରିୟା ମିଶ୍ର, ଅମିତା ମହାନ୍ତି, ଜୟନ୍ତୀ ସ୍ୱାଇଁ, ମାମାଲି ନାୟକ, ସରୋଜିନୀ ନାୟକ, ଲକ୍ଷ୍ମୀପ୍ରିୟା ଦାସଙ୍କ ସମେତ ବହୁ ମହିଳା କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

## ଓଡ଼ିଶା ପେଟ୍ରୋଲ, ଡିଜେଲ ପମ୍ପ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୨୦।୧୨

ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କୁ ସର୍ବନିମ୍ନ ୨୧ ହଜାର ଟଙ୍କା ଦରମା, ମହଙ୍ଗା ଭତ୍ତା ଏବଂ ଶ୍ରମିକ ଛଟେଇ ବନ୍ଦ, ସୁରକ୍ଷା ଓ ସ୍ୱାସ୍ଥ୍ୟବୀମା ଆଦି ବିଭିନ୍ନ ଦାବିରେ ଓଡ଼ିଶା ପେଟ୍ରୋଲ ଓ ଡିଜେଲ ପମ୍ପ କର୍ମଗରୀ ସଂଘ ସୋମବାର ଚନ୍ଦ୍ରଶେଖରପୁରସ୍ଥିତ ଭାରତୀୟ ତୈଳ ନିଗମ ଲିମିଟେଡ୍ (ଆଇଓସିଏଲ୍) କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ସଂଘ ସଭାପତି ଆଇନଜୀବୀ ସୁରେଶ ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତା କରି କହିଲେ, ଯେଉଁ କର୍ମଚାରୀ ଓ ଶ୍ରମିକଙ୍କ ପରିଶ୍ରମ ବଳରେ କମ୍ପାନୀ, ସରକାର ଏବଂ ଡିଲରମାନେ ଲକ୍ଷ ଲକ୍ଷ ଟଙ୍କା ଲାଭ ପାଆନ୍ତି, ଆଜି ସେମାନେ ଅବହେଳିତ ଓ ଶୋଷିତ। ଭାରତୀୟ ତୈଳ ନିଗମ ଓଡ଼ିଶାରେ ଅନ୍ୟ ତୈଳ ନିଗମଗୁଡ଼ିକର କୋର୍ଡିନେଟର ଭାବେ କାର୍ଯ୍ୟ କରୁଛି। ତେଣୁ ଭାରତୀୟ ତୈଳ ନିଗମ ଉପଭୋକ୍ତ ଦାବିକୁ ଦୃଷ୍ଟିରେ ରଖି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଉତରାୟ ଅନୁରୋଧ କରିଛନ୍ତି। ଉକ୍ତ ବିକ୍ଷୋଭରେ ସଂଘର ସାଧାରଣ ସମ୍ପାଦକ ପବିତ୍ର କୁମାର ଛାଟୋଇ, ଉପସଭାପତି ଶଙ୍କର ମାଝି, କୋଷାଧ୍ୟକ୍ଷ ଆର୍ତ୍ତବନ୍ଧୁ ସ୍ୱାଇଁ, ଜିତେନ୍ଦ୍ର ପଣ୍ଡା, ବାସୁଦେବ ସାହୁ, ପବିତ୍ର ସାମନ୍ତରାୟ, ଶ୍ରମିକ ସଂଗଠନ ସିଟୁର ସଦସ୍ୟ ପ୍ରଭାତ ପାଣିଗ୍ରାହୀ, ନୀଳକଣ୍ଠ ରଣା ଓ ନବକିଶୋର ସାହୁ ପ୍ରମୁଖ ନେତୃତ୍ୱ ନେଇ ଦାବି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଶେଷରେ ସଂଘର ଏକ ୫ଜଣିଆ ପ୍ରତିନିଧି ଦଳ ରାଉତରାୟଙ୍କ ନେତୃତରେ ୫ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ତୈଳ କମ୍ପାନୀ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ସଂଘ ସୂଚନା ଦେଇଛି।

## କୁଳପତିଙ୍କ କାର୍ଯ୍ୟାଳୟ ଘେରିଲେ ଛାତ୍ରୀଛାତ୍ର

Further details can be seen from the Govt. website www.tendersorissa.gov.in

OIPR-32190/11/0006/2122 **Sd./- Additional Chief Engineer, Drainage Circle, Balasore**

# OFFICE OF THE PANCHAYAT SAMITI, CHANDBALI

**At/po- Chandbali, Dist- Bhadrak, Pin- 756130**

**e-mail: ori-chandbali@nic.in**

## INVITATION FOR BIDS (IFB)

### BID IDENTIFICATION NO.01/2021-22 Dt.18.12.2021

No.i-289:- Block Development Officer, Chandbali on behalf of Panchayat Samiti, Chandbali invites Percentage Rate bids in single sealed cover system for the construction of works as detailed in the table below, from the eligible contractors of equivalent grade/class registered with central govt./MES/Railways for execution of civil works. The proof of registration from the appropriate authority along with ITCC and system generated GST registration and copy of PAN shall be enclosed along with the bid. The bidders may submit bids for any or all the following works in the office of the Panchayat Samiti, Chandbali. **One bidder can submit one bid only for a particular work. The cover containing the bid should be superscribed as Tender for the work "name of the works as the case may be"**

1. Bid documents consisting of specifications, the schedule of quantities and the set of terms & conditions of contract and other necessary Documents can be seen in the Website **www.bhadrak.nic.in** or purchased from this office on payment of specified amount (non-refundable) during office hours. The bidders who will download the document online must have to obtain the money receipt towards cost of document from this office before the scheduled time.
2. Bids must be accompanied with bid security and receipt against cost of bid documents of the amount as specified for the work in the table along with bids documents. The cost of bid documents shall be in shape of demand draft issued from any Nationalized Scheduled Bank located in the State of Odisha in favour of Block Development Officer, Chandbali. Bid security will have to be in any one of the forms as specified in the bidding documents and shall have to be valid for 45 days beyond the validity of the bid. Bids shall be received in the office of Panchayat Samiti, Chandbali upto 3.00 PM of 24.12.2021 except govt. holidyas.
3. Bids received shall be opened at 3.30 P.M. on 24.12.2021 in the office of the Panchayat Samiti, Chandbali in the presence of the bidders or their authorized representatives who wish to attend thereof. In case if the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.
4. Other details can be seen in the bidding documents.
5. The authority reserves right to reject/cancel the bid(s) without assigning any reason thereof.

| Sl No. | Name of work | Amount put to tender | EMD | Time for completion | Class of contractor | Cost of document |
|---|---|---|---|---|---|---|
| 1 | Construction of S.E. School Building at DC High School, Orasahi | 48,48,153.00 | No EMD is required But Bid Security declaration should be furnished by the Bidders as mentioned in the DTCN | Six calendar months | B & Above | 6,000.00 |
| 2 | Construction of S.E. School Building at-Dakha High School, Chandbali | 48,43,521.00 | | Six calendar months | B & Above | 6,000.00 |
| 3 | Construction of S.E. School Building at SS Nigamanda Uccha Bidyapitha, Sasikadeipur, Karanjamal | 57,81,533.00 | | Nine calendar months | B & Above | 10,000.00 |
| 4 | Construction of S.E. School Building at-Dosinga High school, at- Dosinga | 58,15,230.00 | | Nine calendar months | B & Above | 10,000.00 |
| 5 | Construction of S.E. School Building at - G.P. High School, Panchtikiri, Chandbali | 58,09,216.00 | | Nine calendar months | B & Above | 10,000.00 |
| 6 | Construciton of Day Care Sub Centre at Chardia G.P., Chardia | 20,64,286.00 | | Six calendar months | C & Above | 6,000.00 |
| 7 | Construction of CDPO Office Building at-Motto, Chandbali | 18.79,094.00 | | Six calendar months | D & Above | 6,000.00 |
| 8 | Construction of OPD Building at - PHC (N) Ghanteswar G.P., Gopinathpur | 44,84,451.00 | | Six calendar months | B & Above | 6,000.00 |

**Sd./- Block Development Officer, Chandbali**

OIPR-19183/11/0002/2122

# ତହସିଲ କାର୍ଯ୍ୟାଳୟ, ରାଇରଙ୍ଗପୁର

## ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ

## ଜାତୀୟ ରାଜପଥ ନଂ.୨୨୦ ପ୍ରକଳ୍ପ, ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ

## ସର୍ବସାଧାରଣ ନୋଟିସ୍

No. XXI-93:- ଜାତୀୟ ରାଜପଥ ଆଇନ୍ ୧୯୫୬ (Act 48 of 1956)ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ.-୨୨୦ ପ୍ରକଳ୍ପର ପ୍ରଶସ୍ତୀକରଣ ଓ ମଜଭୁତୀକରଣ ନିମନ୍ତେ ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁର ତହସିଲ ଅଧୀନସ୍ଥ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ବାର୍ଷିକ ଯୋଜନା ୨୦୨୦-୨୧ ଅନୁଯାୟୀ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନଂ. ଆଇନ)ର ଧାରା ୩ (କ)ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ. S.O. 4734 (E) ତା୧୫.୧୧.୨୦୨୧ରିଖ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇଦିଆଯାଉଅଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ଏକୋଇଶ (୨୧) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ଉକ୍ତ ଜମିର ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତାହାହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଉପରୋକ୍ତ ଆଇନର ଧାରା-୩(ଗ) ଉପଧାରା (୧) ଅନୁସାରେ ଆପତ୍ତି ତହସିଲଦାର ତଥା ଭୂଅର୍ଜନ ଅଧିକାରୀ, ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପ, ରାଇରଙ୍ଗପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା-୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ ବିବରଣୀ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ରାଇରଙ୍ଗପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ସାକାରୀ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

**ସ୍ୱା./- ତହସିଲଦାର ଏବଂ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ,**

**ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପ, ରାଇରଙ୍ଗପୁର**

# MINISTRY OF ROAD TRANSPORT AND HIGHWAYS

## NOTIFICATION

**New Delhi, the 15th November, 2021**

**S.O. 4734(E).**- In exercise of powers conferred by sub-section (1) of Section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of, which is given in the Schedule below, is required for Widening and-strengthening to two Lane with paved shoulder from km 0.000 to km 35.840 km of NH-220 (Tiring to Rairangpur Section) on EPC Basis in the state of Odisha, hereby declares its intension to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of Section 3C of the said Act.

Every such objection shall be made to the Competent Authority, namely, Tahasildar, Rairangpur in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**SCHEDULE**

**Brief Description of land to be acquired with or without structures falling within the stretch of land from NH220 in the stretch of land from km 0.000 to km 35.840 km of NH-220 (Tiring to Rairangpur Section) on EPC Basis In the District of Mayurbhanj in the State of Odisha**

| ରାଜ୍ୟ - ଓଡ଼ିଶା | | ଜିଲ୍ଲା- ମୟୂରଭଞ୍ଜ | ତହସିଲ- ରାଇରଙ୍ଗପୁର | ଗ୍ରାମ- ବଇଦାପୋଷି | |
|---|---|---|---|---|---|
| କ୍ର. ନଂ. | ସର୍ଭେ ପ୍ଲଟ ନଂ. | ଜମିର ପ୍ରକାର | ଜମିର କିସମ | ରକବା (ଏକରରେ) | ରକବା (ହେକ୍ଟରରେ) |
| ୧ | ୪୩୭ | ବେସରକାରୀ (ରୟତି) | ଆଡି | 0.0100000 | 0.0040469 |
| ୨ | ୪୩୮ | ବେସରକାରୀ (ରୟତି) | ଶାରଦ-୧ | 0.0299999 | 0.0121408 |
| ୩ | ୪୪୬/୧୫୫୮ | ବେସରକାରୀ (ରୟତି) | ନାଳ | 0.0099999 | 0.0040469 |
| ୪ | ୪୫୬ | ବେସରକାରୀ (ରୟତି) | ଶାରଦ-୧ | 0.0100000 | 0.0040469 |
| ୫ | ୪୫୮ | ବେସରକାରୀ (ରୟତି) | ଘରବାରି | 0.0500000 | 0.0202347 |
| ୬ | ୪୬୪ | ବେସରକାରୀ (ରୟତି) | ଶାରଦ-୧ | 0.0050001 | 0.0020235 |
| ୭ | ୫୧୮ | ବେସରକାରୀ (ରୟତି) | ଶାରଦ-୩ | 0.1100000 | 0.0445164 |
| ୮ | ୫୧୯ | ବେସରକାରୀ (ରୟତି) | ଶାରଦ-୩ | 0.0299999 | 0.0121408 |
| | | | ମୋଟ | **0.2550** | **0.1032** |

**[F. No. RO/BBSR/11011/220/ORS/2019-20/618/BPD/3A1]**

OIPR-24100/14/0004/2122 **RAJESH GUPTA, DIRECTOR**



# ତ୍ୱଚା ପାଇଁ ବରଦାନ କେଶର

ସୌନ୍ଦର୍ଯ୍ୟ

**ପୃଥିବୀର ସବୁଠୁ ଦାମୀ ମସଲା ଭାବେ ପରିଚିତ କେଶର କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ ବରଂ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମଧ୍ୟ ଏହା ବରଦାନ ସଦୃଶ। ଜାଣି ରଖନ୍ତୁ ଏହାକୁ ବ୍ୟବହାର କରିବାର ଟିପ୍ସ ...**

➤ଯଦି ଆପଣଙ୍କ ତ୍ୱଚା ସନ୍‌ବର୍ନ କିମ୍ବା ଅନ୍ୟାନ୍ୟ କାରଣରୁ କଳା ପଡୁଛି ତେବେ ଚନ୍ଦନ ପାଉଡର, କ୍ଷୀର ଏବଂ କେଶର ପ୍ୟାକ୍ ଆପଣଙ୍କ ପାଇଁ ଉପକାରୀ। ପ୍ରଥମେ କ୍ଲିଞ୍ଜରରେ ମୁହଁ ଏବଂ ବେକ ସଫା କରିବା ପରେ ଏହି ପ୍ୟାକ୍ ଲଗାଇ ୧୫ ମିନିଟ୍ ରଖନ୍ତୁ। ଏହାପରେ ପାଣିରେ ଧୀରେ ଧୀରେ ଅଙ୍ଗୁଳି ଟିପ ସାହାଯ୍ୟରେ ଘଷି ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ସ୍କିନ୍ ଟୋନ୍ ଲାଇଟ୍ ହେବା ସହ ଗ୍ଲୋ ବଢିଥାଏ।

➤ଅଳ୍ପ ତୁଳସୀପତ୍ର ଏବଂ କେଶରକୁ ପାଣିରେ ଭିଜାଇ ବାଟି ଦିଅନ୍ତୁ। ଏଥିରେ ଅଳ୍ପ ହଳଦୀ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇବା ଦ୍ୱାରା କେଶରରେ ଥିବା ଆଣ୍ଟିଫଙ୍ଗାଲ୍, ତୁଳସୀର ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ହଳଦୀର ଆଣ୍ଟିସେପ୍ଟିକ୍ ଗୁଣ ବ୍ରଣ, ଦାଗ ଏବଂ ଅନ୍ୟ ତ୍ୱଚା ଜନିତ ସମସ୍ୟା ଦୂର କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବ।

➤ଗୋଲାପ ଜଳରେ କେଶରକୁ ମିଶାଇ ଟୋନର ଭାବେ ବ୍ୟବହାର କଲେ ମଧ୍ୟ ସ୍କିନ୍ ଟୋନ୍ ବଢିବା ସହ ଫ୍ରେଶ୍ ଲୁକ୍ ମିଳିଥାଏ।

➤ଶୀତଦିନେ କେଶର ଏବଂ ମହୁ ପ୍ୟାକ୍ ତ୍ୱଚାରେ ମସାଜ କଲେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ତ୍ୱଚାକୁ ଏହା ମଶ୍ଚରାଇଜ କରି ରଖିଥାଏ। ଏହାଦ୍ୱାରା ଗ୍ଲୋ ମଧ୍ୟ ବଢ଼ିଥାଏ।

➤ଏକ କପ୍‌ରେ ଦୁଇ ଚାମଚ କ୍ଷୀର ଏବଂ ଅଳ୍ପ କେଶର ମିଶାଇ ଏକ ଘଣ୍ଟା ରଖିଦିଅନ୍ତୁ। ସେଥିରେ ଅଳ୍ପ ଲେମ୍ବୁ ରସ ମିଶାଇ ମୁହଁରେ ଲଗାନ୍ତୁ। ସପ୍ତାହକୁ ଥରେ କିମ୍ବା ଦୁଇଥର ଏହାକୁ ଲଗାଇଲେ ଟ୍ୟାନିଂ ସମସ୍ୟା ଦୂର ହୋଇଯିବ।

➤ ୪-୫ଟି ଆଲମଣ୍ଡକୁ ଭିଜାଇ ସକାଳେ ବାଟି ଦିଅନ୍ତୁ ଏବଂ ସେଥିରେ ଅଳ୍ପ କେଶର, ଆବଶ୍ୟକ ପରିମାଣରେ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇବା ଦ୍ୱାରା ସ୍କିନ୍ ଟୋନ୍ ସହ ଗ୍ଲୋ ମଧ୍ୟ ବଢ଼ିଥାଏ।





# ଡାଇବେଟିସ୍ କମାଇବ ଜୁସ୍

**ବର୍ତ୍ତମାନ ଅଧିକାଂଶ ମହିଳାଙ୍କଠାରେ ଡାଇବେଟିସ୍ ସମସ୍ୟା ଦେଖିବାକୁ ମିଳୁଛି; ଯେଉଁଥିପାଇଁ ସେମାନଙ୍କୁ ପ୍ରତିଦିନ ମେଡିସିନ୍ ମଧ୍ୟ ଖାଇବାକୁ ପଡୁଛି। ହେଲେ, ଖାଦ୍ୟ ତାଲିକାରେ ଚିନି ଏବଂ ଅନ୍ୟାନ୍ୟ କାର୍ବୋହାଇଡ୍ରେଟଯୁକ୍ତ ଖାଦ୍ୟର ପରିମାଣ କମାଇବା ସହ କେତେକ ଜୁସ୍‌କୁ ସାମିଲ୍ କଲେ ଡାଇବେଟିସ୍ ବା ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରଣରେ ରଖାଯାଇପାରିବ...**

**ଅଁଳା ଜୁସ୍:** ଅନେକ ଔଷଧୀୟ ଗୁଣରେ ଭରପୂର ଅଁଳା ଡାଇବେଟିସ୍ କମ୍ କରିବାରେ ମଧ୍ୟ ବେଶ୍ ଉପଯୋଗୀ। ଏଥିରେ ଫାଇବର୍ ମାତ୍ରା ଅଧିକ ଥିବାରୁ ହଜମକ୍ରିୟା ଧୀର କରି ରକ୍ତରେ ଶର୍କରା ମାତ୍ରା ଅଧିକ ହେବାକୁ ଦିଏ ନାହିଁ। ଏଥିରେ ଥିବା କ୍ରୋମିଅମ୍ ମିନେରାଲ୍ କ୍ରାର୍ବୋହାଇଡ୍ରେଟ୍ ମେଟାବୋଲିଜମ୍ ସହ ଇନ୍‌ସୁଲିନ୍ କ୍ଷରଣ ଠିକ୍ ଭାବରେ କରିବାରେ ସାହାଯ୍ୟ କରେ; ଯାହାଦ୍ୱାରା ଡାଇବେଟିସ୍ ନିୟନ୍ତ୍ରଣରେ ରହିଥାଏ।

**କାକୁଡି ଜୁସ୍:** 'ଜର୍ନାଲ୍ ଅଫ୍ ପ୍ଲାଣ୍ଟ ଫୁଡ୍ସ ଫର୍ ହ୍ୟୁମାନ୍ ନ୍ୟୁଟ୍ରିଶନ୍'ରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ମୁତାବକ କାକୁଡ଼ିରେ ପ୍ରଚୁର ପରିମାଣରେ ଥିବା ଫାଇବର୍ ରକ୍ତରେ ଶର୍କରାର ମାତ୍ରା ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ବିଶେଷ କରି ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ଲାଗି ଏହା ବେଶ୍ ଉପକାରୀ। ତା'ଛଡା ଏଥିରେ କ୍ୟାଲସିଅମ୍, ଆଇରନ୍, ଫସ୍‌ଫରସ୍, ଭିଟାମିନ୍- ଏ, ବି-୧, ସି ଏବଂ ଆମିନୋ ଏସିଡ୍ ଅଧିକ ପରିମାଣରେ ରହିଥିବାରୁ ପ୍ରତିଦିନ କାକୁଡି ଜୁସ୍ ପିଇବା କିମ୍ବା କାକୁଡି ଖାଇବା ଡାଇବେଟିସ୍ ରୋଗୀଙ୍କ ଲାଗି ଉପକାରୀ।

**ବିଟ୍ ଜୁସ୍:** ଅନେକ ଡାଇବେଟିସ୍ ରୋଗୀଙ୍କଠାରେ ସ୍ନାୟୁ ନଷ୍ଟ(ନର୍ଭ ଡ୍ୟାମେଜ୍), ଚକ୍ଷୁ ସମସ୍ୟା ଆଦି ଦେଖିବାକୁ ମିଳେ; ଯାହାକୁ ଦୂର କରିବାରେ ବିଟ୍ ବେଶ୍ ଉପକାରୀ। ଏଥିରେ ଥିବା ଆଲ୍‌ଫା ଲିପୋଇକ୍ ସ୍ନାୟୁ ଏବଂ ଚକ୍ଷୁ ସମସ୍ୟା ଦୂର କରିଥାଏ।

**କଲରା ଜୁସ୍:** କଲରା ଜୁସ୍ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟ କରେ। କଲରାରେ ଥିବା ପଲିପେପ୍ଟାଇଡ୍-ପି ବା ପି- ଇନ୍‌ସୁଲିନ୍ ନାମକ ଏକ ଇନ୍‌ସୁଲିନ୍ ଜାତୀୟ ଉପାଦାନ ଡାଇବେଟିସ୍ ସମସ୍ୟା କମାଇଥାଏ।

ଖାଦ୍ୟରୁଚି

# ମୁଗୋର ପୁଳି

**ଆବଶ୍ୟକ ସାମଗ୍ରୀ:** ୨ ଚାମଚ ଘିଅ, ଅଧ କପ୍ ମୁଗଡାଲି, ୧କପ୍ କ୍ଷୀର, ୧କପ୍ ଚାଉଳ ଗୁଣ୍ଡ, ଛାଣିବା ପାଇଁ ତେଲ, ସିରା କରିବା ପାଇଁ ୧କପ୍ ଚିନି, ୧/୪ଚାମଚ କେଶର, ୧/୪ଚାମଚ ଗୁଜୁରାତି ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲାରେ ପ୍ରେସର କୁକର୍ ବସାଇ ଘିଅ ଗରମ କରନ୍ତୁ। ଲୋ ଷ୍ଟିମ୍‌ରେ ଘିଅରେ ମୁଗଡାଲି ପକାଇ ଭାଜନ୍ତୁ। ଏଥିରେ ପାଣି ଓ କ୍ଷୀର ପକାଇ ଭଲ ଭାବେ ଘାଣ୍ଟନ୍ତୁ। ପରେ କୁକର୍‌ରେ ଢାଙ୍କୁଣୀ ଦେଇ କିଛି ସମୟ ରଖନ୍ତୁ। ଗ୍ୟାସ ବନ୍ଦ କରିବା ପରେ ଡାଲିକୁ ଥଣ୍ଡା କରି ଗ୍ରାଇଣ୍ଡ କରିଦିଅନ୍ତୁ। ଅନ୍ୟପଟେ ଗ୍ୟାସ୍ ଲଗାଇ କଡେଇ ବସାନ୍ତୁ। ଏଥିରେ ମୁଗଡାଲି ପେଷ୍ଟ ପକାଇ ଆବଶ୍ୟକ ପରିମାଣର ପାଣି ମିଶାନ୍ତୁ। ଏଥିରେ ଚାଉଳ ଗୁଣ୍ଡ ପକାଇ ୫ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ ଏବଂ ଧ୍ୟାନ ଦିଅନ୍ତୁ ଯେପରି କେଉଁଠି ଗୁଳା ନ ରହିଯାଏ। କିଛି ସମୟ ପରେ ଘିଅ ମିଶାଇ ଗୋଳେଇ ଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢି ଥଣ୍ଡା କରିବା ପରେ ଭଲ ଭାବେ ଚକଟି ଗୋଲଗୋଲ ଗୁଳା ତିଆରି କରନ୍ତୁ। କେବଳ ଗୋଲ ନୁହେଁ ଏହାକୁ ମନ ମୁତାବକ ଆକାରରେ ପ୍ରସ୍ତୁତ କରନ୍ତୁ। ଏକ କଡ଼େଇରେ ତେଲ ଗରମ କରନ୍ତୁ ଏବଂ ସେଥିରେ ପିଠା ପକାଇ ଲୋ ଫ୍ଲେମ୍‌ରେ ଛାଣନ୍ତୁ। ପିଠା ସୁନେଲି ରଙ୍ଗର ହୋଇଗଲେ ପାତ୍ରକୁ କାଢି ଦିଅନ୍ତୁ। ଏକ ପ୍ୟାନରେ ଚିନି, ପାଣି ଓ କେଶର ପକାଇ ସିରା ପ୍ରସ୍ତୁତ କରନ୍ତୁ। ସିରା ପ୍ରସ୍ତୁତ ହୋଇଗଲେ ସେଥିରେ ଗୁଜୁରାତି ଗୁଣ୍ଡ ପକାନ୍ତୁ। ସିରାରେ ପିଠା ସବୁକୁ ପକାଇ ଦୁଇଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଗେର ପୁଳି। ଏହାକୁ ସଭିଙ୍କୁ ଖୁଆଇବାର ମଜା ନିଅନ୍ତୁ।



# ଶିଶୁଙ୍କ ହସ୍ତ ପଦ ମୁଖ ବ୍ୟାଧି



**ବର୍ତ୍ତମାନ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ପିଲାମାନଙ୍କ ଠାରେ ଦେଖା ଦେଉଥିବା ଏକ ପ୍ରକାରର ରୋଗ ଚିନ୍ତା ବଢ଼ାଉଛି; ଯାହାକି ହାଡ଼ ଫୁଟି ବା ଚିକେନ୍ ପକ୍ସ ଭଳି ଦେଖା ଯାଉଥିଲେ ମଧ୍ୟ ଏହାର ଲକ୍ଷଣ ଭିନ୍ନ। ଏହାକୁ ଡାକ୍ତରୀ ଭାଷାରେ ହସ୍ତ ପଦ ମୁଖ ବ୍ୟାଧି ବା ହ୍ୟାଣ୍ଡ ଫୁଟ୍ ମାଉଥ୍ ଡିଜିଜ୍ ବୋଲି କୁହାଯାଉଛି। ଯଥା ସମୟରେ ଏହି ରୋଗ ଚିହ୍ନଟ କରି ଚିକିତ୍ସା କରାଇବା ଦ୍ୱାରା ପିଲାଙ୍କୁ ଯନ୍ତ୍ରଣାମୁକ୍ତ ଭାବେ ଏଥିରୁ ଉପଶମ ମିଳିବା ସହଜ ହୋଇଥାଏ...**

ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

କିଛିଦିନ ପୂର୍ବରୁ ଜଣେ ମା' ତାଙ୍କ ଶିଶୁ ଧରି ଆସିଥାନ୍ତି। ବହୁତ ବ୍ୟସ୍ତ ହୋଇ ଡାକ୍ତରଙ୍କୁ କହିଲେ, ଦେଖନ୍ତୁ ଡାକ୍ତରବାବୁ ମୋର ଶିଶୁଟିକୁ ହାଡଫୁଟି ହୋଇଯାଇଛି। ଶିଶୁଟିର ହାତରେ, ପାଦରେ ଓ ଅଣ୍ଟା ତଳକୁ ପାଣିଫୋଟକା ପରି ଛୋଟ ଛୋଟ ଫଳି ଯାଇଥାଏ ଓ ପାଟିରେ ମଧ୍ୟ ଛୋଟ ଛୋଟ କ୍ଷତ ହୋଇ ଶିଶୁ ଲାଳ ଗଡ଼ାଉଥାଏ ଓ ଖାଦ୍ୟ ଖାଇ ପାରୁ ନ ଥାଏ। ପିଲାଟିର ବୟସ ୨ବର୍ଷ ହେବ। ପଚାରିବାରୁ ମା' କହିଲେ ପ୍ରଥମେ ଶିଶୁଟିକୁ ୨ଦିନ ଅତ୍ୟଧିକ ଜ୍ୱର ହେଲା। ପରେ ହାତ, ପାଦ ଓ ଅଣ୍ଟା ତଳକୁ ଫୋଟକା ପରି କ୍ଷତ ସୃଷ୍ଟି ହେଲା ; ଯାହାକି ହାଡଫୁଟି ବା ଚିକନ୍ ପକ୍ସ ପରି ଦେଖାଯାଏ। ଛାତି ଓ ପେଟରେ ଏହି ଫୋଟକା ଦେଖାଯାଏ ନାହିଁ; ଯାହା କି ହାଡଫୁଟି ରୋଗରେ ଦେଖାଯାଏ।

**ରୋଗ ହୋଇଥିବା ସମୟ:** ଡିସେମ୍ବରରୁ ମାର୍ଚ୍ଚ ମଧ୍ୟରେ ଏହି ରୋଗ ଦେଖାଦେଇଥାଏ। ଏହା ଏକ ସଂକ୍ରାମକ ରୋଗ, ଯାହା ଏକ ସମୟରେ ବହୁ ସଂଖ୍ୟକ ଶିଶୁମାନଙ୍କରଠାରେ ଦେଖାଦେଇଥାଏ।

**ବୟସ:** ଦୁଇବର୍ଷରୁ ଛଅ ବର୍ଷ ବୟସର ଶିଶୁମାନଙ୍କୁ ଏହା ଅଧିକ ହୋଇଥାଏ। ଶତକଡା ୯୩% କ୍ଷେତ୍ରରେ ଶିଶୁଙ୍କ ବୟସ ୪ ବର୍ଷରୁ କମ୍। ପୁଅମାନଙ୍କୁ ଅଧିକ ଦେଖାଯାଏ। ସମୟ ସମୟରେ ୧୦ରୁ ୧୫ବର୍ଷ ବୟସଙ୍କଠାରେ ଏହି ରୋଗ ଦେଖାଦେଇଥାଏ।

**ରୋଗର କାରଣ:** ଏହା ଏକ ଭୂତାଣୁ ଦ୍ୱାରା ସଂକ୍ରମିତ ରୋଗ। କକ୍ସାକି ନାମକ ଏକ ଭୂତାଣୁର ସବ୍‌ଗ୍ରୁପ୍ A-6, A-10 ଓ A-16 ଏବଂ ଏଣ୍ଟେରୋ ଭାଇରସ୍ ବା EV-71 ଏହି ରୋଗର କାରଣ।

**କିପରି ବ୍ୟାପେ:**

ହ୍ୟାଣ୍ଡ ଫୁଟ୍ ଓ ମାଉଥ୍ ଡିଜିଜ୍ ଏକ ଭୟଙ୍କର ଭାବେ ସଂକ୍ରାମକ ରୋଗ। ଏହି ବିଭିନ୍ନ କାରଣରୁ ବ୍ୟାପିଥାଏ, ଯଥା ;

୧. ଏକାଠି ଅନେକ ଶିଶୁ ଖେଳିବା ସମୟରେ, ପରସ୍ପର ସହ ହାତ ମିଳାଇବା, କୋଳାଗ୍ରତ କରିବା ଫଳରେ ଏହି ରୋଗ ଥିବା ପିଲାର ଫୋଟକାରୁ ନିର୍ଗତ ତରଳ ପଦାର୍ଥ ସମ୍ପର୍କରେ ଅନ୍ୟମାନେ ଆସିବା ଦ୍ୱାରା ସଂକ୍ରମଣ ବଢିଥାଏ।

୨. ସ୍କୁଲ୍‌ରେ ଏକାଠି ଗୋଟିଏ ପାଣି ବୋତଲରୁ ପାଣି ପିଇବା, ଗୋଟିଏ ଟିଫିନ୍‌ରୁ ଖାଦ୍ୟ ଖାଇବା କିମ୍ବା ପରସ୍ପର ମଧ୍ୟରେ ଖାଦ୍ୟ ଆଦାନ ପ୍ରଦାନ କରିବା ଇତ୍ୟାଦି ସହ ପାଟିରୁ ନିର୍ଗତ ଲାଳ, ମା' କିମ୍ବା ସମ୍ପର୍କୀୟଙ୍କ ମାଧ୍ୟମରେ ଏହା ବ୍ୟାପେ।

୩. କାଶ, ଛିଙ୍କ ଦ୍ୱାରା ଡ୍ରପଲେଟ୍ ସଂକ୍ରମଣ ଦ୍ୱାରା ମଧ୍ୟ ରୁଗ୍ଣ ଶିଶୁଠାରୁ ସୁସ୍ଥ ଶିଶୁକୁ ଏହି ରୋଗ ବ୍ୟାପିଥାଏ।

୪. ମଳରେ ମଧ୍ୟ ଏହି ଭୂତାଣୁ ନିର୍ଗତ ହୋଇଥାଏ। ଯାହାଫଳରେ ମଳ ଦ୍ୱାରା ସଂକ୍ରମିତ ଜଳ ହସ୍ତ ଓ ବସ୍ତ୍ର ଦ୍ୱାରା ମଧ୍ୟ ଗୋଟିଏ ଶିଶୁଠାରୁ ଅନ୍ୟ ଏକ ଶିଶୁକୁ ସଂକ୍ରମିତ ହୋଇଥାଏ।





**ଲକ୍ଷଣ:** ଭୂତାଣୁର ଶରୀର ମଧ୍ୟରେ ପ୍ରବେଶଠାରୁ ରୋଗର ପରିପ୍ରକାଶ ସମୟ ତିନିରୁ ଛଅଦିନ। ପ୍ରଥମେ ଅତ୍ୟଧିକ ଜ୍ୱର ଦାନ୍ତ ମାଢିରେ ଫୋଟକା ପରି କ୍ଷତ ସୃଷ୍ଟି ହୋଇ ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଥାଏ। ଏହା ଲାଲ ରଙ୍ଗର କ୍ଷତରେ ପରିଣତ ହୁଏ। ହାତ ପାଦ ଓ ଅଣ୍ଟା ତଳକୁ ପାଣିଫୋଟକା ପରି କ୍ଷତ ଦେଖା ଯାଇଥାଏ। ଶିଶୁଟି ଖାଦ୍ୟ ଖାଇପାରେ ନାହିଁ, ବାନ୍ତି ହୋଇଥାଏ। ନ ଖାଇବା ଫଳରେ ଶିଶୁଟି ଦୁର୍ବଳ ହୋଇପଡେ। ଚିଡାଚିଡା ହୁଏ। ଜ୍ୱର ଅଧିକ ହୋଇ ଜ୍ୱର ପିଢୁଳା ହୋଇପାରେ ଓ ମସ୍ତିଷ୍କ ପ୍ରଦାହ ଦେଖାଦେଇପାରେ।

**ଚିକିତ୍ସା:** ପିଲାଙ୍କଠାରେ ଜ୍ୱର ହେବା ସହ ଦେହରେ ଫଳିଯିବା ଭଳି ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ବ୍ୟଥା ଓ ଜ୍ୱର କମ୍ ପାଇଁ ଔଷଧ ଦିଅନ୍ତୁ। ପାଟିରେ ଔଷଧ ଲଗାଇବା ଫଳରେ ଯନ୍ତ୍ରଣା କମ୍ ହୁଏ ଓ ଶିଶୁଟି ଖାଇପାରେ।

**ପରାମର୍ଶ ସମୟ:**

- ଶିଶୁ ସାଧାରଣତଃ ଏହି ରୋଗରେ ୭ ରୁ ୧୦ଦିନ ମଧ୍ୟରେ ସୁସ୍ଥ ହୋଇଯାଏ। ହେଲେ ଯଦି ଏହାଠାରୁ ଅଧିକ ଦିନ ଶରୀର ଦେହରେ ରୁଗ୍ଣତା ରହିଲେ
- ଅତ୍ୟଧିକ ବାନ୍ତି ହୋଇ ଜଳ ଶୁଷ୍କତା ରହିଲେ
- ଆଠଘଣ୍ଟାରୁ ଅଧିକ ସମୟ ପରିସ୍ରା ନ ହେଲେ
- ଅଧିକ ଜ୍ୱର ହୋଇ ଶିଶୁ ନିସ୍ତେଜ ରହିଲେ

ଏଭଳି କୌଣସି ଲକ୍ଷଣ ଦେଖାଦେଲେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର।

ଭୂତାଣୁ ରୋଗଗୁଡ଼ିକରେ ପ୍ରତିଷେଧକ ବ୍ୟବସ୍ଥା ଆପଣେଇବା ସବୁଠୁ ଭଲ ଉପାୟ। ଏଥିପାଇଁ ପିଲାଙ୍କୁ ହାତ ଧୋଇବା ଅଭ୍ୟାସ କରାଇବା ଆବଶ୍ୟକ। ମା'ମାନେ ପିଲାଙ୍କୁ ଖାଦ୍ୟ ଖୁଆଇବା ଓ ପ୍ରସ୍ତୁତ କରିବା ପୂର୍ବରୁ ଏବଂ ଡାଇପର ବଦଳାଇବା ପରେ ହାତ ଭଲଭାବରେ ଧୋଇବା ଦରକାର। ଶିଶୁଟି ରହୁଥିବା ଓ ଚଳପ୍ରଚଳ ସ୍ଥାନଗୁଡ଼ିକୁ ସାବୁନ କିମ୍ବା ବ୍ଲିଚିଙ୍ଗ ପାଉଡର ମିଶା ପାଣିରେ ପୋଛିବା ଆବଶ୍ୟକ। ସୁସ୍ଥ ଶିଶୁକୁ ରୁଗ୍ଣ ଶିଶୁଠାରୁ ଦୂରେଇ ରଖିବା ଗୁରୁତ୍ୱପୂର୍ଣ୍ଣ।

*- ଶିଶୁରୋଗ ବିଶେଷଜ୍ଞ*
*ଲିଙ୍ଗରାଜ ବିହାର, ପୋଖରିପୁଟ*
*ମୋ- ୯୪୩୭୧୦୩୬୭୭*



# ଜାପାନ ବିପକ୍ଷରେ ଭାରତ ଫେଭରାଇଟ

ଢାକା, ୨୦।୧୨

ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ୨ଟି ଯାକ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ପାକିସ୍ତାନକୁ ଦକ୍ଷିଣ କୋରିଆ ଭେଟିବାକୁ ଥିବାବେଳେ ଦ୍ୱିତୀୟ ସେମିଫାଇନାଲ ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ହେବ। ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜାପାନ ବିପକ୍ଷ ମ୍ୟାଚରେ ଭାରତ ଫେଭରାଇଟ ବିବେଚିତ ହେଉଛି। ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ଜାପାନ ବିପକ୍ଷ ରାଉଣ୍ଡ ରବିନ

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ସେମିଫାଇନାଲ ଆଜି

ମ୍ୟାଚରେ ୬-୦ ଗୋଲରେ ବିଜୟୀ ହୋଇଥିଲା। ତେଣୁ ପ୍ରଦର୍ଶନ ଦୃଷ୍ଟିରୁ ଆଗାମୀ ମୁକାବିଲାରେ ମଧ୍ୟ ଭାରତ ବୃହତ୍ ବିଜୟ ହାସଲ କରିବା ଆଶା ରହିଛି। ତେବେ ଆଗାମୀ ମ୍ୟାଚକୁ ଭାରତ ହାଲୁକାଭାବେ ନ ନେବା ଉଚିତ। ନଚେତ ଟୁର୍ନାମେଣ୍ଟରେ ଦଳର କଠିନ ପରିଶ୍ରମ ବୃଥା ହୋଇଯିବା ସମ୍ଭାବନା ରହିବ।

ଭାରତ ଏହି ଟୁର୍ନାମେଣ୍ଟରେ ଦକ୍ଷିଣ କୋରିଆ ବିପକ୍ଷରେ ୨-୨ରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିଲା। ମାତ୍ର ପରେ ବାଂଲାଦେଶକୁ ୯-୦, ପାକିସ୍ତାନକୁ ୩-୧ ଓ ଜାପାନକୁ ୬-୦ ଗୋଲରେ ହରାଇ ଅପରାଜେୟ ରହିଛି। ଦଳ ୪ ମ୍ୟାଚ ଖେଳି ୩ ବିଜୟ ଓ ୧ ଡ୍ର ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଜାପାନ ୪ ମ୍ୟାଚରୁ ୧ ବିଜୟ, ୨ ଡ୍ର ଓ ୧ ପରାଜୟ ସହ ୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି। ଦଳ କେବଳ ବାଂଲାଦେଶକୁ ୫-୦ ଗୋଲରେ ହରାଇ ପାରିଥିବାବେଳେ ପାକିସ୍ତାନ ବିପକ୍ଷରେ ଗୋଲଶୂନ୍ୟ ଏବଂ ଦକ୍ଷିଣ କୋରିଆ ବିପକ୍ଷରେ ୩-୩ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ଜାପାନ ଏକମାତ୍ର ପରାଜୟ ସ୍ୱାଦ ଭାରତ ବିପକ୍ଷ ମ୍ୟାଚରୁ ହିଁ ପାଇଥିଲା। ତେଣୁ ତ୍ରୁଟିରୁ ଶିକ୍ଷାଲାଭ କରି ଏହି ଦଳ ସେମିଫାଇନାଲରେ ଅବତୀର୍ଣ୍ଣ ହେବ।

ରାଉଣ୍ଡ ରବିନ ପର୍ଯ୍ୟାୟରେ ଦକ୍ଷିଣ କୋରିଆ ୪ ମ୍ୟାଚରୁ ୧ ବିଜୟ ଓ ୩ ଡ୍ର ସହ ୬ ଓ ପାକିସ୍ତାନ ସମାନ ମ୍ୟାଚରୁ ୧ ବିଜୟ, ୨ ଡ୍ର ଓ ୧ ପରାଜୟ ସହ ୫ ପଏଣ୍ଟରେ ରହିଛି। ଲିଗ୍ ଶେଷରେ କୋରିଆ ଦ୍ୱିତୀୟ ଓ ପାକିସ୍ତାନ ୩ୟ ସ୍ଥାନରେ ରହିଥିଲା। ଲିଗ୍ ପର୍ଯ୍ୟାୟରେ କୋରିଆ-ପାକିସ୍ତାନ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେଣୁ ଆଗାମୀ ମୁକାବିଲା ମଧ୍ୟ ରୋମାଞ୍ଚକ ହେବା ଆଶା।

ଭାରତୀୟ ଦଳର ଉପଅଧିନାୟକ ହରମନପ୍ରୀତ ସିଂ ଚଳିତ ଟୁର୍ନାମେଣ୍ଟରେ ପ୍ରଦର୍ଶନର ଛାପ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। ଜାପାନ ବିପକ୍ଷ ମ୍ୟାଚରେ ସେ ଏକାକୀ ୨ଟି ଗୋଲ ଦେଇଥିଲେ। ତେଣୁ ସେ କେବଳ ଦଳକୁ ଫେରି ନାହାନ୍ତି ସମ୍ପୂର୍ଣ୍ଣ ଫର୍ମରେ ଥିବା ପରିଚୟ ମଧ୍ୟ ଦେଇଛନ୍ତି। ତେଣୁ ତାଙ୍କ ଉପରେ ନିଶ୍ଚିତ ଜାପାନର ନଜର ରହିବ। ଅଧିନାୟକ ମନପ୍ରୀତ ସିଂ ଓ ହାର୍ଦ୍ଦିକ ସିଂଙ୍କ ଉପସ୍ଥିତିରେ ଭାରତୀୟ ମିଡ୍‌ଫିଲ୍ଡ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଆସୁଛି। ଫରୱାର୍ଡରେ ଦିଲପ୍ରୀତ୍ ସିଂ, ଜନମନପ୍ରୀତ ସିଂ, ଆକାଶଦୀପ ସିଂ ଓ ସମଶେର ସିଂ କେତେକ ଫିଲ୍ଡ ଗୋଲ ଦେଇ ଟୁର୍ନାମେଣ୍ଟରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ଯୁବ ଗୋଲକିପର ସୂରଜ କରକେରା ଏପର୍ଯ୍ୟନ୍ତ ବହୁତ ଭଲ ସେଭ୍ କରି ଆସିଛନ୍ତି। ହରମନପ୍ରୀତଙ୍କ ନେତୃତ୍ୱରେ ଭାରତର ରକ୍ଷଣଭାଗ ମଧ୍ୟ ଭଲ କରୁଛି। ପୂର୍ବ ମ୍ୟାଚରେ ଜାପାନ ୫ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ରକ୍ଷଣଭାଗ ଗୋଟିଏ ହେଲେ ଗୋଲ ହେବାକୁ ଦେଇ ନ ଥିଲେ। ଆଗକୁ ନକ୍‌ଆଉଟ ମ୍ୟାଚ ଥିବାରୁ ଭାରତୀୟ ରକ୍ଷଣଭାଗକୁ ଅଧିକ ସତର୍କ ହୋଇ ଖେଳିବାକୁ ପଡ଼ିବ। ବିଶେଷ କରି ବିପକ୍ଷ ଦଳକୁ ଯେପରି ଅଧିକ ପେନାଲ୍ଟି କର୍ନର ଦିଆ ନ ଯିବ ତା' ଉପରେ ଧ୍ୟାନ ଦେବାକୁ ପଡ଼ିବ। ସାମାନ୍ୟ ତ୍ରୁଟି ଦଳର କ୍ରମାଗତ ଏସିଆନ ଚାମ୍ପିୟନଶିପ୍ ଟାଇଟଲ ବିଜୟରେ ପ୍ରତିବନ୍ଧକ ସାଜିପାରେ। ମସ୍କଟରେ ଅନୁଷ୍ଠିତ ଗତ ସଂସ୍କରଣରେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ଭାରତ ଓ ପାକିସ୍ତାନକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା।



ରାଉଣ୍ଡ ରବିନ ପର୍ଯ୍ୟାୟରେ ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଜୟନ୍ତୀଙ୍କୁ ଟ୍ରିପଲ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୦।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ପାରା ଆଥଲେଟ୍ ଜୟନ୍ତୀ ବେହେରା ରାଜ୍ୟପାଇଁ ଆଣିଛନ୍ତି ଖୁସି ଖବର। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ବେଙ୍ଗାଲୁରୁରେ ସୋମବାର ଅନୁଷ୍ଠିତ ୩ୟ ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ୩ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଟି୪୭ କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜୟନ୍ତୀ ୧୦୦, ୨୦୦ ଓ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ୧୦୦ ମିଟର

## ଇଣ୍ଡିଆନ ଓପନ ପାରା ଆଥ୍‌ଲେଟିକ୍ସ

ରେସ୍‌କୁ ୧୩.୪୪ ସେକେଣ୍ଡରେ ଶେଷ କରିଥିବାବେଳେ ୨୦୦ ମିଟରକୁ ୨୭.୮୦ ସେକେଣ୍ଡ ଓ ୪୦୦ ମିଟରକୁ ୧:୦୧ ସେକେଣ୍ଡରେ ଅତିକ୍ରମ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।

୧୯୯୯ ଜୁନ ୧୧ରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳରେ ଜନ୍ମିତ ଜୟନ୍ତୀ ପୂର୍ବରୁ ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ହାସଲ କରି ସାରିଛନ୍ତି। ୨୦୧୭ରେ ସେ ଚାଇନା ଓପନ ପାରା ଆଥଲେଟିକ୍ ଗ୍ରାଁ ପ୍ରିର ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ସେହିବର୍ଷ ସେ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ସିନିୟର ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଭାଗ ନେବାରେ ସର୍ବକନିଷ୍ଠ ଭାରତୀୟ ଥିଲେ। ସୁଇଜରଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଜୁନିୟର ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ର ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୮ରେ ଜାକର୍ତ୍ତାଠାରେ ଆୟୋଜିତ ଏସିଆନ ପାରା ଗେମ୍ସର ମହିଳା ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ରେ ରୌପ୍ୟ ପଦକ ଅର୍ଜନ କରିଥିଲେ ଜୟନ୍ତୀ। ସେହିପରି ୨୦୧୯ରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ।



ସ୍ୱର୍ଣ୍ଣ ପଦକ ସହ ଜୟନ୍ତୀ ବେହେରା।





ହାଡ଼ିବନ୍ଧୁ ଓ ସତ୍ୟବାଦୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଶ୍ରେଷ୍ଠ ବିବେଚିତ ଖେଳାଳିଦ୍ୱୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଏମ୍‌ବିଏସ୍, ଜାଗୁଆର ବିଜୟୀ

ଭୁବନେଶ୍ୱର, ୨୦।୧୨ (କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ସୁନ୍ଦରପଦା, କପିଳ ପ୍ରସାଦ ସାକ୍ସ ଖେଳପଡ଼ିଆରେ ଚାଲିଥିବା ୧୩ତମ ହାଡ଼ିବନ୍ଧୁ ଏବଂ ସତ୍ୟବାଦୀ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ ଖେଳା ଯାଇଛି। ଏଥିରେ ଏମ୍‌ବିଏସ୍ ୫ ଉଇକେଟରେ ସମରସେଟ୍‌କୁ ଓ ବୈଶାଳୀ ଜାଗୁଆର ଦଳ ୧୮୨ ରନରେ ଭଦ୍ରକକୁ ପରାସ୍ତ କରିଛନ୍ତି। ପ୍ରଥମ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ସମରସେଟ୍ ୧୫୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ କିରଣ ଖାଁ ସର୍ବାଧିକ ୫୮ ରନ କରିଥିଲେ। ବିପକ୍ଷ ଦଳର ସଚିନ ମୁଖି ୩ଟି ଉଇକେଟ ନେଇଥିଲେ। ଜବାବରେ ଏମ୍‌ବିଏସ୍ ଦଳ

## ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ କ୍ରିକେଟ

୫ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରି ନେଇଥିଲା। ଉମାକାନ୍ତ ଜଗଦେବ ୪୩ ରନକରି ଅପରାଜିତ ରହିଥିଲେ। ପରାଜିତ ଦଳର ଆଲୋକ ଦାସ ୨ଟି ଉଇକେଟ ପାଇଥିଲେ। ଆଶିଷ ଗୌତମ ଚମ୍ପତି ଅତିଥିଭାବେ ଯୋଗଦେଇ ଉମାକାନ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବୈଶାଳୀ ଜାଗୁଆର ୭ ଉଇକେଟ ହରାଇ ୨୪୭ ରନ କରିଥିଲା। ଦଳ ପକ୍ଷରୁ ରାକେଶ ଜେନା ୩୪ ବଲ୍‌ରୁ ସର୍ବାଧିକ ୮୮ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରକାଶ କୁମାର ୪ଟି ଉଇକେଟ ନେଇଥିଲେ। ବଡ଼ ସ୍କୋରର ପିଛା କରିଥିବା ଭଦ୍ରକ ୬୫ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ରାକେଶ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

# ଉତ୍ତର ପ୍ରଦେଶ ୩୩୫/୫

ଭୁବନେଶ୍ୱର, ୨୦।୧୨ (କ୍ରୀଡ଼ା ପ୍ରତିନିଧି): ପୁଣେରେ ସୋମବାର ଓଡ଼ିଶା-ଉତ୍ତର ପ୍ରଦେଶ ୧୯ ବର୍ଷରୁ କମ୍ ୪ ଦିନିଆ କୁଚ୍‌ବିହାର ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ଓଡ଼ିଶା ଫିଲ୍ଡିଂ ନିଷ୍ପତ୍ତି ନେଇଥିବାବେଳେ ପ୍ରଥମ ଦିବସ ଖେଳ ଶେଷ ବେଳକୁ ଉତ୍ତର ପ୍ରଦେଶ ପ୍ରଥମ ଇନିଂସରେ ୫ ଉଇକେଟ ହରାଇ ୩୩୫ ରନ ସଂଗ୍ରହ କରିଛି। ଅର୍ଜୁନ ଭରଦ୍ୱାଜ ୧୬୦ ରନରେ ଅପରାଜିତ ରହିଛନ୍ତି। ଅର୍ଣ୍ଣବ ବଲିୟାନ ୬୪ ଓ ସ୍ୱସ୍ତିକ ୫୪ ରନ ସ୍କୋର କରିଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ନିରଞ୍ଜନ ଗୌଡ଼ ୨ଟି ଏବଂ ଆଶୁତୋଷ ଛୁରିଆ ଓ ସୁଶୀଲ କୁମାର ବାରିକ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

# ତ୍ରିଶତକ ହାସଲରେ ହୁରେରା ଦ୍ୱିତୀୟ ସର୍ବକନିଷ୍ଠ ପାକିସ୍ତାନୀ

କରାଚୀ, ୨୦।୧୨ (ପି.ଟି.): ଚଳିତ କଏଦ୍-ଏର୍-ଆଜାମ ଟ୍ରଫିରେ ସୋମବାର ପାକିସ୍ତାନର ଦ୍ୱିତୀୟ ସର୍ବକନିଷ୍ଠ କ୍ରିକେଟର ଭାବେ ତ୍ରିଶତକ ହାସଲ କରିଛନ୍ତି ପାକିସ୍ତାନର ପୂର୍ବତନ କ୍ରିକେଟ ଅଧିନାୟକ ଶୋଏବ ମଲିକଙ୍କ ଭଣଜା ମହମ୍ମଦ ହୁରେରା। ହୁରେରା ୧୯ବର୍ଷ ୨୩୯ ଦିନ ବୟସରେ ତାଙ୍କ ପ୍ରଥମଶ୍ରେଣୀ ସିଜନ ପଦାର୍ପଣ ମ୍ୟାଚ ଖେଳୁଛନ୍ତି। ପାକିସ୍ତାନର ପ୍ରଥମଶ୍ରେଣୀ ଇତିହାସରେ ଦ୍ୱିତୀୟ ସର୍ବକନିଷ୍ଠ କ୍ରିକେଟର ଭାବେ ସେ ୩୦୦ ରନ ସଂଗ୍ରହ କରିଥିବା ବେଳେ ମୋଟ ଉପରେ ୮ମ ଖେଳାଳି ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ପାକିସ୍ତାନ ମାଟିରେ ଏହା ହେଉଛି ୨୩ତମ ତ୍ରିଶତକ। ପାକିସ୍ତାନରେ ଓଭର ଅଲ୍ ୩୦୦ ରନ କରିବାରେ ହୁରେରା ହେଉଛନ୍ତି ୨୨ତମ ଖେଳାଳି।

# ଆନ୍ତଃ ମଣ୍ଡଳ ସିଏମ୍‌ପିଡିଆଇ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୧୨ (କ୍ରୀଡ଼ା ପ୍ରତିନିଧି)

ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନ୍‌ଷ୍ଟିଚ୍ୟୁଟ (ସିଏମ୍‌ପିଡିଆଇ)ର ଆନ୍ତଃ ମଣ୍ଡଳ ଚେସ୍ ପ୍ରତିଯୋଗିତା ସ୍ଥାନୀୟ ଗଜପତି ନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ସୋମବାର ଆରମ୍ଭ ହୋଇଛି। ଭୁବନେଶ୍ୱର କ୍ଷେତ୍ରୀୟ ନିର୍ଦ୍ଦେଶକ ଆର.କେ. ମହାପାତ୍ର ଗୋଟି ଚଳାଇ ଆନୁଷ୍ଠାନିକଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ମଣ୍ଡଳଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୭ଟି ବଛାବଛା ଦଳ ଏବଂ ଅନେକ ଦକ୍ଷ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମଣ୍ଡର କ୍ରୀଡ଼ା ସଚିବ ଅଲେଖ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଫିଡେ ଆର୍ବିଟର ଭବେଶ ମହାନ୍ତି, ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ ଓ ରେଟେଡ ଖେଳାଳି ଅବିନାଶ ଦାସ ପରିଚାଳନା କରୁଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ଦଳଗତ ପ୍ରତିଯୋଗିତାରେ ହେଡ୍‌କ୍ୱାର୍ଟର ରାଞ୍ଚି ୬ ପଏଣ୍ଟ ପାଇ ଚାମ୍ପିୟନ ଏବଂ ଆର୧-ଭି ବିଳାସପୁର ୪ ପଏଣ୍ଟ ସହ ରନର୍ସଅପ୍ ହୋଇଛି। ଆର୧ ଆସନସୋଲ ୩ୟ, ଆର୧-୧୧ ଧାନବାଦ ୪ର୍ଥ, ଆର୧-ଭିଆଇଆଇ ଭୁବନେଶ୍ୱର ୫ମ, ଆର୧-ଆଇଭି ୬ଷ୍ଠ ଏବଂ ଆର୧-୩ ରାଞ୍ଚି ସପ୍ତମ ସ୍ଥାନ ଅଧିକାର କରିଛି। ମଙ୍ଗଳବାର ବ୍ୟକ୍ତିଗତ ବିଭାଗରେ ଖେଳ ଅନୁଷ୍ଠିତ ହେବ।


ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନ୍‌ଷ୍ଟିଚ୍ୟୁଟର ଆନ୍ତଃ ମଣ୍ଡଳ ଚେସ୍ ପ୍ରତିଯୋଗିତାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଶାର୍ଦ୍ଦୂଳ ନା ଅତିରିକ୍ତ ବ୍ୟାଟର

ନୂଆଦିଲ୍ଲୀ, ୨୦।୧୨(ପି.ଟି.)

ଚଳିତ ମାସ ୨୬ ତାରିଖରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ପ୍ରଥମ ଟେଷ୍ଟ ଦକ୍ଷିଣ ଆଫ୍ରିକାର ସେଞ୍ଚୁରିଅନଠାରେ ଖେଳାଯିବ। ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ସବୁବେଳେ ୫ ବୋଲର ରଣନୀତିରେ ବିଶ୍ୱାସ କରନ୍ତି। ତେଣୁ ଦକ୍ଷିଣ ଆଫ୍ରିକା ପିଚ୍ ଓ ପରିବେଶକୁ ଦୃଷ୍ଟିରେ ରଖି ଭାରତୀୟ ଦଳ ଶାର୍ଦ୍ଦୁଳ ଠାକୁରଙ୍କୁ ଖେଳାଉଛି ନା ଅତିରିକ୍ତ ବ୍ୟାଟରଭାବେ ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀଙ୍କ ମଧ୍ୟରୁ ଜଣକୁ ଚୟନ କରୁଛି ତା' ଉପରେ କ୍ରିକେଟପ୍ରେମୀଙ୍କ ନଜର ରହିଛି। ଅନ୍ୟଏକ ଦୃଷ୍ଟିକୋଣରୁ କମ୍ବିନେଶନ ଦେଖିଲେ ହନୁମା ପ୍ରଥମ ଟେଷ୍ଟ ପାଇଁ ଚୂଡ଼ାନ୍ତ ଦଳରେ ସ୍ଥାନ ପାଇ ନ ପାରନ୍ତି। ଭାରତୀୟ ଦଳ ଗତ ୩ ଦିନଧରି ସେଞ୍ଚୁରିଅନର ସୁପରସ୍ପୋର୍ଟ ପାର୍କରେ ଅଭ୍ୟାସ ଚଳାଇଛି। ମୁଖ୍ୟ ଷ୍ଟାଡିୟମର ସେଣ୍ଟର ଉଇକେଟରେ ଅଭ୍ୟାସ ପାଇଁ କ୍ରିକେଟ ଦକ୍ଷିଣ ଆଫ୍ରିକା ଭାରତୀୟ ଦଳକୁ ସୁଯୋଗ ଦେଇଛି। ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ କୌଣସି ଭ୍ରମଣକାରୀ ଦଳକୁ ସେଣ୍ଟର ଉଇକେଟରେ ଅଭ୍ୟାସ ପାଇଁ ସୁଯୋଗ ଦେବା ବିରଳ। ଏହାର ପାଖାପାଖି ସ୍ଥାନରେ ସ୍କିଲ ଟ୍ରେନିଂ (ନେଟ୍ ସେସନ)ର ବ୍ୟବସ୍ଥା ହୋଇଛି।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଜାରି କରାଯାଇଥିବା ଏକ ସଂକ୍ଷିପ୍ତ ଭିଡିଓରେ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ କ୍ୱାଲିଟି ପ୍ରାକ୍ଟିସ ଏବଂ ଉତ୍ତମ ପ୍ରଗାଢ଼ତା ସମ୍ପର୍କରେ କହୁଥିବା ନଜରକୁ ଆସୁଛି। ମିଡିଲ ଅର୍ଡର ବ୍ୟାଟର ଶ୍ରେୟାସ ଆୟାର ମଧ୍ୟ ପିଚ୍‌ରେ ଘାସ ଥିବାର ସୂଚନା ଦେଉଛନ୍ତି। ସର୍ବଦା ଆକ୍ରମଣାତ୍ମକ ଖେଳରେ ବିଶ୍ୱାସ କରୁଥିବା ଅଧିନାୟକ କୋହଲି ଏଥର ମଧ୍ୟ ୫ ବୋଲର ରଣନୀତିରେ ରହିବା ସମ୍ଭାବନା ରହିଛି। ତେବେ ବାମହାତୀ ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତିରେ ୭ ନମ୍ବର ସ୍ଥାନରେ କାହାକୁ ଚୟନ କରାଯିବ ତା ଉପରେ ନଜର ରହିବ। ଏହି ପରିସ୍ଥିତିରେ ୭ ନମ୍ବର ସ୍ଥାନପାଇଁ ଶାର୍ଦ୍ଦୁଳ ଠାକୁର ଉପଯୁକ୍ତ ବୋଲି ବିବେଚନା କରୁଛନ୍ତି ପୂର୍ବତନ ଜାତୀୟ ଚୟନ କମିଟି ମୁଖ୍ୟ ଏମଏସକେ ପ୍ରସାଦ। ରବିଚନ୍ଦ୍ରନ ଅଶ୍ୱିନଙ୍କ ନାମ ମଧ୍ୟ ସେ ନେଇଛନ୍ତି। ଯଦି ଫିଟ୍ ରହିବେ ତେବେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ଶାମି, ଅଶ୍ୱିନ ଓ ମହମ୍ମଦ ସିରାଜ ଖେଳିବା ନିଶ୍ଚିତ। ବର୍ତ୍ତମାନର ଫର୍ମ ଦୃଷ୍ଟିରୁ ସିରାଜଙ୍କୁ ବାହାରେ ରଖି ଇଶାନ୍ତ ଶର୍ମାଙ୍କୁ ଚୟନ କରାଯିବା ଅସମ୍ଭବ ବୋଲି ଅନୁଭବ କରୁଛନ୍ତି ପ୍ରସାଦ। ସେଞ୍ଚୁରିଅନ ପଡ଼ିଆ ସମୁଦ୍ର ପତ୍ତନର ୧୩୦୦ ମିଟର ଉପରେ ଅବସ୍ଥିତ। ଏହା ଅର୍ଥ ଏଠାରେ ବୋଲରମାନେ ଶୀଘ୍ର କ୍ଳାନ୍ତ ହେବା ସମ୍ଭାବନା ରହିଛି। ତେଣୁ ୪ ବୋଲର ରଣନୀତିରେ ଓହ୍ଲାଇଲେ ସେମାନଙ୍କ ଉପରେ ନିଶ୍ଚିତ ଚାପ ରହିବ। ଭାରତ ଗୋଟିଏ ସପ୍ତାହ ଅଭ୍ୟାସ ପରେ ଟେଷ୍ଟ ଖେଳିବ। ଏହା ଶରୀରରେ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ। ତେଣୁ ଜଣେ ଅତିରିକ୍ତ ବ୍ୟାଟରଙ୍କ କଥା ମଧ୍ୟ ଚିନ୍ତା କରାଯାଇପାରେ ବୋଲି ପ୍ରସାଦ କହିଛନ୍ତି। ଅତିରିକ୍ତ ବ୍ୟାଟରଙ୍କ କଥା ଉଠିଲେ ରାହାନେ ଏବଂ ବିହାରୀଙ୍କ ମଧ୍ୟରୁ ଜଣକୁ ବାଛିବାକୁ ହେବ। ବିହାରୀ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜରେ ଭାରତୀୟ ଦଳର ସଦସ୍ୟ ନ ଥିଲେ। ତେବେ ଗତ ମାସରେ ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷରେ ସେ ୩ ଅର୍ଦ୍ଧଶତକ ୫୪, ୭୨* ଓ ୬୩ ରନ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇଥିବାରୁ ସେଠାକାର ପରିବେଶ ସହିତ ମଧ୍ୟ ସେ ଅଭ୍ୟସ୍ତ ହୋଇ ଯାଇଛନ୍ତି।

## ଟିମ୍ ଇଣ୍ଡିଆ ଟିମ୍ କମ୍ବିନେଶନ

ଅନ୍ୟପକ୍ଷରେ ଅଭିଜ୍ଞତା ଦୃଷ୍ଟିରୁ ରାହାନେଙ୍କୁ ଦକ୍ଷତା ପ୍ରଦର୍ଶନ ପାଇଁ ଆଉ ଏକ ସିରିଜ ଦିଆ ଯାଇପାରେ। ସମ୍ଭାବ୍ୟ ଭାରତୀୟ କମ୍ବିନେଶନ (ପ୍ରଥମ ୧୦ ଜଣ) ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଶ୍ରେୟାସ ଆୟାର, ରିଷଭ ପନ୍ତ, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ଶାମି, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ। ୧୧ତମ ସ୍ଥାନ ଶାର୍ଦ୍ଦୁଳ ଠାକୁର (ବୋଲିଂ ଅଲ୍‌ରାଉଣ୍ଡର)/ହନୁମା ବିହାରୀ/ଅଜିଙ୍କ୍ୟ ରାହାନେ (ଅତିରିକ୍ତ ବ୍ୟାଟର)।



ହନୁମା ବିହାରୀ, ଅଜିଙ୍କ୍ୟ ରାହାନେ ଓ ଶାର୍ଦ୍ଦୂଳ ଠାକୁର।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ମହିଳାଙ୍କ ଆତ୍ମହତ୍ୟା**

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ ସୋମବାର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି । ମୃତା ହେଲେ ମନ୍ମଥ ବରାଳଙ୍କ ସ୍ତ୍ରୀ ବର୍ଷାରାଣୀ ବରାଳ (୨୩) । ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ବେଗୁନିଆ,୨୦।୧୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମରେ ସୋମବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ମକର ରଣା(୬୦)। ସୂଚନା ମୁତାବକ, ସକାଳ ପ୍ରାୟ ୮ଟାରେ ମକର ଗ୍ରାମ ନିକଟ ସୋମନାଥ ଦେବଙ୍କ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତାରୁ ସେ ଗଭୀର ପାଣିକୁ ପଳାଇଥିଲେ। କିଛି ସମୟ ପରେ ମକର ପୋଖରୀରେ ଭାସୁଥିବା ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ। ତୁରନ୍ତ ମକରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଶ୍ୱଶାନ୍ତି ଯଜ୍ଞ ଲାଗି କଳସଯାତ୍ରା

**ନିରାକାରପୁର, ୨୦।୧୨ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ପଦ୍ମପୁର ଗ୍ରାମର ଇଷ୍ଟଦେବୀ ମା'ପାଦୁକାଇଙ୍କ ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ଗାଇଡଲାଇନ ମୁତାବକ ଗ୍ରାମ ପୋଖରୀରୁ ମାନସିକ ବ୍ରତଧାରୀମାନେ କଳସ ଯାତ୍ରା କରି ଯଜ୍ଞ ମଣ୍ଡପକୁ ଆସି କଳସ ସ୍ଥାପନ କରିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ଗୋପୂଜା, ସୂର୍ଯ୍ୟପୂଜା, ଚଣ୍ଡୀପାଠ କରାଯାଇଥିଲା। ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

### ମଦ ଜବତ, ଅଭିଯୁକ୍ତ ଗିରଫ

**ନିରାକାରପୁର, ୨୦।୧୨ (ଡି.ଏନ୍.ଏ.):** ନିରାକାରପୁର ଥାନା ପୋଲିସ ମଦ କାରବାର ଅଭିଯୋଗରେ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆଗଡ ପଞ୍ଚାୟତ ହରିପୁର ଗ୍ରାମର ଦିବାକର ଛୋଟରାୟ। ତାଙ୍କ ନିକଟରୁ ୫ ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୦୫/୨୧)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

### ନୀଳଚକ୍ର କ୍ଲବ ସେମିଫାଇନାଲରେ

**ଟାଙ୍ଗୀ (ଖୋର୍ଦ୍ଧା),୨୦।୧୨(ଡି.ଏନ୍.ଏ.):** ବୁବୁ ଦାସ ସ୍ମାରକୀ ବଡ଼ପାରୀ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ନୟାଗଡ଼ର ଟାଉନ କ୍ଲବକୁ ଟାଇବ୍ରେକର ମାଧ୍ୟମରେ ହରାଇ ପୁରୀ ନୀଳଚକ୍ର କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରିୟବ୍ରତ ବାହିନୀପତି, ଅବିନାଶ ପଟ୍ଟନାୟକ, ବିପିନ କୁମାର ସାମନ୍ତସିଂହାର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ କ୍ରୀଡ଼ା ଶିକ୍ଷକ ରାମଚନ୍ଦ୍ର ଝପଟସିଂହ, ତ୍ରିନାଥ ପାତ୍ର, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସେଠୀ, ସଭାପତି ରମାକାନ୍ତ ବିଶ୍ୱାଳ, ସମ୍ପାଦକ ନନ୍ଦ କିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ମୁଣ୍ଡିଆପଡ଼ା ପର୍ଯ୍ୟଟନ କ୍ଷେତ୍ର ଅବହେଳିତ

- ମାନ୍ୟତା ସତ୍ତ୍ୱେ ମିଳୁନି ଅନୁଦାନ
- ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**ବୋଲଗଡ଼,୨୦।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମ ନିକଟରେ ରହିଛି ମୁଣ୍ଡିଆପଡ଼ା ତଥା ମଣ୍ଡନଗିରି ପାହାଡ଼ମାଳା। ଏହି ପାହାଡ଼ ଉପରେ ରହିଛି ଶ୍ରୀରଘୁନାଥ ଜୀଉଙ୍କ ପୀଠ। ୧୯୯୮ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଏସ୍ଆର ନମ୍ବର ୧୫ ଅନୁଯାୟୀ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରିଥିଲେ। ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ସତ୍ତ୍ୱେ ବି ଏହାର ଉନ୍ନତୀକରଣ ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନର ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଏହି ପର୍ଯ୍ୟଟନ କ୍ଷେତ୍ର ଅବହେଳିତ ଅବସ୍ଥାରେ ରହିଛି।

ଖୋର୍ଦ୍ଧା ଜିଲା ନାଗାପଲ୍ଲୀ ସଂରକ୍ଷିତ ଜଙ୍ଗଲର ୪୭୭ ଏକର ୭୩୫ ଡିସିମିଲ ଅଞ୍ଚଳ ସହ ଏଥି ସଂଲଗ୍ନ ନୟାଗଡ଼ ଜିଲାର ଅନେକ ଜଙ୍ଗଲ ଅଞ୍ଚଳର ମଧ୍ୟଭାଗରେ ଅବସ୍ଥିତ ମଣ୍ଡନଗିରି ପାହାଡ ଶିଖରରେ ରହିଛି ରଘୁନାଥଙ୍କ ମନ୍ଦିର।ଏଠାକୁ ଯିବା ପାଇଁ କେବଳ ପାଦଚଲା ରାସ୍ତା ରହିଛି। ମନ୍ଦିରକୁ ଯିବା ପାଇଁ ୧୦୫୪ଟି ପାହାଚ ସଂପୁର ଗ୍ରାମ ପଟୁ କୈଳାସ ବେହେରା ନିଜସ୍ୱ ଅର୍ଥ ଓ ଚେଷ୍ଟାରେ ନିର୍ମାଣ କରିଛନ୍ତି। ଏଠାକୁ ଆସିଥିବା ପର୍ଯ୍ୟଟକ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ସହ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଦର୍ଶନର ସୌଭାଗ୍ୟଲାଭ କରିଥାନ୍ତି। ଏଠାରେ ରାତ୍ରିଯାପନର ସୁଯୋଗ ପାଇଥିବା ପର୍ଯ୍ୟଟକଙ୍କ ପାଇଁ ସକାଳର ସୂର୍ଯ୍ୟୋଦୟ ଏବଂ ସନ୍ଧ୍ୟାର ସୂର୍ଯ୍ୟାସ୍ତ ଦର୍ଶନ ଅଭୁଲା ହୋଇ ରହିଯାଏ। କାର୍ତ୍ତିକ ମାସରେ ଏଠାରେ ଲୋକଙ୍କ ଗହଳି ହେବା ସହ ଯାତ୍ରା ଆୟୋଜିତ ହୋଇଥାଏ। ପଞ୍ଚକ ଅବସରରେ ଏଠାରେ ପ୍ରତ୍ୟହ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ରଘୁନାଥଙ୍କ ଦର୍ଶନ କରିବା ସହ ଯାତ୍ରା ବୁଲିଥାନ୍ତି। ଗ୍ରାମବାସୀଙ୍କ ଦାନ ଅର୍ଥରେ ମନ୍ଦିର ପରିଚାଳନା ସହ କାର୍ତ୍ତିକ ମାସ ଓ ରାମନବମୀର ଯାତ୍ରା ଆୟୋଜନ ହୋଇଥାଏ ବୋଲି ବାବା ପ୍ରଜ୍ଞାନନ୍ଦ ଜୀ ମହାରାଜ କହିଛନ୍ତି। ଅନ୍ୟପଟେ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ସହଯୋଗରେ ଜଙ୍ଗଲ ସୁରକ୍ଷା କମିଟି ଗଠନ କରାଯାଇଛି। ଗମନାଗମନର ସୁବିଧା ନ ଥିବାରୁ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ହୋଇପାରୁ ନାହିଁ। ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତୀକରଣ ସହ ରାସ୍ତା ନିର୍ମାଣ ଲାଗି ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସଂପୁର ଗାଁ ଏବଂ ସାଗରଗୁଆଁ ପଞ୍ଚାୟତ ପଟୁ ଚଉଡା ରାସ୍ତା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି ବୋଲି ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି।



ପାହାଡ଼ ଉପରେ ପୂଜା ପାଉଥିବା ରଘୁନାଥ ଜୀଉ।



ବାବା ପ୍ରଜ୍ଞାନନ୍ଦ ଜୀ ମହାରାଜ ଓ ଅନ୍ୟମାନେ।

### ମଦନପୁର କପ୍ ଫୁଟବଲ ଟୁର୍ନାମେଣ୍ଟ: ଜଗା ୟୁନାଇଟେଡ୍ ବିଜୟୀ

**ଯାଁଳା,୨୦।୧୨(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ମଦନପୁର ଖେଳପଡିଆରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ କୋଲକାତାର ଟିଡିଏଫ୍ଏ ଟିମ୍‌କୁ ହରାଇ ଭୁବନେଶ୍ୱରର ଜଗା ୟୁନାଇଟେଡ ଟିମ୍ ବିଜୟୀ ହୋଇଛି। ଜଗା ୟୁନାଇଟେଡ୍ ପକ୍ଷରୁ ମ୍ୟାଚ ୬ ମିନିଟ୍‌ରେ ଥୁଲୁ, ୩୬ ମିନିଟ୍‌ରେ ମଳୟ ଓ ୬୩ ମିନିଟ୍‌ରେ ସୋନୁ ଗୋଟିଏ ଲେଖାଏ ମୋଟ୍ ୩ଟି ଗୋଲ୍ ଦେଇଥିଲେ। ଟିଡିଏଫ୍ଏ ଟିମ୍ ପକ୍ଷରୁ ଖେଳର ୪୬ ମିନିଟ୍‌ରେ ତ୍ରିନାଥ ମୁଖାର୍ଜୀ ଗୋଟିଏ ଗୋଲ୍ ଦେଇଥିଲେ। ଏହି ମ୍ୟାଚରେ ମଳୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ ମିଶ୍ର, ସୁଜିତ୍ ପାତ୍ର, ଚନ୍ଦ୍ରକାନ୍ତ ବାରିକ୍ ଓ ଦିଲୀପ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ସୁଧୀର ପଟ୍ଟନାୟକ, ଅନନ୍ତ କୋବ୍ରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରବା ସହ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୌମ୍ୟ ରଞ୍ଜନ ପଟ୍ଟନାୟକ ସଭା ପରିଚାଳନା କରିଥିଲେ।




ଉଇନିଙ୍ଗ୍ ସ୍ପୋର୍ଟିଂ ଆନୁକୂଲ୍ୟରେ ସୋମବାର ପୁରୀ ବେଳାଭୂମିରେ ଆୟୋଜିତ ୧୯ତମ ଓଡ଼ିଆ ଚଳଚ୍ଚିତ୍ର ଏବଂ ଦୂରଦର୍ଶନ ସମ୍ମାନ 'ଶୋ ଟାଇମ୍' ଉତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## 'ସ୍କୁଲର ବିକାଶ ପାଇଁ ଅବଦାନ ରହୁ'

**ବାଲୁଗାଁ,୨୦।୧୨(ଡି.ଏନ୍.ଏ.)**

**୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ**

ବାଲୁଗାଁ ହାଇସ୍କୁଲ ୧୯୯୨ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ବ୍ୟାଚର ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପୂର୍ବତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀର୍ଘ ୩୦ବର୍ଷ ପରେ ସ୍କୁଲ ପରିସରରେ ଗୁରୁ-ଶିଷ୍ୟ ମିଳନର ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଦିବଂଗତ ଶିକ୍ଷକ ଓ ଦୁଇ ଛାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆମେରିକା, ଲଣ୍ଡନ, ମୁମ୍ବାଇ, ବେଙ୍ଗାଲୁରୁରେ ରହୁଥିବା ଛାତ୍ରୀଛାତ୍ରମାନେ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ। ପୂର୍ବତନ ଛାତ୍ରୀଛାତ୍ର ବିଦ୍ୟାଳୟ ବିକାଶ ଦିଗରେ ନିଜର ଅବଦାନ ଜାରି ରଖିବାକୁ ମତପ୍ରକାଶ ପାଇଥିଲା। ପୂର୍ବତନ ଛାତ୍ର ସଂଗ୍ରାମ କେଶରୀ ଷଡ଼ଙ୍ଗୀ ଉଦ୍‌ଘାଟନୀ ଅଭିଭାଷଣ ଦେଇଥିବା ବେଳେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଜିଏମ୍ ଭଗତ ବେହେରା ଧନ୍ୟବାଦ ଦେଇଥିଲେ। ଇଂ.ନିରଞ୍ଜନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଇଂ.ଶ୍ରୀପତି ପ୍ରହରାଜ, ବ୍ରଜସୁନ୍ଦର ବେହେରା, ସଞ୍ଜିତ୍ ନାୟକ, ବିନୋଦ ପାତ୍ର, ସମୀର ଜେନା, ଜୟଦେବ ପାତ୍ର, ମଧୁସ୍ମିତା ହୋତା, କବିତା ବୈରୀଗଞ୍ଜନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରେଳ ଧାରଣାରୁ ମୃତଦେହ ଜବତ

**ପୁରୁଣା ଭୁବନେଶ୍ୱର, ୨୦।୧୨(ଡି.ଏନ୍.ଏ.)**

ଏୟାରଫିଲ୍ଡ ଥାନା ଅଧୀନ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ନିକଟ ରେଳ ଧାରଣାରୁ ସୋମବାର ଏକ ଅଚିହ୍ନା ମୃତଦେହ ଜିଆରପି ପୋଲିସ ଜବତ କରିଛି। ମୃତକଙ୍କ ବୟସ ପାଖାପାଖି ୫୦ବର୍ଷ ହେବ। ଉକ୍ତ ଅଞ୍ଚଳରେ ସେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ମୃତଦେହ ଉଦ୍ଧାର କରାଯାଇ ପୋଲିସ ଜିମା ଦିଆଯାଇଥିଲା।

## ଗଞ୍ଜା ଲଢ଼େଇ କରି ଜୁଆଖେଳ: ୫ ଗିରଫ

**ଚୌଦ୍ୱାର, ୨୦।୧୨ (ଡି.ଏନ୍.ଏ.)**

**୭ ଗଞ୍ଜା ଜବତ**

ଗଞ୍ଜା ଲଢ଼େଇ ମାଧ୍ୟମରେ ଚାଲିଥିଲା ଜୁଆଖେଳ। ଖବରପାଇ ଚୌଦ୍ୱାର ଥାନା ପୋଲିସ ଚଢ଼ାଉ କରି ଜୁଆଖେଳରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, କଟକ ବିଡ଼ାନାସୀ ଅଞ୍ଚଳର ସନ୍ତୋଷ ବେହେରା, ଖୋର୍ଦ୍ଧା ଜିଲା ରଥଗଡ଼ା ସାହିର ନିହାର ରଞ୍ଜନ ରାଉତ, କଟକ ଜିଲା ଟାଙ୍ଗୀ ଥାନା ହରିଡ଼ାପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହନ୍ତ, ଅଭୟପୁରର ଭାଗବତ ବଳ ଓ ଡାଳିଯୋଡ଼ା ବ୍ରହ୍ମପୁରର ଶିବ ପ୍ରସାଦ ମଲ୍ଲିକ। ସେମାନଙ୍କ ନିକଟରୁ ନଗଦ ୩୩ ହଜାର ୫୦୦ଟଙ୍କା, ଗୋଟିଏ ବାଇକ, ଗୋଟିଏ ଦାମୀ କାର୍ ଓ ଲଢ଼େଇ ପାଇଁ ଥିବା ୭ ଗଞ୍ଜା ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ଆଦିବାସୀ ଅଧ୍ୟୁଷିତ ଦୁଧିଆନାଳୀ ଗ୍ରାମ ମୁଣ୍ଡାସାହି ନିକଟସ୍ଥ ଏକ ଖେଳପଡ଼ିଆରେ ବେଆଇନ ଭାବେ କୁକୁଡ଼ା ଲଢ଼େଇ ଜୁଆ ଖେଳ ଚାଲିଥିଲା। ବିଶେଷ ସୂତ୍ରରୁ ଖବରପାଇ ଚୌଦ୍ୱାର ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ନିର୍ଦ୍ଦେଶରେ ଏସ୍ଆଇ ବିକ୍ରମ ବେହେରା ସ୍ପେଶାଲ ସ୍କ୍ୱାଡ ଟିମ୍ ସହିତ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଜବତ କୁକୁଡ଼ାଗୁଡ଼ିକ ମଧ୍ୟରୁ ଗୋଟିଏ ମରିଯାଇଥିବା ବେଳେ ତାକୁ ବ୍ୟବଚ୍ଛେଦ ପାଇଁ ପ୍ରାଣୀଧନ ଚିକିତ୍ସାଳୟକୁ ପଠାଯାଇ ଅନ୍ୟ ୬ଟିକୁ ମଧ୍ୟ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତମାନେ ଦୀର୍ଘଦିନ ଧରି କୁକୁଡ଼ା ଲଢ଼େଇର ଆୟୋଜନ କରି ସ୍ଥାନୀୟବାସିନ୍ଦାଙ୍କଠାରୁ ପ୍ରଚୁର ଟଙ୍କା ଆଦାୟ କରୁଥିଲେ ବୋଲି ତଦନ୍ତକାରୀ ଅଧିକାରୀ ପାର୍ଥପ୍ରତିମ ବେଉରା ସୂଚନା ଦେଇଛନ୍ତି।

## ମଦ ଦୋକାନରେ ଗଣ୍ଡଗୋଳ

**ପୁରୁଣା ଭୁବନେଶ୍ୱର,୨୦।୧୨(ଡି.ଏନ୍.ଏ.)**

ରାଜଧାନୀ ଉପଣ୍ଠ ଉତ୍ତରା ଫାଣ୍ଡି ଅଧୀନ ବିଲିପଡ଼ା ଛକରେ ସୋମବାର ସନ୍ଧ୍ୟାରେ ଚୋରା ମଦ ଦୋକାନରେ ମଦ କିଣିବାକୁ ନେଇ ଗଣ୍ଡଗୋଳ ହୋଇଛି। ସୂଚନା ମୁତାବକ, ସ୍ଥାନୀୟ ମଧୁପୁର ଅଞ୍ଚଳର ଦୁଇ ଜଣ ଯୁବକ ଉକ୍ତ ଛକରେ ଥିବା ଚୋରା ମଦ ଦୋକାନୀଙ୍କ ନିକଟରେ ପହଞ୍ଚିଥିଲେ। ପରେ ମଦ କିଣାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ଓ ମାରପିଟ୍ ହୋଇଥିଲା। ଦେଉଳିର ଦୁଇ ଜଣ ଯୁବକ ଗଣ୍ଡଗୋଳ କରୁଥିବା ଯୁବକଙ୍କ ସପକ୍ଷରେ ହୋହଲ୍ଲା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିଲିପଡ଼ା ଛକ ବାସିନ୍ଦା ଉକ୍ତ ଦୁଇ ଯୁବକଙ୍କୁ ବାନ୍ଧି ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ଫେରାର ଅଭିଯୁକ୍ତ ଗିରଫ

**ବାରଙ୍ଗ,୨୦।୧୨(ଡି.ଏନ୍.ଏ.)**

ମାରପିଟ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବାରଙ୍ଗ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଜଇପୁର ଗ୍ରାମର ତୁଷାର ସେନାପତି। ଏ ନେଇ ପୋଲିସ ଏକ ମାମଲା (ନଂ.୨୬୯/୨୧) ରୁଜୁ କରିଛି। ଗତ ୧୭ ତାରିଖରେ ତୁଷାର ଏକ ଦେଶୀମଦ ଭର୍ତ୍ତି ଜାରକୁ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ବାହାରେ ରଖିଥିଲା। ଏହାକୁ ପରିବାର ଲୋକ ଦେଖି ବିରୋଧ କରିବା ପରେ ତୁଷାର ଉତ୍‌କ୍ଷିପ୍ତ ହୋଇ ଜବରଦସ୍ତ ଘରଭିତରେ ରଖି ମଦ ବେପାର କରିବାକୁ କହିଥିଲା। ଏଥିରେ ସେମାନେ ରାଜି ନ ହେବାରୁ ତୁଷାର ମାରପିଟ କରି ଘରଭିତରେ ଥିବା ଆସବାବପତ୍ର ଭାଙ୍ଗି ଦେଇଥିଲେ। ଏ ନେଇ ଉକ୍ତ ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ତୁଷାର ଫେରାର ହୋଇଯାଇଥିଲେ।

# ବୋଲଗଡ଼ ପ୍ରିମିୟର ଲିଗ୍ ୨୨ରେ




ବୋଲଗଡ଼ କ୍ରିକେଟ୍ ପ୍ରିମିୟର ଲିଗ୍ ପାଇଁ ଖେଳାଳିଙ୍କ ନିଲାମ ଡକାଯାଉଛି।

**ବୋଲଗଡ଼,୨୦।୧୨(ଡି.ଏନ୍.ଏ.)**

**ଖେଳାଳିଙ୍କ ନିଲାମ ପ୍ରକ୍ରିୟା ଶେଷ**

ବୋଲଗଡ଼ ବ୍ଲକ ଅଞ୍ଚଳର କ୍ରିକେଟ ଖେଳାଳିଙ୍କୁ ନେଇ ସପ୍ତମ ବୋଲଗଡ଼ ପ୍ରିମିୟର ଲିଗ୍ ଆସନ୍ତା ୨୨ତାରିଖ(ବୁଧବାର)ରେ ଆରମ୍ଭ ହେବ। ଚଗଲା ଦଳବେହେରା ମେମୋରିଆଲ କପ୍ ପାଇବା ପାଇଁ ଏହି ଟୁର୍ନାମେଣ୍ଟରେ ୮ଟି ଦଳର ୧୨୦ ଜଣ ଖେଳାଳି ୧୫ଟି ମ୍ୟାଚ ଖେଳିବେ। ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ମ୍ୟାଚ ଅନୁଷ୍ଠିତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ ଢାଞ୍ଚାରେ ଏଠାରେ ମଧ୍ୟ ୮ଟି ଦଳକୁ ଫ୍ରାଞ୍ଚାଇଜ ଭାବେ ବିଭିନ୍ନ ଅନୁଷ୍ଠାନ ବା ବ୍ୟକ୍ତିବିଶେଷ ଦାୟିତ୍ୱ ପାଇଛନ୍ତି। ଏହି ଫ୍ରାଞ୍ଚାଇଜଙ୍କୁ ଖେଳାଳି ଉପଲବ୍ଧ କରାଇବା ପାଇଁ ବୋଲଗଡ ପ୍ରିମିୟର ଲିଗ୍ ପକ୍ଷରୁ ୧୨୦ ଜଣ ଖେଳାଳିଙ୍କୁ ଆବେଦନ ପ୍ରକ୍ରିୟା ମାଧ୍ୟମରେ ଚୟନ କରାଯାଇ ନିଲାମ କରାଯାଇଛି। ପ୍ରତ୍ୟେକ ଫ୍ରାଞ୍ଚାଇଜ ଦଳ ୧୫ଜଣଙ୍କୁ ନିଲାମ ମାଧ୍ୟମରେ ଦଳରେ ସାମିଲ କରିଛନ୍ତି। ୫୦୦ ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୨୩୦୦ ଟଙ୍କା ପର୍ଯ୍ୟନ୍ତ ଖେଳାଳିମାନେ ଫ୍ରାଞ୍ଚାଇଜ ଦଳ ସହ ଚୁକ୍ତିବଦ୍ଧ ହୋଇଛନ୍ତି। ୮ ଟି ଦଳକୁ ୨ଟି ଗ୍ରୁପରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପର ୪ଟି ଦଳ ପରସ୍ପର ସହିତ ୨ଟି ଲେଖାଏ ମ୍ୟାଚ ଖେଳିବେ। ଉଭୟ ଗ୍ରୁପ୍‌ର ପଏଣ୍ଟ ଟେବୁଲ ଶୀର୍ଷରେ ରହିଥିବା ଦୁଇଟି ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଚାମ୍ପିୟନ ଟିମ୍‌କୁ ୧୦,୦୦୦ ଏବଂ ରନର୍ସଅପ ଦଳକୁ ୮୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏଥିସହ ଅନ୍ୟ ବିଭାଗରେ ପୁରସ୍କାର ବ୍ୟବସ୍ଥା ରହିଛି ବୋଲି ବୋଲଗଡ ପ୍ରିମିୟର ଲିଗ୍‌ର ଅଧ୍ୟକ୍ଷ ବୁଲୁ ସାହୁ କହିଛନ୍ତି। ତେବେ ରବିବାର ଶେଷ ହୋଇଥିବା ଖେଳାଳି ନିଲାମ ପ୍ରକ୍ରିୟାରେ ବି.ବି ରକଷ୍ଟାର, ରାଇଜିଂ ଇଗଲ ଫାଇଟର, ଫିଲ୍ଡ ଫାଇଟର, ରାନୀ ବ୍ଲାଷ୍ଟର, ରିଆଲ ଫାଇଟର, ଆର୍ମି ଇଲେଭେନ, ରୟାଲ ଫ୍ଲୋ ସିକ୍ସର ଏବଂ ସାଇ ସୁପର କିଙ୍ଗ ଆଦି ଫ୍ରାଞ୍ଚାଇଜ ଦଳର ମାଲିକମାନେ ଅଂଶଗ୍ରହଣ କରିଥିଲେ। ଅଲରାଉଣ୍ଡର ଖେଳାଳିଙ୍କ ଦର ଉଚ୍ଚା ରହିଥିବା ବେଳେ ସର୍ବାଧିକ ୨୩୦୦ଟଙ୍କାରେ ଖଙ୍ଗୁରିଆର ଅଲରାଉଣ୍ଡର ମାନସ ଉତ୍ତରକବାଟଙ୍କୁ ବି.ବି. ରକଷ୍ଟାର ଦଳ ନିଜ ପକ୍ଷକୁ ନେଇଥିବା ଜଣାପଡିଛି।

**OFFICE OF THE TAHASILDAR, KOMNA, DIST: NUAPADA**
No.4235 Date. 18.12.21
**TENDER CALL NOTICE**
**FOR SUPPLY OF OFFICE FURNITURE**
No.F-267:- Sealed Tenders are invited from the intending Registered firms/Supplying agencies for supply of office furnitures (Chair, Table, Almirah) required by Revenue Inspectors of this Tahasil.
The Tender paper containing detail terms and conditions, EMD and other statutory requirements etc. can be downloaded from the district website www.Nuapada.nic.in. The cost of tender paper is Rs.200/- (Rupees Two hundred) only which is non-refundable. Tender paper completed in all respect alongwith all required documents should reach in sealed cover to the undersigned on or before 05.01.2022 upto 1.30 PM by registered/Speed Post only. The tender shall be opened on the same day at 3.00 PM by the undersigned in presence of the other members of Tender Committee and Tenderers or their authorized representatives. The tenders received beyond the scheduled date and time shall not be taken into consideration.
The authority reserves the right to reject any or all the tenders without assigning any reason thereof and shall bear no liability whatsoever consequent upon such decision.
OIPR-24241/11/0001/2122 Sd./- Tahasildar, Komna

**ZILLA SWASTHYA SAMITI, MAYURBHANJ**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
E-mail: dpmumay@gmail.com
Advt. No. 12541 Dt.18.12.2021
**Advertisement for the Post of BLOCK DATA MANAGER under NHM**
No. E-756: Applications are invited only from the **Contractual Employees Currently working under NHM** in the same Post of OSH & FW Society in other district, desiring to be posted in Mayurbhanj district against the vacant position mentioned below.

| Sl. No. | Name of the Positions | No. of Positions Vacant |
|---|---|---|
| 01 | Block Data Manager | 01 |

Interested candidates may log on to **www.mayurbhanj.nic.in** for details terms, conditions & application forms. The eligible candidates for the above posts may apply to the O/o. CDM & PHO, Mayurbhanj, Pin Code - 757001, by 24.12.2021 upto (05.00 P.M.) by Regd. Post/ Speed Post/Courier only.
The application must be superscribed as "APPLICATION FORM FOR THE POST OF BLOCK DATA MANAGER <IN-HOUSE CANDIDATE>". Applications received after the due date will not be considered. Number of vacancies under this advertisement is provisional which may vary depending upon the requirement at the time of selection. The undersigned reserves the right to cancel/reject any or all the applications without assigning any reason thereof.
Sd./- Dr. Rupabhanu Mishra
Chief District Medical & PHO, Mayurbhanj
OIPR-10020/11/0031/2122

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, Mob. No. 9437073301, Fax: 252253, E-mail: sgmel_uihep@ohpcltd.com
**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
**NOTICE INVITING TENDER No. 39/2021-22 Dated: 16.12.2021**
No. CAD-2387: Sealed tenders are invited in sealed envelopes from 'C' or 'D' Class contractors registered with State Government and contractors of equivalent grade/class registered with Central Government/ MED/Railways in two parts i.e. 1) Techno Commercial Bid & 2) Price Bid for the following work.

| Description of Work | Cost of Tender Paper (Non-refundable) in Rs. | EMD in shape of Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Construction of Flag Post at Power House Premises, UIHEP, Mukhiguda | 472/- (Inclusive of GST) | As per Annexure-VI & Clause No. 1.5 | From 21.12.2021 to 31.12.2021 upto 12.30 Hrs. | 31.12.2021 (upto 13.00 Hrs.) | 31.12.2021 at 16.30 Hrs. |

For details of the tender documents, terms and conditions please visit our website www.ohpcltd.com
OIPR-32136/11/0038/2122 Sd./- C&P Head, UIHEP, Mukhiguda

**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**
No. B-841 e-mail: seec_bls@rediffmail.com
**Government of Odisha "e" Procurement Notice**
Bid Identification No. CCEEC-15/2021-22
No. 6302 Dt.07.12.2021
Nature of Work : Road Works & Building Works
Number of Works : 02 (Two) Roads & 01 (One) Building
Amount put to tender : Rs.160.57 lakh to Rs.597.61 lakh
Class of Contractor : "B" Class / "A" Class/ "Special" Class/ "Super" Class
Date & time of availabiliyt of bid document in the portal : Dt.22.12.2021 at 10.00 A.M.
Last date/time of receipt of bid in the portal : Dt.05.01.2022 upto 05.00 P.M.
Date of Opening of Bid : Dt.06.01.2022 at 11.00 A.M.
Name & address of the Officer Inviting Bid : Chief Construction Engineer, Eastern Circle (R&B), Balasore
The bidders have to participate in ONLINE bidding only. Further details can be seen from the e-procurement portal **http//tendersodisha.gov.in"**. All future corrigendum will be available on ONLINE mode only.
Sd./- R. Rout, Chief Construction Engineer
OIPR-34026/11/0016/2122 Eastern Circle (R&B), Balasore

GOVERNMENT OF ODISHA
**OFFICE OF THE EXECUTIVE ENGINEER MINOR IRRIGATION DIVISION, JHARSUGUDA**
E-mail: eemijharsuguda@gmail.com
**'e' Procurement Notice**
Bid Identification No. EE MID JSD 06/2021-22
No. 1567/MID Date: 18.12.2021
No. A-772: The Executive Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in Online mode only for the works as detailed in the table below.
1. Name of the works : Civil construction work
2. Total No. of works : 01 (One) No.
3. Estimated Cost : Rs.49.50 lakh (Detail list of work annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 23.12.2021 at 10.00 A.M. to 06.01.2022 upto 5.30 P.M.
7. Last date/time for receipt of Bid in the portal : 06.01.2022 at 5.30 P.M.
8. Date/time of Opening of Technical Bid : 07.01.2022 at 10.00 A.M. at Office of the E.E., MI Divn., Jharsuguda
9. Name & address of the Officer Inviting the Bid : Executive Engineer, M.I. Division, Jharsuguda
10. Mode of payment of Bid Cost & Bid Security : Online
Sd./- Executive Engineer, M.I. Division, Jharsuguda
OIPR-32291/11/0003/2122

**ବିଭିନ୍ନ ମାମଲାରେ ୩ ଗିରଫ**

ପୁରୀ ଅଫିସ: ବେଆଇନ ଭାବେ କୋରେକ୍ସ ବିକିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ମିଶ୍ର ନୋଳିଆ ସାହିର ଆକାଶ ବେହେରାଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୧ ବୋତଲ କୋରେକ୍ସ ଜବତ ହୋଇଛି। ସେହିପରି ବେଆଇନ ଭାବେ ବଟାଭାଙ୍ଗ ବିକିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ରାମଚଣ୍ଡି ସାହି ମହେଶ୍ୱର ମାର୍ଗର ନାରାୟଣ ସ୍ୱାଇଁଙ୍କୁ ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ୫କେଜି ଭାଙ୍ଗ, ୧୦ ଲିଟର ବଟାଭାଙ୍ଗ ଏବଂ ଗୋଟିଏ ଗ୍ରାଇଣ୍ଡର ଜବତ କରାଯାଇଛି। ଦାଦାବଟି ଆଦାୟ ଅଭିଯୋଗରେ ତାଳବଣିଆ ଥାନା ପୋଲିସ ନରସିଂହପାଟଣା ମହାନ୍ତି ସାହିର ଦୀପୁ ବେହେରାଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ଛୁରି ଜବତ ହୋଇଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧୨।୨୦୨୧

| | |
|---|---|
| ୩,୨୨,୦୬୮ ଟଙ୍କା | |
| ସୁନା | ୧.୮୫୦ ଗ୍ରାମ |
| ରୁପା | ୩୫.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କବି ଲେଖକ ସମ୍ମିଳନୀ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ମଧ୍ୟାହ୍ନ ୧୨ଟା।
- ଇଣ୍ଟର କଲେଜ ବକ୍ସିଂ ପ୍ରତିଯୋଗିତା, ଜି.ଏମ୍. ଲ' କଲେଜ ପରିସର, ଅପରାହ୍ନ ୨ଟା।

# ଦର୍ଶକଙ୍କ କରତାଳି, ଆଶୀର୍ବାଦ ଚାହେଁ କଳାକାର

**୧୯ତମ ଶୋ' ଟାଇମ୍ ସମ୍ମାନ**

- ୪୦ କଳାକାର ସମ୍ମାନିତ
- ନୃତ୍ୟ, ଗୀତରେ ଝୁମିଲା ମଞ୍ଚ

**ପୁରୀ ଅଫିସ, ୨୦।୧୨:**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଉଇନିଙ୍ଗ୍ ସ୍ପୋର୍ଟିଂ ଆନୁକୂଲ୍ୟରେ ପୁରୀ ବେଳାଭୂମିରେ ସୋମବାର ୧୯ତମ ଓଡ଼ିଆ ଚଳଚ୍ଚିତ୍ର ଏବଂ ଦୂରଦର୍ଶନ ସମ୍ମାନ 'ଶୋ ଟାଇମ୍' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଅନିରୁଦ୍ଧ ରାଉତ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ମୋ' କଲେଜ ଅଭିଯାନ ଅଧ୍ୟକ୍ଷ ତଥା ଅଭିନେତା ଆକାଶ ଦାସନାୟକ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଯୁବନେତା ଶୁଭାଶିଷ ଖୁଣ୍ଟିଆ ଏବଂ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କଳାର ମାଟି ହେଉଛି ଶ୍ରୀକ୍ଷେତ୍ର। କଳାକାର ସର୍ବଦା ଶ୍ରୋତାଙ୍କ କରତାଳି ଓ ଆଶୀର୍ବାଦ ରୂପକ ସମ୍ମାନ ପାଇବାକୁ ଇଚ୍ଛା କରିଥାଏ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ସିଲଭର ଜୁବିଲି ଉତ୍ସବକୁ ସମ୍ପାଦକ ସ୍ୱର୍ଗତ ନବ କିଶୋର ପ୍ରଧାନଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। ଏହି ଅବସରରେ ରାଜ୍ୟର ୪୦ ଜଣ ଚଳଚ୍ଚିତ୍ର ଓ ଦୂରଦର୍ଶନ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ବାପୁ ଲେଙ୍କା, ଏଲି ପାଢ଼ୀ, ସୋଫିଆ ଆଲାମ, ଦୀପ୍ତିରେଖା ପାଢ଼ୀ, ମହାପ୍ରସାଦ କର, କୁନା ତ୍ରିପାଠୀ, ସୀତାରାମ ଅଗ୍ରୱାଲ, ପ୍ରେମାଞ୍ଜନ ପରିଡ଼ା, ଦେବୁ ବ୍ରହ୍ମା, ଅରିନ୍ଦମ ଦାସ, ଆକାଶ ଦାସନାୟକ, ସମରେଶ ରାଉତରାୟ, ନିତୁ ପ୍ରିୟଦର୍ଶିନୀ ମିଶ୍ର, ଏଲିନା ସାମନ୍ତରାୟ, ଶଙ୍କର ପ୍ରଧାନ, ପ୍ରଜ୍ଞା ଖଟୁଆ, ଜୀବନ ପଣ୍ଡା, ନମିତା ଅଗ୍ରୱାଲ, ଦିବ୍ୟା ମହାନ୍ତି, କୀର୍ତ୍ତି ମହାନ୍ତି, ଅର୍ପିତା କର, ଅଭିଷେକ ରଥ, ସୁଇଟି ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାଳୀ ରଥ, ଚନ୍ଦ୍ରଶେଖର ଲେଙ୍କା, ଯତୀନ୍ଦ୍ର ନାୟକ, ନରେନ୍ଦ୍ର ପାତ୍ର ଏବଂ କେଦାର ମିଶ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ପାଦିକା ସନ୍ଧ୍ୟାରାଣୀ ପ୍ରଧାନ ଓ ସଞ୍ଜୀବ ରଥଶର୍ମାଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ଅଭିନେତ୍ରୀ ନିତୁ ପ୍ରିୟଦର୍ଶିନୀ ମିଶ୍ରଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

## ବ୍ଲକ ଅଫିସ ସ୍ଥାନାନ୍ତର ପ୍ରତିବାଦରେ ଗଣଧାରଣା

**କଣାସ,୨୦।୧୨(ସ୍ୱ.ପ୍ର.)**

କଣାସ ବ୍ଲକ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ପ୍ରତିବାଦ କରି କଣାସ ନାଗରିକ ମଞ୍ଚ ପକ୍ଷରୁ ବାରମ୍ବାର ବିକ୍ଷୋଭ କରାଯାଉଥିବାବେଳେ ସୋମବାର ମଧ୍ୟ ପୁଣି ବ୍ଲକ ସମ୍ମୁଖରେ ଏକ ଗଣଧାରଣା ଦିଆଯାଇଛି। ଏହି ଗଣଧାରଣାରେ ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦେବ, ସାମାଜିକ କର୍ମୀ ସୁକାନ୍ତକିଶୋର ସାମନ୍ତରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ, ସୁଶୀଲକାନ୍ତ ରାଉତ, ଭାଜପା ଯୁବନେତା ଓମ୍‌ପ୍ରକାଶ ମିଶ୍ର, ଯୁଧିଷ୍ଠିର ମହାପାତ୍ର, ବିଶ୍ୱଜିତ୍ ବଡ଼ଜେନା, ଦୁର୍ଯ୍ୟୋଧନ ଜେନା, ତରୁଣସେନ ସ୍ୱାଇଁ ପ୍ରମୁଖ ଯୋଗଦେଇ ବ୍ଲକ ସ୍ଥାନାନ୍ତର ନିଷ୍ପତ୍ତି ଅଗଣତାନ୍ତ୍ରିକ ଭାବେ ନିଆଯାଇଥିବାରୁ ତାହାର ଘୋର ବିରୋଧ କରିଥିଲେ। ବ୍ଲକଠାରୁ ମାତ୍ର ୧.୫କି.ମି ଦୂରରେ କୋଟିକୋଟି ଟଙ୍କା ଖର୍ଚ୍ଚକରି ନୂତନ ବ୍ଲକ ଗୃହ ନିର୍ମାଣ କରାଯାଉଥିବା ପ୍ରସ୍ତାବକୁ ନାଗରିକ ମଞ୍ଚର ସଭ୍ୟମାନେ ବିରୋଧ କରିବା ସହିତ ବ୍ଲକ ଗୃହ ନିର୍ମାଣ ପାଇଁ ଯଥେଷ୍ଟ ଜାଗା ବ୍ଲକରେ ଥିବା ଦର୍ଶାଇଥିଲେ। ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ କାର୍ଯ୍ୟକାଳ ମାତ୍ର ୧ମାସ ଥିବାବେଳେ ତରବରିଆ ଭାବେ ପ୍ରସ୍ତାବ ଆଗତ କରିବା ଉଦ୍ଦେଶ୍ୟ କ'ଣ ବୋଲି ଧାରଣାରେ ବସିଥିବା ବକ୍ତାମାନେ ସୂଚନା ଦେଇଥିଲେ। ପଦକ୍ଷେପ ନିଆ ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଭତ୍ତା ଅନୁଦାନ ରାଶି ବୃଦ୍ଧି ଦାବି

ସାକ୍ଷୀଗୋପାଳ,୨୦।୧୨(ଡି.ଏନ୍.ଏ.)- ସତ୍ୟବାଦୀ ଦୁଗଲ ପଞ୍ଚାୟତର ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଶତାଧିକ ହିତାଧିକାରୀ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଏକ ପ୍ରତିବାଦ ସଭା କରିଥିଲେ। ଏହି ହିତାଧିକାରୀମାନେ ମାସିକ ଭତ୍ତା ଟଙ୍କା ସର୍ବନିମ୍ନ ୨୦୦୦ ଟଙ୍କା ପ୍ରଦାନ କରିବା ନିମନ୍ତେ ଦାବି କରିଥିଲେ। ଏଥିସହିତ ପ୍ରଦାନ କରାଯାଉଥିବା ଭତ୍ତା ଟଙ୍କା ବ୍ୟାଙ୍କ ବଦଳରେ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ପ୍ରତ୍ୟେକ ଗ୍ରାମରେ ପ୍ରଦାନ କରିବା ନେଇ ପ୍ରସ୍ତାବ ଦେଇଥିଲେ। କାରଣ ଶାରୀରିକ ଅକ୍ଷମ ଓ ଦିବ୍ୟାଙ୍ଗ ନାଗରିକମାନେ ପଞ୍ଚାୟତଠାରୁ ପ୍ରାୟ ୫ କି.ମି. ଦୂରରେ ଅବସ୍ଥିତ ବ୍ୟାଙ୍କକୁ ଯିବା ନିମନ୍ତେ ହଇରାଣ ହେଉଛନ୍ତି। ପୁରୀ ଜିଲା ଭତ୍ତା ମହାସଂଘର ଆବାହକ ମାନସ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାଜପାର ମିଶ୍ରଣ ପର୍ବ

ସାକ୍ଷୀଗୋପାଳ,୨୦।୧୨(ଡି.ଏନ.ଏ) ସତ୍ୟବାଦୀ ଭାଜପା ମଣ୍ଡଳର ଏକ ମିଶ୍ରଣ ପର୍ବ ଦୁଗଲ ପଞ୍ଚାୟତର ଅଠେଇଶ ଗ୍ରାମ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। କାଳୁଚରଣ କାଣ୍ଡି, ଚିନ୍ମୟୀ ଭଞ୍ଜ ଓ ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ଖଟୋଇ ପ୍ରମୁଖ ଶତାଧିକ ସମର୍ଥକଙ୍କ ସହିତ ଭାଜପାରେ ଯୋଗଦେଇଥିଲେ। ଭାଜପା ନେତା ଓମ୍‌ପ୍ରକାଶ ମିଶ୍ର ଦଳୀୟ ଉତ୍ତରୀୟ ପ୍ରଦାନ କରି ସେମାନଙ୍କୁ ସ୍ୱାଗତ କରିଥିଲେ। ଦୀପକ ଶତପଥୀ, ଉମେଶ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ରଞ୍ଜନ ବରାଳ ଓ ସତ୍ୟଭାମା ବେହେରା ଉପସ୍ଥିତ ଥିଲେ।




ଉଇନିଙ୍ଗ୍ ସ୍ପୋର୍ଟିଂ ଆନୁକୂଲ୍ୟରେ ସୋମବାର ପୁରୀ ବେଳାଭୂମିରେ ଆୟୋଜିତ ୧୯ତମ ଓଡ଼ିଆ ଚଳଚ୍ଚିତ୍ର ଏବଂ ଦୂରଦର୍ଶନ ସମ୍ମାନ 'ଶୋ ଟାଇମ୍' ଉତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ବୟସ୍କ ସ୍ଥାପତ୍ୟ ଶିଳ୍ପୀଙ୍କୁ କଳାକାର ଭତ୍ତା ଦିଆଯାଉ

**ପୁରୀ ଅଫିସ, ୨୦।୧୨:**

ରାଜ୍ୟର ସମସ୍ତ ବୟସ୍କ ସ୍ଥାପତ୍ୟ ଶିଳ୍ପୀଙ୍କୁ ସରକାରଙ୍କ କଳାକାର ଭତ୍ତା ଯୋଜନାରେ ସାମିଲ କରାଯାଉ ବୋଲି ସ୍ଥାପତ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଦାବି କରିଛନ୍ତି। ଏ ନେଇ ସେ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସୁଦର୍ଶନ କହିଛନ୍ତି, କିଛିଦିନ ତଳେ ବୟସ୍କ ସ୍ଥାପତ୍ୟ ଶିଳ୍ପୀ ନଳିନୀକାନ୍ତ ଓଝା, ବାବୁରାମ ଓଝା, ରବୀନ୍ଦ୍ର ଓଝା, ଦୈତାରି ମହାପାତ୍ର, ଦେବେନ୍ଦ୍ର ସେନାପତି, କିଶୋର ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା ଏବଂ ହେମନ୍ତ କୁମାର ଓଝା ପ୍ରମୁଖ କଳାକାର ଭତ୍ତା ନିମନ୍ତେ ଜିଲା ପ୍ରଶାସନକୁ ଆବେଦନ ପତ୍ର ଦେଇଥିଲେ। କଳାକାରଙ୍କ କଳାକୃତି ଦେଖି ସ୍ୱୀକୃତି ଦେବା ସହ ଭତ୍ତା ପ୍ରଦାନ ନିମନ୍ତେ ସେ ନିଜେ ନିବେଦନ କରିଥିଲେ। ମାତ୍ର ସମ୍ପୃକ୍ତ ହିତାଧିକାରୀମାନଙ୍କ ନାମ କଳାକାର ଭତ୍ତା ତାଲିକାରେ ନାହିଁ। ତେଣୁ ସେ ପୁନର୍ବାର ଏ ନେଇ ପ୍ରଶାସନକୁ ନିବେଦନ କରିଛନ୍ତି।

## ନିମାପଡ଼ା କଲେଜ ପକ୍ଷରୁ ରାଜ୍ୟସ୍ତରୀୟ ପାଠଚକ୍ର




ରାଜ୍ୟସ୍ତରୀୟ ପାଠଚକ୍ରରେ ମଞ୍ଚାସୀନ ଅତିଥିମାନେ ।

**ନିମାପଡ଼ା,୨୦।୧୨(ଡି.ଏନ୍.ଏ.)**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମର ମିଳିତ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ପାଠଚକ୍ର ସୋମବାର କଲେଜରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ପ୍ଲାନେଟୋରିୟମର ଉପନିର୍ଦ୍ଦେଶକ ଡ.ଶୁଭେନ୍ଦୁ ପଟ୍ଟନାୟକ, ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସର ପ୍ରଫେସର ଅଜିତ ମୋହନ ଶ୍ରୀବାସ୍ତବ, ସାମାଜିକ କର୍ମୀ ଡ.ବେଣୁଧର ସେନାପତି, କଲେଜ ପରିଚାଳନା କମିଟିର ସଭାପତି ଜଗତପ୍ରସାଦ ସାବୁତ, ଅଧ୍ୟକ୍ଷ ରମାକାନ୍ତ ଦାଶ, ଅଧ୍ୟାପକ ମାନସ ସ୍ୱାଇଁ, ଡ.ରବୀନ୍ଦ୍ରନାଥ ପାଢ଼ୀ, ଅମିତାଭ ଦାଶ, କୃଷ୍ଣଚନ୍ଦ୍ର ସାବୁତ, ଅଧ୍ୟାପିକା ପୁଷ୍ପିତା ରାଜଗୁରୁ ପ୍ରମୁଖ ଯୋଗଦେଇ ଏହି ପାଠଚକ୍ର ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହିଅବସରରେ 'ବ୍ରହ୍ମାଣ୍ଡର ଅନୁସନ୍ଧାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଖୋର୍ଦ୍ଧାର ପି.ଏନ୍. କଲେଜ, ପୁରୀ ଏସ୍‌ସିଏସ୍ କଲେଜ, ନିମାପଡ଼ା କଲେଜ, ନିଆଳି କଲେଜ, ଅଡ଼ଶପୁର କଲେଜ ସମେତ ୭/୮ଟି କଲେଜର ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ବ୍ରହ୍ମାଣ୍ଡର ସୃଷ୍ଟି, ଉତ୍ପତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମାରୋହରେ ଉପସ୍ଥିତ ସମସ୍ତ ଅତିଥିଙ୍କୁ ଉତ୍ତରୀୟ, ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିସମାରୋହରେ ବହୁ ଶିକ୍ଷାବିତ, କଲେଜ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍ ଉପରେ ପୋଲିସ ନଜର

**୫ ଜଣ ଧରାପଡ଼ିଲେ**

**ପୁରୀ ଅଫିସ,୨୦।୧୨:**

ପର୍ଯ୍ୟଟନ ଋତୁରେ ପୁରୀ ସହରରେ ଅସମ୍ଭବ ଗହଳି ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ଡ୍ରିଙ୍କ ଆଣ୍ଡ ଡ୍ରାଇଭ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ବ୍ରେଥ୍ ଆନାଲାଇଜର ମେଶିନ ଯୋଗେ ଯାତାୟାତ କରୁଥିବା ବ୍ୟକ୍ତିଙ୍କୁ ରୋକାଯାଇ ଯାଞ୍ଚ କରାଯାଉଛି। ମଦ୍ୟପାନ କରି ଯାନବାହନ ଚଳାଉଥିବା ଲୋକଙ୍କୁ ଧରିବା ଉଦ୍ଦେଶ୍ୟରେ ଏହି ଡ୍ରାଇଭ ଚଳାଯାଉଥିବା ପୋଲିସ କହିଛି। ସୋମବାର କୁମ୍ଭାରପଡ଼ା, ସମୁଦ୍ରକୂଳ ଥାନା ପାଖ, ସମୁଦ୍ରକୂଳ ସଂଲଗ୍ନ ଅଞ୍ଚଳ, ଚକ୍ରତୀର୍ଥ ରୋଡ୍ ଓ ବଳିଆପଣ୍ଡା ଅଞ୍ଚଳରେ ପୋଲିସ ଟିମ୍ ଲୋକଙ୍କୁ ରୋକି ଟେଷ୍ଟ କରୁଥିବା ଦେଖିବାକୁ ମିଳିଛି। ୭୪ ଜଣଙ୍କ ଟେଷ୍ଟ କରାଯାଇଥିବାବେଳେ ୫ଜଣ ମଦ୍ୟପାନ କରି ଗାଡ଼ି ଚଳାଉଥିବାନେଇ ଧରାପଡ଼ିଥିଲେ। ପୁରୀ ସହରର ସମସ୍ତ ପୋଲିସ ଷ୍ଟେଶନକୁ ଗୋଟିଏ ଲେଖାଏ ବ୍ରେଥ୍ ଆନାଲାଇଜର ମେଶିନ ପ୍ରଦାନ କରାଯାଇଥିବାବେଳେ ଚେକିଂକୁ କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି, ନୂଆବର୍ଷ ପାଖଉଥିବାରୁ ପୁରୀରେ ମଦ୍ୟପାନ କରି ଯାନବାହନ ଚଳାଚଳ ମାମଲା ବଢ଼ିବା ଆଶଙ୍କା ରହିଛି। ଏହା ଉପରେ ରୋକ୍ ଲଗାଇବା ପାଇଁ ପୋଲିସ ଉଦ୍ୟମ କରୁଛି। ଧରାପଡୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବଡ଼ଦାଣ୍ଡରୁ ଅବରୋଧ ହଟାଯାଉ

**ପୁରୀ ଅଫିସ, ୨୦।୧୨:**

ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ନୀଳାଚଳ ଯାତ୍ରୀନିବାସ, ନୀଳାଦ୍ରି ଭକ୍ତ ନିବାସ ଓ ଭଙ୍ଗାଯାଇଥିବା ଶ୍ରୀମନ୍ଦିର କାର୍ଯ୍ୟାଳୟ ସଂଲଗ୍ନ ବଡ଼ଦାଣ୍ଡକୁ ଅବରୋଧମୁକ୍ତ କରିବାକୁ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଦାବି କରିଛି। ଏ ନେଇ ପରିଷଦ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ପୁରୀ ବଡ଼ଦାଣ୍ଡ ଅବରୋଧ ନ କରିବାକୁ ଜନସାଧାରଣ ଓ ଉଠାଦୋକାନୀଙ୍କୁ ପ୍ରଶାସନ ତାଗଦ କରୁଛି। କ୍ଷୁଦ୍ର ବ୍ୟବସାୟୀଙ୍କୁ ରାସ୍ତାରୁ ହଟାଯାଇଛି। ଏପରି କି ଅନେକ ବେପାରୀଙ୍କ ଜିନିଷପତ୍ର ପୋଲିସ ଫିଙ୍ଗିଦେଇଛି ଏବଂ ଆର୍ଥିକ ଜୋରିମାନା କରିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଶ୍ରୀମନ୍ଦିର ପ୍ରଶାସନ ବଡ଼ଦାଣ୍ଡ ରାସ୍ତାକୁ ଅବରୋଧ କରି ରଖିଛନ୍ତି। ଫଳରେ ଲୋକେ ହଇରାଣ ହେଉଛନ୍ତି। ତେଣୁ ତୁରନ୍ତ ଅବରୋଧ ହଟାଇବାକୁ ପରିଷଦ ଦାବି କରିଛି। ନଚେତ ଧାରଣା ଦିଆଯିବ ବୋଲି ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି।

# ଐତିହ୍ୟ ସୁରକ୍ଷା, ବିକାଶ ପାଇଁ ମିଳିତ ପ୍ରୟାସ ଜରୁରୀ

- 'ଶ୍ରୀମନ୍ଦିରରେ ଶିଳ୍ପସେବା' ପୁସ୍ତକର ବଙ୍ଗଳା ଭାଷାନ୍ତର ଲୋକାର୍ପିତ
- ସୁରେନ୍ଦ୍ର ମିଶ୍ର, ନରେନ୍ଦ୍ର ମହାନ୍ତି, ଶରତ ରଥ, ରବି ରଥ ସମ୍ବର୍ଦ୍ଧିତ

**ପୁରୀ ଅଫିସ ୨୦।୧୨:**

ଐତିହ୍ୟ ସୁରକ୍ଷାରେ ସଂସ୍କୃତି ଓ ସଭ୍ୟତାର ପରିଚୟ ବିକାଶିତ ରୂପ ନିଏ। ତେଣୁ ଏହାର ସୁରକ୍ଷା ପାଇଁ ମିଳିତ ପ୍ରୟାସ ଜରୁରୀ ବୋଲି ନୀତି ଆୟୋଗର ଷ୍ଟାଣ୍ଡିଂ କମିଟି ସଦସ୍ୟ ଜଗଦାନନ୍ଦ କହିଛନ୍ତି। ଭୋଗବର୍ଦ୍ଧନ ଶ୍ରୀଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ଆୟୋଜିତ 'ମଠର ଐତିହ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଜଗଦାନନ୍ଦ ଯୋଗଦେଇ ଐତିହ୍ୟର ଅନୁଶୀଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟକାରୀ ଅଧିକାରୀ ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ଟ୍ରଷ୍ଟ ବୋର୍ଡର ଅନ୍ତରୀଣ ପରିଚାଳନା ନ୍ୟାସୀ ଡାକ୍ତର ଦୁର୍ଗା ପ୍ରସାଦ ମିଶ୍ର ଆଲୋଚନା ଚକ୍ରର ଆଭିମୁଖ୍ୟ ଓ ମଠର ବିକାଶ ସମ୍ପର୍କରେ ବିବରଣୀ ରଖିଥିଲେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସମାରୋହକୁ ସଂଯୋଜନା କରି କହିଥିଲେ, ଲାଙ୍ଗୁଳା ନରସିଂହ ଦେବ କୋଣାର୍କରେ ମନ୍ଦିର ନିର୍ମାଣ କରାଇବା ପରେ ଶଙ୍କରାନନ୍ଦ ମଠର ସ୍ୱାମୀ ନରସିଂହ ସରସ୍ୱତୀଙ୍କୁ ଆମନ୍ତ୍ରଣ କରାଇଥିଲେ। ସ୍ୱାମୀଜୀ ୭ଦିନ କୋଣାର୍କରେ ରହି ବିଭିନ୍ନ ପରାମର୍ଶ ଦେଇଥିଲେ। ଆଲୋଚନାଚକ୍ରରେ ଆଧାର ପୁରୁଷ ଭାବେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପସଭାପତି ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅଧିବକ୍ତା ଅଶୋକ କୁମାର ମହାପାତ୍ର ଯୋଗଦେଇଥିଲେ। ପୁରୀର ପ୍ରାଚୀନ ମଠ ଭଗ୍ନ ସ୍ୱରୂପକୁ ସଜାଡ଼ିବାର ପ୍ରୟାସରେ ସେ ଉଦ୍ୟୋଗ କରିବେ ବୋଲି କହିଥିଲେ। ଗବେଷକ ସିଦ୍ଧାର୍ଥ ଆଚାର୍ଯ୍ୟ ମଠର ବିଗ୍ରହତତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ପ୍ରଫେସର ଦିବାକର ମହାପାତ୍ର, ନରେନ୍ଦ୍ର କୁମାର ମହାନ୍ତି, ସ୍ୱାମୀ ମହାମେଧାନନ୍ଦ, ଦୁର୍ଗାପ୍ରସାଦ ମହାପାତ୍ର ଏବଂ ଡା. ବିଷ୍ଣୁ ଚରଣ ମିଶ୍ର ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଏହି ଅବସରରେ ଦେବୀ ପ୍ରସନ୍ନ ନନ୍ଦଙ୍କ ଲିଖିତ ଶ୍ରୀମନ୍ଦିରରେ ଶିଳ୍ପସେବା ପୁସ୍ତକର ବଙ୍ଗଳା ଭାଷାନ୍ତର ଲୋକାର୍ପିତ ହୋଇଥିଲା। ଏହାକୁ ଭାଷାନ୍ତର କରିଛନ୍ତି ଶ୍ରେୟା ହାଲଦାର। ଟ୍ରଷ୍ଟ ପକ୍ଷରୁ ଶିଳ୍ପୀ ରବିନାରାୟଣ ରଥ, ଡ. ସୁରେନ୍ଦ୍ର କୁମାର ମିଶ୍ର, ନରେନ୍ଦ୍ର କୁମାର ମହାନ୍ତି ଏବଂ ଶରତ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାରାୟଣ ପଟ୍ଟନାୟକ, ଶିବପ୍ରସାଦ ରାଜଗୁରୁ, ମିହିର ମିଶ୍ର ଏବଂ ଗୌରୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଅତିଥିମାନେ 'ଶ୍ରୀମନ୍ଦିରରେ ଶିଳ୍ପସେବା' ପୁସ୍ତକର ବଙ୍ଗଳା ଭାଷାନ୍ତରକୁ ଲୋକାର୍ପଣ କରୁଛନ୍ତି ।

**OFFICE OF THE TAHASILDAR, KOMNA, DIST: NUAPADA**
No.4235 Date. 18.12.21

**TENDER CALL NOTICE**
**FOR SUPPLY OF OFFICE FURNITURE**

No.F-267:- Sealed Tenders are invited from the intending Registered firms/Supplying agencies for supply of office furnitures (Chair, Table, Almirah) required by Revenue Inspectors of this Tahasil.

The Tender paper containing detail terms and conditions, EMD and other statutory requirements etc. can be downloaded from the district website www.Nuapada.nic.in. The cost of tender paper is Rs.200/- (Rupees Two hundred) only which is non-refundable. Tender paper completed in all respect alongwith all required documents should reach in sealed cover to the undersigned on or before 05.01.2022 upto 1.30 PM by registered/Speed Post only. The tender shall be opened on the same day at 3.00 PM by the undersigned in presence of the other members of Tender Committee and Tenderers or their authorized representatives. The tenders received beyond the scheduled date and time shall not be taken into consideration.

The authority reserves the right to reject any or all the tenders without assigning any reason thereof and shall bear no liability whatsoever consequent upon such decision.

OIPR-24241/11/0001/2122 Sd./- Tahasildar, Komna

**ZILLA SWASTHYA SAMITI, MAYURBHANJ**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
E-mail: dpmumay@gmail.com

Advt. No. 12541 Dt.18.12.2021

**Advertisement for the Post of BLOCK DATA MANAGER under NHM**

No. E-756: Applications are invited only from the **Contractual Employees Currently working under NHM** in the same Post of OSH & FW Society in other district, desiring to be posted in Mayurbhanj district against the vacant position mentioned below.

| Sl. No. | Name of the Positions | No. of Positions Vacant |
|---|---|---|
| 01 | Block Data Manager | 01 |

Interested candidates may log on to **www.mayurbhanj.nic.in** for details terms, conditions & application forms. The eligible candidates for the above posts may apply to the O/o. CDM & PHO, Mayurbhanj, Pin Code - 757001, by 24.12.2021 upto (05.00 P.M.) by Regd. Post/ Speed Post/Courier only.

The application must be superscribed as "APPLICATION FORM FOR THE POST OF BLOCK DATA MANAGER <IN-HOUSE CANDIDATE>". Applications received after the due date will not be considered. Number of vacancies under this advertisement is provisional which may vary depending upon the requirement at the time of selection. The undersigned reserves the right to cancel/reject any or all the applications without assigning any reason thereof.

Sd./- Dr. Rupabhanu Mishra
Chief District Medical & PHO, Mayurbhanj
OIPR-10020/11/0031/2122

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
OHPC
DIST.: KALAHANDI - 766026, Mob. No. 9437073301, Fax: 252253, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 39/2021-22 Dated: 16.12.2021**

No. CAD-2387: Sealed tenders are invited in sealed envelopes from 'C' or 'D' Class contractors registered with State Government and contractors of equivalent grade/class registered with Central Government/ MED/Railways in two parts i.e. 1) Techno Commercial Bid & 2) Price Bid for the following work.

| Description of Work | Cost of Tender Paper (Non-refundable) in Rs. | EMD in shape of Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Construction of Flag Post at Power House Premises, UIHEP, Mukhiguda | 472/- (Inclusive of GST) | As per Annexure-VI & Clause No. 1.5 | From 21.12.2021 to 31.12.2021 upto 12.30 Hrs. | 31.12.2021 (upto 13.00 Hrs.) | 31.12.2021 at 16.30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR-32136/11/0038/2122 Sd./- C&P Head, UIHEP, Mukhiguda

**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**
No. B-841 e-mail: seec_bls@rediffmail.com

**Government of Odisha "e" Procurement Notice**
Bid Identification No. CCEEC-15/2021-22

No. 6302 Dt.07.12.2021

| | | |
|---|---|---|
| Nature of Work | : | Road Works & Building Works |
| Number of Works | : | 02 (Two) Roads & 01 (One) Building |
| Amount put to tender | : | Rs.160.57 lakh to Rs.597.61 lakh |
| Class of Contractor | : | "B" Class / "A" Class/ "Special" Class/ "Super" Class |
| Date & time of availabiliyt of bid document in the portal | : | Dt.22.12.2021 at 10.00 A.M. |
| Last date/time of receipt of bid in the portal | : | Dt.05.01.2022 upto 05.00 P.M. |
| Date of Opening of Bid | : | Dt.06.01.2022 at 11.00 A.M. |
| Name & address of the Officer Inviting Bid | : | Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal **http//tendersodisha.gov.in"**. All future corrigendum will be available on ONLINE mode only.

Sd./- R. Rout, Chief Construction Engineer
OIPR-34026/11/0016/2122 Eastern Circle (R&B), Balasore

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, JHARSUGUDA**
E-mail: eemijharsuguda@gmail.com

**'e' Procurement Notice**
Bid Identification No. EE MID JSD 06/2021-22

No. 1567/MID Date: 18.12.2021

No. A-772: The Executive Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in Online mode only for the works as detailed in the table below.

| | | | |
|---|---|---|---|
| 1. | Name of the works | : | Civil construction work |
| 2. | Total No. of works | : | 01 (One) No. |
| 3. | Estimated Cost | : | Rs.49.50 lakh (Detail list of work annexed) |
| 4. | Class of Contractor | : | As mentioned against work |
| 5. | Period of Completion | : | As mentioned against work |
| 6. | Date & time of availability of Bid document in the portal | : | 23.12.2021 at 10.00 A.M. to 06.01.2022 upto 5.30 P.M. |
| 7. | Last date/time for receipt of Bid in the portal | : | 06.01.2022 at 5.30 P.M. |
| 8. | Date/time of Opening of Technical Bid | : | 07.01.2022 at 10.00 A.M. at Office of the E.E., MI Divn., Jharsuguda |
| 9. | Name & address of the Officer Inviting the Bid | : | Executive Engineer, M.I. Division, Jharsuguda |
| 10. | Mode of payment of Bid Cost & Bid Security | : | Online |

Sd./- Executive Engineer, M.I. Division, Jharsuguda
OIPR-32291/11/0003/2122

**ଉଦ୍ୟାନ କୃଷି ଉପରେ ଆଲୋଚନାଚକ୍ର**

**ବାଙ୍କୀ(ସ୍ୱ.ପ୍ର):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ଉଦ୍ୟାନ କୃଷି ସମ୍ବନ୍ଧରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ସଭାପତିତ୍ୱ କରିଥିଲେ। ଫଳଚାଷ ଓ ଫୁଲଚାଷରେ ଛାତ୍ରଛାତ୍ରୀମାନେ ମନୋନିବେଶ କରି ଅର୍ଥ ଉପାର୍ଜନ ପାଇଁ ପ୍ରୟାସ କରିବାକୁ କହିଥିଲେ। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ବାଙ୍କୀର ସହକାରୀ ଉଦ୍ୟାନ ଅଧିକାରୀ ବିଜୟ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଡମପଡ଼ା ସହକାରୀ ଉଦ୍ୟାନ ଅଧିକାରୀ ତ୍ରିନାଥ ସମାନ୍ତରାୟ ଓ କିଶୋର ନାଳମାଧବ ମିଶ୍ର ଯୋଗଦେଇ ବିଭିନ୍ନ ଚାଷ ଉପରେ ଆଲୋଚନା କରିଥିଲେ। ସୁଲଗ୍ନା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

କଟକ

- ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ଆର୍‌ଡିସିଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ମହିଳା ସଙ୍ଗଠନକୁ କ୍ରିୟାଶୀଳ ପାଇଁ ବିଧାୟକଙ୍କ ପରାମର୍ଶ

**କଟକ ଅଫିସ,୨୦।୧୨:** କଟକ ନଗର ଜିଲା ମହିଳା କଂଗ୍ରେସ କମିଟିର ଏକ ବୈଠକ ସୋମବାର ସେଲଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଆଗାମୀ ପୌର ନିର୍ବାଚନରେ ୫୦ ପ୍ରତିଶତ ମହିଳା ପ୍ରାର୍ଥୀଙ୍କ ସଂରକ୍ଷଣକୁ ସ୍ୱାଗତ ଜଣାଇଥିଲେ। ଏଥିସହ କଟକ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୫୯ଟି ୱାର୍ଡରେ ମହିଳା କଂଗ୍ରେସ ସଙ୍ଗଠନକୁ କ୍ରିୟାଶୀଳ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। କଟକ ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଦଳୀୟ ନେତ୍ରୀ ସାବିତ୍ରୀ ଚୌଧୁରୀ, ରେଣୁବାଳା ରାଉତ, ସ୍ନେହଲତା ଚୌଧୁରୀ, ଅନିତା ନାୟକ, ଚାରୁଲତା ସାହୁ, ମଞ୍ଜୁଲତା ନାୟକ, ବିଶାଳୀ ବେହେରା, ନମିତା ମଞ୍ଜରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମନ, ଶରୀର ଉପରେ ସଙ୍ଗୀତ ସକାରାତ୍ମକ ପ୍ରଭାବ ପକାଏ

**କଟକ ଅଫିସ,୨୦।୧୨:** ଡ. ସୁବାସିନୀ ଲେଙ୍କାଙ୍କ ଲିଖିତ ପୁସ୍ତକ 'ତରୁଣ ସୁବାସିନୀ ଲେଙ୍କାଙ୍କ ନିର୍ବାଚିତ ଗଳ୍ପ', ଉପନ୍ୟାସ 'ଆହତ ଅପରାହ୍ନ' ଏବଂ କବିତାମାଳାର ସଙ୍ଗୀତ ସଂକଳନ 'କାବ୍ୟ ମନ୍ଥର' ଶ୍ରୀରାମଚନ୍ଦ୍ର ଭବନରେ ସୋମବାର ଲୋକାର୍ପିତ ହୋଇଯାଇଛି। ଏଥିରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ କୁମାର ସାହୁ ଯୋଗଦେଇ ପୁସ୍ତକ ଓ ସଂଗୀତ ସଂକଳନକୁ ଲୋକାର୍ପିତ କରି ମନ ଓ ଶରୀର ଉପରେ ସଙ୍ଗୀତ ସକାରାତ୍ମକ ପ୍ରଭାବ ପକାଏ ବୋଲି କହିଥିଲେ। ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୈଳାସ ଚନ୍ଦ୍ର ଶତପଥୀ, ସଚ୍ଚିକାନ୍ତ ଲେଙ୍କା, ରତିକାନ୍ତ ଲେଙ୍କା, ଡ. ବୈଷ୍ଣବ ଚରଣ ସାମଲ, ଡ. ସୁଲୋଚନା ଦାସ, ପଣ୍ଡିତ ନୀଳକଣ୍ଠ ରାଉତ ପ୍ରମୁଖ ପୁସ୍ତକର ସମୀକ୍ଷା କରିଥିଲେ। ଉତ୍କଳ ସାହିତ୍ୟ ସମାଜ ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ କୃଷ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

### ଆନ୍ତଃ ମହାବିଦ୍ୟାଳୟ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଆଠଗଡ଼,୨୦।୧୨(ସ୍ୱ.ପ୍ର.):** ଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ବିଭାଗ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡା ସଂସଦ ଓ ଆଠଗଡ଼ ଖୋ-ଖୋ ଆସୋସିଏଶନର ମିଳିତ ସହଯୋଗରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୯ ମହାବିଦ୍ୟାଳୟ ଅଂଶଗ୍ରହଣ କରିଛନ୍ତି। ଏଥିରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ୨ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡା ସଂସଦର ଉପସଭାପତି ତଥା ଆଠଗଡ଼ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ଗବେଷଣାଗାର ଡେମନଷ୍ଟ୍ରେଟର ସଚ୍ଚିଦାନନ୍ଦ ଜେନା ସଂଯୋଜନା କରିଥିଲେ। ଆଠଗଡ଼ ଖୋ-ଖୋ ଆସୋସିଏଶନର ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜ ଓ ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ କ୍ରୀଡା ସଂସଦର ଉପସଭାପତି ଅଧ୍ୟାପକ ପ୍ରତାପ କେଶରୀ ଖାଟୋଇଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟରୁ ଆନ୍ତଃ ବିଶ୍ୱବିଦ୍ୟାଳୟ ମ୍ୟାଚ ପାଇଁ ଖେଳାଳି ଚୟନ କରାଯିବ।

# ଭୁବନେଶ୍ୱରରେ ବର୍ଷକରେ ୩୨ ହତ୍ୟା

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଭୁବନେଶ୍ୱର ସହରାଞ୍ଚଳ ପୋଲିସର ବିଭିନ୍ନ ଥାନା ଅଞ୍ଚଳରେ ବର୍ଷକରେ ୩୨ଟି ହତ୍ୟାକାଣ୍ଡ ଘଟିଛି। କିନ୍ତୁ ପୂର୍ବବର୍ଷଗୁଡ଼ିକ ତୁଳନାରେ ହତ୍ୟା ମାମଲା ସଂଖ୍ୟା କମିଥିବା କମିଶନରେଟ ପୋଲିସ ରିପୋର୍ଟରୁ ଜଣାପଡିଛି। ଉକ୍ତ ରିପୋର୍ଟ ଅନୁସାରେ, ୨୦୧୯ରେ ୩୯ ଓ ୨୦୨୦ରେ ୪୯ ହତ୍ୟାକାଣ୍ଡ ଘଟିଥିଲା। ତେବେ ଚଳିତ ବର୍ଷ ଜଟଣୀ ଥାନା ଅଞ୍ଚଳରେ ୪ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଭରତପୁର, ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଥାନା ଅଞ୍ଚଳରେ ୩ଟି ଲେଖାଏ ହତ୍ୟାକାଣ୍ଡ ଘଟିଛି। ସେହିପରି ଏୟାରଫିଲ୍ଡ, ତମାଣ୍ଡୋ, ବାଲିପାଟଣା, ଶହୀଦନଗର ଓ ଚନ୍ଦକା ଥାନାରେ ୨ଟି ଲେଖାଏ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ କ୍ୟାପିଟାଲ, ଖାରବେଳନଗର, ଧଉଳି, ଖଣ୍ଡଗିରି, ଲକ୍ଷ୍ମୀସାଗର, ନୟାପଲ୍ଲୀ ଥାନାଞ୍ଚଳରେ ଗୋଟିଏ ଲେଖାଏ ହତ୍ୟାକାଣ୍ଡ ଘଟିଛି।

### ୨୦୦୬ରୁ ଗଡୁଛି ୬ ମାମଲା

ଏନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି, ମଞ୍ଚେଶ୍ୱର ଥାନା କୁଆଖାଇ ନଦୀପଠାରୁ ଯୁବକଙ୍କ ମୃତଦେହ ମିଳିବା ଘଟଣାରେ ମୃତକଙ୍କ ପରିଚୟ ମଧ୍ୟ ମିଳିପାରି ନାହିଁ। ଉକ୍ତ ମାମଲାକୁ ଛାଡି ଅନ୍ୟ ସବୁଥିରେ ମୃତକ ଓ ଅଭିଯୁକ୍ତଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। କେତେକ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରଚେଷ୍ଟା ଜାରି ରଖିଛି। ତେବେ ୨୦୦୫ରୁ ୬ଟି ମାମଲାର ତଦନ୍ତ ଅଧାରେ ଅଟକିଛି। ଉକ୍ତ ମାମଲା ଉପରେ ନଜର ରଖାଯାଇଛି, ତଥ୍ୟ ମିଳିଲେ ତଦନ୍ତ ଆଗେଇବ ବୋଲି ସେ କହିଛନ୍ତି।

## ୭୨ ମାମଲା, ୧୪୮ ଗିରଫ

### ନିଶା କାରବାର

ରାଜଧାନୀରେ ନିଶାଦ୍ରବ୍ୟ କାରବାରକୁ ନେଇ ଭୁବନେଶ୍ୱର ସହାରାଞ୍ଚଳ ପୋଲିସ ୭୨ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରିଛି। ଗତ ଜାନୁଆରୀ ୧ରୁ ୧୫ ଡିସେମ୍ବର ମଧ୍ୟରେ ରୁଜୁ ହୋଇଥିବା ସମସ୍ତ ମାମଲାରେ ୧୪୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୪୪ଟି ବ୍ରାଉନସୁଗରଜନିତ ମାମଲାରେ ୯୮ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠୁ ୭ କେଜି ୨୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ୨୭ଟି ଗଞ୍ଜେଇ ମାମଲାରେ ୪୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଥିବାବେଳେ ୮୦୧ କେଜି ୪୭୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏକ କଫ୍ ସିରଫ୍ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ଏସବୁ ମାମଲାରେ ୮ଟି ଗାଡି, ୧୩ଟି ବାଇକ, ୬୭ଟି ମୋବାଇଲ ଫୋନ୍, ଗୋଟିଏ ପିସ୍ତଲ ଓ ୫ଟି ଗୁଳି ସହ ନଗଦ ୪୫ ଲକ୍ଷ ୬୪ ହଜାର ୯୪୨ ଟଙ୍କା ଜବତ କରାଯାଇଛି। ତେବେ ଅଗଷ୍ଟ ମାସରୁ ଆରମ୍ଭ କରାଯାଇଥିବା 'ହ୍ୱାଇଟ୍ ସ୍ୱାଇଡର୍' ଅଭିଯାନ ମାଧ୍ୟମରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ଅପରାଧୀଙ୍କ ଉପରେ ନଜର ରଖାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।



କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରଫେସର ବ୍ରଜକିଶୋର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବ୍ରଜକିଶୋର ସ୍ୱାଇଁଙ୍କୁ ବାସୁଦେବ କର ମେମୋରିଆଲ ସମ୍ମାନ

**କଟକ ଅଫିସ, ୨୦।୧୨**

### ବାସୁଦେବ କର ମେମୋରିଆଲ ପକ୍ଷରୁ ବକ୍ତୃତାମାଳା

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ କେନ୍ଦ୍ର ଆନୁକୂଲ୍ୟରେ ସେଭେନ୍ ପିଲର ଅଫ୍ ଉଇସଡମ୍ ସମ୍ମିଳନୀ କକ୍ଷରେ ସୋମବାର ବାସୁଦେବ କର ମେମୋରିଆଲ ପକ୍ଷରୁ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବର୍ମିଂହମ ବିଶ୍ୱବିଦ୍ୟାଳୟର ପ୍ରଫେସର ହ୍ୟୁଗ୍ ହୋଗଟନ୍ ଯୋଗଦେଇ ଡିଜିଟାଲ ମାନବ ବିଦ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଯୋଗଦେଇ ପ୍ରାଚୀନ ବିଷୟବସ୍ତୁର ସମ୍ପାଦନା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଫେସର ବ୍ରଜକିଶୋର ସ୍ୱାଇଁଙ୍କୁ ପ୍ରଥମ ବାସୁଦେବ କର ମେମୋରିଆଲ ସମ୍ମାନ ପ୍ରଦାନ କରାଯାଇଛି। ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଧର୍ମବ୍ରତ ମହାପାତ୍ର ଉଦଘାଟନ କରିଥିଲେ। ଫାଉଣ୍ଡେଶନ ସଭାପତି ଡା. ନିରଞ୍ଜନ ତ୍ରିପାଠୀ, ଉପସଭାପତି ଇଂ. ପ୍ରଭାକର ସ୍ୱାଇଁ, ସମ୍ପାଦକ ମାଧ୍ୟାଧର କର, ଡା. ନିତ୍ୟାନନ୍ଦ ସ୍ୱାଇଁ, ଚିତ୍ତରଞ୍ଜନ ମିଶ୍ର, ଡ. ସତ୍ୟ ରାୟ, ଡ. ଊର୍ମିଶ୍ରୀ ବେଦମ ପ୍ରମୁଖ ଉପସ୍ଥିତ ଥିଲେ।



ଉଇନିଙ୍ଗ୍ ସ୍ପୋର୍ଟିଂ ଆନୁକୂଲ୍ୟରେ ସୋମବାର ପୁରୀ ବେଳାଭୂମିରେ ଆୟୋଜିତ ୧୯ତମ ଓଡ଼ିଆ ଚଳଚ୍ଚିତ୍ର ଏବଂ ଦୂରଦର୍ଶନ ସମ୍ମାନ 'ଶୋ ଟାଇମ୍' ଉତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ମମିତାଙ୍କୁ ନ୍ୟାୟ ଦାବିରେ ଦସ୍ତଖତ ଅଭିଯାନ

**କଟକ ଅଫିସ, ୨୦।୧୨**

ଭାଜପା କଟକ ନଗର ଜିଲା ଓବିସି ମୋର୍ଚ୍ଚା ପକ୍ଷରୁ ସୋମବାର ୩୯ ନମ୍ବର ୱାର୍ଡରେ ମଙ୍ଗଳା ଛକରେ ଦସ୍ତଖତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଉକ୍ତ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ ବୋଲି ଭାଜପା ଓବିସି ମୋର୍ଚ୍ଚା କଟକ ନଗର ଜିଲା ସଭାପତି ଅଶିଷ ପ୍ରସାଦ ସାମଲ ଯୋଗଦେଇ କହିଥିଲେ, ମମିତାଙ୍କ ହତ୍ୟାକାଣ୍ଡରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବାରୁ ନିରପେକ୍ଷ ତଦନ୍ତ କରାଯାଉ ବୋଲି ଦାବି କରିଥିଲେ। କଟକ ନଗର ଓବିସି ମୋର୍ଚ୍ଚାର ପଦାଧିକାରୀ ମନୋଜ ସାହୁ, ରଞ୍ଜିତା ନାୟକ, ସୁରେଶ ଜେନା, ମଧୁସ୍ମିତା ସାମଲ ଥିଲେ।

## କଞ୍ଚାମାଲ ମୂଲ୍ୟବୃଦ୍ଧିକୁ ବିରୋଧ

**କଟକ ଅଫିସ, ୨୦।୧୨**

ଲୌହଜାତୀୟ କଞ୍ଚାମାଲର ଅହେତୁକ ମୂଲ୍ୟବୃଦ୍ଧି ଘଟିଛି। ଗତ ମାର୍ଚ୍ଚ ୨୨ରୁ କ୍ରମାଗତ ଭାବେ ଏହି ବୃଦ୍ଧି ଘଟିଆସୁଛି। ଫଳରେ ଶିଳ୍ପୋଦ୍ୟୋଗୀଙ୍କ ଆର୍ଥିକ ଅବସ୍ଥା ଉପରେ ଏହାର ଘୋର ପ୍ରଭାବ ପଡ଼ିଛି। ପୂର୍ବରୁ ଅଲ୍‌ଇଣ୍ଡିଆ କାଉନ୍‌ସିଲ ଅଫ ଆସୋସିଏଶନ (ଏଆଇସିଏ) ପକ୍ଷରୁ କଞ୍ଚାମାଲର ଅହେତୁକ ମୂଲ୍ୟବୃଦ୍ଧିକୁ ନେଇ ଟ୍ରେଡ ଆଣ୍ଡ କମର୍ସ, ଅର୍ଥମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ କଞ୍ଚାମାଲ ଦର ସ୍ଥିରୀକୃତ କିମ୍ବା ରାଷ୍ଟ୍ରୀୟ ଉଦ୍ୟୋଗଗୁଡ଼ିକ ଜରିଆରେ ସବ୍‌ସିଡି ଦିଆଯିବାକୁ ନେଇ ଓଡ଼ିଶା କ୍ଷୁଦ୍ରଶିଳ୍ପ ସଂଘ, ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ ଏବଂ କଟକ ଜିଲା କ୍ଷୁଦ୍ର ଶିଳ୍ପ ସଂଘ ପକ୍ଷରୁ ମିଳିତ ଭାବେ ସୋମବାର ଶିଳ୍ପାନୁଷ୍ଠାନ ବନ୍ଦ ରଖିବା ସହ ଜିଲା ଶିଳ୍ପ କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା।

## 'ମହିଳା ସ୍ୱାବଲମ୍ବୀ ହେଲେ ବିକାଶ ସମ୍ଭବ'

**ନିଶ୍ଚିନ୍ତକୋଇଲି, ୨୦।୧୨ (ସ୍ୱ.ପ୍ର.)**

ଗ୍ରାମାଞ୍ଚଳର ମହିଳା ସ୍ୱାବଲମ୍ବୀ ହେଲେ ପରିବାର ଆର୍ଥିକ ସଙ୍କଟ ଦୂରହେବା ସହ ରାଜ୍ୟ ଓ ଦେଶର ବିକାଶ ହୋଇପାରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ପ୍ରୋତ୍ସାହନ ରାଶି ଦେବା ଅବସରରେ ସୋମବାର ମତବ୍ୟକ୍ତ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକର ବରାଦୋ ପଞ୍ଚାୟତ ଶଙ୍କରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଉତ୍ସବରେ ନିଶ୍ଚିନ୍ତକୋଇଲି ବିଡିଓ କର୍ଣ୍ଣଦେବ ସମାଦ୍ଧାର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜେନା ଯୋଗଦେଇଥିଲେ। ବ୍ଲକର ୪ଟି ପଞ୍ଚାୟତର ୧୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଅଧ୍ୟକ୍ଷ ସବିତା ଓଝା, ଉପାଧ୍ୟକ୍ଷ ମହାନ୍ତି, ସବିତା ସାମଲ, ସରପଞ୍ଚ ତିଲୋତ୍ତମା ରାଉତ, ଅଶୋକ ଓଝା, ଜ୍ଞାନରଞ୍ଜନ ରାଉତ ଓ ସରପଞ୍ଚ ଗୁପାଲିନ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଥିଲା। ସରପଞ୍ଚ ନୃସିଂହ ଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଜଳବାୟୁ ପରିବର୍ତ୍ତନ ଯୋଗୁ ଚାଷ ପ୍ରଭାବିତ ହେଉଛି

**କଟକ ଅଫିସ, ୨୦।୧୨**

ଜଳବାୟୁ ପରିବର୍ତ୍ତନ ହେବା ଦ୍ୱାରା ଚାଷ ଓ ମୃତ୍ତିକା ପ୍ରଭାବିତ ହେଲାଣି। ବିଶେଷକରି ଧାନଚାଷ କ୍ଷତିଗ୍ରସ୍ତ ହେଉଛି। ସେହିପରି ଅସନ୍ତୁଳିତ ପରିବେଶ ଯୋଗୁ ପୃଥିବୀର ବିଭିନ୍ନ ପ୍ରାନ୍ତରେ ପ୍ରାକୃତିକ ଦୁର୍ବିପାକ ଘଟୁଛି। ଆମ ଦେଶରେ ଅବାଧ ଗଛକଟା ଯୋଗୁ ମୃତ୍ତିକାର ଉର୍ବରତା ନଷ୍ଟ ହେବା ସହ ଜଳସ୍ତର କମିବାରେ ଲାଗିଛି ବୋଲି ରବିବାର ମୈତ୍ରୀ ସରଣୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଏମ୍.ଜେ. ବେଗ୍ ଯୋଗଦେଇ ମତ ରଖିଛନ୍ତି। ଦି ୟୁନିଭର୍ସ ପକ୍ଷରୁ 'ଜଳବାୟୁ ପରିବର୍ତ୍ତନର ପ୍ରଭାବ, ଆମର ସ୍ଥିତି ଓ କପ୍-୨୬' ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବେଶବିତ୍ ଡ. ଆଶୁତୋଷ ଦେବତା ସଭାପତିତ୍ୱ କରିଥିଲେ। ଅନ୍ୟତମ ବକ୍ତା ଭାବେ ଓପିଟିସିଏଲ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ରାଜୀବ ଲୋଚନ ପଣ୍ଡା ଯୋଗଦେଇ କହିଥିଲେ, ପରିବେଶକୁ ଚାହିଁ କୋଇଲାରୁ ଉତ୍ପାଦିତ ବିଦ୍ୟୁତ୍ କେନ୍ଦ୍ରକୁ ହଠାତ୍ ବନ୍ଦ କରି ହେବନାହିଁ। ସମୟାନ୍ତରରେ ବିକଳ୍ପ ବ୍ୟବସ୍ଥା ସହିତ ସମତୁଲତା ରକ୍ଷା କରିବାକୁ ପଡ଼ିବ। ଏଥିସହ ପର୍ଯ୍ୟାପ୍ତ ବୃକ୍ଷରୋପଣ କରି ସନ୍ତୁଳନ ରକ୍ଷା କରିବାକୁ ହେବ। ସେହିପରି ବିକଳ୍ପ ଶକ୍ତି ଭାବେ ସୌର, ବାୟୁ ଓ ଗ୍ରୀନ୍ ହାଇଡ୍ରୋଜେନ ଇତ୍ୟାଦି ଉପରେ ନିର୍ଭର କରିବାକୁ ହେବ ବୋଲି ପଣ୍ଡା ମତ ରଖିଥିଲେ। ସମ୍ମିଳନୀରେ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପାଦକ କିଶୋର ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ପୋଲିସ ପକ୍ଷରୁ ବସ୍ତି ଚାଲ ଅଭିଯାନ

**କଟକ ଅଫିସ,୨୦।୧୨**

ସହରାଞ୍ଚଳରେ ପୋଲିସ ଲୋକମାନଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛି। ଏହି କ୍ରମରେ ସୋମବାର କମିଶନରେଟ ପୋଲିସ ପକ୍ଷରୁ ଜଗତପୁର ଥାନା ଅନ୍ତର୍ଗତ ନିମପୁର ଶ୍ମଶାନ ପାର୍ଶ୍ୱରେ ବସ୍ତିଚାଲ ଅଭିଯାନର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ଜଗତପୁର ଅଞ୍ଚଳର ନିମପୁରସ୍ଥିତ ବିରୂପା ନଦୀ ଶଯ୍ୟାରେ ନୂତନ ଭାବେ ଥଇଥାନ ହୋଇଥିବା ୫ଟି ବସ୍ତିର ୮ ଶହରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କୁ ପୋଲିସ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରି ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ଚୟନ କରି କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଆୟୋଜନର ମୂଳ ଉଦ୍ଦେଶ୍ୟ ହେଉଛି ବସ୍ତିରେ ସକାରାତ୍ମକ ବାତାବରଣ ସୃଷ୍ଟି କରିବା ସହ ଅପରାଧ ଓ ଅପରାଧିକୁ ନିୟନ୍ତ୍ରଣ କରିବା ବୋଲି କଟକ ଡିସିପି ପ୍ରତିକ ସିଂ କହିଛନ୍ତି। କାର୍ଯ୍ୟକ୍ରମରେ କଟକ ଜୋନ ୧ ଏସିପି ଅମରେନ୍ଦ୍ର ପଣ୍ଡା, ଜଗତପୁର ଆଇଆଇସି ରବୀନ୍ଦ୍ର ନାଥ ମେହେର, ଏସଆଇ ପି.କେ ଦାସ ଓ ରୋହିତ ବଳ, ଏ.ଏସ.ଆଇ ସୁନିତ ଷଡଙ୍ଗୀ ଏବଂ ସୁରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କଟକ ନଗର ଯୁବ କଂଗ୍ରେସର ବିକ୍ଷୋଭ

**କଟକ ଅଫିସ, ୨୦।୧୨**

କଟକ ସହରର ବିଭିନ୍ନ ସମସ୍ୟା ନେଇ ନଗର ଯୁବ କଂଗ୍ରେସ ପକ୍ଷରୁ ସୋମବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଭାପତି ବିକି ଚକ୍ରବର୍ତ୍ତୀ କହିଛନ୍ତି, ରାସ୍ତାଘାଟ, ନାଳନର୍ଦ୍ଦମା ସଫେଇ, ପରିମଳ ଓ ମଶା ନିରାକରଣ ଆଦି କ୍ଷେତ୍ରରେ ନିଗମ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ଏଥିସହ ସତୀଚଉରା ଡମ୍ପିଂୟାର୍ଡ ସ୍ଥାନାନ୍ତର ପାଇଁ ଦାବି କରାଯାଇଛି। ଏ ନେଇ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କୁ ଏକ ଦାବିପତ୍ର ଦିଆଯାଇଛି।



ବିଭିନ୍ନ ଦାବି ନେଇ ଶିଳ୍ପ ସଂଘ ଓ ଏମ୍‌ଏସ୍‌ଏମ୍‌ଇ ଇଣ୍ଡଷ୍ଟ୍ରି ସଦସ୍ୟମାନଙ୍କ ପକ୍ଷରୁ ସୋମବାର କଟକ ଖପୁରିଆସ୍ଥିତ ଜିଲା ଶିଳ୍ପ କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


**OFFICE OF THE TAHASILDAR, KOMNA, DIST: NUAPADA**

No.4235 Date. 18.12.21

**TENDER CALL NOTICE FOR SUPPLY OF OFFICE FURNITURE**

No.F-267:- Sealed Tenders are invited from the intending Registered firms/Supplying agencies for supply of office furnitures (Chair, Table, Almirah) required by Revenue Inspectors of this Tahasil.

The Tender paper containing detail terms and conditions, EMD and other statutory requirements etc. can be downloaded from the district website www.Nuapada.nic.in. The cost of tender paper is Rs.200/- (Rupees Two hundred) only which is non-refundable. Tender paper completed in all respect alongwith all required documents should reach in sealed cover to the undersigned on or before 05.01.2022 upto 1.30 PM by registered/Speed Post only. The tender shall be opened on the same day at 3.00 PM by the undersigned in presence of the other members of Tender Committee and Tenderers or their authorized representatives. The tenders received beyond the scheduled date and time shall not be taken into consideration.

The authority reserves the right to reject any or all the tenders without assigning any reason thereof and shall bear no liability whatsoever consequent upon such decision.

OIPR-24241/11/0001/2122 **Sd./- Tahasildar, Komna**

**OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA**

DIST.: KALAHANDI - 766026, Mob. No. 9437073301, Fax: 252253, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**

(A GOVERNMENT OF ODISHA UNDERTAKING)

Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 39/2021-22 Dated: 16.12.2021**

No. CAD-2387: Sealed tenders are invited in sealed envelopes from 'C' or 'D' Class contractors registered with State Government and contractors of equivalent grade/class registered with Central Government/ MED/Railways in two parts i.e. 1) Techno Commercial Bid & 2) Price Bid for the following work.

| Description of Work | Cost of Tender Paper (Non-refundable) in Rs. | EMD in shape of Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Construction of Flag Post at Power House Premises, UIHEP, Mukhiguda | 472/- (Inclusive of GST) | As per Annexure-VI & Clause No. 1.5 | From 21.12.2021 to 31.12.2021 upto 12.30 Hrs. | 31.12.2021 (upto 13.00 Hrs.) | 31.12.2021 at 16.30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR-32136/11/0038/2122 **Sd./- C&P Head, UIHEP, Mukhiguda**

**WORKS DEPARTMENT OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**

No. B-841 e-mail: seec_bls@rediffmail.com

**Government of Odisha "e" Procurement Notice**

Bid Identification No. CCEEC-15/2021-22

**No. 6302** **Dt.07.12.2021**

Nature of Work : Road Works & Building Works
Number of Works : 02 (Two) Roads & 01 (One) Building
Amount put to tender : Rs.160.57 lakh to Rs.597.61 lakh
Class of Contractor : "B" Class / "A" Class/ "Special" Class/ "Super" Class
Date & time of availabiliyt of bid document in the portal : Dt.22.12.2021 at 10.00 A.M.
Last date/time of receipt of bid in the portal : Dt.05.01.2022 upto 05.00 P.M.
Date of Opening of Bid : Dt.06.01.2022 at 11.00 A.M.
Name & address of the Officer Inviting Bid : Chief Construction Engineer, Eastern Circle (R&B), Balasore

The bidders have to participate in ONLINE bidding only. Further details can be seen from the e-procurement portal **http//tendersodisha.gov.in"**. All future corrigendum will be available on ONLINE mode only.

**Sd./- R. Rout, Chief Construction Engineer**
**OIPR-34026/11/0016/2122 Eastern Circle (R&B), Balasore**

**ZILLA SWASTHYA SAMITI, MAYURBHANJ DISTRICT PROGRAMME MANAGEMENT UNIT NATIONAL HEALTH MISSION**

E-mail: dpmumay@gmail.com

**Advt. No. 12541** **Dt.18.12.2021**

**Advertisement for the Post of BLOCK DATA MANAGER under NHM**

No. E-756: Applications are invited only from the **Contractual Employees Currently working under NHM** in the same Post of OSH & FW Society in other district, desiring to be posted in Mayurbhanj district against the vacant position mentioned below.

| Sl. No. | Name of the Positions | No. of Positions Vacant |
|---|---|---|
| 01 | Block Data Manager | 01 |

Interested candidates may log on to **www.mayurbhanj.nic.in** for details terms, conditions & application forms. The eligible candidates for the above posts may apply to the O/o. CDM & PHO, Mayurbhanj, Pin Code - 757001, by 24.12.2021 upto (05.00 P.M.) by Regd. Post/ Speed Post/Courier only.

The application must be superscribed as "APPLICATION FORM FOR THE POST OF BLOCK DATA MANAGER <IN-HOUSE CANDIDATE>". Applications received after the due date will not be considered. Number of vacancies under this advertisement is provisional which may vary depending upon the requirement at the time of selection. The undersigned reserves the right to cancel/reject any or all the applications without assigning any reason thererof.

**Sd./- Dr. Rupabhanu Mishra**
**Chief District Medical & PHO, Mayurbhanj**
**OIPR-10020/11/0031/2122**

**GOVERNMENT OF ODISHA OFFICE OF THE EXECUTIVE ENGINEER MINOR IRRIGATION DIVISION, JHARSUGUDA**

E-mail: eemijharsuguda@gmail.com

**'e' Procurement Notice**

Bid Identification No. EE MID JSD 06/2021-22

**No. 1567/MID** **Date: 18.12.2021**

No. A-772: The Executive Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in Online mode only for the works as detailed in the table below.

1. Name of the works : Civil construction work
2. Total No. of works : 01 (One) No.
3. Estimated Cost : Rs.49.50 lakh (Detail list of work annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 23.12.2021 at 10.00 A.M. to 06.01.2022 upto 5.30 P.M.
7. Last date/time for receipt of Bid in the portal : 06.01.2022 at 5.30 P.M.
8. Date/time of Opening of Technical Bid : 07.01.2022 at 10.00 A.M. at Office of the E.E., MI Divn., Jharsuguda
9. Name & address of the Officer Inviting the Bid : Executive Engineer, M.I. Division, Jharsuguda
10. Mode of payment of Bid Cost & Bid Security : Online

**Sd./- Executive Engineer, M.I. Division, Jharsuguda**
**OIPR-32291/11/0003/2122**

## ପୁରୀ ନୀଳଚକ୍ର କ୍ଲବ ସେମିଫାଇନାଲରେ

ଟାଙ୍ଗୀ (ଖୋର୍ଦ୍ଧା),(ଡି.ଏନ୍.ଏ.): ବୁବୁ ଦାସ ସ୍ମାରକୀ ବଡ଼ପାରୀ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ନୟାଗଡ଼ର ଟାଉନ କ୍ଲବକୁ ଟାଇବ୍ରେକର ମାଧମରେ ହରାଇ ପୁରୀ ନୀଳଚକ୍ର କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରିୟବ୍ରତ ବାହିନୀପତି, ଅବିନାଶ ପଟ୍ଟନାୟକ, ବିପିନ କୁମାର ସାମନ୍ତସିଂହାର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ କ୍ରୀଡ଼ା ଶିକ୍ଷକ ରାମଚନ୍ଦ୍ର ଝପଟସିଂହ, ତ୍ରିନାଥ ପାତ୍ର, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସେଠୀ, ସଭାପତି ରମାକାନ୍ତ ବିଶ୍ୱାଳ, ସମ୍ପାଦକ ନନ୍ଦ କିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଜିତେନ୍ଦ୍ର


@ ସନାତନ


@ ପପୁ


@ ମନୋଜ


@ ରାମଚନ୍ଦ୍ର

# ଇଡ୍‌କୋକୁ ଜଙ୍ଗଲ ଜମି ଦେବା ନିଷ୍ପତ୍ତିକୁ ବିରୋଧ

କୋଣାର୍କ,୨୦।୧୨(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ପୁରୀ–କୋଣାର୍କ ବେଳାଭୂମି ମାର୍ଗରେ ଥିବା ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ୩୦ ଏକର ଜଙ୍ଗଲ ଜମିକୁ ରାଜ୍ୟ ସରକାର ଇଡ୍‌କୋକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛି। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ଏହାର ପ୍ରତିବାଦରେ ଭୁବନେଶ୍ୱରର ସାମାଜିକ ସଂଗଠନ ପ୍ରେରଣା ଇଣ୍ଟରନ୍ୟାଶନାଲ ଓ କରମଙ୍ଗା ଶ୍ରୀକଣ୍ଠପୁର ଇଡିସି ପକ୍ଷରୁ ସୋମବାର ଏକ ଶୋଭାଯାତ୍ରା ଓ ପ୍ରତିବାଦ ସଭା କୋଣାର୍କରେ ଅନୁଷ୍ଠିତ ହୋଇଯାଇଛି। କରମଙ୍ଗା ଇଡିସିର ସଭାପତି ଭାଗୀରଥି ସ୍ୱାଇଁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଚନ୍ଦ୍ରଭାଗାସ୍ଥିତ ଛୋଟାରାମ ଦାସ ଆଶ୍ରମ ନିକଟରୁ ବାହାରି ଚନ୍ଦ୍ରଭାଗା ବଜାର ପରିକ୍ରମା କରି 'ଆମ ଜଙ୍ଗଲ ଆମ ଅଧିକାର'ସ୍ଲୋଗାନର ନାରାବାଜି ଦେଇଥିଲେ। ଶୋଭାଯାତ୍ରାରେ ପ୍ରେରଣା ଇଣ୍ଟରନ୍ୟାଶନାଲର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ କମିଟି ରିପୋର୍ଟ ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହେବ ବୋଲି ତଥ୍ୟ ପ୍ରକାଶ ପାଇଛି। ତେଣୁ ଚନ୍ଦ୍ରଭାଗା ସଂଲଗ୍ନ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ୩୦ ଏକର ଜଙ୍ଗଲ ଜମି ରାଜ୍ୟ ସରକାର ଇଡକୋକୁ ପ୍ରଦାନ କରିବା ପାଇଁ ନେଇଥିବା ନିଷ୍ପତ୍ତି ଭୁଲ ଅଟେ। ଏହାଦ୍ୱାରା ୭୦ହଜାର ଗଛ ନଷ୍ଟ ହେବା ସହ ଏହା ଜୈବ ବିବିଧତା ବିପନ୍ନ କରି ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ଉପରେ ପ୍ରଭାବ ପଡିବ ବୋଲି ଡ. ଦିଲୀପ ଶ୍ରୀଚନ୍ଦନ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଇଡ୍‌କୋ ଜଙ୍ଗଲ ଜମି ପ୍ରଦାନ ଘଟଣାକୁ ୨ ସଂଗଠନ ବିରୋଧ କରିବା ସହ ଆଗାମୀ ଦିନରେ ଜଙ୍ଗଲ ଜମିର ସୁରକ୍ଷା ନିମନ୍ତେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଗଠନର ଅଧ୍ୟକ୍ଷ ଡ. ଶ୍ରୀଚନ୍ଦନ କହିଛନ୍ତି। ଶୋଭାଯାତ୍ରାରେ କରମଙ୍ଗା ଇଡିସିର ଶତାଧିକ କର୍ମକର୍ତ୍ତା, ବୃକ୍ଷ ପ୍ରେମୀ ଓ ସାମାଜିକ କର୍ମୀ ମାନେ ଯୋଗଦେଇଥିଲେ। ଗୋପୀନାଥ ସାଇଁ, ଜ୍ଞାନରଞ୍ଜନ ବିଶାଳ, ଅହମଦ ଅଲ୍ଲୀ, ନୃସିଂହ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପ୍ରେରଣା ଇଣ୍ଟରନ୍ୟାଶନାଲ ଓ କରମଙ୍ଗା ଇଡିସିର ସଦସ୍ୟମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି ।



ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ବାଟମାନ୍‌ବେନ୍‌ଙ୍କୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ଶ୍ରୀମନ୍ଦିରକୁ ୨୦ ଲକ୍ଷ ଟଙ୍କା, ୩ ରୁପା ଥାଳି ଦାନ

ପୁରୀ ଅଫିସ,୨୦।୧୨:

ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ଶିକ୍ଷାବିତ୍ ରବୀନ୍ଦ୍ର କୁମାର ଦାଶ ସୋମବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୨୦ଲକ୍ଷ ଟଙ୍କା ଦାନ କରିଛନ୍ତି। ପୂର୍ବାହ୍ନରେ ସେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଭେଟି ୧୦ ଲକ୍ଷ ଟଙ୍କାର ଦୁଇଟି ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥର ବାର୍ଷିକ ସୁଧରେ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ପ୍ରଦାନ କରାଯିବା ତାଙ୍କର ଇଚ୍ଛା ବୋଲି ସେ କହିଛନ୍ତି। ଏହାକୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱାଗତ କରିଛି। ସେହିପରି ପୁରୀ ଗଜପତି ନଗରର ବାସିନ୍ଦା କଳ୍ପନା ପାଢ଼ୀ ଓ ତାଙ୍କ ପରିବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୩ଟି ରୁପାଥାଳି ଦାନ କରିଛନ୍ତି। ଏହି ୩ଟି ରୁପାଥାଳିର ଓଜନ ୪ କେଜି ୬୫୩ ଗ୍ରାମ ରହିଛି। ଉଭୟ ଦାତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖଣ୍ଡୁଆ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**ଜମି ବିବାଦକୁ ନେଇ ଆକ୍ରମଣ ଘଟଣା**

ଗୋପ,୨୦।୧୨(ଡି.ଏନ୍.ଏ.)

ସରକାରୀ ଅନାବାଦି ଜମିରେ ଜବରଦଖଲ କେନ୍ଦ୍ର କରି ଗୋପ ଥାନା ଅଧୀନ ଗିରିମା ଗ୍ରାମରେ ଗତ ୧୮ତାରିଖରେ ପଞ୍ଚୁ ମଲ୍ଲିକଙ୍କ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ପୋଲିସ ୨ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରି ନାହିଁ। ଏହାର ପ୍ରତିବାଦରେ ସୋମବାର ଅପରାହ୍ନରେ ପଞ୍ଚୁଙ୍କ ପରିବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଥାନା ଆଗରେ ଧାରଣା ଦେଇଥିଲେ। ପରେ ଗୋପ ଥାନାଧିକାରୀ କାଳନ୍ଦୀ ବେହେରା ପହଞ୍ଚି ଧାରଣାରତ ପରିବାରଙ୍କୁ ବୁଝାଶୁଝା କରିବା ସହ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ।

# ଅନ୍ତର୍ଜାତୀୟ ମାନବ ଏକତା ଦିବସ

କଣାସ,୨୦।୧୨(ସ୍ୱ.ପ୍ର)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ମହାବିଦ୍ୟାଳୟର ଏନ୍‌ସିସି ୟୁନିଟ୍ ତରଫରୁ ସୋମବାର ଅନ୍ତର୍ଜାତୀୟ ମାନବ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଏନ୍‌ସିସି ଅଫିସର କ୍ୟାପଟେନ୍ ପ୍ରତାପକେଶରୀ ହରିଚନ୍ଦନ କ୍ୟାଡେଟ୍‌ମାନଙ୍କ ଦ୍ୱାରା ଆୟୋଜିତ ସମାବେଶରେ ଉଦ୍‌ବୋଧନ ଦେଇ ସାମାଜିକ ଏକତା, ଦାରିଦ୍ରତା, ଲିଙ୍ଗଗତ ସମାନତା, ବେକାରି ସମସ୍ୟା, ମାନବିକ ଅଧିକାର ସୁରକ୍ଷା, ନାରୀ ସଚେତନତା, ପୁରୁଷ ଓ ନାରୀ ମଧ୍ୟରେ ସାମାଜିକ ସଚେତନତା କରିଥିଲେ। ଏଥିସହ ନିକଟସ୍ଥ ବେଣାଗାଁ ଗ୍ରାମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବକ୍ତୃତା, ଚିତ୍ରାଙ୍କନା, ପ୍ରବନ୍ଧ ପ୍ରତିଯୋଗିତ ଆୟୋଜନ କରାଯାଇଥିଲା। ଏହି ସମାବେଶରେ ସିନିୟର କ୍ୟାଡେଟ୍ ଅଭିମନ୍ୟୁ ଛୋଟରାୟ, ଶୁଭେନ୍ଦୁ ସାହୁ, ସର୍ବେଶ୍ୱର ପ୍ରଧାନ, ସ୍ମୃତିରଞ୍ଜନ ଜେନା, ପ୍ରଦ୍ୟୁମ୍ନ ଜେନା, ସାଜନସନ୍ଧ୍ୟା ନାୟକ, ସାଗରିକ ଜେନା, ପୂଜା ସୁନ୍ଦରାୟ ପ୍ରମୁଖ ସହଯୋଗ କରିଥିଲେ। ଏଥି ସହିତ ଝୁମୁରି ସାହୁ, ପ୍ରୟମ୍ବଦା ପ୍ରିୟଦର୍ଶିନୀ ପେଣ୍ଠୋଇ ଏବଂ ଅନ୍ୟ କ୍ୟାଡେଟ୍ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳ ହୋଇଥିଲେ।


## ODISHA PUBLIC SERVICE COMMISSION
## CUTTACK
### NOTICE

**No. 9301/PSC, (1R-83-21/22) (DR-V),** **Dt. 18.12.21**

**No. D-248:-** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in "Sarva Darshan"** pursuant to advertisement No.06 of 2021/22 shall be held on **28.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 28.12.2021 | 10.30 A.M. | 00086695 = 01 Candidate |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0179/2122 **Sd./- Secretary**


# ସ୍ତ୍ରୀ ହତ୍ୟା ମାମଲା: ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ନିମାପଡ଼ା,୨୦।୧୨(ଡି.ଏନ୍.ଏ.)

ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ)ଙ୍କ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ଏଡିଜେ ଲୋକନାଥ ସାହୁ ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଖବର ଅନୁଯାୟୀ, ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ଗ୍ରାମର ପ୍ରଶାନ୍ତ କୁମାର ମହାନ୍ତି ଓରଫ ସାହାବ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କ ଚରିତ୍ରକୁ ସନ୍ଦେହ କରି ୮।୩।୧୫ରେ ନିଜ ଘରେ ଏକ ଛୁରିରେ ହତ୍ୟା କରିଥିଲେ। ଏ ନେଇ ଲକ୍ଷ୍ମୀପ୍ରିୟାଙ୍କ ବାପା ବିଜୟ ଦାଶ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସ୍ୱାମୀ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏଥିସହ ହତ୍ୟା ମାମଲା(ନଂ.୮/୧୫), କୋର୍ଟ ଜି.ଆର୍. ନଂ.୨୯୯/୧୫, ଏସ୍‌ଟି କେସ୍ ନଂ.୭୯/୧୭ର ବିଚାର କରି ଏଡିଜେ ଲୋକନାଥ ସାହୁ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଓ ୫ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି । ଅଭିଯୁକ୍ତଙ୍କୁ ଜେଲ ପଠାଇଦିଆଯାଇଛି। ସରକାରଙ୍କ ପକ୍ଷରୁ ଆଡିଶନାଲ ପବ୍ଲିକ ପ୍ରସିକ୍ୟୁଟର ସୀତାକାନ୍ତ ଦାଶ ଏହି ମାମଲା ପରିଚାଳନା କରିଥିଲେ।

# କ୍ଷତିପୂରଣ, ଥଇଥାନ ଦାବି କଲେ ବ୍ୟବସାୟୀ

**ସିଦ୍ଧମହାବୀର ରେଳ ଓଭରବ୍ରିଜ୍ ନିର୍ମାଣ ପ୍ରସଙ୍ଗ**

ପୁରୀ ଅଫିସ, ୨୦।୧୨:

ପୁରୀ ସିଦ୍ଧମହାବୀରଠାରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଏକ ରେଲୱେ ଓଭରବ୍ରିଜ୍ ନିର୍ମାଣ ଲାଗି ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଓଭରବ୍ରିଜ୍ ନିର୍ମାଣ ହେଲେ ସେଠାକାର ଅନେକ ବ୍ୟବସାୟୀ କ୍ଷତିଗ୍ରସ୍ତ ହେବେ। ତେଣୁ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ ଥଇଥାନ ଦାବିରେ ସଂଘ ପକ୍ଷରୁ ସୋମବାର ପ୍ରତିବାଦ ଶୋଭାଯାତ୍ରା କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସଂଘର ସଦସ୍ୟମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ୟବସାୟୀମାନେ କହିଛନ୍ତି, ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ସେଠାରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଆସୁଛୁ। ତେବେ ସେଠାରେ ରେଳ ଓଭରବ୍ରିଜ ନିର୍ମାଣ ଦ୍ୱାରା ଆମେ ନିଜ ବ୍ୟବସାୟ ପ୍ରତିଷ୍ଠାନ ହରାଇବୁ। ପରିବାର ଭରଣପୋଷଣ କରିବା କଷ୍ଟସାଧ୍ୟ ହେବ। ରେଳ ଓଭରବ୍ରିଜ୍ ନିର୍ମାଣକୁ ସେମାନେ ବିରୋଧ କରୁନାହାନ୍ତି, ମାତ୍ର ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଥଇଥାନ ନିମନ୍ତେ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରନ୍ତୁ ବୋଲି ବ୍ୟବସାୟୀମାନେ ଦାବି କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କ୍ଷତିଗ୍ରସ୍ତ ବ୍ୟବସାୟୀ ବିକ୍ଷୋଭ କରୁଛନ୍ତି ।


## ତହସିଲଦାରଙ୍କ କାର୍ଯ୍ୟାଳୟ, ସେମିଳିଗୁଡ଼ା (ଜିଲ୍ଲା-କୋରାପୁଟ)

e-mail: tah.semiliguda@nic.in; Phone: 06853-225599

ପତ୍ର ସଂଖ୍ୟା: 4922/2021 ତାରିଖ: 18.12.2021

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No.F–265:– ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ସେମିଳିଗୁଡା ଜିଲ୍ଲା: କୋରାପୁଟ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ (୨୦୨୧–୨୨ଠାରୁ ଆଗାମୀ ୫ ବର୍ଷ) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, ସେମିଳିଗୁଡାଙ୍କ ଦ୍ୱାରା ତା୦୫.୦୧.୨୦୨୨, ୧୩.୦୧.୨୦୨୨ ଓ ୨୧.୦୧.୨୦୨୨ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.koraput.nic.inରେ ଉପଲବ୍ଧ ହେବ ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବା ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକରେ ରେଜିଷ୍ଟ୍ରି ପୋଷ୍ଟ, ସ୍ପିଡ୍ ପୋଷ୍ଟ କିମ୍ବା ଡ୍ରପ୍ ବକ୍ସ ମାଧ୍ୟମରେ ଇସ୍ତାହାରଠାରୁ ନିଲାମ ତାରିଖର ପୂର୍ବଦିନ ଯଥା ତା୦୪.୦୧.୨୦୨୨, ୧୨.୦୧.୨୦୨୨ ଓ ୨୦.୦୧.୨୦୨୨ ତାରିଖ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ସ୍ୱା./- ତହସିଲଦାର, ସେମିଳିଗୁଡା
OIPR-24240/11/0001/2122



## N.A.C. OFFICE, CHAMPUA

Ph. No. 06767-240050, E-mail: champuanac@gmail.com

### "e" PROCUREMENT NOTICE

**No. 3035** **Date: 18.12.21**

**BID IDENTIFICATION No. EOCHAMPUANAC No. 36/2021-22**

No. C-1647: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

1. Nautre of the Work : Civil
2. No. of works : 03 Nos.
3. Estiamted Cost : As per DTCN
4. Period of Completion : As per DTCN
5. Date & time of availability of the bid documents in the portal : 20.12.21 at 11.00 A.M. to 27.12.21 upto 5.00 P.M.
6. Last date/time for receipt of bids in the portal : 27.12.21 upto 5.00 P.M.
